DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ମେ ୬/୨୦୨୫ (୧୪ ପୃଷ୍ଠା) Bhubaneswar, Tuesday, May 6/2025 Page 14 ₹ 7.00

୫୧ଶ ଭାଗ ୧୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 160 ମୂଲ୍ୟ ₹୭/-

## ଭାରତକୁ ରୁଷିଆର ପୂର୍ଣ୍ଣ ସମର୍ଥନ

### ପହଲଗାମ୍ ଘଟଣା



ଭ୍ଲାଡିମିର ପୁଟିନ୍

**ନୂଆଦିଲ୍ଲୀ,୫।୫**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍ ଯୋଗେ କଥା ହେବା ଅବସରରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣ ପର୍ଯ୍ୟଟକଙ୍କ ପାଇଁ ସେ ଗଭୀର ସମବେଦନା ଜଣାଇବା ସହ ଆତଙ୍କବାଦ ବିରୋଧରେ ଲଢ଼େଇରେ ଭାରତକୁ ରୁଷିଆ ପୂର୍ଣ୍ଣ ସମର୍ଥନ ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଭାରତ-ରୁଷିଆ ସମ୍ପର୍କକୁ ଅଧିକ ଦୃଢ଼ ଓ ଘନିଷ୍ଠ କରିବା ଉପରେ ଉଭୟ ନେତା ରାଜି ହୋଇଛନ୍ତି। ରୁଷିଆର ୮୦ତମ ବିଜୟ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କୁ ଚଳିତ ବର୍ଷର ବାର୍ଷିକ ସମିଟ୍‌ରେ ଯୋଗଦେବା ନିମନ୍ତେ ଭାରତ ଗସ୍ତରେ ଆସିବାକୁ ଆମନ୍ତ୍ରଣ କରିଛନ୍ତି।

ଆଜିର ସମ୍ପାଦକୀୟ
ହୁଟିଙ୍କ ମାଡ଼

# ୭ରେ ସିଭିଲ୍ ମକ୍‌ଡ୍ରିଲ୍

**ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଚାଲିଛି। ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖାଯାଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ବୁଧବାର ସିଭିଲ୍ ଡିଫେନ୍ସ (ନାଗରିକ ପ୍ରତିରକ୍ଷା) ମକ୍ ଡ୍ରିଲ୍ କରିବା ପାଇଁ ସୋମବାର ବିଭିନ୍ନ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରତିରକ୍ଷା ଅଭ୍ୟାସ ବେଳେ ଏୟାର ରେଡ୍ ୱାର୍ନିଂ ସାଇରନ୍‌କୁ ସକ୍ରିୟ କରାଯିବ। ସାଧାରଣ ନାଗରିକ ଏବଂ ଛାତ୍ରୀଛାତ୍ର କିପରି ନିଜକୁ ଆକ୍ରମଣରୁ ସୁରକ୍ଷିତ ରଖିପାରିବେ ସେନେଇ ପ୍ରଶିକ୍ଷଣ ଦିଆଯିବ। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧବେଳେ ଏଭଳି ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ କରାଯାଇଥିଲା।**

**ନୂଆଦିଲ୍ଲୀ,୫।୫**

ଆସନ୍ତା ୭ ତାରିଖରେ ନାଗରିକ ପ୍ରତିରକ୍ଷା ମକ୍ ଡ୍ରିଲ୍ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ବିଭିନ୍ନ ରାଜ୍ୟକୁ ନିର୍ଦ୍ଦେଶ ଦେଇଛି। ଏହି ପ୍ରତିରକ୍ଷା ଅଭ୍ୟାସ ବେଳେ ଏୟାର ରେଡ୍ ୱାର୍ନିଂ ସାଇରନ୍‌କୁ ସକ୍ରିୟ କରାଯିବ। ସାଧାରଣ ନାଗରିକ ଏବଂ ଛାତ୍ରୀଛାତ୍ର ନିଜକୁ ଆକ୍ରମଣରୁ ସୁରକ୍ଷିତ ରଖିବା ଲାଗି ପ୍ରଶିକ୍ଷଣ ଦିଆଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। କ୍ରାସ୍ ବ୍ଲାକ୍‌ଆଉଟ୍ ପଦକ୍ଷେପ ସହ ଗୁରୁତ୍ୱପୂର୍ଣ୍ଣ କାରଖାନା ବା ପ୍ରତିଷ୍ଠାନ ପାଇଁ ଆଗୁଆ ଆବରଣ ବ୍ୟବସ୍ଥା ରହିବ। ଲୋକଙ୍କୁ ସ୍ଥାନାନ୍ତର ଯୋଜନାରେ ଉନ୍ନତି କରାଯିବା ସହ ବଙ୍କର ଏବଂ ଟ୍ରେଞ୍ଚଗୁଡ଼ିକୁ ସଫା କରାଯିବ। ମକ୍ ଡ୍ରିଲ୍‌ରେ ଭାରତୀୟ ବାୟୁସେନାର ହଟ୍‌ଲାଇନ୍ ଓ ରେଡିଓ ଯୋଗାଯୋଗ ଲିଙ୍କ୍‌ର କାର୍ଯ୍ୟକାରିତା, କଣ୍ଟ୍ରୋଲ ରୁମ୍ ଓ ଛାୟା କଣ୍ଟ୍ରୋଲ ରୁମ୍‌ଗୁଡ଼ିକର କାର୍ଯ୍ୟକାରିତାର ପରୀକ୍ଷାକୁ ସାମିଲ କରାଯିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ଲେଖାଯାଇଥିବା ପତ୍ରରୁ ଏହା ଜଣାପଡ଼ିଛି।

ଦେଶର ୨୪୪ଟି ନିର୍ଦ୍ଦିଷ୍ଟ ସିଭିଲ୍ ଡିଫେନ୍ସ ଜିଲାରେ ଏହି ନାଗରିକ ପ୍ରତିରକ୍ଷା ଅଭ୍ୟାସ ଆୟୋଜନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଗ୍ରାମାଞ୍ଚଳ ସ୍ତରରେ ମଧ୍ୟ ଏଭଳି ଅଭ୍ୟାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ମକ୍ ଡ୍ରିଲ୍‌ରେ ଜିଲାପାଳ, ଜିଲାର ବିଭିନ୍ନ ଅଧିକାରୀ, ସିଭିଲ୍ ଡିଫେନ୍ସ ୱାର୍ଡେନ, ସ୍ୱେଚ୍ଛାସେବୀ, ହୋମ୍‌ଗାର୍ଡ, ନ୍ୟାଶନାଲ କ୍ୟାଡେଟ୍ କର୍ (ଏନ୍‌ସିସି), ନ୍ୟାଶନାଲ ସର୍ଭିସ ସ୍କିମ୍ (ଏନ୍‌ଏସ୍‌ଏସ୍), ନେହେରୁ ଯୁବ କେନ୍ଦ୍ର ସଂଗଠନ (ଏନ୍‌ୱାଇକେଏସ୍), ସ୍କୁଲ୍ କଲେଜର ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିବେ।

ଆତଙ୍କବାଦୀ ଆକ୍ରମଣ ପରେ ଉଭୟ ଦେଶ ପରସ୍ପର ବିରୋଧରେ ଏକାଧିକ କୂଟନୈତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାବେଳେ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇ କ୍ରମାଗତ ଗୁଳିବର୍ଷା ଲାଗିରହିଛି। ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି ଭାରତ କହିଥିବାବେଳେ ପାକିସ୍ତାନ ୨ ଦିନରେ ୨ଟି କ୍ଷେପଣାସ୍ତ୍ର ପରୀକ୍ଷା କଲାଣି। ଭାରତ ଏହାର ସାମରିକ ପ୍ରସ୍ତୁତି ବଢ଼ାଇଛି। ଯେକୌଣସି ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ଭାବନା ଥିବାରୁ ଜରୁରୀ ପ୍ରସ୍ତୁତିକୁ ବଢ଼ାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ନାଗରିକ ପ୍ରତିରକ୍ଷା ଅଭ୍ୟାସ କରିବାକୁ କହିଛି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ୩ ବାହିନୀର ମୁଖ୍ୟମାନଙ୍କ ସହ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ବସି ସେନାକୁ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା।

# ପୁରୀ ବିମାନବନ୍ଦରକୁ କେନ୍ଦ୍ରର ମଞ୍ଜୁରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର,୫।୫ (ରବିନାରାୟଣ ଜେନା)**

ଓଡ଼ିଶାର ପୁରୀ ଏବଂ ରାଜସ୍ଥାନର କୋଟା ସହରରେ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ନିର୍ମାଣକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସୋମବାର ନୀତିଗତ ମଞ୍ଜୁରୀ ପ୍ରଦାନ କରିଛି। ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ର ଭାବେ ଜଣାଶୁଣା ପୁରୀ ଭାରତର ସବୁଠୁ ପବିତ୍ର ତୀର୍ଥକ୍ଷେତ୍ର ହୋଇଥିବାବେଳେ ଏଠାକୁ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ସେଠାରେ ବିମାନବନ୍ଦର ପ୍ରତିଷ୍ଠା ଧର୍ମୀୟ ପର୍ଯ୍ୟଟନ, ଆଞ୍ଚଳିକ ବିକାଶ ଏବଂ ଉକ୍ତ ଅଞ୍ଚଳ ସହ ଯୋଗାଯୋଗରେ ବଡ଼ ଅଗ୍ରଗତି ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି। ପ୍ରସ୍ତାବିତ ଏୟାରପୋର୍ଟ ଯୋଗୁ ପୁରୀ ସହ ଦେଶର ବୃହତ୍ ମେଟ୍ରୋପଲିଟାନ୍ ସହରଗୁଡ଼ିକର ସିଧାସଳଖ ସଂଯୋଗ ହୋଇପାରିବ। ସେହିପରି ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସଂସଦୀୟ କ୍ଷେତ୍ର କୋଟାରେ ବିମାନବନ୍ଦର ନିର୍ମାଣ ଯୋଗୁ ଏହି ବୃହତ୍ ଶିକ୍ଷା ଓ ଶିଳ୍ପ ହବ୍‌କୁ ବିଭିନ୍ନ ସହର ସହ ପ୍ରତ୍ୟକ୍ଷ ସଂଯୋଗ ସୁବିଧା ମିଳିପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଭାରତ ବିଶ୍ୱର ଅନ୍ୟତମ ସବୁଠୁ ଦ୍ରୁତ ଅଭିବୃଦ୍ଧି କରୁଥିବା ଦେଶ, ଯେଉଁଠି ୧୫୦ରୁ ଊର୍ଦ୍ଧ୍ୱ ବିମାନବନ୍ଦର କାର୍ଯ୍ୟକ୍ଷମ ରହିଛି।






# ସମ୍ପୂର୍ଣ୍ଣ ଗାଜା ଦଖଲ ପାଇଁ ଇସ୍ରାଏଲ୍‌ର ଯୋଜନା

ତେଲ୍ ଆଭିଭ୍,୫।୫


ବେଞ୍ଜାମିନ ନେତାନ୍ୟାହୁ

ସମଗ୍ର ଗାଜାଷ୍ଟ୍ରିପ୍‌କୁ ଦଖଲ କରି ସେଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରହିବା ଯୋଜନାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କ୍ୟାବିନେଟ୍ ସୋମବାର ଅନୁମୋଦନ କରିଛି। ଏହା କାର୍ଯ୍ୟକାରୀ ହେଲେ ପାଲେଷ୍ଟାଇନ୍ ଅଞ୍ଚଳରେ ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଆହୁରି ବଢ଼ିବ। ସୋମବାର ସକାଳେ ଇସ୍ରାଏଲ୍‌ର କ୍ୟାବିନେଟ ମନ୍ତ୍ରୀମାନେ ଭୋଟ ଜରିଆରେ ନୂଆ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ଅନେକ ହଜାର ରିଜର୍ଭ ସୈନ୍ୟଙ୍କୁ ଡକାଯାଇଥିବା କିଛି ଘଣ୍ଟା ପୂର୍ବରୁ ଇସ୍ରାଏଲୀ ସେନା ମୁଖ୍ୟ କହିଥିଲେ। ହମାସ୍‌କୁ ପରାଜିତ କରି ଗାଜାକୁ ଆକ୍ରମଣରୁ ମୁକ୍ତ କରିବା ପାଇଁ ଏହି ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିବା ଜେରୁଜେଲମ୍ ପକ୍ଷରୁ କୁହାଯାଇଛି। ଏହା ଦ୍ୱାରା ଲକ୍ଷାଧିକ ପାଲେଷ୍ଟିନୀୟ ଦକ୍ଷିଣ ଗାଜାରେ ପ୍ରବେଶ କରିବା ସୁଯୋଗ ପାଇବେ।

ମାର୍ଚ୍ଚ ମଧ୍ୟଭାଗରେ ଅସ୍ତ୍ରବିରତି ଚୁକ୍ତି ଭଙ୍ଗ ହେବା ପରେ ଇସ୍ରାଏଲ୍ ଗାଜାରେ ଜୋର୍‌ଦାର ଆକ୍ରମଣ ଚଳାଇଛି। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହା ଅନେକ ଅଞ୍ଚଳକୁ ଦଖଲ କରିବା ସହ ଗାଜାରେ ପାଖାପାଖି ୫୦ ପ୍ରତିଶତକୁ ନିଜ ନିୟନ୍ତ୍ରଣରେ ରଖିଛି। ୧୯ ମାସ ହେବ ଲାଗିରହିଥିବା ଯୁଦ୍ଧ ଯୋଗୁ ଗାଜାରେ ମାନବୀୟ ସଙ୍କଟ ଉତ୍କଟ ସ୍ଥିତିରେ ପହଞ୍ଚିଥିବାବେଳେ ଅସ୍ତ୍ରବିରତି ଉଲ୍ଲଂଘନ ପୂର୍ବରୁ ଇସ୍ରାଏଲ୍ ସେଠାକୁ ଖାଦ୍ୟ, ଇନ୍ଧନ, ପାଣି ଆଦି ମାନବୀୟ ସହାୟତା ବନ୍ଦ କରିଦେଇଥିଲା। ଫଳରେ କ୍ଷୁଧା ଓ ଖାଦ୍ୟାଭାବ ଯୋଗୁ ଗାଜାରେ ଲୁଟ୍‌ପାଟ ବଢ଼ିଛି। ଇସ୍ରାଏଲୀ ଅଧିକାରୀଙ୍କ କହିବା ଅନୁଯାୟୀ, ସମ୍ପୂର୍ଣ୍ଣ ଗାଜା ଦଖଲ ଫଳରେ ମାନବୀୟ ସହାୟତା ବଣ୍ଟନରୁ ହମାସ୍ ଆତଙ୍କବାଦୀଙ୍କୁ ଦୂରେଇ ରଖାଯିବ। ହମାସ୍ ଉକ୍ତ ସହାୟତାକୁ ନିଜ ପାଇଁ ରଖି ଏହାର ସାମର୍ଥ୍ୟ ବଢ଼ାଉଛି। ସହାୟତା ବନ୍ଦ ହେଲେ ହମାସ୍ ଉପରେ ଏହା ବଡ଼ ଆକ୍ରମଣ ହେବ। ଗାଜାକୁ ସମ୍ପୂର୍ଣ୍ଣ ଅକ୍ତିଆର କରି ଏହାର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଯୋଜନା ସମ୍ପର୍କରେ ଇସ୍ରାଏଲ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଅନ୍ୟ ଦେଶ ସହ ଆଲୋଚନା କରିଛି। ତେବେ ଇସ୍ରାଏଲ୍‌ର ଏଭଳି କାର୍ଯ୍ୟକୁ ଏହାର ସହଯୋଗୀ ୟୁରୋପୀୟ ରାଷ୍ଟ୍ର ଆରବ ଦେଶଗୁଡ଼ିକ ନିନ୍ଦା କରିଛନ୍ତି। ଅସ୍ତ୍ରବିରତି ଚୁକ୍ତିକୁ ଅଧିକ କୋହଳ କରିବା ପାଇଁ ଇସ୍ରାଏଲ୍ ହମାସ୍ ଉପରେ ଚାପ ପକାଇ ଆସୁଛି। ଅନ୍ୟପକ୍ଷରେ ନୂଆ ଚୁକ୍ତି ପାଇଁ ଉଭୟ ପକ୍ଷଙ୍କୁ ଏକାଠି କରିବା ଲାଗି ଅନ୍ତର୍ଜାତୀୟ ମଧ୍ୟସ୍ଥମାନେ ଉଦ୍ୟମ ଚଳାଇଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଚୁକ୍ତିନାମା ଆଣିବାକୁ ହମାସ୍ ଦାବି କରୁଛି। ତେବେ ହମାସ୍ ପରାଜିତ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ୍ ଚାହୁଁ ନାହିଁ।

# ପାକିସ୍ତାନକୁ ଚେନାବ ଜଳ ରୋକିଲା ଭାରତ

ନୂଆଦିଲ୍ଲୀ,୫।୫



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପ୍ରଥମ ପଦକ୍ଷେପ ସ୍ୱରୂପ ସିନ୍ଧୁନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିବାବେଳେ ରବିବାର ଜମ୍ମୁର ବାଗ୍ଲିହାର ଡ୍ୟାମ୍‌ରୁ ଚେନାବ ନଦୀଜଳ ପ୍ରବାହକୁ ସାମୟିକ ଭାବେ ରୋକିଛି। ବନ୍ଦିପୋର ନିକଟ କିଶନଗଙ୍ଗା ଡ୍ୟାମ୍‌ରୁ ମଧ୍ୟ ଅନୁରୂପ ଭାବେ ଜଳ ରୋକିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ଜଣାପଡ଼ିଛି। କଶ୍ମୀରର ୨ଟି ଜଳବିଦ୍ୟୁତ୍ ପ୍ରକଳ୍ପର ଭଣ୍ଡାର ଜଳଧାରଣ କ୍ଷମତା ବଢ଼ାଇବାକୁ ସରକାର କାମ ଆରମ୍ଭ କରିଛନ୍ତି। ଏଥିସହିତ ଉକ୍ତ ଅଞ୍ଚଳରେ ଅଟକି ରହିଥିବା ୬ଟି ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବା ଆଶା କରାଯାଉଛି। ସେଗୁଡ଼ିକ ହେଲା ସାୱଲକୋଟ୍‌ର ୧,୮୫୬ ମେଗାୱାଟ ପ୍ରକଳ୍ପ, ୧,୩୨୦ ମେଗାୱାଟ୍ କ୍ଷମତା ବିଶିଷ୍ଟ କିର୍ଥାଇ-୧ ପ୍ରକଳ୍ପ ଏବଂ ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପକଲ ଡୁଲ୍। ଏହା ବ୍ୟତୀତ ଅନ୍ୟ ୩ଟି ପ୍ରକଳ୍ପରୁ ୨,୨୨୪ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହି ୬ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଜମ୍ମୁ-କଶ୍ମୀର ମୋଟ ୧୦ ହଜାର ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରିବା ସହ ଜଳସେଚନ ଓ ଘରୋଇ ବ୍ୟବହାର ପାଇଁ ଅଧିକ ଜଳ ପାଇପାରିବ। ତେବେ ସିନ୍ଧୁନଦୀ ଜଳ ଚୁକ୍ତି ଏବେ ମଧ୍ୟ କାର୍ଯ୍ୟକାରୀ ଥିବାରୁ ଉପରୋକ୍ତ ନିର୍ମାଣର ୬ ମାସ ପୂର୍ବରୁ ଭାରତ ପାକିସ୍ତାନକୁ ନୋଟିସ୍ କରିବାକୁ ପଡ଼ିବ। ଇସ୍‌ଲାମାବାଦ ପ୍ରକଳ୍ପକୁ ବିଳମ୍ବିତ କିମ୍ବା ବାତିଲ କରାଇବା ପାଇଁ ବିଭିନ୍ନ ଆଇନଗତ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ।

## ପରବର୍ତ୍ତୀ ସିଜେଆଇ ଗଭାଇଙ୍କ ଖଣ୍ଡପୀଠରେ ହେବ ୱକ୍‌ଫ ଶୁଣାଣି

ନୂଆଦିଲ୍ଲୀ,୫।୫(ପି.ଟି.)

ୱକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗଭାଇଙ୍କ ଖଣ୍ଡପୀଠରେ ଆସନ୍ତା ୧୫ ତାରିଖରୁ ଏହାର ଶୁଣାଣି ହେବ। ବର୍ତ୍ତମାନର ସିଜେଆଇ ସଞ୍ଜୀବ ଖାନ୍ନା ମେ' ୧୩ରେ ଅବସର ନେଉଥିବାରୁ ଶୁଣାଣିକୁ ନୂଆ ସିଜେଆଇଙ୍କ ଖଣ୍ଡପୀଠକୁ ସ୍ଥାନାନ୍ତର କରିବା ଲାଗି ସର୍ବୋଚ୍ଚ ଅଦାଲତ ସୋମବାର ନିଷ୍ପତ୍ତି ନେଇଛନ୍ତି।

## ୟେମେନ୍ ବନ୍ଦରରେ ଇସ୍ରାଏଲ୍‌ର ବୋମାମାଡ଼

ସାନା,୫।୫



ହୁତି ଆତଙ୍କବାଦୀ ଇସ୍ରାଏଲ୍‌ର ତେଲ୍ ଆଭିଭ୍‌ସ୍ଥିତ ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ମିଶାଇଲ୍ ମାଡ଼ କରିବାର ଦିନକ ପରେ ଇସ୍ରାଏଲୀ ସେନା ଏହାର ପ୍ରତିଶୋଧ ନେଇଛି। ଇସ୍ରାଏଲ୍ ପକ୍ଷରୁ ସୋମବାର ସନ୍ଧ୍ୟାରେ ୟେମେନ୍‌ର ହୋଦେଇଦାହ ବନ୍ଦରକୁ ଟାର୍ଗେଟ କରି ୩୦ଟି ଯୁଦ୍ଧବିମାନରୁ ବୋମାମାଡ଼ କରାଯାଇଛି। ବନ୍ଦର ଏକ ନିଆଁ ପିଣ୍ଡୁଳାରେ ପରିଣତ ହେବା ସହ ପ୍ରବଳ ଧୂଆଁ ଉଠୁଥିବା ଦେଖିବାକୁ ମିଳିଛି। ଉକ୍ତ ବନ୍ଦର ଦେଇ ଇରାନୀୟ ଅସ୍ତ୍ର ଓ ସାମରିକ ସରଞ୍ଜାମ ଅନ୍‌ସାରଲ୍ଲାହକୁ ଚୋରା ଚାଲାଣ ହେଉଥିଲା ବୋଲି ଇସ୍ରାଏଲ୍ କହିଛି। ବନ୍ଦର ସମେତ ଏକ ସିମେଣ୍ଟ କାରଖାନା କ୍ଷତିଗ୍ରସ୍ତ ହୋଇଥିବାବେଳେ ୨୧ ଜଣ ଆହତ ହୋଇଥିବା ୟେମେନି ଗଣମାଧ୍ୟମ ପକ୍ଷରୁ କୁହାଯାଇଛି।

## ଭାରତର ପ୍ରତିରକ୍ଷା ୱେବ୍‌ସାଇଟ୍ ହ୍ୟାକ୍ କଲେ ପାକ୍ ସାଇବର ଗ୍ରୁପ୍

ନୂଆଦିଲ୍ଲୀ,୫।୫

ଆତଙ୍କବାଦୀ ଆକ୍ରମଣକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ପାକିସ୍ତାନୀ ହ୍ୟାକରମାନେ ଭାରତୀୟ ପ୍ରତିରକ୍ଷା ୱେବ୍‌ସାଇଟ୍‌ଗୁଡ଼ିକୁ ଟାର୍ଗେଟ କରିଛନ୍ତି। ସେମାନେ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକାଧିକ ୱେବ୍‌ସାଇଟ୍ ହ୍ୟାକ୍ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସେମାନେ ପ୍ରତିରକ୍ଷା ଅଧିକାରୀମାନଙ୍କ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଏବଂ ସେମାନଙ୍କ ଲଗ୍‌ଇନ୍ ପାସ୍‌ୱାର୍ଡ ଇତ୍ୟାଦିରେ ଜାଲିଆତି କରି ଅସୁବିଧାରେ ପକାଇପାରନ୍ତି ବୋଲି କୁହାଯାଉଛି। ହ୍ୟାକରମାନେ ମିଲିଟାରି ଇଞ୍ଜିନିୟରିଂ ସର୍ଭିସେସ୍ ଏବଂ ମନୋହର ପାରିକର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍ସ ଷ୍ଟଡିଜ୍ ଆଣ୍ଡ ଆନାଲିସିସ୍‌ର ସମ୍ବେଦନଶୀଳ ତଥ୍ୟ ପାଇଥିବା ପାକିସ୍ତାନ ସାଇବର ଫୋର୍ସ ପକ୍ଷରୁ ଦାବି କରାଯାଇଛି। ଏହା ବ୍ୟତୀତ ସେମାନେ ଆର୍ମର୍ଡ ଭେହିକିଲ୍ ନିଗମ ଲିଃର ୱେବ୍‌ସାଇଟ୍‌କୁ ବିକୃତ କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ଅଡିଟ ପାଇଁ ଉକ୍ତ ୱେବ୍‌ସାଇଟ୍‌କୁ ଅଫ୍‌ଲାଇନ୍‌ରେ ରଖାଯାଇଛି।

## ପାକିସ୍ତାନକୁ ପାଣ୍ଠି ହ୍ରାସ ପାଇଁ ଏଡିବି ଉପରେ ଭାରତର ଚାପ

ନୂଆଦିଲ୍ଲୀ,୫।୫

ଗତ ମାସ ୨୨ ତାରିଖରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତ ଏକାଧିକ କୂଟନୈତିକ କଟକଣା ଲଗାଇଥିବାବେଳେ ଏବେ ଆର୍ଥିକ ଆକ୍ରମଣ କରିବାକୁ ଲକ୍ଷ୍ୟ ରଖିଛି। ଆତଙ୍କବାଦୀ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଉଥିବା ଇସ୍‌ଲାମାବାଦକୁ ଅନ୍ତର୍ଜାତୀୟ ପାଣ୍ଠି ହ୍ରାସ କରାଇବା ପାଇଁ ଭାରତ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି) ଅଧ୍ୟକ୍ଷଙ୍କୁ ଭେଟି ପାକିସ୍ତାନକୁ ପାଣ୍ଠି ହ୍ରାସ କରିବାକୁ ଦାବି କରିଥିବା ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ, ପାକିସ୍ତାନକୁ ପୁଣିଥରେ ଫାଇନାନ୍‌ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫଏଟିଏଫ୍)ର ଗ୍ରେ ତାଲିକାରେ ରଖିବା ପାଇଁ ସୀତାରାମନ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ଆଲୋଚନା କରିଛନ୍ତି।

ଇଟାଲୀର ମିଳନଠାରେ ଅନୁଷ୍ଠିତ ଏଡିବି ବାର୍ଷିକ ବୈଠକରେ ଅର୍ଥମନ୍ତ୍ରୀ ଏଡିବି ଅଧ୍ୟକ୍ଷ ମାସାତୋ କାଣ୍ଡାଙ୍କୁ ଭେଟିଥିଲେ। ଏଥିସହିତ ସେ ଇଟାଲୀ ଅର୍ଥମନ୍ତ୍ରୀ ଗିଆନକାର୍ଲୋ ଗିଓର୍ଗେଟିଙ୍କୁ ଭେଟି ଅନୁରୂପ ଦାବି କରିଥିଲେ। ଆର୍ଥିକ ସଙ୍କଟ ମଧ୍ୟରେ ଥିବା ପାକିସ୍ତାନ ଏଡିବି ପାଣ୍ଠି ଉପରେ ଅତ୍ୟଧିକ ନିର୍ଭରଶୀଳ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏବଂ ଏଡିବି ପାକିସ୍ତାନର ବିଭିନ୍ନ ସେକ୍ଟରକୁ ଆର୍ଥିକ ସହାୟତା ଯୋଗାଇ ଆସୁଛନ୍ତି। ପାକିସ୍ତାନକୁ ଆଇଏମ୍‌ଏଫ୍‌ର ୭ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ସହାୟତା ପ୍ୟାକେଜ୍‌କୁ ନେଇ ଭାରତ ନିଜର ଉଦ୍‌ବେଗ ଜଣାଇବ ବୋଲି ଆଶା କରାଯାଉଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ପାକିସ୍ତାନକୁ ଏଫ୍‌ଏଟିଏଫ୍ ଗ୍ରେ ତାଲିକାରେ ପୁନର୍ବାର ସାମିଲ କରାଇବା ପାଇଁ ଭାରତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଉପରେ ଚାପ ପକାଉଛି। ଅନ୍ତର୍ଜାତୀୟ ସହାୟତା ଯେପରି ଆଞ୍ଚଳିକ ସ୍ଥିରତା ପ୍ରତି ବିପଦ ସୃଷ୍ଟି କାର୍ଯ୍ୟକୁ ସହାୟତା ପାଇଁ ବିନିଯୋଗ ନ ହୁଏ, ସେଥିପାଇଁ କଡ଼ା ସର୍ତ୍ତ ରଖିବାକୁ ଭାରତ ଦାବି କରିଛି।

## ଆନ୍ଦୋଳନର ଦିନକ ପୂର୍ବରୁ ବହୁ କୃଷକ ନେତା ଗୃହବନ୍ଦୀ

ଚଣ୍ଡିଗଡ଼, ୫।୫

ପଞ୍ଜାବର ଫରିଦକୋଟ ଜିଲା ପୋଲିସ ସୋମବାର ଜଗଜିତ ସିଂ ଡାଲ୍ଲେୱାଲଙ୍କ ସମେତ ବହୁ କୃଷକ ନେତାଙ୍କୁ ଗୃହବନ୍ଦୀ କରିଛି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ପକ୍ଷରୁ ମଙ୍ଗଳବାର ଶମ୍ଭୁ ଥାନା ଘେରାଉ ଯୋଜନା ଥିବାବେଳେ ଏହା ପୂର୍ବରୁ ଫରିଦକୋଟ ଏସ୍‌ପି ମନବିନ୍ଦର ବୀର ସିଂଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଡାଲ୍ଲେୱାଲଙ୍କ ଘରେ ପହଞ୍ଚି ତାଙ୍କୁ ଗୃହବନ୍ଦୀ କରିଛନ୍ତି। ସେହିପରି କିଷାନ ମଜଦୁର ୟୁନିୟନର ମୁଖ୍ୟ ଦିଲ୍‌ବାଗ ସିଂଙ୍କୁ ତାଙ୍କ ଜୀବନପୁରସ୍ଥିତ ବାସଭବନରେ ଗୃହବନ୍ଦୀ କରାଯାଇଛି। ରାଜ୍ୟ ସରକାର ଲୋକଙ୍କ ସ୍ୱରକୁ ପ୍ରତିହତ କରୁଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ଅଭିଯୋଗ ଆଣିଛି।

## ରାଜସ୍ଥାନରୁ ପାକ୍ ସୈନ୍ୟ ଗିରଫ

ଜୟପୁର,୫।୫

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ରବିବାର ରାଜସ୍ଥାନରୁ ଜଣେ ପାକିସ୍ତାନୀ ରେଞ୍ଜରଙ୍କୁ ଗିରଫ କରିଛି। ସେ ଗୁପ୍ତଚରଗିରି ପାଇଁ ଅନ୍ତର୍ଜାତୀୟ ସୀମାରେ ଅନୁପ୍ରବେଶ ଉଦ୍ୟମ କରୁଥିଲେ। ପାକ୍ ଅର୍ଦ୍ଧସାମରିକ ବାହିନୀ ସଦସ୍ୟ ମହମ୍ମଦ ହୁସେନ୍‌ଙ୍କ ଘର ବାହାୱଲପୁର ସେକ୍ଟରରେ। ତାଙ୍କୁ ବିଏସ୍‌ଏଫ୍‌ର ରାଜସ୍ଥାନ ଫ୍ରଣ୍ଟିୟର ହାଜତରେ ରଖାଯାଇ ଅନୁପ୍ରବେଶର ଉଦ୍ଦେଶ୍ୟ ସମ୍ପର୍କରେ ଜେରା କରାଯାଉଛି। ଶନିବାର ମଧ୍ୟ ଅନ୍ୟ ଜଣେ ପାକିସ୍ତାନୀ ରେଞ୍ଜରଙ୍କୁ ରାଜସ୍ଥାନ ସୀମାରୁ ଗିରଫ କରାଯାଇଥିଲା।


ଜାପାନର ଓସାକାଠାରେ ଆୟୋଜିତ 'ଏକ୍ସପୋ ୨୦୨୫' ଇଭେଣ୍ଟର ଭାରତୀୟ ପାଭିଲିଅନରେ କେତେଜଣ ମହିଳା ପାରମ୍ପରିକ ପୋଷାକ ସହ ଫଟୋ ଉଠାଉଛନ୍ତି।

## ନୂଆ ସିବିଆଇ ମୁଖ୍ୟ ଚୟନ ଲାଗି ପିଏମ୍‌ଓରେ ରାହୁଲ

ନୂଆଦିଲ୍ଲୀ,୫।୫

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପରବର୍ତ୍ତୀ ମୁଖ୍ୟ ଚୟନ ନିମନ୍ତେ ବୈଠକରେ ଯୋଗଦେବା ପାଇଁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ପହଞ୍ଚିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସିବିଆଇ ନିର୍ଦ୍ଦେଶକ ଚୟନ ପାଇଁ ଗଠିତ କମିଟିରେ ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତି ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରହିଛନ୍ତି। ସିବିଆଇ ମୁଖ୍ୟଙ୍କ କାର୍ଯ୍ୟକାଳ ୨ ବର୍ଷ ହୋଇଥିବାବେଳେ ଏହାକୁ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ବର୍ତ୍ତମାନ ସିବିଆଇ ନିର୍ଦ୍ଦେଶକ ଥିବା ପ୍ରବୀନ୍ ସୁଦ୍‌ଙ୍କ କାର୍ଯ୍ୟକାଳ ମେ' ୨୫ରେ ଶେଷ ହେଉଛି। ସୁଦ୍ ୧୯୮୬ ବ୍ୟାଚ୍ କର୍ଣ୍ଣାଟକ କ୍ୟାଡର ଆଇପିଏସ୍ ଅଫିସର। ସେ ୨୦୨୩ ମେ'ରେ ସିବିଆଇ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଇଥିଲେ।

## ଭାରତର ଏମ୍‌ଆଇଜିଏମ୍ ମିଶାଇଲ ପରୀକ୍ଷା

ନୂଆଦିଲ୍ଲୀ, ୫।୫

ଭାରତୀୟ ନୌସେନା ଏବଂ ପ୍ରତିରକ୍ଷା ଗବେଷଣା ବିକାଶ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ ସ୍ୱଦେଶୀ ଭାବେ ବିକଶିତ ମଲ୍ଟି ଇନ୍‌ଫ୍ଲୁଏନ୍ସ ଗ୍ରାଉଣ୍ଡ ମାଇନ (ଏମ୍‌ଆଇଜିଏମ୍) ମିଶାଇଲର ସଫଳ ପରୀକ୍ଷା ସୋମବାର କରାଯାଇଛି। ଶତ୍ରୁପକ୍ଷର ଆଧୁନିକ ଗୁପ୍ତ ଜାହାଜ ଏବଂ ବୁଡ଼ାଜାହାଜ ବିରୋଧରେ ଭାରତୀୟ ନୌସେନାର କ୍ଷମତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏମ୍‌ଆଇଜିଏମ୍‌କୁ ଡିଜାଇନ କରାଯାଇଛି। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତୀୟ ନୌସେନା ଏବଂ ଡିଆର୍‌ଡିଓକୁ ଅଭିନନ୍ଦନ ଜଣାଇଛନ୍ତି। ଏମ୍‌ଆଇଜିଏମ୍ ମିଶାଇଲ ପରୀକ୍ଷଣ ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବ। ଅତ୍ୟାଧୁନିକ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଆଧାରିତ ଏହି ମିଶାଇଲ ନୌସେନାର ରଣନୈତିକ କ୍ଷମତା ବୃଦ୍ଧି ଦିଗରେ ପ୍ରମୁଖ ଭୂମିକା ନେବ ବୋଲି ରାଜନାଥ କହିଛନ୍ତି।



## ଆତଙ୍କବାଦୀଙ୍କ ଗୁପ୍ତ ଆଡ୍ଡା ଠାବ: ୫ ବୋମା ଜବତ

ଶ୍ରୀନଗର,୫।୫

ଭାରତୀୟ ସେନା ଏବଂ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ରବିବାର ସନ୍ଧ୍ୟାରେ ମିଳିତ ଅଭିଯାନ ବେଳେ ପୁଞ୍ଚ୍ ଅଞ୍ଚଳର ସୁରାନକୋଟ୍‌ରୁ ଆତଙ୍କବାଦୀଙ୍କ ଏକ ଭୂତଳ ଆଡ୍ଡା ଠାବ ହୋଇଛି। ସୁରକ୍ଷା ବଳ ସେଠାରୁ ୫ଟି ବୋମା, ୨ଟି ୱେୟାରଲେସ୍ ସେଟ୍ ଓ ୩ଟି ବ୍ଲାଙ୍କେଟ୍ ଜବତ କରିଛି। ଆତଙ୍କବାଦୀଙ୍କୁ ଖୋଜି ବାହାର କରିବା ପାଇଁ ସୁରକ୍ଷା ବଳର ଅଭିଯାନ ଜାରି ରହିଥିବାବେଳେ ସେମାନେ ପୂର୍ବରୁ ବ୍ୟବହାର କରୁଥିବା ଗୁପ୍ତ ଆଡ୍ଡାର ସନ୍ଧାନ ମିଳିଛି।

## ସିଜେଆଇଙ୍କୁ ରିପୋର୍ଟ ଦେଲେ ୩ ଜଜ୍‌ଙ୍କ ପ୍ୟାନେଲ

**ଜଷ୍ଟିସ୍ ୟଶୱନ୍ତ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲା**

ନୂଆଦିଲ୍ଲୀ, ୫।୫

ଜଷ୍ଟିସ୍ ୟଶୱନ୍ତ ବର୍ମାଙ୍କ ଦିଲ୍ଲୀସ୍ଥିତ ବାସଭବନର ଷ୍ଟୋର୍ ରୁମ୍‌ରୁ ଅଧାପୋଡ଼ା ନଗଦ ଟଙ୍କା ଜବତ ମାମଲାରେ ତଦନ୍ତ କରିଥିବା ସୁପ୍ରିମକୋର୍ଟ ଦ୍ୱାରା ଗଠିତ ୩ ସଦସ୍ୟ ବିଶିଷ୍ଟ ତଦନ୍ତ କମିଟି ସୋମବାର ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ନିଜ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ମାମଲାରେ ତଦନ୍ତ ପାଇଁ ଗତ ମାର୍ଚ୍ଚ ୨୨ରେ ୩ ଜଣିଆ ତଦନ୍ତ କମିଟି ଗଠନ କରିଥିଲେ। ଏହି ୩ ଜଣିଆ କମିଟିରେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଶିଲ ନାଗୁ, ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍ ସନ୍ଧାୱାଲିଆ ଏବଂ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଅନୁ ଶିବରାମନ ରହିଥିଲେ। ଘଟଣା ପରେ ଜଷ୍ଟିସ୍ ୟଶୱନ୍ତ ବର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା।

## ଇଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ମଦ ଦୁର୍ନୀତି ମାମଲା**

ନୂଆଦିଲ୍ଲୀ, ୫।୫

ଛତିଶଗଡ଼ ମଦ ଦୁର୍ନୀତି ମାମଲାରେ ଜଣେ ଅଭିଯୁକ୍ତଙ୍କ ବିରୋଧରେ ବିନା କୌଣସି ପ୍ରମାଣରେ ଅଭିଯୋଗ ଆଣିଥିବାରୁ ସୋମବାର ସୁପ୍ରିମକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଭର୍ତ୍ସନା କରିଛନ୍ତି। ଛତିଶଗଡ଼ର ତଥାକଥିତ ୨ ହଜାର କୋଟିର ମଦ ଦୁର୍ନୀତି ମାମଲାରେ ଅଭିଯୁକ୍ତ ଅରବିନ୍ଦ ସିଂଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ବିନା ପ୍ରମାଣରେ ଅଭିଯୋଗ କରିବା ଏବେ ଇଡି ପାଇଁ ଏକ ଧାରା ପାଲଟିଯାଇଛି। ଅନେକ ମାମଲାରେ ଇଡି ଏହିପରି ପଦ୍ଧତି ଆପଣାଉଛି।

## ବିଦାୟ ନେଲା ସ୍କାଇପ୍

ୱାଶିଂଟନ, ୫।୫




ଲୋକପ୍ରିୟ ଭିଡିଓ କନ୍‌ଫରେନ୍ସି ପ୍ଲାଟଫର୍ମ ସ୍କାଇପ୍ ଆପ୍ଲିକେଶନ ସୋମବାରଠାରୁ ବନ୍ଦ ହୋଇଛି। ପ୍ରାୟ ୨ ଦଶନ୍ଧି ଧରି ଲୋକଙ୍କୁ ଯୋଡ଼ି ରଖିଥିବା ଏହି ଆପ୍ ଏବେ ଇତିହାସରେ ପରିଣତ ହୋଇଛି। ନିଜର ନୂତନ ଏବଂ ଅଧିକ ଶକ୍ତିଶାଳୀ କମ୍ୟୁନିକେଶନ ଟୁଲ୍ସ 'ମାଇକ୍ରୋସଫ୍ଟ ଟିମ୍ସ' ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ଲକ୍ଷ୍ୟ ରଖି ମାଇକ୍ରୋସଫ୍ଟ ସ୍କାଇପ୍ ସେବାକୁ ବନ୍ଦ କରିଛି। ମାଇକ୍ରୋସଫ୍ଟ ପକ୍ଷରୁ 'ମାଇକ୍ରୋସଫ୍ଟ ଟିମ୍ସ'କୁ ସ୍କାଇପର ଉତ୍ତରାଧିକାରୀ ଭାବେ ଘୋଷଣା କରାଯାଇଛି। ଏହା ସହ ମାଇକ୍ରୋସଫ୍ଟ ମାଲିକାନାରେ ଥିବା ସ୍କାଇପ୍ ଆପ୍ ମାଇକ୍ରୋସଫ୍ଟ ଟିମ୍ସ ସହ ସମନ୍ୱିତ ହୋଇଛି। ସ୍କାଇପ୍ ବନ୍ଦ ହେବା ପରେ ଯେପରି ଏହାର ୟୁଜର୍‌ସମାନେ ଅସୁବିଧାର ସମ୍ମୁଖୀନ ନ ହେବେ, ତାହାକୁ ଦୃଷ୍ଟିରେ ରଖି ସ୍କାଇପ୍‌ରୁ ମାଇକ୍ରୋସଫ୍ଟ ଟିମ୍ସକୁ ସ୍ଥାନାନ୍ତରିତ ହେବା ପାଇଁ ସେମାନଙ୍କୁ ବହୁ ପୂର୍ବରୁ ମାଇକ୍ରୋସଫ୍ଟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ମାଇକ୍ରୋସଫ୍ଟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସ୍କାଇପ୍ ବ୍ୟବହାରକାରୀଙ୍କ ନିକଟରେ ମାଗଣାରେ ମାଇକ୍ରୋସଫ୍ଟ ଟିମ୍ସକୁ ଯିବା ପାଇଁ ବିକଳ୍ପ ରହିଛି ଯାହା ସ୍କାଇପ୍ ଆପ୍‌ଠାରୁ ଅଧିକ ଭଲ ଫିଚର ପ୍ରଦାନ କରିବ। ୨୦୦୩ରେ ସ୍କାଇପ୍ ଆପ୍ଲିକେଶନ ଲଞ୍ଚ ହୋଇଥିଲା। ଏହା ଏକ ସ୍ୱତନ୍ତ୍ର କମ୍ପାନୀ ଭାବେ ଆରମ୍ଭ ହୋଇଥିଲା।

## ବିଦେଶୀ ଫିଲ୍ମ ଉପରେ ଟ୍ରମ୍ପ୍‌ଙ୍କ ୧୦୦% ଟାରିଫ୍

ୱାଶିଂଟନ, ୫।୫

**'ହଲିଉଡ୍ ବ୍ୟାପକ କ୍ଷତି ସହୁଛି'**


ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ବାହାରେ ନିର୍ମିତ ଚଳଚ୍ଚିତ୍ର ୟୁଏସ୍‌ରେ ରିଲିଜ୍ ହେବାନେଇ ୧୦୦% ଟାରିଫ୍ ଲଗାଯିବ ବୋଲି ସୋମବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ଘୋଷଣା କରିଛନ୍ତି। ଏହି ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ସେ ଆମେରିକାର ବାଣିଜ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଆମେରିକୀୟ ଚଳଚ୍ଚିତ୍ର ଶିଳ୍ପର ଦ୍ରୁତଗତିରେ ମୃତ୍ୟୁ ହେବାକୁ ଯାଉଛି। ଅନ୍ୟ ଦେଶଗୁଡ଼ିକ ବିଭିନ୍ନ ପ୍ରଲୋଭନ ଦେଖାଇ ଆମେରିକୀୟ ଫିଲ୍ମ ନିର୍ମାତାଙ୍କୁ ନିଜ ଦେଶ ପ୍ରତି ଆକୃଷ୍ଟ କରୁଛନ୍ତି। ଏହାଯୋଗୁ ହଲିଉଡ୍ ଏବଂ ଆମେରିକାର ବହୁ ଅଞ୍ଚଳ ବ୍ୟାପକ ମାତ୍ରାରେ କ୍ଷତି ସହୁଛନ୍ତି। ଏହା ନିହାତିପକ୍ଷେ ଅନ୍ୟ ଦେଶମାନଙ୍କର ଏକ ସଙ୍ଗଠିତ ଯୋଜନା। ତେଣୁ ଅନ୍ୟ ଦେଶରେ ନିର୍ମିତ ଫିଲ୍ମ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ହୋଇଥିବା ସେ କହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଆମେରିକାରେ ଚଳଚ୍ଚିତ୍ର ନିର୍ମାଣ କ୍ରମାଗତ ଭାବେ ହ୍ରାସ ପାଇଛି। ୨୦୨୧ ତୁଳନାରେ ୨୦୨୩ରେ ଆମେରିକାରେ ହେଉଥିବା ଚଳଚ୍ଚିତ୍ର ନିର୍ମାଣରେ ୨୬% ହ୍ରାସ ଘଟିଛି। ଟ୍ରମ୍ପ୍‌ଙ୍କ ଏହି ଘୋଷଣା ପରେ ସାରା ବିଶ୍ୱରେ ଫିଲ୍ମ ଷ୍ଟୁଡିଓଜ୍, ପ୍ରଡକ୍ସନ ହାଉସ୍ ଏବଂ ଫିଲ୍ମ ନିର୍ମାତାମାନେ ଚିନ୍ତାରେ ପଡ଼ିଛନ୍ତି।

### ଚିନ୍ତାରେ ବଲିଉଡ୍ ଫିଲ୍ମ ନିର୍ମାତା

ବିଦେଶୀ ଚଳଚ୍ଚିତ୍ର ଉପରେ ଆମେରିକା ପକ୍ଷରୁ ୧୦୦% ଟାରିଫ୍ ଲଗାଯିବା ନେଇ ଟ୍ରମ୍ପ୍‌ଙ୍କ ଘୋଷଣା ପରେ ଅନେକ ଭାରତୀୟ ଫିଲ୍ମ ନିର୍ମାତା ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ବଲିଉଡ୍ ସମେତ ତେଲୁଗୁ, ତାମିଲ ଏବଂ ମାଲୟାଲମ ଇଣ୍ଡଷ୍ଟ୍ରିରେ ଫିଲ୍ମ ବ୍ୟବସାୟର ଏକ ବଡ଼ ଅଂଶ ଆମେରିକାରୁ ଆସିଥାଏ। ସେହିପରି ଅନେକ ସୁପରହିଟ୍ ଭାରତୀୟ ଫିଲ୍ମ କରିଥିବା ବ୍ୟବସାୟର ବଡ଼ ଅଂଶ ଆମେରିକାରୁ ରହିଥାଏ। ସେହିପରି ଗତ କିଛି ବର୍ଷ ଧରି ବଲିଉଡ୍ ଫିଲ୍ମ ନିର୍ମାତାମାନେ ସେମାନଙ୍କ ଫିଲ୍ମର ଶୁଟିଂ ପାଇଁ ଆମେରିକାଠାରୁ ୟୁରୋପୀୟ ଦେଶକୁ ବେଶି ପସନ୍ଦ କରୁଛନ୍ତି। ଶୁଟିଂ ସ୍ଥାନକୁ ଆଧାର କରି ଆମେରିକା ପକ୍ଷରୁ ବିଦେଶୀ ଚଳଚ୍ଚିତ୍ର ଉପରେ ଟାରିଫ୍ ଲଗାଗଲେ ଭାରତୀୟ ପ୍ରଡକ୍ସନ କମ୍ପାନୀଗୁଡ଼ିକୁ ବ୍ୟାପକ କ୍ଷତି ସହିବାକୁ ପଡ଼ିବ ବୋଲି ଫିଲ୍ମ ସମୀକ୍ଷକ କହିଛନ୍ତି।




# ବାଦ୍ ପଡ଼ିବ ୩୦ ଜଳ ପ୍ରକଳ୍ପ

## ୫୪୧.୭୬ କୋଟି ଟଙ୍କା ସଞ୍ଚୟ ହେବ

ଭୁବନେଶ୍ୱର,୫।୫(ରବିନାରାୟଣ ଜେନା)

ରାଜ୍ୟରେ ପାନୀୟଜଳ ସମସ୍ୟା ଏବେ ବି ବହୁ ସ୍ଥାନରେ ଉତ୍କଟ ରହିଛି। କେତେକ ସ୍ଥାନରେ ଲୋକେ ଝରଣା, କୂଅ, ପୋଖରୀ ପାଣି ପିଉଥିବାବେଳେ ଆଉ କେତେକ ସ୍ଥାନରେ ମାଇଲ ମାଇଲ ଦୂର ଗରା, ବାଲ୍ଟି ଧରି ଯିବାକୁ ପଡୁଛି। ତେବେ କେତେକ ପ୍ରକଳ୍ପ ସ୍ଥଳରେ ସମସ୍ୟା ଯୋଗୁ ରାଜ୍ୟ ନଗର ଉନ୍ନୟନ ବିଭାଗ ୩୦ଟି ପାନୀୟ ଜଳ ଓ ଜଳାଶୟ ପୁନରୁଦ୍ଧାର ପ୍ରକଳ୍ପ ବାତିଲ କରିବାକୁ ଯୋଜନା କରିଛି। ସେଗୁଡ଼ିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଚାଲିଥିବା 'ଅମୃତ' ଯୋଜନାରେ ଷ୍ଟେଟ୍ ୱାଟର ଆକ୍ସନ ପ୍ଲାନ୍ (ଏସ୍‌ଡବ୍ଲ୍ୟୁଏପି ବା ସ୍ୱାପ୍) ଅନୁଯାୟୀ ନିର୍ମାଣ ହେବାକୁ ରହିଥିଲା। ସେଥିମଧ୍ୟରୁ ୧୫ଟିକୁ ରାଜ୍ୟ ଉଚ୍ଚ କ୍ଷମତାସମ୍ପନ୍ନ ତଦାରଖ କମିଟି (ଏସ୍‌ଏଚ୍‌ପିଏସ୍‌ସି)ର ଅନୁମୋଦନ ମିଳିଥିବାବେଳେ ଆଉ ୧୫ଟି ପ୍ରକଳ୍ପ ବନ୍ଦ କରିବାକୁ ଏସ୍‌ଏଚ୍‌ପିଏସ୍‌ସିକୁ ପ୍ରସ୍ତାବ ଦିଆଯାଇଥିବା ଗତ ୨ ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବୈଷୟିକ କମିଟି ବୈଠକରୁ ଜଣାପଡ଼ିଛି। ତେବେ ସ୍ୱାପ୍‌ର ତିନୋଟି ପର୍ଯ୍ୟାୟରେ ବାଦ୍ ପଡ଼ିବାକୁ ଥିବା ପ୍ରକଳ୍ପ ବାବଦକୁ ୫୪୧.୭୬ କୋଟି ଟଙ୍କା ସଞ୍ଚୟ ହେବ ବୋଲି ଜଣାପଡ଼ିଛି।

ସହରାଞ୍ଚଳର ରୂପାନ୍ତରୀକରଣ କରିବା ଆଭିମୁଖ୍ୟ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୧ ଅକ୍ଟୋବରରେ 'ଅମୃତ' ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହି ଯୋଜନା ୫ବର୍ଷ ଅର୍ଥାତ୍ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଲକ୍ଷ୍ୟ ରହିଛି। ଏହା ଅଧୀନରେ ସହରାଞ୍ଚଳର ସବୁ ପରିବାରକୁ ପାଇପ ଯୋଗେ ଚବିଶ ଘଣ୍ଟିଆ ପାନୀୟଜଳ ଯୋଗାଇବାକୁ ଲକ୍ଷ୍ୟ ରହିଥିଲା। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ଦେଶର ୫୦୦ ସହରକୁ ନମୁନା ଭାବେ ଗ୍ରହଣ କରାଯାଇଛି। ଯେଉଁ ସହରାଞ୍ଚଳର କାର୍ଯ୍ୟଦକ୍ଷତା ଉତ୍ତମ ହେବ, ତାକୁ ଏହି ଯୋଜନାରେ ଅଧିକ ଗୁରୁତ୍ୱ ମିଳିବ ବୋଲି ମିଶନରେ ରହିଛି। ତେବେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚଳିତମାସ ୨ତାରିଖରେ ରାଜ୍ୟସ୍ତରୀୟ ବୈଷୟିକ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାପ୍ ଅଧୀନ ତିନୋଟି ପର୍ଯ୍ୟାୟରେ ୩୪୮ଟି ପ୍ରକଳ୍ପ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା, ଯାହାର ମୂଲ୍ୟ ୩୯୪୦.୯୫ କୋଟିଟଙ୍କା। ଏଥିମଧ୍ୟରେ ୨୧୧ଟି ପାନୀୟଜଳ ଯୋଗାଣ ପ୍ରକଳ୍ପ ରହିଥିବାବେଳେ ୧୩୭ଟି ହେଉଛି ଜଳାଶୟ ପୁନରୁଦ୍ଧାର କାର୍ଯ୍ୟ। ମୋଟ ୩୪୮ ପ୍ରକଳ୍ପ ମଧ୍ୟରୁ ୭୬ଟି ସମ୍ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ହୋଇସାରିଛି ଏବଂ ୧୯୫ଟି ନିର୍ମାଣାଧୀନ ରହିଛି। ୪୭ଟି ପ୍ରକଳ୍ପ ବର୍ତ୍ତମାନ ଟେଣ୍ଡରର ଚୂଡ଼ାନ୍ତ ପ୍ରକ୍ରିୟାରେ ଅଛି। ଏଥିପାଇଁ ୧୨୧୫.୧୪କୋଟି ଟଙ୍କା ବିଭାଗକୁ ମିଳିଥିବା ବେଳେ ତାହା ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇଛି; ଯେଉଁଥିରେ କି କେନ୍ଦ୍ର ସରକାରଙ୍କ ସହଭାଗିତା ୫୦୬.୫୫କୋଟି ଟଙ୍କା ରହିଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏପ୍ରିଲରେ ମାତ୍ର ୧୫୦କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ପାଇଁ ଏବେ ୩୫୦କୋଟି ଟଙ୍କା ବାଲାନ୍ସ ରହିଛି।

ବୈଷୟିକ କମିଟିର ସୂଚନା ଅନୁଯାୟୀ, ବିଭିନ୍ନ ପ୍ରକଳ୍ପରେ କେତେକ ଚ୍ୟାଲେଞ୍ଜ ରହିଛି, ଯେଉଁଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପ ଶେଷ ହୋଇପାରିବ ନାହିଁ। ତେଣୁ ୩୦ଟି ପ୍ରକଳ୍ପ (ସ୍ୱାପ୍ ମୂଲ୍ୟ ୧୪୩.୭୯କୋଟି ଟଙ୍କା) ବାଦ୍‌ଦେବାକୁ ପଡ଼ିବ। ଏହି ବାଦ୍ ପଡ଼ିବାକୁ ଥିବା ପ୍ରକଳ୍ପ ମଧ୍ୟରୁ ୨୦୨୪ ଡିସେମ୍ବର ୧୮ରେ ଅନୁଷ୍ଠିତ ପଞ୍ଚମ ଷ୍ଟେଟ୍ ହାଇପାୱାର ଷ୍ଟିଅରିଂ କମିଟିରେ ୧୫ଟି ପ୍ରକଳ୍ପକୁ ଅନୁମୋଦନ ମିଳିଥିଲା, ଯାହାର କି ମୂଲ୍ୟ ୭୪.୨୭କୋଟି ଟଙ୍କା। ଅନ୍ୟ ୧୫ଟି ପ୍ରକଳ୍ପ ସ୍ୱାପ୍ ଅନ୍ତର୍ଗତ ଏବଂ ଏହାର ମୂଲ୍ୟ ୬୯.୫୨କୋଟି ଟଙ୍କା ରହିଛି। ନଗର ଉନ୍ନୟନ ମନ୍ତ୍ରଣାଳୟର ନିୟମ ଅନୁଯାୟୀ ବାଦ୍ ପଡ଼ିବାକୁ ଥିବା ପ୍ରକଳ୍ପ ଏବଂ ଆୱାର୍ଡ କଷ୍ଟ କାପେକ୍ସ କମିଟିରେ ଅନୁମୋଦିତ ଅର୍ଥଠାରୁ କମ୍ ହେବା ଆବଶ୍ୟକ। ଏହାକୁ ନେଇ ବିଭାଗ ପକ୍ଷରୁ ଯେଉଁ ଆକଳନ କରାଯାଇଛି, ସ୍ୱାପ୍‌ର ତିନୋଟି ପର୍ଯ୍ୟାୟରେ ବାଦ୍ ପଡ଼ିବାକୁ ଥିବା ପ୍ରକଳ୍ପ ବାବଦକୁ ୫୪୧.୭୬କୋଟି ଟଙ୍କା ସଞ୍ଚୟ ହେବ ବୋଲି ଜଣାଯାଇଛି। ଅନ୍ୟପକ୍ଷରେ ସମ୍ବଲପୁର ମହାନଗର ନିଗମରେ ଉକ୍ତ ଅର୍ଥରେ ୨୪ଘଣ୍ଟିଆ ପାନୀୟଜଳ ପ୍ରକଳ୍ପ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


Meeting of State Level Technical Committee (SLTC)
under AMRUT 2.0
2nd May'2025, 5:00 PM
********

AGENDA:
1. Present Status and Review of projects to be dropped with Cost Savings
2. Review of "Sambalpur Water Supply Project" and replacing with dropped projects
3. Any other points to be discussed with due permission of the Chair

Overview:
Atal Mission for Rejuvenation and Urban Transformation (AMRUT) 2.0 scheme was launched on 01 October, 2021 for the period of 05 years, from the financial year 2021-22 to the financial year 2025-26, is designed to provide universal coverage of water supply through functional taps to all households in all the statutory towns in the country and coverage of sewerage/septage management in 500 cities covered in first phase of the AMRUT scheme. Outcome based funding is the most important defining feature of this mission.

Based on gaps identified in the City Water Balance Plan (CWBP), projects were formulated as City Water Action Plan (CWAP). These projects are required to be presented before the State Level Technical Committee (SLTC) of H & UD Department as per clause 15.3.2 of Operation Guidelines for AMRUT 2.0. The projects under SWAP-I, Special SWAP, SWAP-II & SWAP-III were approved by SLTC, SHPSC and APEX Committee of MoHUA in phases. Now, the proposal of "Improvement of Drinking Water Supply with 24X7 water supply system to Sambalpur Municipal Corporation on EPC Contract including Operation & Maintenance for a Period of Five Years" is being proposed for approval.

AGENDA-1: Present Status and Review of projects to be dropped with Cost Savings

The State has already submitted 348 no. of projects with SWAP cost of Rs.3940.95 Crore comprising 211 Water Supply Projects and 137 Waterbody Rejuvenation Projects. Among 348 approved projects, 76 projects have been completed, 195 are under progress and 47 are in tender finalization stage. The state has received a total of 1215.14 Crore (CA Rs. 506.55) and Expenditure has been made 100% i.e Rs. 1215.14 Crore & SS Rs. 708.58 Crore as on Mar'2025. Thereafter, a mother sanction for CA of Rs. 150 Crore has been sanctioned by MoHUA on Apr'2025 and including the matching share of State, the current funds available is Rs. 350.00 Crore. The due process for expenditure through SNA Sparsh has commenced.

Thirty (30) projects are proposed for drop with a SWAP cost of Rs. 143.79 Crore on account of various site-specific challenges to finishing the project on time. Out of 30 projects, drop proposal for 15 projects with cost of Rs. 74.27 Crore had been approved in the 5th SHPSC held on 18th Dec'2024. In the list of remaining

ପ୍ରକଳ୍ପ ବନ୍ଦ ସମ୍ପର୍କିତ ରାଜ୍ୟସ୍ତରୀୟ ବୈଷୟିକ କମିଟି ବୈଠକର ବିବରଣୀ।

# ବିପ୍ଳବୀ, ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର: ମୁଖ୍ୟମନ୍ତ୍ରୀ

## ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

### ୨୧୪ର ଭିତ୍ତିପ୍ରସ୍ତର, ୧୦୪ ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୫।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ବିପ୍ଳବୀ ସହ ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର। ଓଡ଼ିଶାରେ ବ୍ରିଟିଶ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ତାଙ୍କ ଦୃଢ଼ ସଂକଳ୍ପ, ଦେଶପ୍ରେମ ଓ ତ୍ୟାଗ ଆଜି ଯୁବପିଢ଼ି ପାଇଁ ପ୍ରେରଣା ହୋଇଛି। ରାଜ୍ୟ ସରକାର ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ବିପ୍ଳବୀ ଧରଣୀଧରଙ୍କ ମାଟିରେ ପ୍ରତିଷ୍ଠା ହେବ ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର। ଧରଣୀଧରଙ୍କ ନାମରେ, ଭୁବନେଶ୍ୱରରେ ଅତିଥି ଭବନ ପ୍ରତିଷ୍ଠା ହେବ ବୋଲି କେନ୍ଦୁଝର ସଦର ବ୍ଲକ୍ କୁସୁମିତା ଗ୍ରାମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିପ୍ଳବୀ ଧରଣୀଧର ନାଏକଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ପୂଜ୍ୟପୂଜା ପରମ୍ପରାକୁ ଗୁରୁତ୍ୱ ଦେଇ ଆଜି ଆମ ସରକାର ସାରା ଓଡ଼ିଶାରେ ମହାପୁରୁଷଙ୍କ ଜୟନ୍ତୀ ସେମାନଙ୍କ ଜନ୍ମମାଟିରେ ପାଳନ କରୁଛି। ଏହା ହିଁ ଆମ ଅସ୍ମିତାର ପରିଚୟ। ଧରଣୀଧରଙ୍କ ଜୀବନୀ ହିଁ ଆମକୁ ଅଖଣ୍ଡତା ଓ ବିକାଶର ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷା ପ୍ରଦାନ କରେ। ଜୀବନର ପ୍ରଥମ ଭାଗ ସେ ବିଦ୍ରୋହ କରି ସ୍ୱାଧୀନତାର ଅଗ୍ନି ଜଳାଇଥିଲେ। ଶେଷ ଭାଗକୁ ସେ ଆଧ୍ୟାତ୍ମିକ ମାର୍ଗରେ ଯାଇ ଦେଶର ସ୍ୱାଧୀନତା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଆଜି ଧରଣୀଧର ନାହାନ୍ତି, ତାଙ୍କ ସ୍ମୃତି ଅଛି। ବିପ୍ଳବ କରିବାର ଯେଉଁ ଚେତନା ସେ ସୃଷ୍ଟି କରିଥିଲେ, ସେ ଚେତନା ଅଛି। ଆଜି ସ୍ୱାଧୀନତା ପାଇଁ ଲଢ଼ିବାର ନାହିଁ। ଆଜିର ସମୟ ହେଉଛି ବିକାଶ ପାଇଁ ଲଢ଼ିବାର ସମୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲାରେ ପ୍ରାୟ ୧୧୫୫ କୋଟି ଟଙ୍କା ବ୍ୟୟ ବରାଦର ସମୁଦାୟ ୩୪୦ ଗୋଟି ନୂତନ ପ୍ରକଳ୍ପର ଘୋଷଣା, ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ୮୭ କୋଟି ଟଙ୍କାରେ ୧୦୪ଟି ପ୍ରକଳ୍ପର ଉଦ୍‌ଘାଟନ, ୪୪୯ କୋଟି ଟଙ୍କାରେ ୨୧୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ୬୨୦ କୋଟି ଟଙ୍କାରେ ୨୨ଟି ନୂତନ ପ୍ରକଳ୍ପର ଘୋଷଣା କରିଥିଲେ। ବିପ୍ଳବୀଙ୍କ ଜନ୍ମ ଗ୍ରାମ କୁସୁମିତାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ମୃତିପୀଠରେ ଧରଣୀଧରଙ୍କ ପୈତୃକ ବାସଗୃହର ସଂରକ୍ଷଣ କରାଯିବ। ତାଙ୍କ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ କରି ରଖାଯିବ। ଧରଣୀଧରଙ୍କ ଘର ପାଖରେ ୨ ଏକର ଜମିରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ସହ ଏକ ବ୍ୟାଖ୍ୟାନ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏହାକୁ ଏକ ପର୍ଯ୍ୟଟନ ଭାବେ ବିକଶିତ କରି ପାର୍କ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିସହ କେନ୍ଦୁଝରରେ ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଷ୍ଟିଲ୍ ପ୍ଲାଣ୍ଟ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏଥିସହ କେନ୍ଦୁଝରରେ ସମୁଦାୟ ୧,୨୯,୮୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ୩୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର କାଙ୍ଗାଳି ଚରଣ ନାଏକଙ୍କୁ ଧରଣୀଧର ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ବିପ୍ଳବୀ ଧରଣୀଧରଙ୍କୁ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ପ୍ରମୁଖ ନିଜ ଅଭିଭାଷଣ ରଖିଥିଲେ।

କାର୍ଯ୍ୟକ୍ରମରେ ବିପ୍ଳବୀ ଧରଣୀଧର ନାଏକଙ୍କ ବଂଶଧର କଳାକର ନାଏକ ଯୋଗଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ ବିବରଣୀ ପାଠ କରିଥିଲେ। ଜିଲାପାଳ ବିଶାଲ ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଭୂୟାଁ ସାଂସ୍କୃତିକ ସଂଗଠନର ଉପଦେଷ୍ଟା ମମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରୁଛନ୍ତି।

# ଏପ୍ରିଲ ୨୭ ଏସ୍‌ଆଇ ପରୀକ୍ଷା ରଦ୍ଦ କଲା ଓଏସ୍‌ଏସ୍‌ସି

## ଜୁଲାଇ ୬ରେ ସାରି ପରୀକ୍ଷା

ଭୁବନେଶ୍ୱର,୫।୫(ସୁଚିସ୍ମିତା ସାହୁ)

ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଏକ୍ସସାଇଜ୍ ଓ ଟ୍ରାଫିକ ଏସ୍‌ଆଇ ପଦବୀ ପାଇଁ ଏପ୍ରିଲ ୨୭ରେ ହୋଇଥିବା ପରୀକ୍ଷାକୁ ରଦ୍ଦ କରାଯାଇଛି। ପରୀକ୍ଷା ପରିଚାଳନାରେ ବ୍ୟାପକ ତ୍ରୁଟି ନଜରକୁ ଆସିବା ପରେ ଓଏସ୍‌ଏସ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ନିଷ୍ପତ୍ତି ଅନୁସାରେ, ଏସ୍‌ଆଇ ର୍‍ୟାଙ୍କର ବିଭିନ୍ନ ବର୍ଗର ପଦ ପଦବୀ ପାଇଁ ସମସ୍ତ ପରୀକ୍ଷା ରଦ୍ଦ କରାଯାଇଛି। ତେବେ ଜୁଲାଇ ୬ରେ ପୁଣିଥରେ ପରୀକ୍ଷା କରାଯିବ ବୋଲି ସୋମବାର ଓଏସ୍‌ଏସ୍‌ସି ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି।

ସୂଚନାଯୋଗ୍ୟ, ଏପ୍ରିଲ ୨୭ରେ ୨୧ଟି ଏସ୍‌ଆଇ ଟ୍ରାଫିକ ପଦବୀ (ଗ୍ରୁପ୍ ବି) ଓ ୧୦ଟି ଏକ୍ସାଇଜ୍ ଏସ୍‌ଆଇ ପଦବୀ ପାଇଁ ମିଳିତ ଭାବେ ଲିଖିତ ପରୀକ୍ଷା ହୋଇଥିଲା। ଏହି ପରୀକ୍ଷା ପାଇଁ ହଜାର ହଜାର ସଂଖ୍ୟାର ପରୀକ୍ଷାର୍ଥୀ ରାଜ୍ୟର ସମସ୍ତ ଜିଲାରେ ପରୀକ୍ଷା ଦେଇଥିଲେ। ହେଲେ ପରୀକ୍ଷାରେ ଅନ୍ୟ ବିଷୟର ପ୍ରଶ୍ନ ପଡିଥିଲା। ଏହାକୁ ନେଇ ସମସ୍ତ ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ତଦନ୍ତ ପରେ ପରୀକ୍ଷା ପରିଚାଳନାରେ ଏଭଳି ତ୍ରୁଟି ହୋଇଥିବା ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷ ସ୍ୱୀକାର କରିବା ସହିତ ଦୁଃଖ ପ୍ରକାଶ କରିଥିଲେ। ଏସବୁ ପରୀକ୍ଷାର ବିକଳ୍ପ ବ୍ୟବସ୍ଥା ନିମନ୍ତେ ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷ ମେ ୪ ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କଠାରୁ ମତାମତ ଲୋଡ଼ିଥିଲେ।

# ଏକକ ପିଜି ପ୍ରବେଶିକା ପରୀକ୍ଷା ଆରମ୍ଭ

ଭୁବନେଶ୍ୱର,୫।୫ (ସୁଚିସ୍ମିତା ସାହୁ)

୨୦୨୫-୨୬ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ସୋମବାରଠାରୁ ଏକକ ପ୍ରବେଶିକା ପରୀକ୍ଷା(ସିପିଇଟି-୨୦୨୫) ଆରମ୍ଭ ହୋଇଛି। ଏହି ପରୀକ୍ଷା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଦିନକୁ ୩ଟି ସିଫ୍ଟରେ ପରୀକ୍ଷା କରାଯାଉଛି। ପ୍ରଥମ ସିଫ୍ଟ ପରୀକ୍ଷା ସକାଳ ୯ଟାରୁ ୧୦ଟା ୨୦ ପର୍ଯ୍ୟନ୍ତ, ଦ୍ୱିତୀୟ ସିଫ୍ଟ ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୧୨ଟା ୫୦ ଏବଂ ତୃତୀୟ ସିଫ୍ଟ ଅପରାହ୍ନ ୩ଟାରୁ ୪ଟା ୨୦ ପର୍ଯ୍ୟନ୍ତ ହେଉଛି। ପ୍ରତ୍ୟେକ ସିଫ୍ଟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ୩୦ ମିନିଟ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ମେରିଟ ଲିଷ୍ଟ ପ୍ରକାଶ ତାରିଖ ସମ୍ପର୍କରେ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ। ମେରିଟ ଲିଷ୍ଟରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ଚୟନ ହୋଇଥିବା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବେ। ତେବେ ଚଳିତବର୍ଷ ତିନୋଟି ପର୍ଯ୍ୟାୟରେ ନାମଲେଖା ହେବ। ପ୍ରତି ପର୍ଯ୍ୟାୟରେ ୪ ରାଉଣ୍ଡରେ ନାମଲେଖା ହେବ। ଶେଷ ରାଉଣ୍ଡରେ ସ୍ପଟ୍ ନାମଲେଖା କରାଯିବ। ଛାତ୍ରୀଛାତ୍ର ଯେଉଁ ରାଉଣ୍ଡରେ ନାମ ଲେଖାଇବା ନିମନ୍ତେ ଚୟନ ହେବେ ସେହି ପର୍ଯ୍ୟାୟରେ ନାମ ଲେଖାଇବେ। ନଚେତ ପରବର୍ତ୍ତୀ ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟାରୁ ବାଦ ପଡ଼ିବେ। ସୂଚନାଯୋଗ୍ୟ, ରାଜ୍ୟରେ ପିଜି ନାମଲେଖା ପାଇଁ ମୋଟ ୧୧୬ଟି ଶିକ୍ଷାନୁଷ୍ଠାନରେ ୨୯,୭୩୨ଟି ସିଟ୍ ରହିଛି। ଚଳିତ ବର୍ଷ ଏସବୁ ସିଟ୍‌ରେ ନାମଲେଖା ଲାଗି ଏକକ ପିଜି ପ୍ରବେଶିକା ପରୀକ୍ଷା ଦେବାକୁ ୬୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଥିଲେ।

# ସିଡବ୍ଲ୍ୟୁସି ଅଧ୍ୟକ୍ଷାଙ୍କ ସହ ୪ ସଦସ୍ୟ ବହିଷ୍କୃତ

## ଶିଶୁକନ୍ୟାକୁ ବେଆଇନ ଭାବେ ପୋଷ୍ୟ ଗ୍ରହଣ ଘଟଣା

ରାୟଗଡ଼ା,୫।୫ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ବ୍ଲକର ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ନିକଟସ୍ଥ ନୂଆପଡା କଲୋନୀରୁ ଏକ ନବଜାତ ଶିଶୁକନ୍ୟାକୁ ବେଆଇନ ଭାବରେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି। ଫଳରେ ରାୟଗଡ଼ା ଜିଲାପାଳ ପାରୁଲ ପଟାୱରି ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଭାଙ୍ଗିବା ପାଇଁ ସୁପାରିସ କରିବା ପରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ କର୍ତ୍ତବ୍ୟରେ ଅବହେଳା କରିଥିବା ଦର୍ଶାଇ ସିଡବ୍ଲ୍ୟୁସି ଅଧ୍ୟକ୍ଷା ବିଦ୍ୟୁଲତା ହୁଇକାଙ୍କ ସମେତ ୪ ସଦସ୍ୟଙ୍କୁ ପଦରୁ ବହିଷ୍କାର ପାଇଁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ କଲ୍ୟାଣ କମିଟିର ସଦସ୍ୟ ଗାଗାରିନ୍ ଶବର, ପ୍ରିୟଦର୍ଶିନୀ ମହାକୁଲ, କୈଳାସ ଚନ୍ଦ୍ର ପାଲ ଓ ଜ୍ୟୋତ୍ସ୍ନାମୟୀ ପାଢ଼ୀଙ୍କୁ ତୁରନ୍ତ ଦାୟିତ୍ୱରୁ ବହିଷ୍କାର କରାଯିବା ସହ ତାଙ୍କ ନିକଟରେ ଥିବା ସମସ୍ତ ରେକର୍ଡ ଏବଂ ସମ୍ପତ୍ତି ଡିସିପିଓଙ୍କୁ ହସ୍ତାନ୍ତର କରିବାକୁ କୁହାଯାଇଛି।

ନୂଆପଡ଼ାର ଦମ୍ପତି କୁମୁଦ ଗାଣ୍ଡା ଏବଂ ରାହୁଲ ଧନବାଦୀ ନିଜ ୯ ଦିନର ଶିଶୁକନ୍ୟାକୁ ଏକ ଅଣପଞ୍ଜୀକୃତ ପୋଷ୍ୟ ଗ୍ରହଣ ଡିଡ୍‌ରେ ସ୍ୱାକ୍ଷର କରି ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ (ମାନ୍ୟମ) ଜିଲାର ବାଲାଜୀପେଟାର କେ. ନନ୍ଦିନୀ ଏବଂ କେ. ରାଜଶେଖରଙ୍କୁ ଦେଇଥିଲେ। ଜିଲା ପ୍ରଶାସନ ଏହି ଘଟଣାରେ ସିଡବ୍ଲ୍ୟୁସିକୁ ରିପୋର୍ଟ ମାଗିଥିଲେ। ହେଲେ ସିଡବ୍ଲ୍ୟୁସି ଅଣ-ପଞ୍ଜୀକୃତ ପୋଷ୍ୟସନ୍ତାନ ଗ୍ରହଣ ଡିଡ୍‌ର ଏକ କପି ପାଇବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଥିବା ତଦନ୍ତ କରୁଥିବା କମିଟି ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କୁ ପଚାରିବାରୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ଜିଲାପାଳଙ୍କୁ ଚିଠି କରାଯାଇଛି ବୋଲି କହିଛନ୍ତି। ଉକ୍ତ ଚିଠିରେ କାର୍ଯ୍ୟର ଅବହେଳା ନେଇ ପଦକ୍ଷେପ ନିଆଯାଇଥିବା ଉଲ୍ଲେଖ ରହିଛି ବୋଲି ସେ କହିଛନ୍ତି।

# ବିଜୁ ପଟ୍ଟନାୟକଙ୍କୁ ସମ୍ମାନିତ କରିବ ରୁଷିଆ

ନୂଆଦିଲ୍ଲୀ, ୫।୫

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସୋଭିଏତ ୟୁନିୟନ ହାସଲ କରିଥିବା ବିଜୟର ୮୦ତମ ବାର୍ଷିକୀ ଅବସରରେ ଆସନ୍ତା ୯ରେ ରୁଷିଆ ପକ୍ଷରୁ ପାଳନ ହେବାକୁ ଥିବା ବିଜୟ ଦିବସ ସମାରୋହରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ସମ୍ମାନିତ କରାଯିବ। ଏନେଇ ନୂଆଦିଲ୍ଲୀସ୍ଥିତ ରୁଷୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୯ରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ରୁଷିଆର ବିଜୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିଜୁଙ୍କ ପୁଅ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭାରତରେ ରୁଷିଆର ରାଷ୍ଟ୍ରଦୂତ ଡେନିସ ଅଲିପଭ୍ ନିମନ୍ତ୍ରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମୁଖ୍ୟ ଅତିଥି ଭାବେ ଯୋଗଦେବେ।

# ସିଙ୍ଗଲ୍-ପଏଣ୍ଟ ଆପ୍ ଆଣିବେ ଇସିଆଇ

ନୂଆଦିଲ୍ଲୀ,୫।୫

ଭାରତର ନିର୍ବାଚନ କମିଶନ (ଇସିଆଇ) ଖୁବ୍‌ଶୀଘ୍ର ଏକ ସିଙ୍ଗଲ୍ ପଏଣ୍ଟ ଆପ୍ଲିକେଶନ ଆଣିବାକୁ ଯାଉଛନ୍ତି। ଇସିଆଇଏନ୍‌ଇଟି ନାମରେ ଏହି ନୂଆ ଆପ୍ ଭୋଟର ଏବଂ ନିର୍ବାଚନ ଅଧିକାରୀଙ୍କ ସମେତ ଅନ୍ୟ ଅଂଶୀଦାରମାନଙ୍କ ପାଇଁ ଉପଯୋଗୀ ହେବ। ଏହି ୱାନ୍‌ଷ୍ଟପ୍ ପ୍ଲାଟ୍‌ଫର୍ମରେ ବର୍ତ୍ତମାନ ନିର୍ବାଚନ କମିଶନଙ୍କର ରହିଥିବା ୪୦ଟି ମୋବାଇଲ ଏବଂ ୱେବ୍ ଆପ୍ଲିକେଶନ୍‌କୁ ଏକୀକୃତ କରାଯିବ। ନିର୍ବାଚନ ସମ୍ପର୍କିତ ସମସ୍ତ କାର୍ଯ୍ୟ ପାଇଁ ଏହା ଏକକ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଫଳରେ ୟୁଜରମାନଙ୍କୁ ଏକାଧିକ ଆପ୍‌କୁ ଡାଉନ୍‌ଲୋଡ୍ କରିବା ତଥା ବିଭିନ୍ନ ଲଗ୍‌ଇନ୍ ପାସ୍‌ୱାର୍ଡ ମନେରଖିବା ଝିଙ୍ଗଟରୁ ମୁକ୍ତି ମିଳିବ। ଇସିଆଇଏନ୍‌ଇଟି ଯୋଗୁ ଦେଶର ୧୦୦ କୋଟି ଭୋଟର, ୧୦.୫ ଲକ୍ଷ ବୁଥ୍‌ସ୍ତରୀୟ ଅଫିସର, ୧୫ ଲକ୍ଷ ବୁଥ୍ ଏଜେଣ୍ଟ, ୪୫ ଲକ୍ଷ ପୋଲିଂ ଅଫିସର, ୧୫,୫୯୭ ଜଣ ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସର, ୪,୧୨୩ ଇଆର୍‌ଓ ଏବଂ ୭୬୭ ଜଣ ଜିଲା ନିର୍ବାଚନ ଅଧିକାରୀ ଉପକୃତ ହେବେ। ଇସିଆଇଏନ୍‌ଇଟିର ବିକାଶ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ପରୀକ୍ଷା ଜାରି ରହିଛି।

# ବସ୍-ହାଇୱା ମୁହାଁମୁହିଁ ଧକ୍କା, ୩୩ରୁ ଊର୍ଦ୍ଧ୍ୱ ଆହତ

ଆନନ୍ଦପୁର/ଠାକୁରମୁଣ୍ଡା, ୫।୫(ସୁଶାନ୍ତ କୁମାର ସାହୁ/ ତାରାକାନ୍ତ ପଟ୍ଟନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର-ଠାକୁରମୁଣ୍ଡା ରାସ୍ତାର ସାତକୋଶିଆ ଘୋଡ଼ାଘାଟି ଛକ ନିକଟରେ ସୋମବାର ପୂର୍ବାହ୍ନରେ ୧ଟାରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଗାଡ଼ି ସହ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୨୩ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୧୩ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ, ଗୁରୁତରଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ କଟକରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ବସ୍ (ଓଆର୍ ୧୧ ଏଇ ୩୪୬୩)ଟି ଠାକୁରମୁଣ୍ଡାରୁ ନଦା ଆସୁଥିଲା। ଠାକୁରମୁଣ୍ଡା ଅଭିମୁଖେ ଏକ ହାଇୱା (ଜେଏଚ୍ ୦୫ ଟିସି ୨୩୯୫) ଯାଉଥିଲା। ସାତକୋଶିଆ ଘୋଡ଼ାଘାଟି ଛକରେ ହାଇୱା ସହ ମୁଖ୍ୟମନ୍ତ୍ରୀ ବସ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ଡ୍ରାଇଭର ଗାଡ଼ିରେ ଚାପିହୋଇ ରହିଥିଲେ। ବସ୍‌ରେ ୫୦ ଊର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ବସ୍ ଡ୍ରାଇଭର କ୍ଷେତ୍ରମୋହନ ମହାନ୍ତଙ୍କ ସମେତ ୧୩ ଜଣ ଗୁରୁତର ହୋଇଛନ୍ତି।



ଦୁର୍ଘଟଣାଗ୍ରସ୍ତ ବସ୍ ଓ ହାଇୱା।

୨୩ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆନନ୍ଦପୁର, ଘସିପୁରା ଅଗ୍ନିଶମ ବିଭାଗ ଓ ମହୁଲଡ଼ିହା, ଠାକୁରମୁଣ୍ଡା ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାରକରି ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ। ରେବତୀ ନାୟକ, ସୁରୁ ସିଂ, ପାନ ଶୁଣ୍ଢି, ବସନ୍ତ ନାୟକ, ବଳରାମ ନାୟକ, କ୍ଷେତ୍ରମୋହନ ମହାନ୍ତ, ବୁଧୁନି ହାଇବୁରୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜେସିବି ସାହାଯ୍ୟରେ ହଟାଯାଇଛି। ଦୁର୍ଘଟଣା ପରେ ପ୍ରାୟ ୧ ଘଣ୍ଟା ଧରି ରାସ୍ତା ଜାମ ହୋଇ ଯାନବାହନ ଚଳାଚଳ ବନ୍ଦ ହୋଇଥିଲା। ଠାକୁରମୁଣ୍ଡା ବିଡିଓ, ତହସିଲଦାର, କରଞ୍ଜିଆ ପିଏଆଇଟିଡିଏ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ଗୁରୁତରଙ୍କ ଅବସ୍ଥା ପଚାରି ବୁଝିଥିଲେ।

# ବ୍ଲକସ୍ତରରେ ନୂଆ କୋର୍ଟ: ଆଜି ବସିବ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର,୫।୫(ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ନିକଟରେ ୪୬ଟି ଅଦାଲତ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଥିବାବେଳେ ମଙ୍ଗଳବାର ପୁନର୍ବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଏ ସଂକ୍ରାନ୍ତରେ ଗତ ୩ ତାରିଖରେ ଆଇନ ବିଭାଗ ଅତିରିକ୍ତ ସଚିବ ଶିବପ୍ରସାଦ ମହାପାତ୍ର ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ରାଜ୍ୟରେ ନୂତନ ଅଦାଲତ ଖୋଲିବା ନେଇ ବୁଧବାର (୭ ତାରିଖ) ବୈଠକ ହେବାକୁ କାର୍ଯ୍ୟସୂଚୀ ରହିଥିଲା, ମାତ୍ର ଏହା ଦିନକ ପୂର୍ବରୁ ଅନୁଷ୍ଠିତ ହେବ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଶ୍ୱ ଥାଲାସେମିଆ ଦିବସ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ଯୁଗ ପ୍ରବର୍ତ୍ତକ' ବିଷୁବ ସଂଖ୍ୟା-୨୦୨୫ର ଶୁଭ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା ୩୦।
- ପ୍ରତିମା ପୁରସ୍କାର ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଉତ୍କଳ ସାହିତ୍ୟ ସମାଜ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ ସମାରୋହ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଗୁରୁ ମାଗୁଣି ଦାସ ଲୋକନୃତ୍ୟ ମହୋତ୍ସବ, ସ୍ଥାନ: ରଘୁରାଜପୁର, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ବୈଶାଖୀ ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦୁଧହଂସା, ବସ୍ତା, ସମୟ: ଦିବସବ୍ୟାପୀ।
- ସ୍ୱାଭିମାନ ବାଲିଆପାଳିଆ ମଞ୍ଚ ପକ୍ଷରୁ ଆମରଣ ଅନଶନ.ସ୍ଥାନ: ଇଡ୍‌କୋ ହସ୍ପିଟାଲରେ ପରିସର, ବାଲିଆପାଳ,ସମୟ:ପୂର୍ବାହ୍ନ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ସତ୍ୟ ନାରାୟଣ ମନ୍ଦିର ହଲ, ଜଳେଶ୍ୱର,ସମୟ: ପୂର୍ବାହ୍ନ ୯ଟା।
- ସିଦ୍ଧେଶ୍ୱର (ବୁଢ଼ା ମହାଦେବ)ଙ୍କର ଘଟ ଉତ୍ତୋଳନ କାର୍ଯ୍ୟକ୍ରମ,ସ୍ଥାନ: ପଞ୍ଚଘୁଣ୍ଟା, ଜଳେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ମା ବାସୁଳୀଙ୍କ ବୈଶାଖୀ ଉତ୍ସବ ଶୁଭାରମ୍ଭ,ସ୍ଥାନ: ବାସୁଳି ପଡ଼ିଆ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମନ୍ତ୍ରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ରଇପୁର, ଧାମନଗର, ସମୟ: ସକାଳ ୮ଟା।
- ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କାଞ୍ଜିଆପାଟ, ତିହିଡ଼ି, ସମୟ: ସକାଳ ୯ଟା।
- ମା' ଯୋଗେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ରତାଙ୍ଗ, ବାସୁଦେବପୁର, ସମୟ: ସକାଳ ୯ଟା।
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସାରଣା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ମାଟ୍ରିକ୍‌ରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା ଗୃହ, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜଳସେଚନ ବଙ୍ଗଳା, ଭଦ୍ରକ ବାଇପାସ୍, ସମୟ: ମଧ୍ୟାହ୍ନ ୧୨ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟ୍‌ବଲ ମ୍ୟାଚ୍‌ର ୨ୟ ଦିବସ, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ-୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ବ୍ରହ୍ମପୁର

- ଗ୍ରାମ କଣ୍ଠ ପଟ୍ଟା ବଣ୍ଟନ, ସ୍ଥାନ: ସଂସ୍କୃତି ଭବନ ହିଲପାଟଣା, ସମୟ: ସକାଳ ୯ଟା।

## ଗଜପତି

- ରାଜ୍ୟସ୍ତରୀୟ ପାରଳା ନାଟକ ମୋହତ୍ସବ ଉଦ୍‌ଯାପିତ, ସ୍ଥାନ: ନଗର ଭବନ, ସମୟ ସନ୍ଧ୍ୟା ୭ ଟା।

## ଢେଙ୍କାନାଳ

- କଂଗ୍ରେସ ପକ୍ଷରୁ ସମ୍ବିଧାନ ସୁରକ୍ଷା ଅଭିଯାନ, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ଅପରାହ୍ନ ସାଢ଼େ ୪ଟା।
- ପିସିସି ସଭାପତିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ, ସମୟ: ସନ୍ଧ୍ୟା ସାଢ଼େ ୭ଟା।

## ଅନୁଗୋଳ

- କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ପୂର୍ବାହ୍ନ ୧୧ ଘଟିକା।

## କେନ୍ଦ୍ରାପଡ଼ା

- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ବେତାରୀ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ମା' ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମା' ମଙ୍ଗଳା ମନ୍ଦିରର ୧୩ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭିକିପୁର ମନ୍ଦିର ପରିସର, ସମୟ : ସକାଳ ୬ଟା।

## ନୟାଗଡ଼

- ଚତୁର୍ଥରେ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ସପ୍ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ସପ୍ତମ ଦିବସ, ସ୍ଥାନ: ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ସାଢ଼େ ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ଭୋର ୫ଟା।
- ସମୂହ ମାତୃମଣ୍ଡଳୀର ବାର୍ଷିକ ମେଳଣ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ପାହାଡ ପାଦଦେଶ ଶୁଳିଆ ଠାକୁରାଣୀ, ସମୟ: ପ୍ରାତଃ ୫ଟା।

## ରାୟଗଡ଼ା

- ଖିଲାମଣ୍ଡା ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପଦ୍ମପୁର ପାଖ ଲାଉଗୁଡା ଗ୍ରାମ, ସମୟ: ସକାଳ ୭ଟା।
- ନୂତନ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ନବରଙ୍ଗପୁର

- ଆଗୁଆ ସାର ଯୋଗାଣ ନେଇ ସମୀକ୍ଷା, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ରାଜ୍ୟ ୭ଥ ବ୍ରଡ୍ ବ୍ୟାଣ୍ଡ କମିଟିର ବୈଠକ, ସ୍ଥାନ: ଓସ୍ୱାନ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଅସୀଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର ସମୟ: ସକାଳ ୬ଟା।

## ରାଉରକେଲା

- ଗାୟତ୍ରୀ ପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୬ଟା ୩୦।
- ନାଟ୍ୟବନ୍ଧୁ ଅଶୋକ ବଳଙ୍କ ଶେଷଦର୍ଶନ, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ, ସମୟ: ସକାଳ ୯ଟା।
- ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ତାରିଣୀ ମନ୍ଦିର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଅସୀମ ପ୍ରେମ ଅନୁଷ୍ଠାନ ପକ୍ଷରୁ ଜଳସେବା, ସ୍ଥାନ: ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବହୁଭାଷୀ ନାଟ୍ୟ ମହୋତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୧୫, ସମୟ: ପୂର୍ବାହ୍ନ ୧୧ଟା।
- କଳ୍ପତରୁ ଆଶ୍ରମରେ ଶ୍ରୀମଦ୍ ଭଗବତ୍ ଗୀତା ପାରାୟଣ, ସ୍ଥାନ: ବାସନ୍ତୀ କଲୋନି ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ସକାଳ ୮ଟା।

## ବୌଦ୍ଧ

- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ୧୦ଟା ୩୦।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର,ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ପ୍ରାତଃ ୫ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: ସିନାପାଲି ବ୍ଲକ କରନବାହାଲି ପଞ୍ଚାୟତ କୁଳିଆଡୋଙ୍ଗରୀ ଗାଁ, ସମୟ: ପ୍ରାତଃ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କ ଦୈହିକ ଓ ଆତ୍ମବଳଯୁକ୍ତ କାରଣରୁ ପାରିବାରିକ, ପରିବହନ, ନିର୍ମାଣକାର୍ଯ୍ୟ ଭଲରେ ଚାଲିବ। ଆନୁଷ୍ଠାନିକ ଆଲୋଚନାରେ ସଫଳତା ଲାଭ କରିବାରେ ଅସୁବିଧା ହେବନାହିଁ। ଆତ୍ମୀୟଙ୍କ ଆରୋଗ୍ୟ ଲାଭ ପାଇଁ ଚିନ୍ତା ବଢ଼ିପାରେ। ନିଜର ଇଚ୍ଛା ବିରୋଧରେ କୌଣସି କାମକରି ଅନୁତାପ କରିବାକୁ ପଡ଼ିପାରେ।

**ବୃଷ** ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରି କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ସାମାଜିକ ଜୀବନକୁ ଋଦ୍ଧିମନ୍ତ କରିବ। ବାହାର ଲୋକଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସାଙ୍ଗସାଥୀମାନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ** ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ମୂଲ୍ୟବାନ୍ ଦ୍ରବ୍ୟ ହଜିଯିବା କିମ୍ବା ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହୋଇପାରନ୍ତି। ବିଳାସକାରକ ଶୁକ୍ର ପ୍ରଭାବରୁ ସବୁ କଥା ଓ କାମ ପଛକୁ ପକାଇ ଖୁସି ମିଜାଜରେ କାମ କରିବେ। ମନରେ ବିଭିନ୍ନ କଳ୍ପନାର ରଙ୍ଗିନ ପ୍ରତିଛବି ଉଙ୍କିମାରିପାରେ। ବ୍ୟବସାୟକୁ ନୂତନ ରୂପଦେବାକୁ ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି।

**କର୍କଟ** ଅସଜଡ଼ା କାମକୁ ସଜାଡ଼ିରେ ଦୂରଯାତ୍ରାର ପୂର୍ଣ୍ଣ ସମ୍ଭାବନା ରହିଛି। ଅଫିସ୍ କାମକୁ ନେଇ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ସାଧାରଣ କଥାକୁ ନେଇ ପରିବାରରେ କଥା କଟାକଟି ଓ ଟଣାଓଟରା ଦେଖାଦେବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, ଆଇନ ତଥା ଆନୁଷ୍ଠାନିକ କ୍ଷେତ୍ରରୁ ସଫଳତା ପାଇବେ।

**ସିଂହ** ଦୃଢ଼ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ସ୍ୱାଭିମାନୀ କାରଣରୁ କିଏ କିଛି କହିଲେ ସହଜରେ ହଜମ କରିବା କଷ୍ଟକର ହେବ। ଅଫିସ୍‌ରେ ସରକାରୀ ସ୍ତରରୁ ଆସିଥିବା କୌଣସି ଖବର ପାଇ ଖୁସି ହେବେ। ଜମିଜମା, ମାଲିମକଦ୍ଦମା, ମାଙ୍ଗଳିକ କାର୍ଯ୍ୟ ସମ୍ପର୍କୀୟ ଆଲୋଚନାରେ ଅଗ୍ରଗତି ହୋଇପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବାରୁ ସାମୟିକ ଆଶ୍ୱସ୍ତି ଲାଭକରିବେ। ଅର୍ଥହାନି, ଯାତ୍ରାରେ ସମସ୍ୟା ଓ ମତାନ୍ତରଜନିତ ମାନସିକ ସ୍ଥିତି ଭଲ ରହି ନ ପାରେ। ଲେଖାପଢ଼ା, ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆତ୍ମତୃପ୍ତି ପାଇବେ। ନିଜ ନିଜର କର୍ମଜଞ୍ଜାଳ ବୃଦ୍ଧି ସହ ସମ୍ମାନ, ପ୍ରତିଷ୍ଠା ଓ ବନ୍ଧୁଙ୍କ ସଦ୍‌ଭାବ ଉଚ୍ଚା ହେବନି।

**ତୁଳା** ଆପଣଙ୍କ ଉଚ୍ଚାଶା ସାଙ୍ଗକୁ କାର୍ଯଶୈଳୀ ପ୍ରତ୍ୟେକ କ୍ଷେତ୍ରରେ ଗ୍ରହଣୀୟ ହେବ। ପାରିବାରିକ କ୍ଷେତ୍ର, ବୈଷୟିକ ଅଭିବୃଦ୍ଧି, କ୍ରୟ ବିକ୍ରୟର ଅଭିଳାଷ ପୂରଣ ଦିଗରେ ଯତ୍ନବାନ୍ ହୋଇପାରନ୍ତି। ରବିଙ୍କ ସୁପ୍ରଭାବରୁ ଆର୍ଥିକ, ରାଜନୈତିକ, ଆନୁଷ୍ଠାନିକ କାମକୁ ତ୍ୱରାନ୍ୱିତ କରାଇବ। ପରିବାରରେ ମତପାର୍ଥକ୍ୟ ମାନସିକ ଅଶାନ୍ତି ସୃଷ୍ଟି କରିପାରେ।

**ବିଛା** ଯାହା କରିବାକୁ ମନସ୍ଥ କରିଥିବେ ତାହା ବଦଳିଯିବାର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରରେ କେତେକ କଥା ଯାହାକି ଆପଣ ପଣା ବୋଲି ଗିଳିପାରିବେ ନାହିଁ କିମ୍ବା ପାଣି ବୋଲି ପିଇ ପାରିବେ ନାହିଁ। ସ୍ୱାର୍ଥବାଦୀ ବନ୍ଧୁଙ୍କ ଦ୍ୱାରା ଅସୁବିଧାର ସମ୍ମୁଖୀନ ହେବେ। ଅବହେଳିତ କାମ ସକାଶେ କୈଫିୟତ ତଲବ ଆଶଙ୍କା ରହିଛି।

**ଧନୁ** କିଛି ଅସୁବିଧା ନ ହେଲେ ମଧ୍ୟ ଆପଣଙ୍କ ଜିଦ୍ ଓ କଡ଼ା କଥା ସମସ୍ୟା ସୃଷ୍ଟି କରିପାରେ। ଯାହା ଚିନ୍ତା କରୁଥିଲେ ଆଜି ତାହା ବାସ୍ତବତାରେ ପରିଣତ ହୋଇଯିବ। ପୂର୍ବ ସ୍ଥିରୀକୃତ ଏବଂ ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ନ ହୋଇପାରେ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର** ଆପଣଙ୍କ ସୁସଂଯତ ଉପସ୍ଥାପନା ପ୍ରଣାଳୀ ପ୍ରତ୍ୟେକ କ୍ଷେତ୍ରରେ ଅସହିଷ୍ଣୁଙ୍କ ଗାତ୍ରଦାହ କରାଇବ। ସ୍ୱାସ୍ଥ୍ୟ ମଧ୍ୟମ ପ୍ରକାର ରହିବା ସହ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବନ୍ଧୁଙ୍କ ସୂଚନା ମୁତାବକ ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ ଉତ୍‌ଫୁଲ୍ଲିତ ହେବେ। ସାମାଜିକ ସ୍ତରରେ ସୁଯୋଗ ହରାଇବାରୁ ବ୍ୟଥିତ ହୋଇପାରନ୍ତି।

**କୁମ୍ଭ** ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ଆପଣଙ୍କ ଆଶା ଓ କାମନା ପୂରଣ କରିବାରେ ସମର୍ଥ ହେବ। ସାମାଜିକ ସ୍ତରରେ ମରମ କଥାଟି କହି ପରୋକ୍ଷ ଶତ୍ରୁତାକୁ ଡାକିଆଣିପାରନ୍ତି। ବାଣିଜ୍ୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବଢ଼ିପାରେ। ସାହାଯ୍ୟ ଓ ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟିଯିବେ।

**ମୀନ** ମନ କଥାକୁ ମନ ଭିତରେ ସାଇତି ରଖି କାମ କରିବାକୁ ବାଧ ହୋଇପାରନ୍ତି। ରୋଗପୀଡ଼ାରେ ଉପଶମ ଅନୁଭବ କରିବା ସହ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇ ଖୁସିହେବେ। ବୈଷୟିକ ଅଭିବୃଦ୍ଧି ସହ ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ର ସମସ୍ୟାର ସମାଧାନ ହେବ। ବ୍ୟବସାୟ, ଜମିଜମା କ୍ରୟବିକ୍ରୟ ଆଲୋଚନା ଫଳପ୍ରଦ ହୋଇପାରେ।

ଆଜି ମେ ୬ ତାରିଖ, ବୈଶାଖ ଶୁକ୍ଳ ନବମୀଯୁକ୍ତ ଦଶମୀ ମଙ୍ଗଳବାର। ରାଶିନକ୍ଷତ୍ର-ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୩୧ ଗତେ, ଘ.୧୦।୨୬ ମଧ୍ୟେ, ଘ.୦୧।୦୦.ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୫ ଗତେ, ଘ.୦୪।୩୧ ମଧ୍ୟେ ରାହୁକାଳ।

# ଅନ୍‌ଲାଇନ୍‌ରେ ଉପଲବ୍ଧ ହେଲା ମାଟ୍ରିକ୍ ସାର୍ଟିଫିକେଟ

**କଟକ,୫।୫(କାର୍ତ୍ତିକ ସାହୁ)**

ଚଳିତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ପରୀକ୍ଷାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ଡିଜିଟାଇଜ୍‌ଡ ସାର୍ଟିଫିକେଟ ସୋମବାରଠାରୁ ଉପଲବ୍ଧ କରାଯାଇଛି। ଏଥିସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର କୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ମଧ୍ୟ ସେମାନଙ୍କ ସାର୍ଟିଫିକେଟ ଅନ୍‌ଲାଇନ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବସାଇଟ୍ www. bseodisha.ac.inରେ ପ୍ରଦତ୍ତ ଲିଙ୍କ୍‌ରୁ ସାର୍ଟିଫିକେଟ୍ ଡାଉନଲୋଡ୍ କରିବାର ବ୍ୟବସ୍ଥା ହୋଇଛି। ସେଥିରେ ପରୀକ୍ଷାର ନାମ, ବର୍ଷ, ଜନ୍ମ ତାରିଖ, ରୋଲ ନମ୍ବର ଓ ମୋବାଇଲ ନମ୍ବର ଲେଖିବା ପରେ ମୋବାଇଲକୁ ଓଟିପି ଆସିବ। ଓଟିପି ପୂରଣ କରିବା ପରେ ସାର୍ଟିଫିକେଟ ଡାଉନ୍‌ଲୋଡ୍ ହୋଇଯିବ। ଚଳିତ ମାସ ୨ ତାରିଖ ଅପରାହ୍ନରେ ପରୀକ୍ଷାଫଳ ପ୍ରକାଶ ପରେ ୭୨ ଘଣ୍ଟା ମଧ୍ୟରେ ଅନ୍‌ଲାଇନ୍‌ରେ ସାର୍ଟିଫିକେଟ ଉପଲବ୍ଧ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ ପରୀକ୍ଷାର୍ଥୀମାନେ ଫଳ ପ୍ରକାଶନର ୭ ଦିନ ମଧ୍ୟରେ ଦେୟମୁକ୍ତ ଭାବେ ଅନ୍‌ଲାଇନ୍‌ରୁ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ। ଏହି ସମୟ ପରେ ଏଥିପାଇଁ ଦେୟ ଦେବାକୁ ପଡ଼ିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# କଠୋର କାର୍ଯ୍ୟାନୁଷ୍ଠାନର ଅନ୍ତରୀଣ ରହିତାଦେଶ ବଳବତ୍ତର

**ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲା**

**କଟକ,୫।୫(କାର୍ତ୍ତିକ ସାହୁ)**

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ହାଇକୋର୍ଟ ଲଗାଇଥିବା ରୋକ୍ ବଳବତ୍ତର ରହିଛି। ସୋମବାର ମାମଲାର ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ହାଇକୋର୍ଟର ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣିକୁ ମେ ୭ ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି। ସେ ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୭ ତାରିଖକୁ ଧାର୍ଯ୍ୟ ହୋଇଛି।

# ଫୁସଫୁସ୍‌ଜନିତ ସମସ୍ୟାର ସମାଧାନ 'ପତଞ୍ଜଳି ବ୍ରୋଙ୍କୋମ୍'

**ଭୁବନେଶ୍ୱର,୫।୫ (ଅନୁରାଧା ମହାରଣା)**




ପ୍ଲାଷ୍ଟିକ୍ ବ୍ୟବହାର କାରଣରୁ ବର୍ତ୍ତମାନ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ମାଇକ୍ରୋପ୍ଲାଷ୍ଟିକର କ୍ଷୁଦ୍ର କଣିକା ଫୁସ୍‌ଫୁସ୍‌ଜନିତ ରୋଗ ସୃଷ୍ଟି କରୁଛି। ଏପରି ସମସ୍ୟାର ସମାଧାନ ପାଇଁ ପତଞ୍ଜଳିର ଆୟୁର୍ବେଦିକ ଔଷଧ 'ବ୍ରୋଙ୍କୋମ' ବେଶ୍ ସହାୟକ ହେଉଛି। ଆଚାର୍ଯ୍ୟ ବାଳକୃଷ୍ଣ ଏହି ସୂଚନା ପ୍ରଦାନ କରି କହିଛନ୍ତି, ମାନବ ଶରୀରରେ ଫୁସ୍‌ଫୁସ୍‌ରେ ପୋଡ଼ାଜଳା ଓ ଫୁଲା ସମସ୍ୟା ହେଉଥିଲେ ବ୍ରୋଙ୍କୋମ ସେବନ ଦ୍ୱାରା ଏଥିରୁ ଉପଶମ ମିଳିଥାଏ। ପତଞ୍ଜଳି ବୈଜ୍ଞାନିକମାନେ ମୂଷା ଉପରେ ଏହି ଔଷଧର ସଫଳ ପରୀକ୍ଷଣ ପରେ ଏହାକୁ ବଜାରରେ ଉପଲବ୍ଧ କରାଯାଇଛି। ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ଉପାଧ୍ୟକ୍ଷ ତଥା ବୈଜ୍ଞାନିକ ଡା. ଅନୁରାଗ ବାର୍ଷ୍ଣେୟ କହିଛନ୍ତି, ସନାତନ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ସଙ୍ଗମ ସମଗ୍ର ବିଶ୍ୱକୁ ନିରୋଗ ରଖିବାରେ ସହାୟକ ହେବ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନ ପଶିଲା, ଜର ଆଣିଲା,
ମୋ କତରା କାହିଁ ?
ଭାତ ଫୁଟିଲା, ଜର ତୁଟିଲା,
ମୋ ପଥୁରି କାହିଁ ?**

କାମ କରିବାକୁ କହିଲେ ଅନେକେ ଦେହ ଖରାପ ଥିବା ନେଇ ନାନା ବାହାନା ଦେଖାଇଥାନ୍ତି। କାମଦାମ କଲାବେଳକୁ ଜରର ଛଳନା ଓ ଭାତ ଖାଇବା ବେଳକୁ ଜର ଛାଡିଯିବା ଭଳି ତୁଚ୍ଛା ବାହାନା କରୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାଈ ଆଗରେ ପେଟ ଲୁଚାଇବା।**

ସାଧାରଣତଃ ଅଭିଜ୍ଞ ବ୍ୟକ୍ତିଙ୍କ ପାଖରେ କୌଣସି ଖବର ଗୁପ୍ତ ହୋଇ ରହିପାରେ ନାହିଁ। ଏଭଳି ବ୍ୟକ୍ତିଙ୍କ ଆଖିରେ ଧୂଳି ପକାଇବା ଅତ୍ୟନ୍ତ କାଠିକର ପାଠ ହୋଇଥିବା ବେଳେ ଏପରି କରାଯାଉଥିବା ଅପଚେଷ୍ଟା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜ୍‌ମା ପ୍ରତି ସତର୍କତା ଜରୁରୀ




ଶ୍ୱାସକ୍ରିୟା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ଏହାଦ୍ୱାରା ଆମେ ବାୟୁମଣ୍ଡଳରେ ଥିବା ବାୟୁକୁ ପ୍ରଶ୍ୱାସରେ ନେଇ ସେଥିରୁ ଅମ୍ଳଜାନ ଆହରଣକରି ଶରୀରରେ ସୃଷ୍ଟି ହେଉଥିବା ଅଦରକାରୀ ଅଙ୍ଗାରକାମ୍ଳକୁ ବାହାରକୁ ନିଃଶ୍ୱାସ ମାଧ୍ୟମରେ ଛାଡ଼ିଥାଉ। ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରଶ୍ୱାସ ବା ବାୟୁ ଆହରଣ ଏକ ବଳଯୁକ୍ତ କାର୍ଯ୍ୟ ମାତ୍ର ନିଃଶ୍ୱାସ ଯେଉଁଥିରେ ଆମେ ଲଙ୍ଗ୍‌ସ (ଫୁସ୍‌ଫୁସ୍)ରୁ ବାୟୁ ବାହାରକୁ ଛାଡ଼ିଥାଉ ତାହା ପାଇଁ ବଳ ଖର୍ଚ୍ଚ କରିବାକୁ ପଡ଼ି ନ ଥାଏ। ଶ୍ୱାସ ବା ବ୍ରୋଙ୍କିଆଲ୍ ଆଜ୍‌ମା ହେଉଛି ଏପରି ଏକ ରୋଗ ଯେଉଁଥିରେ ରୋଗୀକୁ ଶ୍ୱାସକ୍ରିୟା କରିବାରେ କଷ୍ଟ ହୋଇଥାଏ। ଏହା ଆମର ଶ୍ୱାସନଳୀର ସଙ୍କୋଚନ ଯୋଗୁ ହୋଇଥାଏ ଓ ସେଥିପାଇଁ ଶ୍ୱାସରୋଗୀ ପ୍ରଶ୍ୱାସ ନେବା ଏବଂ ନିଃଶ୍ୱାସ ଛାଡ଼ିବା ବେଳେ ବଂଶୀବାଜିବା ପରି ଶବ୍ଦ ବାହାରିଥାଏ। ଆଜ୍‌ମାର ଦୁଇଟି ମୁଖ୍ୟ କାରଣ ହେଲା-ଶ୍ୱାସନଳୀ ସଙ୍କୋଚନ ଏବଂ ଏହା ଉପରେ ସଂକ୍ରମଣ। ସାଧାରଣତଃ ପ୍ରଥମଟି ଆଲର୍ଜି ବା ହାଇପର ସେନ୍‌ସିଟିଭ ଯୋଗୁ ହୋଇଥାଏ। ଏଣୁ ଏହାର ଚିକିତ୍ସା ପାଇଁ ଆଣ୍ଟିହିଷ୍ଟାମିନ୍ ଯଥା ସେଟ୍ରିଜିନ୍, ଲିଭୋସେଟ୍ରିଜିନ୍, ମଣ୍ଟେଲୁକାଷ୍ଟ, ଫେକ୍ସୋଫେନାଡନ୍ ଇତ୍ୟାଦି ଔଷଧ ବ୍ୟବହାର କରାଯାଏ। ସାଲବ୍ୟୁଟାମଲ ଓ ଟର୍ବୋଟେଲିନ୍ ପରି ଶ୍ୱାସନଳୀ ପ୍ରସାରକ ଔଷଧ ଇନ୍‌ହେଲର, ତରଳ ଅଥବା ଟାବ୍‌ଲେଟ ଆକାରରେ ବ୍ୟବହାର କରାଯାଏ। ଏହି ରୋଗ ଅତ୍ୟଧିକ ହେଲେ ଇନ୍‌ହେଲର ଷ୍ଟିରଏଡ୍ ଇଞ୍ଜେକସନ୍ ଆକାରରେ ମଧ୍ୟ ଦିଆଯାଏ। ଅତି ଗୁରୁତର ହେଲେ ହସ୍ପିଟାଲରେ ରହି ଆଇସିୟୁରେ ଚିକିତ୍ସା ହେବାକୁ ପଡ଼ିଥାଏ। ଅକ୍ସିଜେନ୍ ଓ ଭେଣ୍ଟିଲେଟରର ଆବଶ୍ୟକତା ପଡ଼େ। ଶ୍ୱାସରୋଗ ପାଇଁ ସତର୍କ ରହିବା ବିଧେୟ। ଏହି ରୋଗୀମାନେ ଜାଣିବା ଉଚିତ ଯେ ତାଙ୍କର କ'ଣ ଆଲର୍ଜି ରହିଛି। ଫୁଲରେଣୁ, ଗୁଣ୍ଡ, ଧୂଳିଧୂଆଁ, ଚିଙ୍ଗୁଡ଼ି, ଅଣ୍ଡା, କେତେକ ରଙ୍ଗ, ଅବିର ଏବଂ ଆହୁରି ଅନେକ ଜିନିଷ ଆଲର୍ଜି କରିଥାଏ। ଦରଜ ହ୍ରାସକାରୀ ଔଷଧ ଏବଂ ଆସ୍ପିରିନ୍‌ରୁ ମଧ୍ୟ ଆଲର୍ଜି ହେବାର ଆଶଙ୍କା ରହିଛି। ତେଣୁ ଏଭଳି ଆଲର୍ଜିଠାରୁ ଦୂରେଇରହିବା ଭଲ। ତା'ସହ ଆଇସ୍‌କ୍ରିମ, ଥଣ୍ଡା ପାନୀୟ, ଥଣ୍ଡା ପାଣି ଇତ୍ୟାଦି ନ ଖାଇବା ଭଲ। ଏଥିରୁ ଉପଶମ ପାଇବା ଲାଗି ଶ୍ୱାସପ୍ରଶ୍ୱାସର ପ୍ରାଣାୟାମ ଏବଂ ସକାଳେ ଏବଂ ସନ୍ଧ୍ୟାରେ ଶଙ୍ଖ ଫୁଙ୍କିବା ମଧ୍ୟ ଏକ ଉତ୍ତମ ବ୍ୟାୟାମ। ଉଷୁମ ଖାଦ୍ୟ ଖାଇବା ସହ ଚା' ଏବଂ କଫି ପିଇପାରନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପ୍ରକାର ଷ୍ଟିରଏଡ୍ ବ୍ୟବହାର କରିବା ଉଚିତ ନୁହେଁ।

**- ଡା. ରାମଚନ୍ଦ୍ର ରାଉତ,**
ବରିଷ୍ଠ ଚିକିତ୍ସକ

### ଏ ବର୍ଷର ବାର୍ତ୍ତା

ମେ' ୬ ତାରିଖରେ ପାଳିତ ହେଉଛି 'ବିଶ୍ୱ ଆଜ୍‌ମା ଦିବସ'। ଆଜ୍‌ମା ଏଭଳି ଏକ ସମସ୍ୟା ଯେଉଁଥିଲାଗି ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି-'ସମସ୍ତଙ୍କ ପାଇଁ ଇନ୍‌ହେଲଡ୍ ଚିକିତ୍ସା ଉପଲବ୍ଧ କରିବା।' ଚଳିତ ବର୍ଷ




ଉକ୍ତ ଦିବସ ପାଳନ ଅବସରରେ ଏହା ଉପରେ ଅଧିକ ଗୁରୁତ୍ୱ ଦେବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ପକ୍ଷରୁ ସୂଚନା ଦିଆଯାଇଛି। ଏହି ରୋଗର କାରଣ ବିଷୟରେ ଅବଗତ ହେବା ମାତ୍ରେ ତାହାର ଉପଯୁକ୍ତ ଚିକିତ୍ସା କରାଇନେବା ଦରକାର।




ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ସ୍ମୃତିରଞ୍ଜନ ଲେଙ୍କା ତାଙ୍କ ରଚିତ ପୁସ୍ତକ 'ଅନ୍ୱେଷଣ- ସତ୍ୟର ସନ୍ଧାନ'କୁ ସୋମବାର ଧରିତ୍ରୀ କାର୍ଯ୍ୟାଳୟ ପରିସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ପ୍ରଦାନ କରୁଛନ୍ତି।

# ଧାମ, ମହୋଦଧି ଶବ୍ଦ ହଟାଅ

## ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖାଯିବ: ଆଇନ ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)

ଦୀଘା ସ୍ଥିତ ଜଗନ୍ନାଥ ମନ୍ଦିରକୁ ନେଇ ଚାଲିଥିବା ବିବାଦରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଭୀର ଚିନ୍ତା ପ୍ରକଟ କରିବା ସହିତ ଏହି ଘଟଣାରେ ଏକ ଅନ୍ତରୀଣ ରିପୋର୍ଟ ପ୍ରସ୍ତୁତ କରି ଦେବା ଲାଗି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ରିପୋର୍ଟ ପ୍ରସ୍ତୁତ କରିବା ପରେ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ସୋମବାର ମନ୍ତ୍ରୀ ହରିଚନ୍ଦନଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ ଦୀଘାଠାରେ ଜଗନ୍ନାଥଙ୍କ ମନ୍ଦିର ହେବା, ମନ୍ଦିର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେବା, ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ବାବଦରେ ଅନ୍ତରୀଣ କମିଟି ରିପୋର୍ଟ ପ୍ରସ୍ତୁତ କରିଛି। ଉକ୍ତ ରିପୋର୍ଟ ଗ୍ରହଣ କରିବା ପରେ ଆଇନ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ରିପୋର୍ଟ ହସ୍ତଗତ ହୋଇଛି। ମହାରଣା ସେବକ, ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ନିଯୋଗ, ଦଇତାପତି ନିଯୋଗ ଏବଂ ଯେଉଁମାନେ ଦୀଘା ମନ୍ଦିର ଯାଇଥିଲେ ସେମାନଙ୍କୁ ନେଇ ୩ ଦିନ ଧରି ଶ୍ରୀମନ୍ଦିର ପ୍ରଶାସନ ବୈଠକ କରିଛି। ଏହି ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା ସହିତ ସମ୍ପୂର୍ଣ୍ଣ ଅନୁଧ୍ୟାନ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ଓ ପଦକ୍ଷେପ ଗ୍ରହଣ କରାଯିବ।

ସେ ଆହୁରି କହିଛନ୍ତି, ଯେକୌଣସି ସ୍ଥାନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାର ସୁବିଧା ନାହିଁ। ଅନେକ ସ୍ଥାନରେ ନୀତିକାନ୍ତି ନେଇ ତାଳମେଳ ରହୁନାହିଁ। ତେଣୁ ମହାପ୍ରଭୁଙ୍କ ଦୈନନ୍ଦିନ କାର୍ଯ୍ୟ କ'ଣ ରହିବ ଏନେଇ ଶ୍ରୀମନ୍ଦିର ପକ୍ଷରୁ ସବୁ ଜଗନ୍ନାଥ ମନ୍ଦିରକୁ ମାର୍ଗଦର୍ଶିକା ଜାରି ହେବ। ଦେଶରେ କେବଳ ୪ଟି ଧାମ ରହିଛି। ତେଣୁ କେବଳ ପୁରୀ ବ୍ୟତୀତ ଅନ୍ୟ କେଉଁଠି ଧାମ ଶବ୍ଦ ଲେଖାଯାଇପାରିବ ନାହିଁ। ଖୁବ୍‌ଶୀଘ୍ର ପଶ୍ଚିମବଙ୍ଗ ସରକାରଙ୍କୁ ଏନେଇ ପତ୍ର ଲେଖାଯିବ। ଦୀଘା ଠାରେ ମହୋଦଧି ନାଁ ଲାଗିବାକୁ ମଧ୍ୟ ଲୁହାଯିବ। ଅନ୍ୟପଟେ ସେବାୟତମାନେ କୌଣସି ସ୍ଥାନକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିବାର ବିଧି ନାହିଁ। ରିପୋର୍ଟରୁ ଜଣାପଡ଼ିଛି, ବଳକା ଦାରୁ ବାହାରକୁ ଯାଇ ସେଥିରେ ବିଗ୍ରହ ନିର୍ମାଣ ହେବା ସମ୍ଭବ ନୁହେଁ। ଏହା ସମ୍ପୂର୍ଣ୍ଣ ମିଛ। ଦାରୁ ଘର ଭିତରେ କାଠ ସୁରକ୍ଷିତ ଅଛି। ସେ ସମସ୍ତ କାଠ ଦାରୁ ଘରକୁ ଆଣିକି ତା'ର ଗଣତି କରିବା ଲାଗି ୫ ଜଣିଆ କମିଟି ଗଠିତ ହୋଇଛି। ଦଇତାପତି ନିଯୋଗର ସମ୍ପାଦକଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଥିଲା ସେଥିନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ନୋଟିସ୍ ଦିଆଯାଇଥିଲା। କାହିଁକି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ହେବ ସେନେଇ ୭ ଦିନରେ ରିପୋର୍ଟ ଦେବାକୁ କୁହାଯାଇଛି ବୋଲି ସେ କହିଛନ୍ତି।



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ତଦନ୍ତ ରିପୋର୍ଟ ପ୍ରଦାନ କରୁଛନ୍ତି।

# 'ଦୀଘା' ଜଗନ୍ନାଥ ଧାମ ନୁହେଁ: ଗଜପତି

ଭୁବନେଶ୍ୱର,୫।୫
(ରବିନାରାୟଣ ଜେନା)

ପଶ୍ଚିମବଙ୍ଗର 'ଦୀଘା'ରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ ନେଇ ଉପୁଜିଥିବା ବିବାଦରେ ପୁରୀ ଗଜପତି ରାଜା ଦିବ୍ୟସିଂହ ଦେବ ପ୍ରତିକ୍ରିୟା ରଖିଛନ୍ତି। ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗଜପତି ମହାରାଜା କହିଛନ୍ତି, 'ଦୀଘା'ଜଗନ୍ନାଥ ମନ୍ଦିର 'ଜଗନ୍ନାଥ ଧାମ' ନୁହେଁ।ସେ କହିଛନ୍ତି, ବିଭିନ୍ନ ଗଣମାଧ୍ୟମର ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁରର ଦୀଘାଠାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ତଥା ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର ନାମରେ ନାମିତ କରାଯାଇଛି। ଏହି ପରିପ୍ରେକ୍ଷୀରେ, ଚଳିତମାସ ୩ରେ ଏକ ଚିଠି ମାଧ୍ୟମରେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ମତାମତ ମାଗିଥିଲୁ, ଯାହାର ଉତ୍ତର ରବିବାର ମିଳିଛି। ଗଜପତି ମହାରାଜା କହିଛନ୍ତି,କେବଳ ସ୍କନ୍ଦ ପୁରାଣ ନୁହେଁ ବରଂ ବ୍ରହ୍ମ-ପୁରାଣ, ନୀଳାଦ୍ରି ମହୋଦୟ ଏବଂ ଅନ୍ୟାନ୍ୟ ପବିତ୍ର ଓ ପ୍ରାଚୀନ ଶାସ୍ତ୍ରରେ ଶ୍ରୀପୁରୁଷୋତ୍ତମକ୍ଷେତ୍ର ପୁରୀ ହିଁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ପରମ ପବିତ୍ର ଆବିର୍ଭାବ ଓ ଉପାସନା ପୀଠ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ସେହିପରି ପ୍ରଭୁପାରର ଷଷ୍ଠ ଅଧ୍ୟାୟରେ ଉଲ୍ଲେଖ ଅଛି, କେବଳ ଭଗବାନଙ୍କ ପବିତ୍ର ନିତ୍ୟ ନୀଳୟକୁ ହିଁ 'ଧାମ' ବୋଲି କୁହାଯାଇପାରିବ, ଅନ୍ୟ କୌଣସି ସ୍ଥାନ ନୁହେଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରଗୁଡ଼ିକ ଶ୍ରୀଜଗନ୍ନାଥ ଧାମ(ପୁରୀ) ମୁଳଯାଠର ମହାନ୍ ପ୍ରାଚୀନ ପରମ୍ପରା,ରୀତିନୀତି ଏବଂ ଶାସ୍ତ୍ରୀୟ ବିଧାନକୁ ସମ୍ମାନ ଦେବା ସହିତ ଶ୍ରୀମନ୍ଦିର ଗୌରବକୁ ଅକ୍ଷୁଣ୍ଣ ରଖିବା ନିହାତି ଆବଶ୍ୟକ ବୋଲି ଗଜପତି ଦର୍ଶାଇଛନ୍ତି।

# ଅଙ୍ଗନୱାଡ଼ିରେ ଖାଦ୍ୟ ଖାଇବା ପରେ ଶିଶୁର ମୃତ୍ୟୁ

ଛେଣ୍ଡିପଦା,୫।୫(ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା କତଡ଼ା ପଞ୍ଚାୟତ ବଡ଼ମୁଳ ଅଙ୍ଗନୱାଡ଼ି କେନ୍ଦ୍ରରେ ସୋମବାର ଖାଦ୍ୟ ଖାଇବା ପରେ ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ଶିଶୁ ଜଣଙ୍କ ହେଲେ ପିତାଚରୀ ଗ୍ରାମର ଚିଙ୍କନ ଗଡ଼ନାୟକଙ୍କ ପୁଅ ଶିବା ଗଡ଼ନାୟକ।

# ୮ ମାସର ଶିଶୁ ପେଟରୁ ବାହାରିଲା ୯୫୦ ଗ୍ରାମର ମାଂସ ପିଣ୍ଡୁଳା

ବ୍ରହ୍ମପୁର,୫।୫(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ ଶିଶୁ ସର୍ଜରୀ ବିଭାଗରେ ଜଣେ ୮ମାସ ଶିଶୁର ପେଟରେ ବିରଳ ଅସ୍ତ୍ରୋପଚାର କରାଯାଇଛି। ଶିଶୁର ପେଟରୁ ୧୨ ସେମି ଲମ୍ବ ଓ ୯୫୦ ଗ୍ରାମ ଓଜନର ମାଂସ ପିଣ୍ଡୁଳାକୁ ବାହାର କରିବାରେ ଡାକ୍ତରମାନେ ସଫଳ ହୋଇଛନ୍ତି। ଶିଶୁ ସର୍ଜରୀ ବିଭାଗ ଓ ନିଶ୍ଚେତକ ବିଭାଗ ଡାକ୍ତରଙ୍କ ମିଳିତ ଟିମ୍ ସୋମବାର ଏହି ଅସ୍ତ୍ରୋପଚାର କରିଛନ୍ତି। ୮ ମାସ ବୟସ ବାଳୁଗାଁ ନିକଟ ନଉରିଗାଁର କାହ୍ନୁଚରଣ ବେହେରାଙ୍କ ଶିଶୁପୁତ୍ର ଜନ୍ମ ହୋଇଥିଲା। କିଛିଦିନ ପରେ ଶିଶୁର ପେଟ ବାମ ପାର୍ଶ୍ୱରେ ମାଂସ ବଢ଼ିବାକୁ ଲାଗିଥିଲା। ଏଥିଯୋଗୁ ଶିଶୁଟିର ବିଭିନ୍ନ ସମସ୍ୟା ଦେଖାଦେଉଥିଲା।

# ପାଣି ଡବାରେ ପଡ଼ି ୨ ବର୍ଷ ଶିଶୁପୁତ୍ରର ମୃତ୍ୟୁ

ପଡ଼ିଆ,୫।୫(ଭାସ୍କର ରାଓ)

ପାଣି ଡ୍ରବାରେ ପଡ଼ି ଜଣେ ୨ ବର୍ଷ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ମୃତକ ହେଲେ ମହେଶ ମାଡ଼ି। ଏ ଘଟଣା କାଳିମେଲା ଥାନା ଉଣ୍ଡୁରୁକୋଣ୍ଡା ପଞ୍ଚାୟତ କେଚିଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଘଟଣାରୁ ଜଣାଯାଇଛି, ଗ୍ରାମର ରଙ୍ଗା ମାଡ଼ି ସୋମବାର ସକାଳେ କାଠ ଆଣିବା ପାଇଁ ଜଙ୍ଗଲକୁ ଯାଇଥିଲା ବେଳେ ତାଙ୍କ ସ୍ତ୍ରୀ ଚୁଲେ ଶୌଚ କରିବା ପାଇଁ ବାହାରକୁ ଯାଇଥିଲେ। ସେହି ସମୟରେ ଶିଶୁପୁତ୍ର ଘର ନିକଟରେ ଖେଳୁଥିଲା ବେଳେ ପାଖରେ ବାସନ ମାଜିବା ପାଇଁ ରଖାଯାଇଥିବା ଏକ ପ୍ଲାଷ୍ଟିକ ଡବାରେ ପଡି ଯାଇଥିଲା।

# ଏସ୍‌ଏଏସ୍‌ସିଆଇ ପାଣ୍ଠିରେ ନିର୍ମାଣ ହେବ ୧୦୦୦ କୋଟିର ରାସ୍ତା

ଭୁବନେଶ୍ୱର,୫।୫(ରବିନାରାୟଣ ଜେନା)

ଚଳିତ ଆର୍ଥିକବର୍ଷ ସ୍ପେଶାଲ ଆସିଷ୍ଟାଣ୍ଟ ଟୁ ଷ୍ଟେଟ୍‌ସ ଫର୍ କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ୍ (ଏସ୍‌ଏଏସ୍‌ସିଆଇ) ପାଣ୍ଠିରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧ହଜାର କୋଟି ଟଙ୍କାର ରାସ୍ତା ନିର୍ମାଣ କରାଯିବାକୁ ଲକ୍ଷ୍ୟ ରହିଛି। ଏସ୍‌ନ୍ଦ୍ରାନ୍ତରେ ଗତ ୩ ତାରିଖରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ(ରାସ୍ତା) ସରକାରଙ୍କୁ ଏକ ପ୍ରସ୍ତାବ ଦେଇଛନ୍ତି। ସେଥିରେ ବିଭିନ୍ନ ଜିଲାରେ ୮୪୦ଟି ରାସ୍ତା ନିର୍ମାଣ କରାଯିବାକୁ ଲକ୍ଷ୍ୟ ରହିଛି, ଯଦ୍ୱାରା ରାଜ୍ୟରେ ଗମନାଗମନରେ ବ୍ୟାପକ ଉନ୍ନତି ଆସିପାରିବ। ଏ ସଂକ୍ରାନ୍ତରେ ମୁଖ୍ୟଯନ୍ତ୍ରୀ(ରାସ୍ତା) ଗ୍ରାମ୍ୟ ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଓ ଅର୍ଥ ପରାମର୍ଶଦାତାଙ୍କୁ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପ୍ରଦାନ କରିଛନ୍ତି। ସେଥିରେ ଗଞ୍ଜାମରେ ସର୍ବାଧିକ ୩୪୫ଟି ରାସ୍ତା କାମ ପାଇଁ ୯୪.୪୩କୋଟି ଟଙ୍କା ଖର୍ଚ୍ଚ କରିବାକୁ ରହିଥିବାବେଳେ ଅନୁଗୋଳ ଜିଲା ପାଇଁ ୮୯ଟି ରାସ୍ତାର ଉନ୍ନତୀକରଣ ବାବଦକୁ ୪୪.୧୮କୋଟି ଟଙ୍କା ଖର୍ଚ୍ଚ ହେବାକୁ ରହିଛି। ସେହିପରି ବାଲେଶ୍ୱରରେ ୯୬ଟି ରାସ୍ତା କାମ ପାଇଁ ୫୭.୭୮କୋଟି ଟଙ୍କା ଖର୍ଚ୍ଚ ହେବାକୁ ପ୍ରସ୍ତାବରେ ରହିଥିବାବେଳେ ବରଗଡ଼ର ୧୧୭ଟି ରାସ୍ତା କାମ ପାଇଁ ୩୨.୩୭କୋଟି ଟଙ୍କା ରହିଛି। ଏହାବାଦ୍ ଅନ୍ୟାନ୍ୟ ଜିଲାରେ ଶତାଧିକ ରାସ୍ତା ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ 'ଏସ୍‌ଏଏସ୍‌ସିଆଇ' ଯୋଜନାରେ ରାଜ୍ୟଗୁଡ଼ିକୁ ଦୀର୍ଘମିଆଦୀ ସୁଧମୁକ୍ତ ଋଣ ପ୍ରଦାନ କରାଯାଇଥାଏ। ଏହି ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଚଳିତବର୍ଷ ହଜାରେ କୋଟି ଟଙ୍କାର ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଥିବା ଜଣାଯାଇଛି।

# ରାୟଗଡ଼ା ଜିଲାରେ ପୁଣି ମାଓବାଦୀ ସକ୍ରିୟ

ରାୟଗଡ଼ା,୫।୫ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ପୁଣି ମାଓବାଦୀ ସକ୍ରିୟ ହୋଇଉଠିଛନ୍ତି। ମୁନିଗୁଡ଼ା ବ୍ଲକ୍ ଅମ୍ବାଡ଼ଳା ଥାନା ଅନ୍ତର୍ଗତ ଜଗଦଲପୁର ଅଞ୍ଚଳରେ ମାଓବାଦୀମାନେ ଖଞ୍ଜିଥିବା ୩ ପିଟ୍ ବୋମା ଓ ଏକ ପ୍ରେସର ବୋମାକୁ ସୋମବାର ଜିଲା ପୋଲିସ ନିଷ୍କ୍ରିୟ କରିଛି। ରାୟଗଡ଼ା ଏସ୍‌ପି ସ୍ୱାଥି ଏସ୍. କୁମାର ଏ ନେଇ ଭିଡ଼ିଓ ବାର୍ତ୍ତା ଜାରି କରି ସୂଚନା ଦେଇଛନ୍ତି। ଏହି ଘଟଣା ବର୍ତ୍ତମାନ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲା ପୋଲିସ ମୁଖ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଜିଲା ଗୁଇନ୍ଦା ଅପରେସନ ସେଲର ସୂଚନା ଆଧାରରେ ଏସ୍‌ପି ସ୍ୱାଥିଙ୍କ ନେତୃତ୍ୱରେ ସୋମବାର ସକାଳୁ ଜିଲା ଡିଭିଏଫ୍ ଫୋର୍ସ, ପୋଲିସ ବମ୍ ସ୍କ୍ୱାଡ୍ ଏବଂ ଆଇଆରଏସ୍ ବମ୍ ସ୍କ୍ୱାଡ୍ ମିଳିତ ଭାବେ କୋମ୍ବିଂ ଅପରେସନ କରିଥିଲେ। ଏହି ସମୟରେ ଜଗଦଲପୁର ନିକଟସ୍ଥ ଅଞ୍ଚଳର ଦୁଇଟି ସ୍ଥାନରେ ଗୋଟିଏ ପ୍ରେସର ବୋମା ଓ ୩ଟି ପିଟ୍ ବୋମା ଖଞ୍ଜାଯାଇଥିବା ଜଣାପଡ଼ିଥିଲା। ପୋଲିସ ଓ ଆଇଆରଏସ୍‌ର ବମ୍ ସ୍କ୍ୱାଡ୍ ଟିମ୍ ମିଳିତ ଭାବେ ଉକ୍ତ ୪ ବୋମାକୁ ନିଷ୍କ୍ରିୟ କରିଥିଲେ।

ସୂଚନାଯୋଗ୍ୟ, ଜିଲାରେ ମାଓବାଦୀ କାର୍ଯ୍ୟକଳାପ ନିଷ୍କ୍ରିୟ ରହିଥିଲେ ମଧ୍ୟ ଜିଲାର ବିଭିନ୍ନ ସ୍ଥାନରେ ବ୍ୟାନର ଓ ପୋଷ୍ଟର ଦେଖିବାକୁ ମିଳିଲା। ହେଲେ ଏବେ ୪ଟି ବୋମା ଜବତ ଘଟଣାରୁ ଜିଲାରେ ମାଓବାଦୀ କାର୍ଯ୍ୟକଳାପ ଏକ ପ୍ରକାର ସକ୍ରିୟ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏ ନେଇ ଏସ୍‌ପି ସ୍ୱାଥି ଏସ୍.କୁମାରଙ୍କୁ ପଚାରିବାରୁ ଗୁଇନ୍ଦା ବିଭାଗ ସୂଚନା ଅନୁସାରେ ମାଓବାଦୀଙ୍କ ପକ୍ଷରୁ ଏହି ବୋମା ଖଞ୍ଜାଯାଇଥିଲା ବୋଲି କହିଛନ୍ତି। ବର୍ତ୍ତମାନ ଜିଲାରେ କୋମ୍ବିଂ ଅପରେସନକୁ ଜୋରଦାର କରାଯାଇଛି ବୋଲି ସେ କହିଛନ୍ତି।



ଜବତ ବୋମା।

# ବସ୍‌କୁ ଧକ୍କାଦେଲା ଟ୍ରକ୍: ୨୧ ଆହତ

ଦେବଗଡ଼,୫।୫(ଶଶାଙ୍କ ଶେଖର ଖଟୁଆ)

ଦେବଗଡ଼ ଥାନା ଅନ୍ତର୍ଗତ ମୁଣ୍ଡୁଭଙ୍ଗା ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ ଯାତ୍ରୀବାହୀ ବସ୍‌କୁ ପଛରୁ ଟ୍ରକ୍ ଧକ୍କା ଦେଇଛି। ଫଳରେ ବସ୍‌ରେ ଥିବା ୨୧ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଦେଓଗାଁଖୋଲରୁ ଦେବଗଡ଼ ଦେଇ ରାଉରକେଲା ଅଭିମୁଖେ ହୋତା ନାମକ ଯାତ୍ରୀବାହୀ ବସ୍ ଯାଉଥିଲା। ମୁଣ୍ଡୁଭଙ୍ଗା ଗ୍ରାମ ନିକଟ ରାସ୍ତାରେ ଯାତ୍ରୀମାନଙ୍କୁ ଓହ୍ଲାଉଥିବାବେଳେ ପଛରୁ ଏକ ମାଲ୍‌ବୋଝେଇ ଟ୍ରକ୍ ଉକ୍ତ ବସ୍‌କୁ ଧକ୍କା ଦେଇଛି। ଦୁର୍ଘଟଣାରେ ବସ୍‌ର ପଛଅଂଶ କ୍ଷତିଗ୍ରସ୍ତ ହୋଇଥିବାବେଳେ ଚାଳକ ଓ ହେଲ୍‌ପରଙ୍କ ସମେତ ୨୧ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ିଯୋଗେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦେବଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବସ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଉଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଦେବଗଡ଼ ସଦରରେ ଆସିଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ପୂର୍ବତନ ଏମ୍‌ପି ନଗେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## ଆହତଙ୍କୁ ଭେଟିଲେ ବିଧାୟକ, ପିସିସି ସଭାପତି



ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍।

# ବର୍ଷ ପୂର୍ତ୍ତି ପୂର୍ବରୁ ଭାଜପା ରାଜ୍ୟ ସଭାପତି ନାମ ଘୋଷଣା: ସରୋଜ ପ୍ରଧାନ

ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)

ସରକାର ଗଠନର ବର୍ଷପୂର୍ତ୍ତି ପୂର୍ବରୁ ଭାଜପାର ରାଜ୍ୟ ସଭାପତିଙ୍କ ନାଁ ଘୋଷଣା ହୋଇଯିବ। ଏହାସହ ସମସ୍ତ ନିଗମ ଓ ବୋର୍ଡ଼ ମଧ୍ୟ ଗଠନ ହେବ। ଠିକ୍ ଏବଂ ଯୋଗ୍ୟ ଲୋକଙ୍କୁ ଦାୟିତ୍ୱ ଦିଆଯିବ। ଦଳର ସଂସଦୀୟ ବୋର୍ଡରେ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ଭାଜପା ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାରକୁ ଆସିବାର ବର୍ଷେ ପୂର୍ତ୍ତି ପାଳନ ହେବାକୁ ଯାଉଛି। ଅର୍ଥାତ୍ ଓଡ଼ିଶାରେ ଭାଜପା ସରକାରକୁ ଆସୀନ ହେବାର ପରେ ଗୋଟିଏ ବର୍ଷ ପୂରଣ ହେବ। ହେଲେ ଦଳର ରାଜ୍ୟ ସଭାପତି ଚୟନରେ ବିଳମ୍ବ ହେବା ଘଟଣାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର୍ ଧରିଛି। କିଛିଦିନ ଭିତରେ ଦଳର ସଭାପତି ଚୟନ ହେଉଥିବ ବୋଲି ଭାଜପା ନେତାମାନେ କହିଆସୁଥିବା ବେଳେ ଏଯାଏଁ ତାହା ନ ହେବାରୁ ବିରୋଧୀ ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଉଛି। ଅନ୍ୟପଟେ ବିଜେଡି ତା'ର ରାଜ୍ୟ ସଭାପତି ପଦବୀକୁ ଆଉଥରେ କରି ଅନ୍ୟ ସାଙ୍ଗଠନିକ ପଦପଦବୀର ଘୋଷଣା କରିସାରିଛି। ଏହା ସଙ୍ଗରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ କହିଛନ୍ତି, ଏହା ସମ୍ପୂର୍ଣ୍ଣ ସଙ୍ଗଠନର ଦାୟିତ୍ୱ। ଭାଜପା କେବେ ହେଲେ କୌଣସି ବ୍ୟକ୍ତିକେନ୍ଦ୍ରିକ ରାଜନୀତି କରେ ନାହିଁ। ତେଣୁ ଦଳରେ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ।

# କୃଷି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହେବ: ଭାଜପା

ଭୁବନେଶ୍ୱର,୫।୫(ସୁନିତ୍ ମିଶ୍ର)

## କୃଷକ କଲ୍ୟାଣକାରୀ ଯୋଜନା ଏକ ଐତିହାସିକ ପଦକ୍ଷେପ

ରାଜ୍ୟରେ ଭାଜପା ସରକାର ଗଠନ ପରେ ଚାଷୀଙ୍କୁ ସମୃଦ୍ଧ କରିବା ପାଇଁ ସ୍ୱଳ୍ପ ସମୟ ଭିତରେ କରିଥିବା କୃଷକ କଲ୍ୟାଣକାରୀ ଯୋଜନା ଏକ ଐତିହାସିକ ପଦକ୍ଷେପ। ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା, ୫୮ ସବ୍‌ଡିଭିଜନରେ ଶୀତଳଭଣ୍ଡାର, ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିବା, ସିଏମ୍ କିଷାନ ଯୋଜନା ଇତ୍ୟାଦି କୃଷକ କଲ୍ୟାଣକାରୀ ଯୋଜନା ଓ ଚାଷୀମାନଙ୍କ ଆୟକୁ ବୃଦ୍ଧି କରିବା ସହ ରାଜ୍ୟକୁ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ କରିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନରେ କୃଷକ ମୋର୍ଚ୍ଚା ପକ୍ଷରୁ ଏହାର ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମନମୋହନ କହିଛନ୍ତି, ଭାଜପା ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବା ସହ କୃଷିଭିତ୍ତିକ ଶିଳ୍ପର ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରକାରଙ୍କ ଏସବୁ କୃଷି କଲ୍ୟାଣକାରୀ ଯୋଜନାକୁ ରାଜ୍ୟର ସବୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ କହିଥିଲେ, କୃଷକଙ୍କୁ ନୂଆ ବୈଷୟିକ ଜ୍ଞାନ ଓ କୌଶଳ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। କେବଳ ଧାନ ନୁହେଁ, ଅନ୍ୟାନ୍ୟ ଚାଷକ୍ଷେତ୍ରରେ ରାଜ୍ୟ ଏବେ ରପ୍ତାନି ରାଜ୍ୟ ଭାବେ ପରିଣତ ହୋଇଛି। ଜେଜିଆମାନଙ୍କର ଆମ୍ବ, ବାଲିଗୁଡ଼ାର ଷ୍ଟ୍ରବେରି ଏବଂ ଜୈବିକ ଫଳ ରପ୍ତାନି କରାଯାଉଛି। ମନ୍ତ୍ରୀ ସୁରେଶ ପୂଜାରୀ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର କହିଥିଲେ, ରାଜ୍ୟର ୨୦ଟି ଜିଲାରେ ୧୭ ଲକ୍ଷ ମେଟ୍ରିକ ଟନ୍ ରବି ଧାନ କିଣାଯିବ। ଏହି ଧାନ କିଣା କାରବାର ବେଳେ ସମସ୍ତ ଧାନମଣ୍ଡିରେ ଭାଜପା କୃଷକମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଜାଗ୍ରତ ପ୍ରହରୀ ଭଳି କାମ କରିବେ।

# ଆମ୍ବୁଲାନ୍ସକୁ ଧକ୍କାଦେଲା ବୋଲେରୋ, ପ୍ରସୂତି ଗୁରୁତର

ରାୟଗଡ଼ା,୫।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅଞ୍ଚଳର ଗୁରୁତର ଥିବା ଜଣେ ପ୍ରସୂତିଙ୍କୁ ଆମ୍ବୁଲାନ୍ସ ସୋମବାର ବିଳମ୍ବିତ ରାତିରେ ମେଡିକାଲ ଆଣିବା ସମୟରେ ଏକ ବୋଲେରୋ ସହ ଧକ୍କା ହୋଇଥିଲା। ଫଳରେ ସେଥିରେ ଥିବା ପ୍ରସୂତି ଜଣକ ଗୁରୁତର ହୋଇଛନ୍ତି। ସେ ହେଲେ ନାରାୟଣପୁର ପଞ୍ଚାୟତ ଖଟଗାଲ ଗାଁର ଦୟାଳ ପିଡ଼ିକାଙ୍କ ସ୍ତ୍ରୀ କୁନି ଜାନି। ପ୍ରକାଶ ଯେ, କୁନିଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ଦାସୀ ଆମ୍ବୁଲାନ୍ସ ଡାକିଥିଲେ। ଆମ୍ବୁଲାନ୍ସ ପହଞ୍ଚିବା ପରେ କୁନି ଏକ ମୃତ ଶିଶୁ ଜନ୍ମ ଦେଇଥିଲେ। ତେବେ କୁନିଙ୍କ ଅବସ୍ଥା ଭଲ ନ ଥିବାରୁ ଦାସୀ ତାଙ୍କୁ ଆମ୍ବୁଲାନ୍ସରେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ରାସ୍ତାରେ କଲ୍ୟାଣସିଂହପୁର ନିକଟରେ ଆମ୍ବୁଲାନ୍ସ ସହ ବୋଲେରୋର ଧକ୍କା ହୋଇଥିଲା। ଏଥିରେ ପ୍ରସୂତି କୁନି ଗୁରୁତର ଆହତ ହୋଇଥିଲେ। କୁନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

# ମହୁମାଛି ଆକ୍ରମଣରେ ଅବସରପ୍ରାପ୍ତ ପ୍ରାଣୀଧନ ଚିକିତ୍ସକ ମୃତ

ଛେଣ୍ଡିପଦା,୫।୫ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କମ୍ପସାଲ ପଞ୍ଚାୟତ ହରିହରପୁର ଗାଁରେ ମହୁମାଛି ଆକ୍ରମଣରେ ଅବସରପ୍ରାପ୍ତ ପ୍ରାଣୀଧନ ଚିକିତ୍ସକ ବିପିନ ପ୍ରଧାନଙ୍କ ରବିବାର ରାତିରେ ମୃତ୍ୟୁ ହୋଇଛି। ଅନ୍ୟ ୧୫ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବିପିନ ଦୀର୍ଘଦିନ ହେବ କୋଶଳା ଗ୍ରାମରେ ରହୁଥିଲେ। ନିଜ ଗ୍ରାମ ହରିହରପୁରରେ ଏକ ବୈଠକରେ ଯୋଗଦେବା ପାଇଁ ଯାଇଥିଲେ।

# ୬ ଜିଲା ସଭାପତି ନାଁ ଘୋଷଣା କଲା ବିଜେଡି

ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)

## ବିଜେଡି ରାଜନୈତିକ ବ୍ୟାପାର କମିଟି ଅଧ୍ୟକ୍ଷ ନବୀନ

ବିଜେଡି ପକ୍ଷରୁ ଆଉ ୬ ସାଙ୍ଗଠନିକ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ପୂର୍ବରୁ ୧୮ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇଥିଲା। ଏବେ ମୋଟ ୨୪ ଜିଲାର ସଭାପତିଙ୍କ ନାଁ ଘୋଷଣା ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲା କେନ୍ଦୁଝରରେ ଆଶିଷ ଚକ୍ରବର୍ତ୍ତୀଙ୍କୁ ବିଜେଡି ସଭାପତି କରିଛି। ସେହିପରି ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ଭାବେ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ତାଙ୍କୁ ବଦଳାଯାଇଛି। ରାଉରକେଲାରେ ପ୍ରଦ୍ୟୁମ୍ନ ତ୍ରିପାଠୀ, ମୟୂରଭଞ୍ଜ-୨ରେ ଦେବାଶିଷ ମାଣ୍ଡି, ସମ୍ବଲପୁରରେ ରୋହିତ ପୂଜାରୀ ଏବଂ ବଲାଙ୍ଗୀରରେ ସରୋଜ କୁମାର ମେହେରଙ୍କୁ ଦଳ ଜିଲା ସଭାପତି ଭାବେ ନିଯୁକ୍ତ କରିଛି। ପୂର୍ବରୁ ଏହି ୬ ସାଙ୍ଗଠନିକ ଜିଲାରେ ଯେଉଁମାନେ ଦାୟିତ୍ୱରେ ଥିଲେ ସେମାନଙ୍କୁ ପରିବର୍ତ୍ତନ କରାଯାଇଛି। ଆଉ ୭ଟି ଜିଲାର ସଭାପତି ଚୟନ ଏଯାଏଁ ବାକି ରହିଛି। ସେହିପରି ଦଳ ପକ୍ଷରୁ ପ୍ରଣ୍ଟାଲ ଓ୍ୱିଙ୍ଗସ, ଷ୍ଟେଟ୍‌ଅଫିସ ବିଅରର, ରାଜନୈତିକ ବ୍ୟାପାର କମିଟି, ପଛୁଆ ବର୍ଗ ସେଲ୍ ଏବଂ ଦଳର ସଂଖ୍ୟାଲଘୁ ସେଲର ଦାୟିତ୍ୱ ବଣ୍ଟନ ନେଇ ନେଇ ଘୋଷଣା କରାଯାଇଛି।

ଦଳ ପକ୍ଷରୁ ଏହି ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ ବହୁ ଭାବିଚିନ୍ତି କରାଯାଇଥିବା ଦେଖିବାକୁ ମିଳିଛି। ତାଲିକାଗୁଡ଼ିକରେ ବହୁ ବରିଷ୍ଠ ନେତାଙ୍କୁ ସନ୍ତୁଷ୍ଟ କରାଯିବାକୁ ଚେଷ୍ଟା ହୋଇଛି। ଦଳ ପକ୍ଷରୁ କୃଷକ ଜନତା ଦଳର ବରିଷ୍ଠ ଉପସଭାପତି ଭାବେ ପ୍ରବୀର ଆଚାର୍ଯ୍ୟଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଆଞ୍ଚଳିକ ବିକାଶ ମୋର୍ଚ୍ଚାର ବରିଷ୍ଠ ଉପସଭାପତି ଭାବେ ଅନଙ୍ଗ ଉଦୟ ସିଂଦେଓ, ସମବାୟ ମୋର୍ଚ୍ଚା ବରିଷ୍ଠ ଉପସଭାପତି ଭାବେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଶିକ୍ଷା ଓ ଶିକ୍ଷକ ମୋର୍ଚ୍ଚା ବରିଷ୍ଠ ଉପସଭାପତି ଭାବେ ବଦ୍ରି ନାରାୟଣ ପାତ୍ର, ଆଦିବାସୀ ମୋର୍ଚ୍ଚାର ବରିଷ୍ଠ ଉପସଭାପତି ଭାବେ ମଙ୍ଗଳ କିଷାନ, ଓବିସି ମୋର୍ଚ୍ଚା ଉପସଭାପତି ଭାବେ ବିଧାୟକ ଅରୁଣ କୁମାର ସାହୁ, ବରିଷ୍ଠ ନାଗରିକ ମୋର୍ଚ୍ଚା ଉପସଭାପତି ଭାବେ ଦେବାଶିଷ ସାମନ୍ତରାୟ, ଏସ୍‌ସି ସେଲ୍ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ମହେଶ ସାହୁ ଏବଂ ବିଜେଡି ଆଇଟି ସେଲ୍ ଏବଂ ସାମାଜିକ ଗଣମାଧ୍ୟମ ସେଲ୍ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ଅମର ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଦଳର ଷ୍ଟେଟ୍ ଅଫିସ୍ ବିଅରର ଭାବେ ମୋଟ ୨୧ ଜଣଙ୍କୁ ରଖାଯାଇଛି। ଏହି କମିଟିର ବରିଷ୍ଠ ଉପସଭାପତି ମୁଖ୍ୟାଳୟ ଭାବେ ଦେବୀ ପ୍ରସାଦ ମିଶ୍ରଙ୍କୁ ରଖାଯାଇଛି। ସେହିପରି ଉପ ସଭାପତି ମୁଖ୍ୟାଳୟ ଭାବେ ପ୍ରତାପ ଜେନା ଦାୟିତ୍ୱ ପାଇଛନ୍ତି। ଏହି କମିଟିରେ ୭ ଜଣ ବରିଷ୍ଠ ଉପସଭାପତି, ୮ ଜଣ ଉପସଭାପତି ଏବଂ ଜଣେ ଟ୍ରେଜେରର, ୧୯ ଜଣ ବରିଷ୍ଠ ସାଧାରଣ ସମ୍ପାଦକ ଏବଂ ୩୪ ଜଣଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି।

ସେହିପରି ବିଜେଡି ରାଜନୈତିକ ବ୍ୟାପାର କମିଟି ମଧ୍ୟ ଗଠନ କରିଛି। ଏଥିରେ ମୋଟ୍ ୧୦ ଜଣ ସଦସ୍ୟ ରହିଛନ୍ତି। କମିଟିର ଅଧ୍ୟକ୍ଷ ଭାବେ ଦଳର ସଭାପତି ନବୀନ ପଟ୍ଟନାୟକ ରହିଥିବା ବେଳେ ସଦସ୍ୟ ଭାବେ ବିକ୍ରମ କେଶରୀ ଆରୁଖ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ସୁଦାମ ମାରାଣ୍ଡି, ଗୁଲ୍ଲୁନ୍ ସାହୁ, ସସ୍ମିତ ପାତ୍ର ଏବଂ ସଂପୁଟ୍ ମିଶ୍ର ରହିଛନ୍ତି। ସେହିପରି ଦଳ ସଂଖ୍ୟାଲଘୁ ସେଲର ଆବାହକ ଭାବେ ଦିଲାପ ତିର୍କି, ସହ ଆବାହକ ଭାବେ ଜିଲ୍ଲାନ୍ ବେଗମ, ସହିଶାଙ୍କ ସଂଯୋଜକ ଭାବେ ମୁନ୍ତିଜୁଲା ଖାନ୍, ପଶ୍ଚିମାଞ୍ଚଳରେ ସଂଯୋଜକ ଭାବେ ଆଜୁର ଖାନ୍ ଏବଂ ମଧ୍ୟାଞ୍ଚଳ ସଂଯୋଜକ ଭାବେ ଏସ୍.କେ. ନିଜାମୁଦ୍ଦିନଙ୍କୁ ନବୀନ ଦାୟିତ୍ୱ ଦେଇଛନ୍ତି। ତେବେ ଏଯାଏ ବିଜେଡି ତା'ର ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନର ସଭାପତି ଓ କମିଟି ଘୋଷଣା କରିନାହିଁ।

ଏକ ସମୟରେ ମନୁଷ୍ୟ ପାଇଁ ପାପବୋଧ ଦରକାର ଥିଲା । ତା'ଫଳରେ ତା'ର ନିଜକୃତ ଦୋଷତ୍ରୁଟି ଉପରେ ଘୃଣା ଆସେ । ଏହା ଯେପରି ମଣିଷର ଅହଂକାର ଉପରେ ଭଗବାନଙ୍କର ସମାର୍ଜନୀ ! କିନ୍ତୁ ଭଗବାନଙ୍କର ଏହି କୌଶଳଟିର ବିରୁଦ୍ଧରେ ମଣିଷ ଅହଂକାର ସ୍ଥାପନ କଲେ, ନିଜ ପାପ ସମ୍ବନ୍ଧେ ବୋଧ କମିଯାଏ ଓ ଅନ୍ୟର ପାପ ସମ୍ବନ୍ଧେ ବୋଧ ବଢ଼ିଯାଏ । –ଶ୍ରୀଅରବିନ୍ଦ

# ହୁଟିଙ୍କ ମାଡ଼

ଇରାନ୍ ସମର୍ଥିତ ୟେମେନ୍‌ର ହୁଟି ଉଗ୍ରବାଦୀମାନେ ମେ ୪ ତାରିଖରେ ଇସ୍ରାଏଲର ବୃହତ୍ତମ ସହର ତେଲ୍ ଆଭିଭ୍‌ର ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ବାଲାଷ୍ଟିକ ମିଶାଇଲ ମାଡ଼ କରିଛନ୍ତି । ଏହି ମିଶାଇଲ ଇସ୍ରାଏଲର ୪ ସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମକୁ ଭେଦ କରି ଲକ୍ଷ୍ୟରେ ପହଞ୍ଚିଥିବାରୁ ସେଠାରେ ୨୦ ଫୁଟିଆ ଗର୍ତ୍ତ ସୃଷ୍ଟି ହୋଇଛି । ଏପରି କି ପ୍ରଥମ ଥର ପାଇଁ ଇସ୍ରାଏଲର ଆରୋ ହେଜ୍ ଏବଂ ଆମେରିକାର ଥାଡ୍ ଏୟାର ଡିଫେନ୍ସ ସିଷ୍ଟମକୁ ଚକ୍‌ମା ଦେଇଛି ହୁଟିର ବାଲାଷ୍ଟିକ ମିଶାଇଲ । ଏହି ଆକ୍ରମଣ ପରେ ବେନ୍ ଗୁରିଅନ୍ ଏୟାରପୋର୍ଟକୁ ସମସ୍ତ ବିମାନ ସେବା ବନ୍ଦ କରାଯାଇଛି । ସୂଚନା ଦିଆଯାଇପାରେ ଯେ ଏୟାର ଇଣ୍ଡିଆର ବିମାନ ତେଲ ଆଭିଭ୍‌ରେ ଅବତରଣ କରିବାର ଏକ ଘଣ୍ଟାର କମ୍ ସମୟ ପୂର୍ବରୁ ହୁଟି ଆକ୍ରମଣ କରିଥିଲା । ଫଳରେ ସମ୍ପୃକ୍ତ ବିମାନକୁ ଆବୁଧାବୀକୁ ନିଆଯାଇଥିଲା । ତେବେ ଏଭଳି ଆକ୍ରମଣ ସୂଚିତ କରିଛି, ଉଗ୍ରବାଦୀମାନେ ଅଧିକ କ୍ଷମତାସମ୍ପନ୍ନ ମିଶାଇଲର ଅଧିକାରୀ ହୋଇଗଲେଣି । ପୂର୍ବରୁ ସେମାନେ ଡ୍ରୋନ୍ ବ୍ୟବହାର କରିବା ଦେଖାଯାଇଛି । ଏବର ମିଶାଇଲ ଆକ୍ରମଣ ଏକ ଚିନ୍ତାଜନକ ବିଷୟ । ଅନେକ ଥର ଆମେରିକା ସମେତ ନାଟୋର ସାମରିକ କାର୍ଯ୍ୟାନୁଷ୍ଠାନ ହୁଟିଙ୍କୁ ଉଗ୍ରବାଦରୁ କ୍ଷାନ୍ତ କରିପାରିନାହିଁ । ଉଲ୍ଲେଖଯୋଗ୍ୟ, ୧୯୯୦ ଦଶକରେ ହୁସେନ–ଅଲ୍–ହୁଟିଙ୍କ ଦ୍ୱାରା ଗଠିତ ଏହି ସଂଗଠନର ନେତୃତ୍ୱ ସେହି ପରିବାର ନେଇଆସୁଛି । ଏବେ ତାହାର ନେତୃତ୍ୱରେ ଅଛନ୍ତି ଅବଦୁଲ ମଲିକ ଅଲ୍ ହୁଟି । ଏହା ୟେମେନ୍ ସରକାରଙ୍କ ଦୁର୍ନୀତି ଓ ସେଠାରେ ପାଶ୍ଚାତ୍ୟର ପ୍ରଭାବକୁ ବିରୋଧ କରିଆସୁଛି ଏବଂ ସ୍ଥଳବିଶେଷରେ ଗୃହଯୁଦ୍ଧ ସ୍ଥିତି ସୃଷ୍ଟି କରିଛି । ହୁଟି ଆମେରିକା ଓ ଇସ୍ରାଏଲର ଦୃଢ଼ ବିରୋଧୀ ଭାବେ ଜଣାଶୁଣା ।

୭ ଅକ୍ଟୋବର ୨୦୨୩ରେ ପାଲେଷ୍ଟାଇନ୍‌ର ହମାସ ଉଗ୍ରବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ । ସେମାନେ ବିଦେଶୀଙ୍କ ସମେତ ପାଖାପାଖି ୧୨୦୦ ଲୋକଙ୍କୁ ହତ୍ୟା କରିବା ପରେ ସେହିଦିନ ଇସ୍ରାଏଲ ହମାସ ଉପରେ ପ୍ରତିଆକ୍ରମଣ ଆରମ୍ଭ କରିଦେଇଥିଲା । ଅଢ଼େଇ ବର୍ଷରୁ ଅଧିକ ହେବ ଲାଗି ରହିଥିବା ଏହି ଯୁଦ୍ଧରେ ୫୦ ହଜାରରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ଓ ୧,୭୦୦ରୁ ଅଧିକ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଲାଣି । ପ୍ରାରମ୍ଭିକ ସ୍ତରରେ ଇସ୍ରାଏଲ ଓ ହମାସ ଯୁଦ୍ଧରେ ହୁଟି ପ୍ରତିକ୍ରିୟା ପ୍ରକାଶ କରି ଲୋହିତସାଗରରେ ଇସ୍ରାଏଲକୁ ଆସୁଥିବା ଜାହାଜଗୁଡ଼ିକୁ ରକେଟ ଆକ୍ରମଣ କରିଥିଲା ଏବଂ ଏବେ ସୁଦ୍ଧା ତାହା ଜାରି ରଖିଛି । ହୁଟିର କାର୍ଯ୍ୟକଳାପ ସାମ୍ନାକୁ ଆସିବା ପରେ ଲେବାନନର ହେଜ୍‌ବୁଲ୍ଲା ଉଗ୍ରବାଦୀମାନେ ହମାସ ସପକ୍ଷରେ ସମର୍ଥନ ଘୋଷଣା କରି ଇସ୍ରାଏଲକୁ ଶତ୍ରୁ ଦୃଷ୍ଟିରେ ଦେଖିଚାଲିଛି । ଫଳରେ ଇସ୍ରାଏଲ ହିଜ୍‌ବୁଲ୍ଲା ଉପରେ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ନେଇଛି । ଦେଖିବାକୁ ଗଲେ ଏହିସବୁ ଉଗ୍ରବାଦୀ ଗୋଷ୍ଠୀଙ୍କୁ ଇରାନ ଆର୍ଥିକ ଓ ସାମରିକ ସହଯୋଗ କରିଆସୁଛି । ଏହାକୁ କେନ୍ଦ୍ରକରି ଇସ୍ରାଏଲ ଏବଂ ଇରାନ୍ ଅନେକ ସମୟରେ ମୁହାଁମୁହିଁ ହେଉଛନ୍ତି । ତେବେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜାନୁଆରୀ ୨୦୨୫ରେ ପୁନଃକ୍ଷମତାକୁ ଆସିବା ପରେ ତାଙ୍କ ପ୍ରଶାସନର ହସ୍ତକ୍ଷେପ ଯୋଗୁ ଯୁଦ୍ଧବିରତି ସହ ଇସ୍ରାଏଲୀ ପଣବନ୍ଦୀ ଓ ହମାସ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ କିଛିଦିନ ଚାଲିଲା । ଆଶା କରାଯାଇଥିଲା ମଧ୍ୟପ୍ରାଚ୍ୟ ଶାନ୍ତ ପଡ଼ିଯିବ କିନ୍ତୁ ତାହା ହେଲା ନାହିଁ । ବୁଝାମଣା ବିଫଳ ହେଲା ଓ ଦୁଇମାସର ଅସ୍ତ୍ରବିରତି ପରେ ମାର୍ଚ୍ଚରୁ ପୁନର୍ବାର ଇସ୍ରାଏଲ ହମାସ ଉପରେ ଆକ୍ରମଣ କରିଦେଲା । ତେବେ ହୁଟିର ଏବକାର ମିଶାଇଲ ଆକ୍ରମଣ ପରେ ଏକ ନୂଆ ଦିଗ ବାହାରିଲାଣି । କେବଳ ଇସ୍ରାଏଲ ଏବଂ ହମାସ ମଧ୍ୟରେ ସୀମିତ ରହିବା ପରିବର୍ତ୍ତେ ଏହି ଯୁଦ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଛି ; ଯାହା ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଅନ୍ୟ ଦେଶଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରିଛି । ଡୋନାଲ୍ଡ ଟ୍ରମ୍ପ୍‌ଙ୍କର ହମାସକୁ ଦେଇଥିବା ଧମକର କୌଣସି ପ୍ରତିକ୍ରିୟା ପ୍ରକାଶ ପାଇଲା ନାହିଁ । ଟ୍ରମ୍ପ୍ ବିବୃତି ଦେଇ ହମାସକୁ ୪୮ ଘଣ୍ଟା ମଧ୍ୟରେ ସବୁ ପଣବନ୍ଦୀଙ୍କୁ ମୁକ୍ତ କରିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତତ୍‌ସହିତ ମାର୍ଚ୍ଚ ୬ ତାରିଖରେ କହିଥିଲେ, ଯଦି ହମାସ ତାଙ୍କ କଥା ନ ଶୁଣେ ତେବେ ସବୁକିଛି ଧ୍ୱଂସ କରିଦେବେ । ହମାସ ଗାଲୁଆମି କରି ଟ୍ରମ୍ପ୍‌ଙ୍କ ଧମକକୁ ପାଣିରେ ଗାର ଭାବେ ପ୍ରମାଣ କରିଦେଲାଣି । ସେଭଳି ପରିସ୍ଥିତିରେ ଆମେରିକା ତାହାର ଭାବମୂର୍ତ୍ତି ସମ୍ପୂର୍ଣ୍ଣ ଭାବେ ହରାଇ ସାରିଲାଣି । ମନେହୁଏ, ପୃଥିବୀରେ ଏକ ନୂଆ ପର୍ଯ୍ୟାୟ ସୃଷ୍ଟି ହେବାର ଏହା ପ୍ରଥମ ଲକ୍ଷଣ । ଏଥିରେ ଭାରତ ଭଳି ଦେଶର ଗୁରୁତ୍ୱ ଓ ଭୂମିକା ଆହୁରି ଅଧିକ ଗୌଣ ହେବାର ସମ୍ଭାବନା ସ୍ପଷ୍ଟ ଜଣାପଡୁଛି ।

# ପ୍ରତିକାର ଛାଟ

ପର୍ବତାରୋହଣ ଦୁଃସାହସିକ କ୍ରୀଡ଼ା ପର୍ଯ୍ୟାୟଭୁକ୍ତ । କିନ୍ତୁ ସେଥିରେ ପ୍ରତିଦ୍ୱନ୍ଦ୍ୱିତା ଶୀର୍ଷ ଛୁଇଁଥିବାରୁ ଗିରିଶୃଙ୍ଗରେ ପହଞ୍ଚିବାର ରୋମାଞ୍ଚ ପୂର୍ବଭଳି ଆକର୍ଷଣ ସୃଷ୍ଟି କରୁନାହିଁ । ବରଂ ଏହା ଅନେକ ଅନଭିଜ୍ଞଙ୍କ କୋଳାହଳ ଯୋଗୁ ଏକ ଫ୍ୟାଶନ ପାଲଟି ଯାଇଛି । କେବଳ ସେତିକିରେ ଅଟକି ଯାଉନାହିଁ ଯାତ୍ରା । ଠିକ୍ ପ୍ରଶିକ୍ଷିତ ହୋଇ ନ ଥିବା ବହୁ ପର୍ବତ ଚଢ଼ାଳିଙ୍କୁ ଉପରକୁ ଉଠିବା ପାଇଁ ଅନୁମତି ଦିଆଯାଉଥିବାରୁ ଅନେକ ଦୁର୍ଘଟଣା ଘଟୁଛି ଓ ସ୍ଥଳବିଶେଷରେ ସେମାନଙ୍କ ସୁରକ୍ଷା ପ୍ରଶ୍ନବାଚୀରେ ରହିଲାଣି । ଏ ସବୁକୁ ଦେଖି ନେପାଳ ସରକାର ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଚଢ଼ିବା ନିୟମକୁ କଡ଼ା କରିବାକୁ ଯାଉଛନ୍ତି । ମିଳିଥିବା ଖବର ଅନୁଯାୟୀ ହିମାଳୟବ୍ୟାପ୍ତ ଦେଶରେ ଥିବା କୌଣସି ଗିରିଶୃଙ୍ଗରେ ପୂର୍ବରୁ ୭ ହଜାର ମିଟର ବା ୨୨ ହଜାର ୯୬୫ ଫୁଟ ଚଢ଼ିବାର ଅଭିଜ୍ଞତା ରଖିଥିବା ପର୍ବତାରୋହୀଙ୍କୁ ଏଭରେଷ୍ଟ ଯିବାର ସୁଯୋଗ ମିଳିବ । ଉଲ୍ଲେଖଯୋଗ୍ୟ, ଏଭରେଷ୍ଟର ଉଚ୍ଚତା ୮ ହଜାର ୮୪୮ ମିଟର ବା ୨୯,୦୩୨ ଫୁଟ । ଏଥିସହିତ ଗାଇଡ୍ ବା ସେର୍ପାମାନେ ନେପାଳୀ ନାଗରିକ ହୋଇଥିବା ବାଞ୍ଛନୀୟ । ନେପାଳ ସରକାର ଏଭଳି ଚିଠା ଆଇନ ପ୍ରସ୍ତୁତ କରିବା ପଛରେ ରହିଛି ଏଭରେଷ୍ଟରେ ଗହଳି ହ୍ରାସ ଓ ସୁରକ୍ଷା ଦିଗକୁ ଧ୍ୟାନଦେବା । ସୂଚନା ଦିଆଯାଇପାରେ ଯେ ୨୦୨୩ରେ ଏଭରେଷ୍ଟ ଚଢ଼ାଳିଙ୍କ ମଧ୍ୟରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ନିଖୋଜ ହୋଇଥିଲେ । ଗତବର୍ଷ ମଧ୍ୟ ୮ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଥିଲା ।

ନେପାଳ ସରକାର ଆଣିବାକୁ ଯାଉଥିବା ନୂଆ ଆଇନ ଆଉ ଗୋଟେ ଦୃଷ୍ଟିରୁ ପରିବେଶ ଅନୁକୂଳ ହେବ ବୋଲି କୁହାଯାଇପାରେ । ଅନେକ ପର୍ବତାରୋହୀଙ୍କୁ ଚଢ଼ିବା ଲାଗି ଅନୁମତି ଦିଆଯିବା ପଛରେ ଅଧିକ ଅର୍ଥ ଉପାର୍ଜନର ଚିନ୍ତା ରହିଛି । କାରଣ ଯେଉଁମାନେ ପର୍ବତ ଚଢ଼ନ୍ତି ସେମାନଙ୍କୁ ଅନୁମତି ପାଇବା ନିମନ୍ତେ ଋତୁକାଳୀନ ସ୍ଥିରୀକୃତ ଆମେରିକୀୟ ଡଲାର ଦେବାକୁ ପଡ଼ିଥାଏ, ଯାହା ନେପାଳ ସରକାରଙ୍କ ପାଖକୁ ଯାଇଥାଏ । ତେବେ ଯେଉଁଭଳି ହାରରେ ଚଢ଼ାଳିଙ୍କ ସଂଖ୍ୟା ବଢ଼ିଛି, ତାହା ଦ୍ୱାରା ସେହି ଅଞ୍ଚଳ ଦିନକୁ ଦିନ ଅଧିକ ପ୍ରଦୂଷିତ ହେବାରେ ଲାଗିଛି । ଗଦାଗଦା ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁ ହିମାଳୟର ଏହି ଅଞ୍ଚଳରୁ ଜନ୍ମ ନେଇଥିବା ଅନେକ ନଦୀର ଜଳ ମଧ୍ୟ ଦୂଷିତ ହେଉଛି । ଏଥିସହିତ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ମାଟି ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । କହିବାକୁ ଗଲେ ବିସ୍ତୃତ ହିମାଳୟ ଆସ୍ତେ ଆସ୍ତେ ଜୈବ ବିବିଧତା ହରାଉଛି । ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ସିଧାସଳଖ ଅନୁଭବ କରୁଥିବା ବେଳେ ଜୈବ ବିବିଧତାର ଗନ୍ତାଘର ଭାବେ ଦଣ୍ଡାୟମାନ ହିମାଳୟ ଭଳି ମେରୁ ପ୍ରଦୂଷଣ ଯୋଗୁ ଦୋହଲି ଗଲେ ବିପଦ ଆଗକୁ ଆହୁରି ବଡ଼ ରୂପ ଧାରଣ କରିବ । ନେପାଳ ସରକାର ପର୍ବତାରୋହୀଙ୍କ ପାଇଁ କରିଥିବା କଡ଼ା ନିୟମକୁ ପ୍ରତିକାରର ଏକ ଛାଟ ରୂପେ ବିବେଚନା କରାଯାଉ ।

# କାରାଗାର ଏବେ ଅଣନିଃଶ୍ୱାସୀ



ସୁକାନ୍ତ କୁମାର ପଟେଲ

ଭାରତୀୟ କାରାଗାରଗୁଡ଼ିକ ଏବେ ଅଣନିଶ୍ୱାସୀ । ଏହା ହିଁ ବାସ୍ତବତା, ଯାହା ସରକାରୀ ତଥ୍ୟ ଉପରେ ପର୍ଯ୍ୟବସିତ । ଆମ ଦେଶରେ ଜନସଂଖ୍ୟା ବୃଦ୍ଧି ଅନୁସାରେ ଅପରାଧୀଙ୍କ ସଂଖ୍ୟା ବଢୁଛି । ବିଡମ୍ବନାର ବିଷୟ, ସେହି ଅନୁସାରେ କାରାଗାର ସଂଖ୍ୟା କିମ୍ବା ଏହାର ଅନ୍ତେବାସୀ ଆସନ କ୍ଷମତା ବୃଦ୍ଧି ଘଟୁନାହିଁ । ଭାରତରେ ମୋଟ ୧୩୮୨ କାରାଗାର ଥିବାବେଳେ ଏହାର ଅଧାରୁ ଅଧିକରେ ଆସନ କ୍ଷମତାଠାରୁ ଅଧିକ କଏଦୀ ଅଛନ୍ତି । ଅନେକରେ ଏହାର ଚାରିଗୁଣ ଅଧିକ କଏଦୀ ରହୁଛନ୍ତି । ଦେଶର ସବୁଠାରୁ ବଡ଼ କାରାଗାର 'ତିହାର'ରେ ଏହାର କ୍ଷମତାଠାରୁ ୮ ଗୁଣ ଅଧିକ କଏଦୀ ରହିଛନ୍ତି । ନିକଟରେ ପ୍ରକାଶିତ 'ଇଣ୍ଡିଆ ଜଷ୍ଟିସ ରିପୋର୍ଟ' ଅଥବା ଭାରତୀୟ ନ୍ୟାୟ ରିପୋର୍ଟ ଅନୁସାରେ ମୋଟ ୧୩୮୨ କାରାଗାର ମଧ୍ୟରୁ ୧୭୬ଟିରେ ୪ଗୁଣ ଅଧିକ କଏଦୀ ଅଛନ୍ତି । ଏହି ରିପୋର୍ଟ ମୁତାବକ ଜାତୀୟ ସ୍ତରରେ ଧାର୍ଯ୍ୟ କ୍ଷମତାଠାରୁ ୧୩୧ ପ୍ରତିଶତ ଅଧିକ କଏଦୀ କାରାଗାରଗୁଡ଼ିକରେ ରହୁଛନ୍ତି । ଆହୁରି ମଧ୍ୟ ୩୪ କାରାଗାରରେ ୨୫୦ରୁ ଅଧିକ ଏବଂ ୮୫ କାରାଗାରରେ ୨୦୦ ପ୍ରତିଶତରୁ ଅଧିକ କଏଦୀ ରହିଛନ୍ତି ।

କାରାଗାର ଗହଳି କ୍ଷେତ୍ରରେ ଉତ୍ତରପ୍ରଦେଶ ଆଗୁଆ ଏବଂ ଏହାର ୧୮ଟି କାରାଗାର ମଧ୍ୟରୁ କେବଳ ମୋରାଦାବାଦରେ କଏଦୀଙ୍କ ସଂଖ୍ୟା ୪୯୭ ପ୍ରତିଶତ ଅଧିକ । ଦିଲ୍ଲୀର 'ତିହାର'ର ଦୁଇଟି କାରାଗାରରେ ଯଥାକ୍ରମେ ୪୧୧ ଏବଂ ୪୬୭ ପ୍ରତିଶତ ଅଧିକ କଏଦୀ ଅଛନ୍ତି । ତେବେ କାରାଗାରଗୁଡ଼ିକ ଅଣନିଃଶ୍ୱାସୀ ହେବାର ଏକମାତ୍ର କାରଣ ହେଉଛି ବିଚାରାଧୀନ କଏଦୀଙ୍କ ଦୀର୍ଘ ଅବସ୍ଥାନ । ରିପୋର୍ଟ ଅନୁଯାୟୀ ପ୍ରାୟ ୭୬ ପ୍ରତିଶତ କଏଦୀଙ୍କ ଦୀର୍ଘ ଅବସ୍ଥାନ ଯୋଗୁ କାରାଗାରଗୁଡ଼ିକରେ ଅଯଥା ଭିଡ଼ ଦେଖାଦେଇଛି । ବିଗତ ଏକ ଦଶନ୍ଧି ଅର୍ଥାତ୍ ୨୦୧୨ରୁ ୨୦୨୨ ମଧ୍ୟରେ କାରାଗାର କ୍ଷମତା ୨୭ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ କଏଦୀଙ୍କ ସଂଖ୍ୟା ୪୮ ପ୍ରତିଶତ ବୃଦ୍ଧି ପାଇଥିଲା । ଏଥିମଧ୍ୟରୁ ବିଚାରାଧୀନ କଏଦୀଙ୍କ ସଂଖ୍ୟା ପ୍ରାୟ ୬୬ରୁ ୭୬ପ୍ରତିଶତ ବୃଦ୍ଧି ଘଟିଛି । ସୂଚନାଯୋଗ୍ୟ ଯେ ଦିଲ୍ଲୀର କାରାଗାରଗୁଡ଼ିକରେ ଏହି ବିଚାରାଧୀନ କଏଦୀଙ୍କ ସଂଖ୍ୟା ପ୍ରାୟ ୯୧ ପ୍ରତିଶତ । ସଂଖ୍ୟାଧିକ କଏଦୀଙ୍କ ପାଇଁ ରାଜକୋଷ ଉପରେ ଅତିରିକ୍ତ ବୋଝ ପଡୁଛି ଏବଂ ପ୍ରତିବର୍ଷ ବଜେଟରେ କାରାଗାର ବାବଦ ବ୍ୟୟ ଅଟକଳ ବୃଦ୍ଧି ପାଉଛି । ପ୍ରତି କଏଦୀଙ୍କ ମୁଣ୍ଡପିଛା ଖର୍ଚ୍ଚ ୬୨ ଟଙ୍କାରୁ



୧୨୧ ଟଙ୍କା ଅର୍ଥାତ୍ ୯୬ ପ୍ରତିଶତ ବୃଦ୍ଧି ଘଟିଛି । ସେହି ହିସାବରେ ପୂର୍ବ ଦଶନ୍ଧି ତୁଳନାରେ ବ୍ୟୟ ଅଟକଳ ୧୫୬ରୁ ୧୯୨ ପ୍ରତିଶତକୁ ବୃଦ୍ଧିପାଇଛି ।

ପ୍ରାୟ ୫୦ ପ୍ରତିଶତ ରାଜ୍ୟରେ ସର୍ବାଧିକ ମାମଲା ତିନି ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ରହିଛି । ଉଦାହରଣ ସ୍ୱରୂପ ବିହାରରେ ବିଭିନ୍ନ ଅଦାଲତରେ ୭୧ ପ୍ରତିଶତ ମାମଲା ପଡ଼ି ରହିଥିବା ବେଳେ ଏହା ପଛକୁ ଅଛି ପଶ୍ଚିମବଙ୍ଗ ଏବଂ ଓଡ଼ିଶା । ଅଧିକନ୍ତୁ ପଞ୍ଜାବ, ଛତିଶଗଡ, ଉତ୍ତରାଖଣ୍ଡ ଏବଂ ହରିୟାଣାରେ ଏହି ସଂଖ୍ୟା ଅପେକ୍ଷାକୃତ ଭାବେ କମ୍ ରହିଛି । ନ୍ୟାୟପାଳିକାରେ ନ୍ୟାୟ ପ୍ରଦାନରେ କଚ୍ଛପ ଗତି ଯୋଗୁ ଆଜିର ଏ ପ୍ରକାର ଅବସ୍ଥା । ବିଶେଷକରି ବିଚାରାଧୀନ କଏଦୀଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧିପାଉଛି । କାରାଗାର ସଂଶୋଧନ କମିଟି ରିପୋର୍ଟ ଅନୁଯାୟୀ ୬୮ ପ୍ରତିଶତ କଏଦୀ ଭଲଭାବେ ଶୋଇପାରୁଥିବା ବେଳେ ଅବଶିଷ୍ଟ କଏଦୀଙ୍କ ନିମନ୍ତେ ଉପଯୁକ୍ତ ସ୍ଥାନାଭାବ ରହିଛି ।

ସୀମିତ ନ୍ୟାୟିକ ସହାୟତା ସହ ବିଚାରପତିଙ୍କ ସଂଖ୍ୟା କମ୍ ଥିବାରୁ ମାମଲା ଫଇସଲା ପ୍ରକ୍ରିୟାରେ ଅତିଶୟ ବିଳମ୍ବ ଘଟୁଛି । ଯଦି ଭାରତର ଜନସଂଖ୍ୟା ୧୪୦ କୋଟି ଥିବାବେଳେ ବିଚାରପତିଙ୍କ ସଂଖ୍ୟା ୨୧,୨୮୫ । ଅର୍ଥାତ୍ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ମାତ୍ର ୧୫ ଜଣ ବିଚାରପତି । ବିଚାରପ୍ରକ୍ରିୟା ତ୍ୱରାନ୍ୱିତ ନ ହେଲେ କାରାଗାରଗୁଡ଼ିକର ଅବସ୍ଥା ସାଂଘାତିକ ହେବ ଏଥିରେ ଆଦୌ ସନ୍ଦେହ ନାହିଁ । ଭାରତୀୟ ନ୍ୟାୟ ରିପୋର୍ଟ–୨୦୨୫ ଅନୁସାରେ ୨୦୨୨ ସୁଦ୍ଧା ୪ ଲକ୍ଷ ୩୬ ହଜାର କଏଦୀ ରହିବା ନିମନ୍ତେ ଉଦ୍ଦିଷ୍ଟ କାରାଗାରଗୁଡ଼ିକରେ ୫ ଲକ୍ଷ ୭୩ ହଜାର କଏଦୀ ରହିଥିଲେ । ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ ଏହି ହାରରେ ୨୦୩୦ ସୁଦ୍ଧା ଆମ ଦେଶରେ ମୋଟ କଏଦୀଙ୍କ ସଂଖ୍ୟା ୬ ଲକ୍ଷ ୬୦ ହଜାର ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ ।

ସାଧାରଣତଃ ସ୍ଥାନ, କାଳ, ପରିସ୍ଥିତି, ଭାବନାତ୍ମକ ଉଦ୍‌ବେଗ ଏବଂ ଆପରାଧିକ ମନୋବୃତ୍ତି ଯୋଗୁ ଜଣେ ଅପରାଧ ଜଗତରେ ପାଦ ଥାପି ଅପରାଧୀ ହୋଇ କାରାଗାରରେ ରହିଥାଏ । କିନ୍ତୁ କାରାଗାର ନିର୍ମାଣର ଉଦ୍ଦେଶ୍ୟ ହେଉଛି ଅପରାଧୀଙ୍କୁ ସୁଧାରିବା ଏବଂ କାରାଗାରରେ ରହିବା ସହ ସମାଜଠାରୁ ସ୍ୱତନ୍ତ୍ର ରହି ସ୍ୱକୀୟ କର୍ମର ପଶ୍ଚାତ୍ତାପ କରିବା । ଏହା ଅନ୍ୟ ଅର୍ଥରେ ସୁଧାର ଗୃହ । ଏଠାରେ ଅବସ୍ଥାନ କରିବାର ଅର୍ଥ ନୁହେଁ ଦଣ୍ଡ ଭୋଗିବା ବରଂ କୃତକର୍ମକୁ ମାନସିକ ଭାବେ ବିଶ୍ଳେଷଣ କରି ଭବିଷ୍ୟତରେ ଏହା ନ କରିବା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା । କିନ୍ତୁ 'ଇଣ୍ଡିଆ ଜଷ୍ଟିସ ରିପୋର୍ଟ–୨୦୨୫ ଅନୁସାରେ ଭାରତର କାରାଗାରଗୁଡ଼ିକର ଯେଉଁ ବିକଳ ଅବସ୍ଥା ତାହା ଏହି ଉଦ୍ଦେଶ୍ୟକୁ ପରିପୂରଣ କରିବାରେ ନିଶ୍ଚିତଭାବେ ଅସମର୍ଥ ।

ସ୍ଥାନାଭାବ ଯୋଗୁ ବିଭିନ୍ନ ସମସ୍ୟା ହିଁ ଚିନ୍ତାର କାରଣ । ଏଠାରେ ମାନବାଧିକାର ପ୍ରଶ୍ନ ଉଠିବା ସ୍ୱାଭାବିକ ବିଷୟ । କଏଦୀଙ୍କ ମଧ୍ୟରେ ମାନସିକ ରୋଗ ବୃଦ୍ଧି ପାଇବାବେଳେ ଆମ କାରାଗାର ପାଇଁ ଅଛନ୍ତି ମାତ୍ର ୨୫ ଜଣ ମନୋଚିକିତ୍ସକ । ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ବିଚାରାଧୀନ ବନ୍ଦୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ କାରାଗାରଗୁଡ଼ିକରେ ୪୩ ପ୍ରତିଶତ ଚିକିତ୍ସା ଅଧିକାରୀଙ୍କ ସଂଖ୍ୟା ଖାଲି ପଡିଛି । ଅତଏବ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ କଏଦୀମାନେ ମାନସିକ ଏବଂ ଶାରୀରିକ ଉଭୟ କ୍ଷେତ୍ରରେ ଯନ୍ତ୍ରଣାର ଶିକାର ହେବା ସ୍ୱାଭାବିକ । ଏହା ସାଙ୍ଗକୁ କାରାଗାରଗୁଡ଼ିକରେ ବଞ୍ଚିତ, ନିରକ୍ଷର ଏବଂ ଆର୍ଥିକ ଭାବେ ଦୁର୍ବଳ ତଥା ଅନଗ୍ରସର ବର୍ଗର କଏଦୀଙ୍କୁ ସମୟାନୁସାରେ ବିନା ମୂଲ୍ୟରେ ଆଇନ ସେବା ପ୍ରଦାନ କରାଯାଇପାରୁନାହିଁ । ଅନେକ କାରାଗାର ସଂସ୍କାର କମିଟି ନିଜର ରିପୋର୍ଟ ପ୍ରଦାନ କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଇପାରିନାହିଁ । ଏହା ବ୍ୟତୀତ ସର୍ବୋଚ୍ଚ ଅଦାଲତ ଦୀର୍ଘକାଳୀନ ଜେଲ ସୁଧାର ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ ମଧ୍ୟ ଆମ ଦେଶର ପ୍ରଶାସନର ଉଦାସୀନତା ଉପରୋକ୍ତ ସମସ୍ୟାକୁ ଦ୍ୱିଗୁଣିତ କରିଛି ।

ପରିଶେଷରେ କୁହାଯାଇପାରେ ଯେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବୃଦ୍ଧି ପାଇ ଚାଲିଛି । ଯଦି ଉପଯୁକ୍ତ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବା ସହ ବିଚାରପତି ପଦବୀଗୁଡ଼ିକ ସମୟାନୁସାରେ ପରିପୂରଣ କରାଯାଇପାରନ୍ତା ତେବେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ନିଶ୍ଚିତ ଭାବେ ହ୍ରାସ ଘଟନ୍ତା ଏବଂ କାରାଗାରରେ କଏଦୀଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ଘଟନ୍ତା ନାହିଁ । ସୁତରାଂ ସରକାର ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିବା ଜରୁରୀ, ଯାହା ଦ୍ୱାରା କାରାଗାରଗୁଡ଼ିକର ସମସ୍ୟାର ସମାଧାନ ହୋଇପାରିବ ।

ପାର୍ବତୀ ଭବନ, ବସୁନ୍ଧରା ଲେନ–୨,
ବିଡାନାସୀ, କଟକ, ମୋ: ୭୦୦୮୩୫୦୪୭୭

# ଠିଆ ଖିଆ, ମାଗି ଖିଆ



ସତ୍ୟନାରାୟଣ ଦେହୁରୀ

ମଣିଷ ଯେଉଁ ଦିନରୁ ସାମାଜିକ ପ୍ରାଣୀ ଭାବରେ ଗଣା ହେଲା, ସେହିଦିନଠାରୁ ତା'ର ଏକ ନିର୍ଦ୍ଦିଷ୍ଟ ପ୍ରଥା, ପରମ୍ପରା ଓ ଚଳଣି ସୃଷ୍ଟି ହେଲା । ଗୋଟିଏ ପରିବାରର ସମସ୍ତ ସଦସ୍ୟ ଏକତ୍ର ବସି ଏକ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କରିବା ଧାରା ଆରମ୍ଭ ହେଲା । ତାହା ପୁଣି ଦଳଗତ ଭାବରେ । ପରିବାରର ପୁରୁଷମାନେ ପ୍ରଥମେ ଭୋଜନ କରିବେ, ତା'ପରେ ସ୍ତ୍ରୀମାନେ ଏକତ୍ର ଭୋଜନ କରିବାର ପରମ୍ପରା ଆରମ୍ଭ ହେଲା । ଏବେ ମଧ୍ୟ ଏହି ପରମ୍ପରା କେତେକ ପରିବାରରେ ପ୍ରଚଳିତ ଅଛି । ବଡ଼ ପରିବାରମାନଙ୍କରେ ଏକତ୍ର ବସି ଖଲିପତ୍ରରେ ଭୋଜନ କରିବାର ଆନନ୍ଦ କହିଲେ ନ ସରେ ।

ଆସନରେ ବସି ଖାଦ୍ୟ ଖାଇବା ବଦଳରେ ଏବେ ଆରମ୍ଭ ହେଲାଣି ଠିଆ ଖିଆ । ସବୁ ଜାଗାରେ ଲୋକମାନେ ଠିଆରେ ଖାଦ୍ୟ ଖାଇଲେଣି । ଭୋଜିଭାତଠୁ ଆରମ୍ଭ କରି ହୋଟେଲରେ ଖାଇବା ମଧ୍ୟ ଠିଆରେ ହେଲାଣି । ରାସ୍ତା ପାର୍ଶ୍ୱ ଉଠା ଦୋକାନଗୁଡ଼ିକରେ ଅନେକ ଲୋକ ଠିଆରେ ଜଳଖିଆ ଖାଇବାକୁ ପସନ୍ଦ କରୁଛନ୍ତି । କୌଣସି ହୋଟେଲରେ ବସି ଖାଇବାକୁ ବେଶି ଲୋକ ପସନ୍ଦ କରୁନାହାନ୍ତି । କାହାରି ପାଖରେ ସମୟ ନାହିଁ । ହୋଟେଲରେ ବସି ଅଧିକ ସମୟ ଦେବାକୁ । ଠିଆରେ ଖାଦ୍ୟ ଖାଇବାର କୁପ୍ରଭାବ କଥା କେହି ଚିନ୍ତା କରନ୍ତି ନାହିଁ । ଏହା ଆମର ରେଚନ କ୍ରିୟାରେ ବାଧା ସୃଷ୍ଟି କରିଥାଏ । ଠିଆ ହୋଇ ଖାଦ୍ୟ ଖାଇବା କିମ୍ବା ପାଣି ପିଇବା ଦ୍ୱାରା ଆମର କିଡ୍‌ନୀ ଉପରେ ପ୍ରଭାବ ପକାଏ । ଠିଆରେ ଖାଦ୍ୟ ଖାଇଲେ ଶୀଘ୍ର ଶୀଘ୍ର ଖାଦ୍ୟ ଖାଇବା ଦ୍ୱାରା ରେଚନ କ୍ରିୟା ବାଧା ପାଏ । ଏବେ ଅନେକ ଜାଗାରେ ଖାଦ୍ୟ ବିକ୍ରି କରାଯାଉଛି କିନ୍ତୁ ବସିବା ପାଇଁ କୌଣସି ବ୍ୟବସ୍ଥା ନ ଥାଏ । ଫଳରେ ଅନେକ ଲୋକ ଠିଆ ହୋଇ ଖାଦ୍ୟ ଖାଇଥାଆନ୍ତି । କେହି ବସିବା ଜାଗା ଖୋଜନ୍ତି ନାହିଁ କାରଣ ସମସ୍ତେ ଅଭ୍ୟସ୍ତ ହୋଇଗଲେଣି ଠିଆ ଖିଆରେ ।

ବାହାଘର, ବ୍ରତଘର କିମ୍ବା ଜନ୍ମଦିନ ଇତ୍ୟାଦି ସାମାଜିକ କାର୍ଯ୍ୟକ୍ରମରେ ଯେଉଁ ଭୋଜିର ଆୟୋଜନ ହୋଇଥାଏ, ସେଗୁଡ଼ିକ ସବୁ ବଫେ । ଲମ୍ବା ଲାଇନରେ ଠିଆ ହୋଇ ଖଲି ଧରି ଖାଦ୍ୟ ମାଗି କରି ଠିଆରେ ହିଁ ଖାଇବାକୁ ପଡ଼ିଥାଏ । ଖାଦ୍ୟର ପସରା ମେଲା ହୋଇଥାଏ । ନିଜର ପସନ୍ଦ ଅନୁସାରେ ଖାଦ୍ୟ ମାଗି ଠିଆରେ ଖାଇବାକୁ ହୁଏ । ଖାଦ୍ୟ ସରିଗଲେ ଆଉଥରେ ଲାଇନରେ ଯାଇ ଖାଦ୍ୟ ମାଗିବାକୁ ପଡ଼ିଥାଏ । ସବୁ ଲୋକ ଏହି ଠିଆ ଖିଆ, ମାଗି ଖିଆକୁ ପସନ୍ଦ କରନ୍ତି ନାହିଁ । ଅନେକ ଲୋକ ଖାଦ୍ୟ ମାଗି ଆଣି ଜାଗାଦେଖି ବସି ପଡ଼ନ୍ତି ଓ ଖାଦ୍ୟ ଖାଇଥାଆନ୍ତି । ଯେଉଁମାନଙ୍କର ଠିଆ ଖାଇବାର ଅଭ୍ୟାସ ନ ଥାଏ ସେମାନେ କୌଣସି ମତେ ବସି ଖାଇବାକୁ ଚେଷ୍ଟା କରନ୍ତି । ଆଜିକାଲି ସହରମାନଙ୍କରେ ଆଉ ବସି ଖାଇବାର ବ୍ୟବସ୍ଥା କରା ଯାଉନାହିଁ । ସବୁ ଜାଗାରେ ଠିଆ ଖିଆ, ମାଗି ଖିଆ । କିନ୍ତୁ ଗାଁ ଗହଳରେ କିଛି



ପରିମାଣରେ ଭୋଜି ଭାତ ହେଲେ ଟେବୁଲ, ଚୌକିର ବ୍ୟବସ୍ଥା କରାଯାଉଛି । ଯଦିଓ ଟିକିଏ ଅପେକ୍ଷା କରିବାକୁ ପଡ଼ିଥାଏ, ତଥାପି ବସି ଖାଇବାର ସୁଯୋଗ ମିଳିଥାଏ । ଗାଁ ଗହଳରେ ଥିବା ବୁଢ଼ୀବୁଢ଼ାମାନଙ୍କୁ ଏହି ବ୍ୟବସ୍ଥା ସୁହାଇଥାଏ । ସେମାନେ ଅନ୍ତତଃ ଭୋଜି ଖାଇବାର ସୁଯୋଗ ପାଇଥାଆନ୍ତି ।

୨୦୦୦ ମସିହା ପରଠାରୁ ଠିଆ ଖିଆ ସଂସ୍କୃତି ଆରମ୍ଭ ହୋଇଛି । ତା' ପୂର୍ବରୁ ସବୁ ବସି ଖାଇବା ସଂସ୍କୃତି ଥିଲା । ଆଗରୁ ତଳେ ବସି ଭୋଜି ଖିଆ ଯାଉଥିଲା । ତା'ପରେ ଟେବୁଲ ,ଚୌକି ବ୍ୟବସ୍ଥା କରାଗଲା । ଟେବୁଲ, ଚୌକିରେ ଥରକରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଲୋକ ଖାଦ୍ୟ ଖାଇପାରିଲେ । କିନ୍ତୁ ତଳେ ଖାଇଲେ ଏକକାଳୀନ ଅନେକ ଲୋକ ଖାଦ୍ୟ ଖାଇ ପାରୁଥିଲେ । କାହାରିକୁ ଅପେକ୍ଷା କରିବାକୁ ପଡୁ ନ ଥିଲା । ଯିଏ ଯେତେବେଳେ ଆସିଲେ ଯେକୌଣସି ଜାଗାରେ ବସି ଖାଦ୍ୟ ଖାଇ ପାରୁଥିଲେ । ପରିମାଣର କୌଣସି ସୀମା ନ ଥାଏ । ଏଥିରେ ଖାଦ୍ୟ ନଷ୍ଟ ହୁଏ ନାହିଁ । ଯିଏ ଯାହା ଖାଏ ତାହା ତାଙ୍କୁ ପଚାରି ପଚାରି ଦିଆଯାଇଥାଏ । କିନ୍ତୁ ଠିଆ ଖିଆ ବା ବଫେରେ ଜଣେ ଯେତିକି ଖାଦ୍ୟ ମାଗି ଆଣି ଥାଆନ୍ତି ତାହା ଖାଇ ନ ପାରିଲେ ଫୋପାଡ଼ି ଚାଲିଯାଆନ୍ତି । କାରଣ ସମସ୍ତଙ୍କୁ ସମାନ ପରିମାଣର ଖାଦ୍ୟ ଦିଆ ଯାଉଥାଏ । ଆଉ ଯଦି କେହି ଦ୍ୱିତୀୟ ଥର ଖାଇବାର ଇଚ୍ଛା ଥାଏ ଗହଳି ଲାଇନ ଦେଖି ଆଉ ଯିବାକୁ ଇଚ୍ଛା କରେ ନାହିଁ । ଫଳରେ ତାଙ୍କୁ ସେହି ଥରକରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଥାଏ । ଏଠାରେ ଅଳ୍ପ ଖାଦ୍ୟ ବେଶି ଲୋକ ଖାଇପାରନ୍ତି । କାରଣ କମ୍ କମ୍ ଖାଦ୍ୟ ପରଷା ଯାଏ । ଯିଏ ଅଧିକ ଥର ମାଗି ଖାଇପାରେ ସେ ପେଟ ଭରି ଖାଇପାରେ । ଯିଏ ଥରକରେ ଆଉ ଧାଡ଼ିକୁ ଯାଏ ନାହିଁ ତା'ର ପେଟ ପୂରି ନ ଥାଏ । ଲାଜ କରୁଥିବା ଲୋକ ଏଠାରେ ଭୋକିଲା ରହିବାକୁ ପଡ଼େ । ନିଲଜିଆ ହୋଇ ବାରମ୍ବାର ଧାଡ଼ି ଧରିଲେ ପେଟପୂରା ଖାଇ ପାରିବ । ଏହି ଠିଆ ଖିଆକୁ ଆମ ସଂସ୍କୃତି ବୋଲି ଭାବିବାକୁ ପଡ଼ିବ ।

ଏବେ ପରିବାରରେ ମଧ୍ୟ ଆଉ ବସି ଖାଇବାର ସୁଯୋଗ ନାହିଁ । କାରଣ ସବୁ ପରିବାରରେ ଡାଇନିଂ ଟେବୁଲ ସବୁ ଘରର ଶୋଭା ବଢ଼ାଉଛି । ଆଜିକାଲି ଘରେ ଦାମୀ ଡାଇନିଂ ଟେବୁଲ ରଖି ଘର ସଜାଇବାର ଏକ ଫେଶନରେ ପରିଣତ ହୋଇଗଲାଣି । ପଡ଼ୋଶୀ ଘର ସହ ପ୍ରତିଯୋଗିତାମୂଳକ ଭାବରେ ଡାଇନିଂ ଟେବୁଲ କିଣା ଯାଉଛି । ଏହି ଟେବୁଲରେ ବସି ଖାଇବା ଅଭ୍ୟାସ କରିବା ଫଳରେ ଅନେକ ଲୋକଙ୍କର ଆଣ୍ଠୁ ସମସ୍ୟା ଦେଖାଦେଉଛି । ଆଉ ତଳେ ଚକା ପକାଇ ବସିପାରୁ ନାହାନ୍ତି । ମନ୍ଦିରମାନଙ୍କୁ ପ୍ରସାଦ ସେବନ ପାଇଁ ଗଲେ ଆଉ ତଳେ ବସି ପ୍ରସାଦ ସେବନ କରିପାରୁ ନାହାନ୍ତି । ଏହି ସମସ୍ୟା ପାଇଁ ପୁଣି ଯୋଗର ସାହାରା ନେବାକୁ ପଡୁଛି ।

ରାଧାନଗର, ବୌଦ୍ଧ,
ମୋ:୯୯୩୮୭୫୮୩୫୩

## ଏଇ ଭାରତରେ

ଗ୍ରୀଷ୍ମ ଲହରିରେ ପଶୁପକ୍ଷୀ ପାଣି ବିନା ଓହଳବିକଳ ହେଉଛନ୍ତି ଓ ଖାଦ୍ୟ ପାଇପାରୁନାହାନ୍ତି । ଫଳରେ ସେମାନେ ଅସୁସ୍ଥ ହୋଇପଡୁଛନ୍ତି ଓ ଅନେକ କ୍ଷେତ୍ରରେ ସେମାନଙ୍କର ମୃତ୍ୟୁ ମଧ୍ୟ ଘଟୁଛି । ରାଜସ୍ଥାନରେ ଏଭଳି ଜଳ ଓ ଖାଦ୍ୟ ସଙ୍କଟ ଦୂର କରି ପ୍ରାଣୀଙ୍କ ଜୀବନ ରକ୍ଷା କରିବା ପାଇଁ 'ଜୀବଜନ୍ତୁ ପ୍ରେମୀ ବନ୍ଧୁ ସଂସ୍ଥା'(ପିଏଫ୍‌ଏ)ର ସଦସ୍ୟମାନେ ୩୫ଟି ଗାଁରେ ପଶୁପକ୍ଷୀଙ୍କ ପାଇଁ ପିଇବା ପାଣି ଓ ଖାଦ୍ୟ ବ୍ୟବସ୍ଥା କରୁଛନ୍ତି । ପିଏଫ୍‌ଏରେ ୬୯୦ ସଦସ୍ୟ ଅଛନ୍ତି । ସେମାନେ ଗାଁଗୁଡ଼ିକରେ ପାଣି ଟାଙ୍କି ନିର୍ମାଣ କରିବା ସହ ପୋଖରୀଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି । ଯୋଧପୁର ନିକଟସ୍ଥ ବଓ୍ୱାର୍ଲା ଗାଁରେ ପ୍ରଥମେ ୭ଜଣ ସରକାରୀ କର୍ମଚାରୀ ଏକାଠି ହୋଇ ପାତ୍ରରେ ପାଣି ଓ ଖାଦ୍ୟ ରଖିବା ଆରମ୍ଭ କରିଥିଲେ । ପ୍ରଥମେ ସେମାନେ ନିଜେ ଟଙ୍କା ଦେଇ ଏହା କରିଥିଲେ । ପରେ ସେମାନେ ମାର୍ଚ୍ଚ ୨୦୨୧ରେ 'ଜୀବଜନ୍ତୁ ପ୍ରେମୀ ବନ୍ଧୁ ସଂସ୍ଥା' ଗଠନ କରି ମାସକୁ ପ୍ରତ୍ୟେକ ସଦସ୍ୟ ୧୦୦୦ ଟଙ୍କା ଦେଇ ପାଣିଟାଙ୍କି ନିର୍ମାଣ ସହ ପୋଖରୀଗୁଡ଼ିକର ପୁନରୁଦ୍ଧାର ଏବଂ ଖାଦ୍ୟ ଯୋଗାଣ କାର୍ଯ୍ୟ ଚଳାଇଛନ୍ତି । ଏ ବାବଦରେ ଏବେ ସୁଦ୍ଧା ସେମାନେ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଲେଣି ।

## ୫୦ ବର୍ଷ ତଳର ଧରିତ୍ରୀ

୬ ମେ ୧୯୭୬

- ଜରୁରୀ ପରିସ୍ଥିତି ଜାରି ହେବା ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ପ୍ରାୟ ୧୦,୦୦୦ କର୍ମଚାରୀଙ୍କୁ ଅପାରଗତା ବା ଦୁର୍ନୀତି କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।
- ୨୧ କୋଟି ୫୦ ଲକ୍ଷ ଡଲାର କ୍ଷତିପୂରଣ ଦାବି କରି ଆମେରିକାର ୫ଟି ଶସ୍ୟ କମ୍ପାନୀ ବିରୁଦ୍ଧରେ ଭାରତର ମୋକଦ୍ଦମା ।

## ଚିରନ୍ତନୀ

ନିଦାଘ ପଥେ ରଖି ନୟନ
ସ୍ୱପନ କଳି କେତେ ଚୟନ
ଶରତ ଆକାଶର ଇନ୍ଦ୍ରଧନୁ ଟାଣି
କରିଲି କେତେ ଶର ମୋଚନ ।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ୱାକ୍‌ଫ ଆଇନର ସଂସ୍କାର ଜରୁରୀ ଥିଲା

ମହାଶୟ,

ବହୁ ବିତର୍କିତ ୱାକ୍‌ଫ ସଂଶୋଧନ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହୋଇଛି । ଦୁର୍ଭାଗ୍ୟ ଯେ, ସଂଶୋଧିତ ୱାକ୍‌ଫ ଆଇନକୁ ନେଇ ବିରୋଧୀମାନଙ୍କ ଦେଶବ୍ୟାପୀ ଅପପ୍ରଚାରର ଉତ୍ତାପ ଦୁର୍ବଳ ହେଉନାହିଁ । ୱାକ୍‌ଫ ବିଧିବ୍ୟବସ୍ଥାରେ ଅଣାଯାଇଥିବା ପରିବର୍ତ୍ତନ ଅନୁକୂଳଧର୍ମୀ । ଏହା କାହାରି ପ୍ରାଧାନ୍ୟକୁ ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ରାଜନୈତିକ ପ୍ରଭାବ ହରାଉଥିବା ବିରୋଧୀ ଆଇନର ବାସ୍ତବତା ଉପରେ ଭ୍ରମର ପ୍ରଲେପ ଦେବା ପାଇଁ ବ୍ୟସ୍ତ ହୋଇପଡିଛନ୍ତି । ମୁସଲିମ୍ ଜନମାନସକୁ ଭୁଲ୍ ଦିଗରେ ନେବା ପାଇଁ ଉଦ୍ୟମ କରୁଛନ୍ତି । ୱାକ୍‌ଫର ପରିଚାଳନାରେ ସଂସ୍କାର ଆଣିବା ଜରୁରୀ ଥିଲା । ସ୍ୱଚ୍ଛତା, ଦାୟିତ୍ୱ ଓ ଦକ୍ଷତାର ସହ କୌଣସି ଅନୁଷ୍ଠାନର ସମ୍ପତ୍ତିକୁ ପରିଚାଳନା କରାଯିବା ଭଲ । ଧୈର୍ଯ୍ୟ ଓ ସହିଷ୍ଣୁତା ଗୁଣରେ ଆଇନର ଉପକାରୀ ଦିଗକୁ ସ୍ୱାଗତ କରାଯାଉ । ୱାକ୍‌ଫ ବୋର୍ଡ ଅଧୀନରେ ଥିବା ସମ୍ପତ୍ତି କାହା ସୁବିଧାରେ ବ୍ୟବହୃତ ହେଉଛି ବୋଲି ସେ ବିଷୟରେ ଜ୍ଞାତ ହେବା ଆମର ଅଧିକାର । ଦେଶରେ ବସବାସ କରୁଥିବା ଗରିବ, ବିଧବା, ସ୍ୱାମୀ ପରିତ୍ୟକ୍ତା ମୁସଲିମ ମହିଳାଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ସଂଶୋଧିତ ଆଇନରେ ପ୍ରାବଧାନ ରହିବା ଉତ୍‌ଥାନର ଦିଗକୁ ସୂଚାଉଛି, ଦମନର ଦିଗକୁ ନୁହେଁ ।

–ଦୁଃଶାସନ ବିଶ୍ୱାଳ, କାଜିପୁର, ନିମାପଡ଼ା,

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | 3 | | | | |
| 2 | 4 | | 1 | | | | 3 | |
| | 7 | | | 5 | | | 6 | |
| 1 | | 2 | | 6 | 7 | | | |
| | | | 3 | | | | | |
| | | | 9 | | | 2 | | |
| 3 | | | | | | | | |
| 5 | | 9 | 8 | | | | | 6 |
| | 1 | | 5 | | | 4 | | |

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

| | | | | | | | | |
|---|---|---|---|---|---|---|---|---|
| 9 | 7 | 6 | 8 | 3 | 1 | 5 | 4 | 2 |
| 1 | 3 | 5 | 7 | 4 | 2 | 8 | 9 | 6 |
| 4 | 2 | 8 | 5 | 9 | 6 | 7 | 3 | 1 |
| 7 | 4 | 3 | 9 | 6 | 8 | 1 | 2 | 5 |
| 5 | 6 | 2 | 3 | 1 | 4 | 9 | 7 | 8 |
| 8 | 1 | 9 | 2 | 5 | 7 | 4 | 6 | 3 |
| 2 | 9 | 1 | 6 | 7 | 5 | 3 | 8 | 4 |
| 6 | 5 | 7 | 4 | 8 | 3 | 2 | 1 | 9 |
| 3 | 8 | 4 | 1 | 2 | 9 | 6 | 5 | 7 |

ଗତକାଲିର ଉତ୍ତର

# ଗୋଟିପୁଅ, ଲୋକନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

### ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ପଦ୍ମଶ୍ରୀ ମାଗୁଣି ଦାସ ସ୍ମାରକୀ ସମ୍ମାନ

ପୁରୀ,୫।୫(ଅଜିତ କୁମାର ମହାନ୍ତି)



୧୧ତମ ଗୋଟିପୁଅ ଓ ଲୋକନୃତ୍ୟ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଶ୍ରୀଜଗନ୍ନାଥ ଓ ଉତ୍କଳୀୟ ସଂସ୍କୃତିକୁ ବିଶ୍ୱମୟ କରିବାରେ ଐତିହ୍ୟ ଗ୍ରାମ ରଘୁରାଜପୁର ଏବଂ ପଦ୍ମଶ୍ରୀ ମାଗୁଣି ଦାସ ସଦା ସ୍ମରଣ ରହିବେ ବୋଲି ମତପ୍ରକାଶ ପାଇଛି। ସୋମବାର ରଘୁରାଜପୁରରେ କେନ୍ଦ୍ର ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ୧୧ତମ ପଦ୍ମଶ୍ରୀ ମାଗୁଣି ଦାସ ସ୍ମାରକୀ ଗୋଟିପୁଅ ଓ ଲୋକନୃତ୍ୟ ମହୋତ୍ସବକୁ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ଓଡ଼ିଶୀ ନୃତ୍ୟ ଓ ଗୋଟିପୁଅର ଅନୁଷ୍ଠାନଶୀଳ ଏବଂ ସଂସ୍କୃତିରେ ତୀର୍ଥସ୍ଥଳ ରଘୁରାଜପୁର, ଯେଉଁଠି ମାହାରୀଠାରୁ ଓଡ଼ିଶୀ ସଙ୍ଗୀତ ପର୍ଯ୍ୟନ୍ତ ସବୁ ରୁଦ୍ଧିମନ୍ତ, ତାହାର ବିକାଶ ସହ ତ୍ରିଧାରା ମାଧ୍ୟମରେ ଗୋଟିପୁଅ ତାଲିମ କେନ୍ଦ୍ର ପାଇଁ ସରକାର ସଂକଳ୍ପବଦ୍ଧ ହେବା ଆବଶ୍ୟକ। ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତାର ମିଳିତ ସହଯୋଗରେ ଦଶଭୂଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରବୋଧ ରଥ, ଛଉନୃତ୍ୟ ଗୁରୁ ପ୍ରଦୀପ ମିଶ୍ର ଯୋଗଦେଇ ପଦ୍ମଶ୍ରୀ ମାଗୁଣି ଦାସଙ୍କ ଅନୁଷ୍ଠାନ ବିଶ୍ୱରେ ଭାରତର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ତାହା ଅବର୍ଣ୍ଣନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ମହୋତ୍ସବରେ ମାଳତିପାଟପୁର ସରପଞ୍ଚ ମହେନ୍ଦ୍ର ମହାପାତ୍ର, ସମିତି ସଭ୍ୟ ପ୍ରମୋଦ ମହାରଣା, ଗ୍ରାମ କମିଟି ସଭାପତି ଲକ୍ଷ୍ମୀଧର ସୁବୁଦ୍ଧି ଓ ଶିଳ୍ପୀ ଗୁରୁ ବନମାଳୀ ମହାପାତ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଗୀତିକାର ଡ. ବଦ୍ରି ମିଶ୍ର ସଭାପତିତ୍ୱ କରିଥିଲେ। ଦଶଭୂଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଗୋଟିପୁଅ, ବିଶ୍ୱଜନନୀ ପଶୁମୁଖା ନୃତ୍ୟ କେନ୍ଦ୍ର ଗଞ୍ଜାମ ପକ୍ଷରୁ ଆକର୍ଷଣୀୟ ପଶୁମୁଖା ନୃତ୍ୟ, କଳାହାଣ୍ଡିର ପ୍ରତିଭା ଅନୁଷ୍ଠାନ ପକ୍ଷରୁ ସିଙ୍ଗାରୀ ନୃତ୍ୟ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ନୃତ୍ୟବୃନ୍ଦର ରାୟବେଁଶ ଓ ନାଗୁଆ ନୃତ୍ୟ ସମବେତ ଦର୍ଶକଙ୍କୁ ବିମୋହିତ କରିଥିଲା। ଅତିଥିମାନଙ୍କୁ ମହୋତ୍ସବ କମିଟି ଅଧ୍ୟକ୍ଷ କବି ଶଙ୍କର୍ଷଣ ପରିଡ଼ା ସ୍ୱାଗତ କରିଥିବା ବେଳେ ସମ୍ପାଦକ ସେବେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ ସଂଯୋଜକ ବସନ୍ତ ପ୍ରଧାନ ଓ ସହସଂଯୋଜକ ବଟକୃଷ୍ଣ ଦାସ ସଂଯୋଜନା କରିଥିବାବେଳେ ଉଦ୍‌ଘୋଷକ ଅଞ୍ଜନ ହୋତା ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ପଦ୍ମଶ୍ରୀ ମାଗୁଣି ଦାସ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ମାହାରୀ ନୃତ୍ୟ ଗୁରୁ ଚନ୍ଦ୍ରିକା ରଣା, ଛଉନୃତ୍ୟ ଗୁରୁ ପ୍ରଦୀପ ମିଶ୍ର, ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରବୋଧ ରଥ, ଉଦ୍‌ଘୋଷକ ଓ କବି ଅଞ୍ଜନ ହୋତା, ସାମ୍ବାଦିକ ଅରୁଣିକା ମହାପାତ୍ର, ପର୍ବତାରୋହୀ ଅଙ୍କିତା ପ୍ରଧାନ, ପଟ୍ଟଚିତ୍ର ଗୁରୁ ଶ୍ରୀଧର ମହାରଣା, ସିନେ କଳାକାର ବିଭୁଦତ୍ତ ସୁବୁଦ୍ଧି, କଣ୍ଠଶିଳ୍ପୀ ପ୍ରଭାକର ରଥ ଏବଂ ଯୁବ ପଟ୍ଟଚିତ୍ର ଶିଳ୍ପୀ ନାରାୟଣ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୁଣ୍ୟ ଉତ୍କଳ ପରିବାର ପକ୍ଷରୁ ଦୀପଦାନ

ବଳଙ୍ଗା,୫।୫(କେଦାରେଶ୍ୱର ନନ୍ଦ)

ପୁଣ୍ୟ ଉତ୍କଳ ପରିବାର ତରଫରୁ ଗଡ଼ଚାନ୍ଦପୁର ମେଳଣ ପଡ଼ିଆରେ କଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ହିନ୍ଦୁ ପର୍ଯ୍ୟଟକଙ୍କ ପାଇଁ ଏକ ସ୍ମୃତି ସଭା ଏବଂ ସମୂହ ଦୀପଦାନ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୋଲିସ ଗୃହ ନିର୍ମାଣ ବିଭାଗ ବିତ୍ତ ଉପଦେଷ୍ଟା ମନୋରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ସାଧାରଣ ପ୍ରଶାସନ ବିଭାଗ ଯୁଗ୍ମ ସଚିବ ଡ. ଲିପିକା ଦାସ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ବୀରବର ଜେନା, ପୁଣ୍ୟ ଉତ୍କଳ ପରିବାରର ସଭାପତି ସଦାଶିବ ପରିଡ଼ା, ପ୍ରାଧ୍ୟାପକ ଡ. ସନ୍ତୋଷ କୁମାର ଦାଶ, ଦହିଜଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା, କବି ନବକିଶୋର ଭୋଳ, ଫୁଲରାଣୀ ପାଳ, ଡ. ରାଧାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ସାମାଜିକ କର୍ମୀ ଗଙ୍ଗାଧର ଜେନା ପରିଚାଳନା କରିଥିଲେ। ସତ୍ୟରଞ୍ଜନ ବରାଳ ଏବଂ ଗଡ଼ଚନ୍ଦପୁରବାସୀ ସହଯୋଗ କରିଥିଲେ।

## ୮ ବର୍ଷ ହେଲା ନିର୍ମାଣ ସରୁନି ଅଙ୍ଗନୱାଡି କେନ୍ଦ୍ର

ଯୋଗେଶ୍ୱରପୁର,୫।୫ (ରଶ୍ମିରଞ୍ଜନ ସାହୁ)



ବର୍ଷେ ନୁହେଁ କି ୨ ବର୍ଷ ନୁହେଁ ଦୀର୍ଘ ୮ ବର୍ଷ ହେଲା ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ତାହା ପୁଣି ବିନା ଫଳକରେ ଘର ତୋଳା ଚାଲିଛି। ଏହି ଘଟଣା ନୟାହାଟ ଫାଣ୍ଡି ଅଧୀନ ଇସାଣପୁର ପଞ୍ଚାୟତର କଦମ୍ବପାଟଣା ୟୁଜିଏମ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଅଙ୍ଗନୱାଡିକୁ ପାଠ ପଢିବାକୁ ଆସୁଥିବା କୋମଳମତି ପିଲାମାନେ ବିଦ୍ୟାଳୟର ବିପଦପୂର୍ଣ୍ଣ ଘରେ ବସି ପାଠ ପଢୁଛନ୍ତି। ନିର୍ମାଣ ହୋଇଥିବା ଘର ପ୍ଲାଷ୍ଟର ମେଜିଆ କବାଟ ଝରକା ଓ ରଙ୍ଗ ହେବାକୁ ୮ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇପାରୁନି। ଫଳରେ ଉକ୍ତ ଅଙ୍ଗନୱାଡିରେ ପଢୁଥିବା ପିଲାଙ୍କ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏଦିଗରେ ଗୋପ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଉକ୍ତ କାମକୁ ପୂର୍ଣ୍ଣାଙ୍ଗ କରିବାକୁ ପାଇଁ ଦାବି ହେଉଛି।


प्रपत्र सं0–1

**कार्यपालक अभियंता का कार्यालय**
राष्ट्रीय उच्च पथ प्रमंडल, देवघर।
ई–प्रोक्योरमेंट सूचना
अल्पकालीन ई–निविदा प्रसंग
सं0– NH/DEOGHAR/SBD/02/2024-25 (4th Call)
दिनांकः– 03.05.2025

| | | |
|---|---|---|
| 1. | कार्य का नाम | Widening & Strengthening Work of Meharma bypass starting from Sidhokanho Chowk to meet at Ch. 11.2 at Meharma from Km 9.300 to Km 11.200 of NH-133 (total Length- 1.710 Km) |
| 2. | प्राक्कलित राशि (रूपये में) | 4,99,72,033=72 |
| 3. | कार्य समाप्ति की अवधि | 05 माह |
| 4. | वेबसाईट पर निविदा प्रकाशित होने की तिथि एवं समय | 09.05.2025 (12:30 PM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 26.05.2025 (05:00 PM) |
| 6. | निविदा खोलने की तिथि एवं समय | 27.05.2025 (03:00 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें।
ह0/–
कार्यपालक अभियंता
राष्ट्रीय उच्च पथ प्रमंडल, देवघर।
PR 351696 Deoghar(25-26)D


## ରାଧାବଲ୍ଲଭ ମଠରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

ପୁରୀ,୫।୫(ଅଜିତ କୁମାର ମହାନ୍ତି)



ରାଧାବଲ୍ଲଭ ମଠ ପରିସରରେ ସୋମବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ମାଧ୍ୟମରେ ସ୍ୱାସ୍ଥ୍ୟସେବା ପାଇ ଶତାଧିକ ସାଧୁସନ୍ଥ, ମଠାଧୀଶ ଓ ବିଦ୍ୟାର୍ଥୀ ଲାଭାନ୍ୱିତ ହୋଇଛନ୍ତି। ରାଧାବଲ୍ଲଭ ମଠର ମଠାଧୀଶ ମହନ୍ତ ରାମକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଶ୍ରୀସତ୍ୟସାଇ ସେବା ଟ୍ରଷ୍ଟ ଓଡ଼ିଶା ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ମେଡିସିନ, ଚକ୍ଷୁ ଓ ଅନ୍ୟାନ୍ୟ ବିଭାଗର ବିଶିଷ୍ଟ ଡାକ୍ତରମାନେ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଇସିଜି, ମଧୁମେହ, ଉଚ୍ଚ ରକ୍ତଚାପ ଓ ୟୁରିକ ଏସିଡ୍ ପରୀକ୍ଷା ସହ ଅନେକ ବୈଦ୍ୟକୀୟ ସେବା ମିଳିଥିଲା। ସେବା କାର୍ଯ୍ୟରେ ଡା. ରଞ୍ଜିତ ଖଟୁଆ, ଡା. ବିଷ୍ଣୁପ୍ରସାଦ, ସତ୍ୟସାଇ ସେବା ଟ୍ରଷ୍ଟ, ଓଡ଼ିଶାର ସମ୍ପାଦକ ସୁଶାନ୍ତ ପଟ୍ଟନାୟକ, ସେବା ସଂଯୋଜକ ରମାକାନ୍ତ ଦାସ, ବରିଷ୍ଠ ସଦସ୍ୟ ଚନ୍ଦ୍ରଶେଖର ଦାସ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ସେବା ନିର୍ବାହକ ବିପିନ ବିହାରୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।


**कार्यपालक अभियंता का कार्यालय**
पथ निर्माण विभाग,
पथ प्रमण्डल, डालटनगंज
(E-mail: eercdmedini-jhr@nic.in)

**शुद्धि-पत्र**

एतद द्वारा सूचित करना है कि इस कार्यालय द्वारा दिनांक–24.04.2025 को विभिन्न समाचार पत्रों के माध्यम से ई–निविदा पत्रांक सं0–1/RCD/Daltonganj/2025-26/ 401 आमंत्रित की गई है, जिसका PR No. 351028 Road ( 25-26)D है, जिसमें क्रमांक–4 में अंकित Time of Completion 18 Months के स्थान पर 24 Months पढ़ा/समझा जाय।
निविदा की अन्य शर्तें यथावत रहेगी।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।
PR.NO.351689 Road(25-26):D



**ଦ.ପୂ. ରେଳପଥ – ଟେଣ୍ଡର**

ଖୋଲା ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍-ଟାଟା-୦୨-୨୦୨୫-୨୬, ତାରିଖ: ୦୨।୦୫।୨୦୨୫ ।

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆର୍‌ଏସ୍)/ଟାଟାନଗର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ–ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଇ–ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ବର୍ଣ୍ଣନା:** ୦୨ ବର୍ଷ ପାଇଁ ଇଲେକ୍ଟ୍ରିକ୍ ଲୋକୋ ଶେଡ୍/ଟାଟାନଗରର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକରର ପ୍ରମୁଖ ଉପକରଣ ତଥା ଏମ୍ଆଣ୍ଡପି ସାମଗ୍ରୀର ସଫେଇ ଓ ରକ୍ଷଣାବେକ୍ଷଣ । **ଟେଣ୍ଡର ମୂଲ୍ୟ:** ₹୧,୫୧,୩୮,୮୭୬.୪୮ । **ଇ.ଏମ୍.ଡି.:** ₹୨,୨୫,୭୦୦/–। **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/–। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୬।୦୫।୨୦୨୫ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ:** ତା୨୬।୦୫।୨୦୨୫ରିଖ ଟିଆର୍‌ଏସ୍/ଟାଟାନଗରଠାରେ । ଟେଣ୍ଡର ୱେବ୍‌ସାଇଟ୍: http://www.ireps.gov.in ରେ ଦେଖାଯାଇପାରିବ । ଇ–ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । ଯଦି ଟେଣ୍ଡର ଖୋଲାଯିବା ତାରିଖ ବନ୍ଦ କିମ୍ବା ଛୁଟିଦିନ ଘୋଷିତ ହୁଏ, ତେବେ ଟେଣ୍ଡରକୁ ପରବର୍ତ୍ତୀ କାର୍ଯ୍ୟଦିବସରେ ସମାନ ସମୟରେ ଖୋଲାଯିବ । (PR-118)


## ସତ୍ୟବାଦୀ ହାଇସ୍କୁଲରେ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

ସାକ୍ଷୀଗୋପାଳ,୫।୫(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ଶିକ୍ଷକ ସଂଘ ପକ୍ଷରୁ ଏକଦିବସୀୟ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡ଼ିଶା ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଡ. ନିରଞ୍ଜନ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଉପସଭାପତି ଅନାଦି ଶ୍ରୀଚନ୍ଦନ, ଅତିରିକ୍ତ ସାଧାରଣ ସମ୍ପାଦକ ପ୍ରମୋଦ ଖୁଣ୍ଟିଆ, କୋଷାଧ୍ୟକ୍ଷ ବାଞ୍ଛାନିଧି ସାହୁ, ମହାସଚିବ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ବିକ୍ରମ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଓ ସଦସ୍ୟଙ୍କ ଉପସ୍ଥିତିରେ ଜିଲାସ୍ତରରେ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ୭ ଜଣିଆ କମିଟି ଗଠନ କରାଯାଇଛି। ରାଷ୍ଟ୍ରର ହିତ ପାଇଁ ଶିକ୍ଷାଦାନ କରିବା ଏହି କର୍ମଶାଳାର ମୁଖ୍ୟ ଆଭିମୁଖ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶିକ୍ଷକ ଶ୍ରୀଚନ୍ଦନ ସଭା ପରିଚାଳନା କରିଥିଲେ। ଶିକ୍ଷକ ମୃତ୍ୟୁଞ୍ଜୟ ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଅନ୍ୟ ସଦସ୍ୟଙ୍କ ମଧ୍ୟରେ ପବିତ୍ରମୋହନ ଜେନା, ସୁଶ୍ରୀସ୍ମିତା ମହାନ୍ତି, ବିଷ୍ଣୁଚରଣ ମହାନ୍ତି, ବସନ୍ତ ସ୍ୱାଇଁ, ରବି ବାରିକ୍‌ଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଦରଦାମକୁ ନିୟନ୍ତ୍ରଣରେ ରଖିବାକୁ ନିବେଦନ

### ବ୍ୟବସାୟୀ ସଂଘର ସାଧାରଣ ପରିଷଦ ବୈଠକ

ନିମାପଡ଼ା,୫।୫(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବ୍ୟବସାୟୀ ସଂଘର ସାଧାରଣ ପରିଷଦର ବୈଠକ ସୋମବାର ସିଦ୍ଧେଶ୍ୱର ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ୍ମଚରଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଜମ୍ମୁକଶ୍ମୀର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣ ପର୍ଯ୍ୟଟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ ଆତଙ୍କବାଦୀଙ୍କ କାର୍ଯ୍ୟକଳାପକୁ ନିନ୍ଦା କରାଯାଇଥିଲା। ଭାରତ ସରକାର ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ୟବସାୟୀମାନେ ଦାବି କରିଥିଲେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବ୍ୟବସାୟୀମାନେ ସରକାରଙ୍କ ସହ ଅଛନ୍ତି। ବ୍ୟବସାୟୀଙ୍କ ମଧ୍ୟରେ ଏକତା ରକ୍ଷା କରିବା ସହ ଦରଦାମକୁ ନିୟନ୍ତ୍ରଣରେ ରଖିବା, ଖାଉଟିଙ୍କୁ ଉଚିତ୍ ସେବା ପ୍ରଦାନ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ସଂଘର ଅଫିସ ଗୃହ ନିର୍ମାଣ ପାଇଁ ସଭାପତି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଏନେଇ ଆଲୋଚନା କରିଥିଲେ। ବ୍ୟବସାୟୀ ସଂଘର ସମସ୍ତ ଦାବିଗୁଡ଼ିକୁ ସହୃଦୟର ସହ ସହ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ବ୍ୟବସାୟୀ ଉପମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବୈଠକରେ ବିଭୂତି ଭୂଷଣ ସାହୁ, ଅକ୍ଷୟ କୁମାର ସାହୁ, ଭୀମସେନ ପରିଡ଼ା, ଶ୍ରୀକାନ୍ତ ସାହୁ, ରାଜକିଶୋର ମୁଦୁଲି, ଦୋଳଗୋବିନ୍ଦ ପାତ୍ର, ରଘୁନାଥ ସାହୁ, ସରୋଜ ପ୍ରଧାନ, କପିଳ ସାହୁ, ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


**Office of the Executive Engineer**
**Drinking Water & Sanitation Division, Sahibganj**

**Very-Very Short Term Tender e-Procurement Notice, (7th Call)**

e-Tender Reference No. :- DWSD/SAHIBGANJ- 13/2024-25 Date- 03.05.2025

| Sl. No. | Name of work | Group No. | No. of Schemes | Block | Panchayat | Village | Habitations | PVTGs HH in Habitation | Estimated Cost (In Rs.) | Earnest Money (In Rs.) | Cost of BOQ (In Rs.) | Time of Completion |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | Construction of Solar Motor Pump based Mini Water Supply Scheme in PvTG village having no drinking water facilites in Sahibganj District under PM-JANMAN Yojna under D.W&S. Division Sahibganj for the year 2024-25. | PVTG-160 | 1 | Taljhari | Karanpura | Kagbhitha | Kagbhitha | 20 | ₹ 12,40,016.00 | ₹ 24,900.00 | ₹ 2,500.00 | 3 Month |

| | | |
|---|---|---|
| 3 | Date & Time of Publication of Tender on website | 06.05.2025/ 06:00 P.M |
| 4 | Last Date & Time for receipt of Bid | 13.05.2025/ 05:00 P.M |
| 5 | Last date/ time of Online submission of Earnest Money and Cost of BOQ (As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | 13.05.2025/ 05:00 PM |
| 6 | Date & Time of Opening of Tender | 14.05.2025 / 05:00 PM |
| 7 | Name & address of office inviting tender | Executive Engineer, Drinking Water & Sanitation Division,Sahibganj, Jharkhand |
| 8 | Name & address of Opening officer | Executive Engineer, Drinking Water & Sanitation Division, Sahibganj Jharkhand |
| 9 | Contact No. of Procurement Office | 9264195681 |
| 10 | Helpline No. of e-procurement cell | 9264195681 |

Note :-No Claim shall be entertained because of disruption of internet service being used by the bidders. Bidders are advised to upload their bids well in advance to avoid last minute technical snags.
Further details can be seen on website http://jharkhandtenders.gov.in, Estimated cost may be increase or decrease.

Executive Engineer,
D.W.&.S, Division, Sahibganj.
PR 351640 Drinking Water and Sanitation(25-26)#D



**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮–ବି, ୧ମ ମହଲା, ୟୁନିଟ୍ – ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ ନିକଟ, ଭୁବନେଶ୍ୱର–୭୫୧୦୦୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍‌ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ନିମନ୍ତେ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

| ଶାଖା / ଆକାଉଣ୍ଟ/ଋଣଗ୍ରହୀତା/ନିର୍ଦ୍ଦେଶକମାନଙ୍କ ନାମ ଏବଂ ଠିକଣା | ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସିକ୍ୟୁରିଟାଇଜେସନ୍ ନୋଟିସ୍ ଦ୍ୱାରା ଦାବି କରାଯାଇଥିବା ରାଶି | ସିକ୍ୟୁରିଟାଇଜେସନ୍ ନୋଟିସ୍ ତାରିଖ / ଦଖଲ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| **ସିଡିଏ ଶାଖା /** ଋଣଗ୍ରହୀତା: ମେସର୍ସ ଫାଷ୍ଟ ଏମ୍ ଟ୍ରେଡର୍ସ ପ୍ରାଇଭେଟ୍ ଲିମିଟେଡ / ନିର୍ଦ୍ଦେଶକମାନେ: ୧) ଶିବାଜୀ ମିଶ୍ର, ୨) ସୁଷମା ମିଶ୍ର, ୩) ସ୍ୱାତୀ ନାୟକ, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ଗ୍ୟାରେଣ୍ଟିଦାତାମାନେ: ୧) ଲାଲାଜୀ ମିଶ୍ର, ୨) ପାପାଜୀ ମିଶ୍ର / ବନ୍ଧକଦାତା: ଶିବାଜୀ ମିଶ୍ର, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ୨୫.୧୨.୨୦୨୪ ସୁଦ୍ଧା ଟ.୫୧,୯୯,୮୨୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୨୬.୧୨.୨୦୨୪ / ୩୦.୦୪.୨୦୨୫ | **ଶିବାଜୀ ମିଶ୍ର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୫୩/୧୧୨୩, ପ୍ଲଟ୍ ନଂ.: ୧୫୧/୪୦୯୬, କ୍ଷେତ୍ର: ଏକର୦.୦୧୫ ଡିସିମିଲି, ପ୍ଲଟ୍ ନଂ.: ୧୪୯/୪୦୯୭, କ୍ଷେତ୍ର: ଏକର୦.୦୬୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୭୫ ଡିସିମିଲି,** ମୌଜା: ଖମାରଙ୍ଗ, ଥାନା: ବାଙ୍କୀ, |
| ତହସିଲ: ବାଙ୍କୀ, ଜିଲ୍ଲା: କଟକ, **ପ୍ଲଟ୍ ନଂ.: ୧୫୧/୪୦୯୬ର ଚାରିପାର୍ଶ୍ୱରେ** ପୂର୍ବ: ବାବୁଲି ମହାପାତ୍ର, ପଶ୍ଚିମ: ନିଜସ୍ୱ, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୫୧, **ପ୍ଲଟ୍ ନଂ.: ୧୪୯/୪୦୯୭ର ଚାରିପାର୍ଶ୍ୱରେ** ପୂର୍ବ: ବାବୁଲି ମହାପାତ୍ର, ପଶ୍ଚିମ: ନିଜସ୍ୱ, ଉତ୍ତର: ନିଜସ୍ୱ, ଦକ୍ଷିଣ: ସୁଷମା ମିଶ୍ର | | | | |
| **ସିଡିଏ ଶାଖା /** ଋଣଗ୍ରହୀତାମାନେ: ୧) ସୁଷମା ମିଶ୍ର, ସ୍ୱାମୀ: କେଳୁଚରଣ ମିଶ୍ର, ୨) ମାଷ୍ଟର ଲାଲାଜୀ ମିଶ୍ର, ପିତା: କେଳୁଚରଣ ମିଶ୍ର, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ବନ୍ଧକଦାତା: ସୁଷମା ମିଶ୍ର, ସ୍ୱାମୀ: କେଳୁଚରଣ ମିଶ୍ର, ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ୦୨.୦୧.୨୦୨୫ ସୁଦ୍ଧା ଟ.୨୫,୯୪,୫୮୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୦୩.୦୧.୨୦୨୫ / ୩୦.୦୪.୨୦୨୫ | **ସୁଷମା ମିଶ୍ର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବନମାଳିପୁର, ଥାନା: ଚୌଦ୍ୱାର, ତହସିଲ: ଟାଙ୍ଗି-ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୫୮/୨୬୬, ପ୍ଲଟ୍ ନଂ.: ୧୧୩/୫୨୪, କ୍ଷେତ୍ର: ଏକର୦.୨୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: |
| ୧୧୩ର ବଳକା ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୧୩ର ବଳକା ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୨୩୯, ଉତ୍ତର: ପ୍ଲଟ୍ ନଂ.: ୧୧୩ର ୨୦ଫୁଟିଆ ଚଉଡା ରାସ୍ତା | | | | |
| **କଟକ ପୁରୀ ରୋଡ ଶାଖା /** ଋଣଗ୍ରହୀତାମାନେ: ୧) ସନ୍ତୋଷ ପରିଡା, ୨) ଲକ୍ଷ୍ମୀଧର ପରିଡା, ଉଭୟଙ୍କ ଠିକଣା- ସା: ତେରବାଟିଆ, ପୋ: ଲକ୍ଷ୍ମୀନାରାୟଣପୁର, ବାଲିପାଟଣା, ଖୋର୍ଦ୍ଧା, ପିନ୍-୭୫୨୧୦୦ | ବନ୍ଧକଦାତା: ଲକ୍ଷ୍ମୀଧର ପରିଡା, ସା: ତେରବାଟିଆ, ପୋ: ଲକ୍ଷ୍ମୀନାରାୟଣପୁର, ବାଲିପାଟଣା, ଖୋର୍ଦ୍ଧା, ପିନ୍-୭୫୨୧୦୦ | ୨୪.୧୨.୨୦୨୪ ସୁଦ୍ଧା ଟ.୧୪,୭୭,୦୨୭/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୨୬.୧୨.୨୦୨୪ / ୦୨.୦୫.୨୦୨୫ | **ଲକ୍ଷ୍ମୀଧର ପରିଡା**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଝିଣ୍ଟି ଶାସନ, ଥାନା: ବାଲିପାଟଣା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୬୧, ପ୍ଲଟ୍ ନଂ.: ୧୮୭୦, କ୍ଷେତ୍ର: |
| ଏକର୦.୦୭୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଶି ପରିଡା, ପଶ୍ଚିମ: ଦିନବନ୍ଧୁ ପରିଡା, ଦକ୍ଷିଣ: କାଶିନାଥ ପରିଡା, ଉତ୍ତର: ରାସ୍ତା | | | | |

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୫.୦୫.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



No. W-3

न्याय सब के लिए — ACCESS TO JUSTICE FOR ALL

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫**
**୧୦।୦୫।୨୦୨୫ (ଦ୍ୱିତୀୟ ଶନିବାର)**

**ବିଶେଷ ସୂଚନା**

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩) ୧୦।୦୫।୨୦୨୫ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮) ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ।
୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର–୧, ସିଡିଏ, କଟକ
ଯୋଗାଯୋଗ:
ମୋ: ୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ–ମେଲ୍: oslsa2020@gmail.com
OIPR-18008/11/0016/2526

# ଏସ୍‌ପିସିଏ ଇନ୍ସପେକ୍ଟର ନିଯୁକ୍ତି ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଭୁବନେଶ୍ୱର,୫।୫ (ବନ୍ଦନା ସେଠୀ)

| **ସିଡିଏ ଶାଖା /** ଋଣଗ୍ରହୀତା: ମେସର୍ସ ଫାଷ୍ଟ ଏମ୍ ଟ୍ରେଡର୍ସ ପ୍ରାଇଭେଟ୍ ଲିମିଟେଡ / ନିର୍ଦ୍ଦେଶକମାନେ: ୧) ଶିବାଜୀ ମିଶ୍ର, ୨) ସୁଷମା ମିଶ୍ର, ୩) ସ୍ୱାତୀ ନାୟକ, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ଗ୍ୟାରେଣ୍ଟିଦାତାମାନେ: ୧) ଲାଲାଜୀ ମିଶ୍ର, ୨) ପାପାଜୀ ମିଶ୍ର / ବନ୍ଧକଦାତା: ଶିବାଜୀ ମିଶ୍ର, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ୨୫.୧୨.୨୦୨୪ ସୁଦ୍ଧା ଟ.୫୧,୯୯,୮୨୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୨୬.୧୨.୨୦୨୪ / ୩୦.୦୪.୨୦୨୫ | ଶିବାଜୀ ମିଶ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୫୩/୧୧୨୩, ପ୍ଲଟ୍ ନଂ.: ୧୫୧/୪୦୯୬, କ୍ଷେତ୍ର: ଏକର୦.୦୧୫ ଡିସିମିଲି, ପ୍ଲଟ୍ ନଂ.: ୧୪୯/୪୦୯୭, କ୍ଷେତ୍ର: ଏକର୦.୦୬୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୭୫ ଡିସିମିଲି, ମୌଜା: ଖମାରଙ୍ଗ, ଥାନା: ବାଙ୍କୀ, |
| ତହସିଲ: ବାଙ୍କୀ, ଜିଲ୍ଲା: କଟକ, ପ୍ଲଟ୍ ନଂ.: ୧୫୧/୪୦୯୬ର ଚାରିପାର୍ଶ୍ୱରେ ପୂର୍ବ: ବାବୁଲି ମହାପାତ୍ର, ପଶ୍ଚିମ: ନିଜସ୍ୱ, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୫୧, ପ୍ଲଟ୍ ନଂ.: ୧୪୯/୪୦୯୭ର ଚାରିପାର୍ଶ୍ୱରେ ପୂର୍ବ: ବାବୁଲି ମହାପାତ୍ର, ପଶ୍ଚିମ: ନିଜସ୍ୱ, ଉତ୍ତର: ନିଜସ୍ୱ, ଦକ୍ଷିଣ: ସୁଷମା ମିଶ୍ର | | | | |
| **ସିଡିଏ ଶାଖା /** ଋଣଗ୍ରହୀତାମାନେ: ୧) ସୁଷମା ମିଶ୍ର, ସ୍ୱାମୀ: କେଳୁଚରଣ ମିଶ୍ର, ୨) ମାଷ୍ଟର ଲାଲାଜୀ ମିଶ୍ର, ପିତା: କେଳୁଚରଣ ମିଶ୍ର, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ବନ୍ଧକଦାତା: ସୁଷମା ମିଶ୍ର, ସ୍ୱାମୀ: କେଳୁଚରଣ ମିଶ୍ର, ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ୦୨.୦୧.୨୦୨୫ ସୁଦ୍ଧା ଟ.୨୫,୯୪,୫୮୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୦୩.୦୧.୨୦୨୫ / ୩୦.୦୪.୨୦୨୫ | ସୁଷମା ମିଶ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବନମାଳିପୁର, ଥାନା: ଚୌଦ୍ୱାର, ତହସିଲ: ଟାଙ୍ଗି-ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୫୮/୨୬୬, ପ୍ଲଟ୍ ନଂ.: ୧୧୩/୫୨୪, କ୍ଷେତ୍ର: ଏକର୦.୨୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: |
| ୧୧୩ର ବଳକା ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୧୩ର ବଳକା ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୨୩୯, ଉତ୍ତର: ପ୍ଲଟ୍ ନଂ.: ୧୧୩ର ୨୦ଫୁଟିଆ ଚଉଡା ରାସ୍ତା | | | | |
| **କଟକ ପୁରୀ ରୋଡ ଶାଖା /** ଋଣଗ୍ରହୀତାମାନେ: ୧) ସନ୍ତୋଷ ପରିଡା, ୨) ଲକ୍ଷ୍ମୀଧର ପରିଡା, ଉଭୟଙ୍କ ଠିକଣା- ସା: ତେରବାଟିଆ, ପୋ: ଲକ୍ଷ୍ମୀନାରାୟଣପୁର, ବାଲିପାଟଣା, ଖୋର୍ଦ୍ଧା, ପିନ୍-୭୫୨୧୦୦ | ବନ୍ଧକଦାତା: ଲକ୍ଷ୍ମୀଧର ପରିଡା, ସା: ତେରବାଟିଆ, ପୋ: ଲକ୍ଷ୍ମୀନାରାୟଣପୁର, ବାଲିପାଟଣା, ଖୋର୍ଦ୍ଧା, ପିନ୍-୭୫୨୧୦୦ | ୨୪.୧୨.୨୦୨୪ ସୁଦ୍ଧା ଟ.୧୪,୭୭,୦୨୭/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୨୬.୧୨.୨୦୨୪ / ୦୨.୦୫.୨୦୨୫ | ଲକ୍ଷ୍ମୀଧର ପରିଡାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଝିଣ୍ଟି ଶାସନ, ଥାନା: ବାଲିପାଟଣା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୬୧, ପ୍ଲଟ୍ ନଂ.: ୧୮୭୦, କ୍ଷେତ୍ର: |
| ଏକର୦.୦୭୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଶି ପରିଡା, ପଶ୍ଚିମ: ଦିନବନ୍ଧୁ ପରିଡା, ଦକ୍ଷିଣ: କାଶିନାଥ ପରିଡା, ଉତ୍ତର: ରାସ୍ତା | | | | |

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୫.୦୫.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ କରି ମହିଳା ଗିରଫ

**ବାରଙ୍ଗ,୫।୫(ଲିଙ୍ଗରାଜ ରାଉତ):** ଏକ ସରକାରୀ ଜାଗାକୁ ନେଇ ତଫସିଲଭୁକ୍ତ ଜାତିର ମହିଳାଙ୍କୁ ଆକ୍ରମଣ କରିବା ଘଟଣାରେ ବାରଙ୍ଗ ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ପଦ୍ମନାଭ ନଗରର ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାକଡ଼ ସରକାରୀ ଜାଗାରେ ଭଡ଼ାରେ ରହୁଥିବା କୁନି ରାଉତ। ଏନେଇ ପୋଲିସ ୨୩୨/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, କେନାଲ ବନ୍ଧ ରାସ୍ତାକଡ଼ ସରକାରୀ ଜାଗାରେ ପାଟପୁର ଗ୍ରାମର ପଞ୍ଚୁ ବସ୍ତିଆ ଘର କରିଛନ୍ତି। କୁନି ସେଠାରେ ଭଡ଼ାରେ ରହୁଛନ୍ତି। ତା' ପାଖରେ ଥିବା ସରକାରୀ ଜାଗାରେ କେନ୍ଦୁଝର ଜିଲା ଘଷିପୁରା ଅଞ୍ଚଳ ତୋରାଣିପାଳ ଗ୍ରାମର ଦାଶରଥି ଗୁୟାଁ(୪୦) ଓ ପତ୍ନୀ ମଞ୍ଜୁ ଗୁୟାଁ(୩୫) ମଧ୍ୟ ଘର କରି ରହିଛନ୍ତି। ଏହି ସରକାରୀ ଜାଗାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଗତ ବୁଧବାର ଅପରାହ୍ନରେ ମଞ୍ଜୁ କିଛି କାମରେ ଯାଉଥିବା ବେଳେ ପଡ଼ିଶା ଘରେ ରହୁଥିବା କୁନି ତାଙ୍କୁ ପ୍ରଥମେ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ବଚସା ଓ ପରେ ମାଡ଼ଗୋଳ ହୋଇଥିଲା। ଉତ୍ତ୍ୟକ୍ତ ହୋଇ କୁନି ଏକ ଠେଙ୍ଗାରେ ମଞ୍ଜୁଙ୍କ ମୁଣ୍ଡକୁ ପିଟି ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମଞ୍ଜୁଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ଏ ସଂକ୍ରାନ୍ତରେ ମଞ୍ଜୁ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିବାରୁ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ବନ୍ଦ ଘରୁ ଟଙ୍କା, ଗହଣା ଚୋରି

**କଟକ ସଦର,୫।୫(ସୁଶାନ୍ତ କୁମାର ଜେନା):** ୪୨ ମୌଜା ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ବିହାର ଅଞ୍ଚଳରେ ରାଜଲକ୍ଷ୍ମୀ ନାୟକ ଝିଅ ଘର ମାଲକାନଗିରି ଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଶୁକ୍ରବାର ରାତିରେ ୫୦ ହଜାର ଟଙ୍କା ଓ ସୁନା ଗହଣା ଚୋରି କରିନେଇଛନ୍ତି। ଅଭିଯୋଗ ପରେ ଶନିବାର ସନ୍ଧ୍ୟାରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୦/୨୫) ରୁଜୁ ହୋଇଛି।

# 'ନିମ୍ନମାନର ଘର ଦେଇଛି ହାଉସିଂବୋର୍ଡ'

## ଧାରଣା ଦେଲେ ସୁଦର୍ଶନ ଏନ୍‌କ୍ଲେଭ୍ ବାସିନ୍ଦା

**ଭୁବନେଶ୍ୱର,୫।୫(ବନ୍ଦନା ସେଠୀ)**



ସୁଦର୍ଶନ ଏନ୍‌କ୍ଲେଭ୍‌ର ବାସିନ୍ଦାମାନେ ହାଉସିଂବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ଓଡ଼ିଶା ହାଉସିଂ ବୋର୍ଡ ପକ୍ଷରୁ ଡୁମୁଡୁମାରେ ଘର ତିଆରି କରାଯାଇ ଲୋକଙ୍କୁ ବିକ୍ରି କରାଯାଇଛି। ତେବେ ଫେଜ୍-୭ ସୁଦର୍ଶନ ଏନ୍‌କ୍ଲେଭରେ ଘର ପାଇଥିବା ହିତାଧିକାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟଙ୍କା ନେଇ ହାଉସିଂବୋର୍ଡ ନିମ୍ନମାନର ଘର ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଏପରି ଏକାଧିକ ଅଭିଯାଗ ନେଇ ସୋମବାର ଏନ୍‌କ୍ଲେଭ୍ ବାସିନ୍ଦାମାନେ ହାଉସିଂବୋର୍ଡ କାର୍ଯ୍ୟାଳୟ ଘେରାଉ କରିବା ସହ ଏହା ସମ୍ମୁଖରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସେମାନଙ୍କ ଅଭିଯୋଗ ଅନୁସାରେ, ହାଉସିଂବୋର୍ଡ ପକ୍ଷରୁ ୨୦୧୫ରେ ଡୁମୁଡୁମା ଫେଜ୍-୭ରେ ଏମ୍‌ଆଇଜି, ଏଲ୍‌ଆଇଜି ଏବଂ ଇଡବ୍ଲ୍ୟୁଏସ୍ ବର୍ଗରେ ବହୁମହଲା ଆବାସିକ ଆପାର୍ଟମେଣ୍ଟ କମ୍ପ୍ଲେକ୍ସରୁ ଫ୍ଲାଟ୍ ଆବଣ୍ଟନ ପାଇଁ ପ୍ରସ୍ତାବ ଆମନ୍ତ୍ରଣ କରାଯାଇଥିଲା। ୨୦୧୬ରେ ପ୍ରାୟ ୧୦୦ଜଣ ହିତାଧିକାରୀ ୩୬୦ ବର୍ଗଫୁଟ୍ ଲେଖାଏ ଘର ପାଇଁ ବୁକିଂ କରିଥିଲେ। ଏଥିପାଇଁ ସେମାନେ ୭.୫ ଲକ୍ଷ ଟଙ୍କା ଲେଖାଏ ଡିପୋଜିଟ୍ କରିଥିଲେ। ୨୦୧୯ରେ ସମ୍ପୂର୍ଣ୍ଣ ଘର ନିର୍ମାଣ ହୋଇ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିବାବେଳେ ୨୦୨୨ରେ ମାତ୍ର ୫୦ଜଣଙ୍କୁ ଘର ପ୍ରଦାନ କରାଗଲା। ତେବେ ହାଉସିଂବୋର୍ଡ ପକ୍ଷରୁ ନିର୍ମିତ ହୋଇଥିବା ଏହି ଘର ଅତି ନିମ୍ନମାନର ହୋଇଥିବାବେଳେ ଆନୁଷଙ୍ଗିକ ସୁବିଧା ନ ଥିବାରୁ ଏହାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଆବଣ୍ଟିତ ଘର ଚାରିପାଖରେ ପାଚେରି ବୁଲାଯାଇ ନାହିଁ। ଫଳରେ ନିକଟରେ ରହୁଥିବା ବସ୍ତିବାସିନ୍ଦାଙ୍କ ଡ୍ରେନ୍ ପାଣି ଲିକେଜ୍ ହୋଇ ଏନ୍‌କ୍ଲେଭ୍ ଭିତରକୁ ପଶୁଛି। ସେହିପରି କେଉଁଠାରେ ଛାତରୁ କଂକ୍ରିଟ୍ ଖସୁଥିବାବେଳେ ପର୍ଯ୍ୟାପ୍ତ ପାଣି ନାହିଁ। ଭୂତଳ ଜଳର ବ୍ୟବସ୍ଥା ନାହିଁ। ଏଯାଏ ଲିଫ୍ଟ ନିର୍ମାଣାଧୀନ ରହିଥିବାବେଳେ ପଶ୍ଚିମ ପାର୍ଶ୍ୱରୁ କୌଣସି କମ୍ପାଉଣ୍ଡ କାନ୍ଥ ନାହିଁ। ଫଳରେ ବୁଲା କୁକୁର, ସରୀସୃପ ପ୍ରବେଶ କରୁଛନ୍ତି। କ୍ୟାମ୍ପସ୍ ଭିତରେ ଅସ୍ୱାସ୍ଥ୍ୟକର ତଥା ଅସ୍ୱଚ୍ଛ ପରିବେଶ ଲାଗି ରହିଛି। ସ୍ୱେରେଜ୍ ନିଷ୍କାସନ ପାଇଁ ଏସ୍‌ଟିପି ଚାଲୁ ନାହିଁ। ସେହିପରି ସେଣ୍ଟର ଲନ୍, ପିଲାଙ୍କ ପାଇଁ ଖେଳପଡ଼ିଆ, କମ୍ପାଉଣ୍ଡ ୱାଲ୍, ଦୋକାନ, ୬୦ଫୁଟ ଆପ୍ରୋଚ୍ ରୋଡ୍ ଆଦି ନାହିଁ। ଯେଉଁସବୁ ସୁବିଧା ଅଛି ସେଗୁଡିକ ତ୍ରୁଟିପୂର୍ଣ୍ଣ ଏବଂ ଅଧାଗଢ଼ା ହୋଇଥିବା ବାସିନ୍ଦା ଅଭିଯୋଗ କରିଛନ୍ତି।

## ବ୍ୟବସାୟିକ ଶତ୍ରୁତାରୁ ମୁଣ୍ଡକୁ କଟୁରି ଚୋଟ

**ଭୁବନେଶ୍ୱର,୫।୫(ସତ୍ୟଜିତ୍ ରାଉତ)**


ଗିରଫ ଅଭିଯୁକ୍ତ।

ବ୍ୟବସାୟିକ ଶତ୍ରୁତା ପାଇଁ ତମାଣ୍ଡୋ ଥାନା ଅନ୍ତର୍ଗତ ରଣସିଂହପୁର ଗାଁରେ ସୋମବାର ଜଣେ ଯୁବକ ଆଉ ଜଣେ ଯୁବକଙ୍କୁ କଟୁରିରେ ଆକ୍ରମଣ କରିଛନ୍ତି। ଆହତ ଯୁବକ ହେଲେ ସେହି ଗାଁର ଲିପୁ ସ୍ୱାଇଁ। ଲିପୁ ଗୁରୁତର ଥିବା ବେଳେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ରଣସିଂହପୁରର ବିଶ୍ୱରଞ୍ଜନ ଓରଫ ବିଶ୍ୱଜିତ ବୀର ଓରଫ ଫଗୁ (୨୮)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଅପରାଧରେ ବ୍ୟବହୃତ ଏକ ତେଲେଙ୍ଗା କଟୁରିକୁ ଜବତ କରାଯାଇଛି। କୋର୍ଟଚାଲାଣ ପରେ ବିଶ୍ୱଜିତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଲିପୁ ଓ ବିଶ୍ୱଜିତ୍ ଏମ୍ସ ସାମ୍ନାରେ କ୍ୟାବିନ୍ ପକାଇ ଦୋକାନ କରିଛନ୍ତି। ତେବେ ଲିପୁଙ୍କ ଅଧିକ ବେପାର ହେଉଥିବାରୁ ଏଥିପାଇଁ ନିଜ ବେପାର ମାନ୍ଦା ହେଉଥିବା ବିଶ୍ୱଜିତ୍ କହୁଥିଲେ। ଏଥିପାଇଁ ଉଭୟଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ଲିପୁ ସକାଳ ପ୍ରାୟ ୭ଟା ୫୦ରେ ରଣସିଂହପୁର ଗାଁର ଏକ ଦୋକାନରେ ବସି ଚା' ପିଉଥିଲେ। ସେହି ସମୟରେ ଅଭିଯୁକ୍ତ ବିଶ୍ୱଜିତ୍ ବୁଲେଟ୍‌ରେ ଆସି ଆସି ହଠାତ୍ ଏକ କଟୁରିରେ ଲିପୁଙ୍କ ମୁଣ୍ଡକୁ ଏକାଧିକ ଥର ଚୋଟ ପକାଇଥିଲେ। ଫଳରେ ଲିପୁଙ୍କ ମୁଣ୍ଡର ଏକାଧିକ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଲିପୁ ଯନ୍ତ୍ରଣାରେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଏହାଦେଖି ବିଶ୍ୱଜିତ୍ ଧମକ ଦେଇ ସେଠାରୁ ପଳାଇ ଯାଇଥିଲେ। ଏନେଇ ଲିପୁଙ୍କ ସ୍ତ୍ରୀ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୧୫/୨୦୨୫) ରୁଜୁ ପରେ ତଦନ୍ତ କରି ନିକଟ ଖେଳପଡ଼ିଆରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ରଜିତା କୁଲକର୍ଣ୍ଣୀଙ୍କୁ 'ଓମେନ୍ ଆଚିଭର୍ସ ଆୱାର୍ଡ'

**ଭୁବନେଶ୍ୱର,୫।୫: (ଅଭୟ ଦାଶ)**



ରଜିତା କୁଲକର୍ଣ୍ଣୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ପ୍ରାଧ୍ୟାପିକା ରଜିତା କୁଲକର୍ଣ୍ଣୀଙ୍କୁ ନିକଟରେ ଏକ ଜାତୀୟସ୍ତରର ସମ୍ମାନ 'ଓମେନ୍ ଆଚିଭର୍ସ ଆୱାର୍ଡ' ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଲୋକ ସମ୍ପର୍କ ଓ ଯୋଗାଯୋଗ ସଂସ୍ଥା ସିକ୍ରେଟ୍ ସସ୍ କମ୍ୟୁନିକେଶନ୍ସ ପକ୍ଷରୁ ମୁମ୍ବାଇଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ପ୍ରାଧ୍ୟାପିକା ରଜିତା କୁଲକର୍ଣ୍ଣୀଙ୍କୁ ମର୍ଯ୍ୟାଦାଜନକ ଓମେନ୍ ଆଚିଭର୍ସ ଆୱାର୍ଡ-୨.୦ ସମ୍ମାନରେ ସମ୍ମାନିତ କରାଯାଇଛି। ବିଶେଷକରି ପ୍ରଫେସର କୁଲକର୍ଣ୍ଣୀଙ୍କ ଅସାଧାରଣ ନେତୃତ୍ୱ, ଦକ୍ଷତା ଓ ବିଶ୍ୱରେ ମାନବବାଦର ପ୍ରଚାର ପ୍ରସାର ଏବଂ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ନିମନ୍ତେ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା।

ସେହିଭଳି ପ୍ରାଧ୍ୟାପିକା ରଜିତା କୁଲକର୍ଣ୍ଣୀଙ୍କ ଏହି ସଫଳତାରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଗର୍ବ ଅନୁଭବ କରିବା ସହ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ସେହିପରି ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟିକା ପଦ୍ମଶ୍ରୀ ଡାଏନା ଏଡୁଲଜି, ଲେଖିକା ନନ୍ଦିତା ଓମ୍‌ପୁରୀ, ଅଭିନେତ୍ରୀ ଦିବ୍ୟା ଦତ୍ତା ଓ ତିଲୋତ୍ତମା ଶୋମ୍‌ଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଅନ୍ୟ ମହିଳାମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା।

## ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

**ଖୋର୍ଦ୍ଧା,୫।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଥାନା ପୋଲିସ ପୁରୁସାହି ଛକରେ ଚଢ଼ାଉ କରି ଏକ କାର୍‌ରୁ ବ୍ରାଉନସୁଗାର ଜବତ କରିବା ସହ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁରୁଜଙ୍ଗ ଭୋଇସାହିର କାହ୍ନା ନାୟକ(୨୮), ସାମନ୍ତରାପୁରର ସଦାଶିବ ନାୟକ ଓରଫ ସିଲୁ (୨୩) ଏବଂ ପୁରୁସାହିର ଲକ୍ଷ୍ମୀପ୍ରିୟା ସାହୁ (୨୪)। ଏମାନଙ୍କଠାରୁ ୨୦ଗ୍ରାମ୍ ବ୍ରାଉନସୁଗାର ଏବଂ ଏକ କାର୍ (ଓଆର ୦୨ ଏକେ-୩୨୩୩) ଜବତ ହୋଇଛି। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୧୭୭/୨୫)ରୁଜୁ ହୋଇଛି। ସୂଚନା ମୁତାବକ, ରବିବାର ରାତିରେ ବ୍ରାଉନସୁଗାର ବେପାର ଚାଲିଥିବା ଖବରପାଇ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ପ୍ରସନ୍ନ କୁମାର ପରିଡାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲେ।

## ବେଆଇନ ହୋର୍ଡିଂ ଭାଙ୍ଗି ରାସ୍ତାରେ ପଡ଼ିଲା


ରାସ୍ତାରେ ଭାଙ୍ଗି ପଡିଥିବା ହୋର୍ଡିଂ ଲାଗି ଯାତାୟାତ ବାଧାପ୍ରାପ୍ତ ହୋଇଛି।

**ବାରଙ୍ଗ,୫।୫(ଲିଙ୍ଗରାଜ ରାଉତ)**

ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତାର ଷଣ୍ଢପୁର ଗ୍ରାମ ନିକଟରେ ବେଆଇନ ଭାବେ ହୋଇଥିବା ଏକ ହୋର୍ଡିଂ ଭାଙ୍ଗିଯାଇ ରାସ୍ତା ଉପରେ ପଡ଼ିଥିବାବେଳେ ଏଥିରୁ ପଥଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ବାରଙ୍ଗ ଅଞ୍ଚଳର ମୁଖ୍ୟରାସ୍ତା କଡ଼ରେ ବେଆଇନ ଭାବେ ନିର୍ମାଣ ହୋଇଥିବା ହୋର୍ଡିଂ ଅତି ବିପଦପୂର୍ଣ୍ଣ ଭାବରେ ରହିଛି। ସ୍ଥାନୀୟ ପ୍ରଶାସନର କୌଣସି କଟକଣା ରହୁ ନ ଥିବାରୁ ହୋର୍ଡିଂ ନିର୍ମାଣକାରୀ ସଂସ୍ଥା ମୁଖ୍ୟରାସ୍ତା କଡ଼ରେ ଛତୁ ଫୁଟିବା ଭଳି ବେଆଇନ ନିର୍ମାଣ କରିଚାଲିଛନ୍ତି। ଶନିବାର ରାତିରେ ବର୍ଷା ପବନ ପ୍ରଭାବରେ ଷଣ୍ଢପୁର ଗ୍ରାମ ନିକଟ ମୁଖ୍ୟରାସ୍ତା କଡ଼ରେ ବେଆଇନ ଭାବେ ହୋଇଥିବା ହୋର୍ଡିଂ ମୂଳରୁ ଅଧା ଭାଙ୍ଗି ରହିଥିଲା। ସେହି ଅର୍ଦ୍ଧ ଭଗ୍ନ ଅବସ୍ଥାରେ ଥିବା ହୋର୍ଡିଂ ରବିବାର ରାତିରେ ତଳେ ପଡ଼ିଯାଇଥିଲା। ସୌଭାଗ୍ୟବଶତଃ ସେହି ସମୟରେ କୌଣସି ପଥଚାରୀ ଆସୁ ନ ଥିବାରୁ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥିଲା। ଏହି ଘଟଣା ପରେ ବାରଙ୍ଗ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ବାଲିପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚିତ

**ବାଲିପାଟଣା,୫।୫(ଅଭିମନ୍ୟୁ ନାୟକ)**

ବାଲିପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସଂଘର ନୂତନ ସଭାପତଭାବେ ଶିକ୍ଷକ ପ୍ରଭାକର ମଲ୍ଲିକ, ଉପସଭାପତି ରୋଜାଲିନ ସାହୁ ଓ ନରେନ୍ଦ୍ର କୁମାର ଦାସ, ସାଧାରଣ ସମ୍ପାଦକ ଦୀନକୃଷ୍ଣ ସାହୁ, ଯୁଗ୍ମ ସମ୍ପାଦକ ପ୍ରଭାକର ଦାଶ, ଅଭୟ କୁମାର ବେହେରା, ଜ୍ୟୋତି ରଞ୍ଜନ ଭୋଇ ଓ ତପନ କୁମାର ସେଠୀ, କୋଷାଧ୍ୟକ୍ଷ ଅମରେଶ ବେହେରା, କୋର୍ଡିନେଟର ଭାବେ ସନ୍ତୋଷ କୁମାର ମଲ୍ଲିକ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ ଆଲୋକ ରଞ୍ଜନ ସାହୁ, ଜନ୍ମେଶ୍ୱର ମଲ୍ଲିକ, ରଶ୍ମିରଞ୍ଜନ ପଣ୍ଡା, ମିର ଆରିଫ ଅଲ୍ଲୀ ଓ ରମା ରଞ୍ଜନ ଦାସଙ୍କୁ ମନୋନୀତ କରାଯାଇଛି। ପରେ ନିକଟ ମା'ଗିରିଙ୍ଗେଶ୍ୱରୀ ପୀଠରେ ଶପଥପାଠ ଉତ୍ସବ ହୋଇଥିଲା। ଆୟୋଜିତ ଶପଥପାଠ ଉତ୍ସବରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ସଂଘର ଜିଲା ସଭାପତି ଜନ୍ମେଶ୍ୱର ମଲ୍ଲିକ ସଂଘର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ରସାନନ୍ଦ ପାତ୍ର, ଶିବଚରଣ ଦାଶ, ନିରଞ୍ଜନ ବେହେରା, ଉପେନ୍ଦ୍ର ମହାରଣା, ସୁରେନ୍ଦ୍ର ପଣ୍ଡା, ଗୋପ ନନ୍ଦନ ଦାସ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପରିଡା, ପ୍ରତାପ କିଶୋର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଲୋକ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ୧୭ଦଫା ଦାବିରେ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ

## ସର୍ବଭାରତୀୟ ପ୍ରତିବାଦ ଦିବସ

**ଭୁବନେଶ୍ୱର, ୫।୫(ବନ୍ଦନା ସେଠୀ)**



ଶ୍ରମିକମାନେ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଏଆଇଟିୟୁସିର ଆହ୍ୱାନକ୍ରମେ ସୋମବାର ଭୁବନେଶ୍ୱର ସମେତ ସାରା ରାଜ୍ୟରେ ସର୍ବଭାରତୀୟ ପ୍ରତିବାଦ ଦିବସ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଶ୍ରମିକ ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଶୋଭାଯାତ୍ରାରେ ବାହାରି ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଯୋଗଦେଇ ସରକାର ଆଇନସମ୍ମତ ୪ଟି ଦାବି ମାନିବାକୁ ଦାବି କରିଥିଲେ। ଏଥିସହ ୪ଟି ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ, ସର୍ବନିମ୍ନ ମଜୁରୀ ଘୋଷଣା, ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତ୍ତି ଅନୁସାରେ ସ୍କିମ୍ ୱାର୍କର ଯଥା- ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ମଧ୍ୟାହ୍ନ ଭୋଜନ ପାଚିକା ସମେତ ସମସ୍ତ ସ୍କିମ୍ ୱାର୍କରଙ୍କୁ ୱାର୍କର ମାନ୍ୟତା, ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଜଗୁଆଳ, ପିଅନ ଓ ଝାଡୁଦାରଙ୍କୁ ସର୍ବନିମ୍ନ ମଜୁରୀ ଅନୁଚ୍ଛେଦରେ ସାମିଲ୍ କରିବା, ସର୍ବନିମ୍ନ ମଜୁରୀ ଆଇନ ଅନୁସାରେ ୧ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଥିବା ସଂସ୍ଥାରେ ସର୍ବନିମ୍ନ ମଜୁରୀ ଅନୁଚ୍ଛେଦରେ ସାମିଲ୍ କରିବା ଆଦି ୧୭ ଦାବି ନେଇ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଆସନ୍ତା ୨୦ ତାରିଖରେ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟକୁ ରାଜ୍ୟରେ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଶ୍ରମ ଆୟୁକ୍ତଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନେତ୍ରୀ ନମିତା ସାହୁ, ଅଙ୍ଗନୱାଡି କର୍ମୀ ସଂଘ ନେତ୍ରୀ ଲକ୍ଷ୍ମୀପ୍ରିୟା ମହାପାତ୍ର, ବିଦ୍ୟୁତ୍ କର୍ମଚାରୀ ନେତା କମଲେଶ ବାଗ, ସତ୍ୟବାଦୀ ବାଘ, ଶ୍ରମିକ ନେତା ବ୍ରଜବନ୍ଧୁ ପ୍ରଧାନ, ହରିହର ମହାନ୍ତି, ବିପ୍ଳବ କେଶରୀ ମହାପାତ୍ର, ମନୋଜ ବାରିକ, ଜ୍ଞାନରଞ୍ଜନ ପ୍ରଧାନ, ବସନ୍ତ ସେଠୀ ପ୍ରମୁଖ ବକ୍ତବ୍ୟ ଦେଇ ଆଗାମୀ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ କରାଯାଇଥିଲା। ଜଗତ୍‌ସିଂହପୁରରେ ସୁବାଷ ମହାପାତ୍ର, ସୋମନାଥ ଗିରି, ବିଷ୍ଣୁପ୍ରିୟା ଜେନା, ଢେଙ୍କାନାଳରେ ହରପ୍ରିୟା ସ୍ୱାଇଁ, ମଳୟ ମଞ୍ଜରି ଜେନା, ସୁନ୍ଦରଗଡରେ ଅଶୋକ ଦାସ, କମଲ କୁମାର ଷଣ୍ଢ, ସମ୍ବଲପୁରରେ ସରୋଜିନୀ ଆଚାର୍ଯ୍ୟ, ଏନ୍. ଗୋପାଲ, ବାଲେଶ୍ୱରରେ ଗୌରାଙ୍ଗ ପାଣିଗ୍ରାହୀ, ମାୟାଧର ନାୟକ, ବାରିପଦାରେ ଜଗବନ୍ଧୁ ମିଶ୍ର, କାହ୍ନୁଚରଣ ବେହେରା, ବଡବିଲରେ ବିଦ୍ୟାଧର ମହାନ୍ତ, ବଲାଙ୍ଗୀରରେ ତୀର୍ଥ ପ୍ରଧାନ, ଦେବାଶିଷ ବାବୁ, ବ୍ରହ୍ମପୁରରେ ପ୍ରଶାନ୍ତ ପାଢୀ, ପ୍ରବୀଣ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଫଟୋରେ ଖବର


ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ସୋମବାର ବାଚସ୍ପତି ସୁରମା ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।



ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ସୋମବାର ବିଦ୍ୟାଭବନ ପରିସରରେ ଆୟୋଜିତ ଲୁପ୍ତପ୍ରାୟ କଳା ସାଂସ୍କୃତିକ କାର୍ଯ୍ୟକ୍ରମରେ ଝାରସୁଗୁଡାର ମା' ସରସ୍ୱତୀ ସଞ୍ଚାର ପରିଷଦ କଳାକାରଙ୍କ ଦ୍ୱାରା ପରିବେଷିତ ସଞ୍ଚାର ନୃତ୍ୟ। (ଫଟୋ- ବିକାଶ ନାୟକ)

**ଅପେରା ପାର୍ଟି ବସ୍ ଦୁର୍ଘଟଣାଗ୍ରସ୍ତ, ୩ ଆହତ**

ବଳଙ୍ଗା,(କେଦାରେଶ୍ୱର ନନ୍ଦ)-ବଳଙ୍ଗା ଥାନା ଅନ୍ତର୍ଗତ ନୂଆସନ୍ଥ ପଞ୍ଚାୟତ ଅଧୀନ ନୂଆଗାଁ କେନାଲ କେତେକୀପାଟଣା - ବଳଙ୍ଗା ମୁଖ୍ୟ ରାସ୍ତାର ନୂଆସନ୍ଥଠାରେ ଅପେରା ପାର୍ଟି ବସ ଦବି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୩ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ କଳାକାରମାନଙ୍କ ହୋହଲ୍ଲା ଶୁଣି ଆସି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଏହି ବସ୍‌ରେ ଥିବା ୫୦ରୁ ଊର୍ଦ୍ଧ୍ୱ କଳାକାର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଡ୍ରାଇଭର୍ ଏକ ଅଟୋକୁ ସାଇଡ୍ ଦେବାବେଳେ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ପରେ ୨ଟି କ୍ରେନ୍ ସାହାଯ୍ୟରେ ବସ୍‌ଟିକୁ ଉଠାଯିବା ପରେ ନିଜ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୫।୨୦୨୫

| | |
|---|---|
| ୫,୩୩,୦୮୧ ଟଙ୍କା | |
| ସୁନା | ୯.୩୦୦ ଗ୍ରାମ୍ |
| ରୁପା | ୭୦୦ ମିଲିଗ୍ରାମ୍ |

## ସଂକ୍ଷେପରେ

### ନିମାପଡ଼ା ବ୍ଲକ କଂଗ୍ରେସ କମିଟି ସଂଯୋଜକ କାଳନ୍ଦୀଚରଣ



ନିମାପଡ଼ା,୫।୫ (ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବ୍ଲକ କଂଗ୍ରେସ କମିଟିର ସଂଯୋଜକ ଭାବେ କାଳନ୍ଦୀ ଚରଣ ବାରିକଙ୍କୁ ନିଯୁକ୍ତି କରାଯାଇଛି। ପୁରୀ ଜିଲା ସଂଯୋଜକ ରାଜେଶ କୁମାର ମିଶ୍ରଙ୍କ ପ୍ରସ୍ତାବକ୍ରମେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏହି ନିଯୁକ୍ତି ଦେଇଛନ୍ତି। ରାଜ୍ୟ କଂଗ୍ରେସ କମିଟି ପ୍ରଶାସକ ସମୀର କୁମାର ରାଉତରାୟ ପ୍ରେସ୍ ବିବୃତ୍ତିରେ ଏହି ସୂଚନା ଦେଇଛନ୍ତି। ବ୍ଲକ ସଂଯୋଜକ କାଳନ୍ଦୀ ବାରିକ୍ ରାଜ୍ୟ ସଭାପତି ଏବଂ ଜିଲା ସଂଯୋଜକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆସନ୍ତା ୧୪ ତାରିଖରେ ନିମାପଡ଼ା ବ୍ଲକ ଛାମୁଆ କଂଗ୍ରେସ କର୍ମୀଙ୍କୁ ନେଇ ଏକ ସମ୍ମିଳନୀ କରାଯିବ। ଆଗାମୀ ଦିନରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କରାଯିବ ବୋଲି ବାରିକ କହିଛନ୍ତି ।

### ୭ ମାସ ପରେ ଖୋଲିଲା ବିଦ୍ୟାଳୟ ଅଫିସ ଗୃହ

କଣାସ,୫।୫(ବିଭୂତି ଭୂଷଣ ତ୍ରିପାଠୀ)

ବାରଦାବାଦଲପୁର ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକଙ୍କ ମଧ୍ୟରେ ତିକ୍ତତା ଲାଗି ରହିବାରୁ ପୂର୍ବତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବଡ଼ଜେନା ବିଦ୍ୟାଳୟ ଅଫିସ ଗୃହରେ ୨୦୨୪ ଅକ୍ଟୋବରରେ ତାଲା ପକାଇ ଦେଇଥିଲେ। ପ୍ରଧାନଶିକ୍ଷକ ତାଲା ପକାଇବା ଦେଖି ଅନ୍ୟ ଶିକ୍ଷକ ଓ ଗ୍ରାମବାସୀ ଅଫିସ ଗୃହରେ ଦ୍ୱିତୀୟ ତାଲା ପକାଇଥିଲେ। ପୁରୀ ଜିଲା ଶିକ୍ଷାଧିକାରୀ ପୂର୍ବତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବଡ଼ଜେନାଙ୍କୁ ଅନ୍ୟତ୍ର ବଦଳି କରିବା ସହିତ କଣାସ ମହନ୍ତ ବନମାଳୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ରୂପଶ୍ରୀ ଛୋଟରାୟଙ୍କୁ ନିଯୁକ୍ତ କରିଥିଲେ। କିନ୍ତୁ ପୂର୍ବତନ ପ୍ରଧାନଶିକ୍ଷକ ବଡ଼ଜେନା ନୂଆ ପ୍ରଧାନଶିକ୍ଷୟିତ୍ରୀ ଛୋଟରାୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ। ଦୀର୍ଘ ୭ମାସ ଧରି ବିଦ୍ୟାଳୟ ଅଫିସ ଗୃହ ତାଲା ପଡ଼ିଥିବାରୁ ସୋମବାର ଜିଲା ଶିକ୍ଷାଧିକାରୀ ଚାବି ଭାଙ୍ଗିବା ପାଇଁ କଣାସ ଅତିରିକ୍ତ ତହସିଲଦାର ଉପେନ୍ଦ୍ର ସେଠୀ, ଥାନାଧିକାରୀ ପ୍ରଦୀପ ଜୁଝାରସିଂହ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ, ତଦନ୍ତକାରୀ ଅଧିକାରୀ ଭାବେ ଗଡ଼ସାହି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭୂତିଭୂଷଣ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ତାଲା କାଟି ଅଫିସ ଗୃହ ଖୋଲିଥିଲେ।

# ୧୯ ସ୍କୁଲର ମାଟ୍ରିକ୍ ପରୀକ୍ଷାଫଳ ନୈରାଶ୍ୟଜନକ

- ‘ଶିକ୍ଷାଦାନରେ ଶିକ୍ଷୟିତ୍ରୀ ଶିକ୍ଷକ ଅବହେଳା କରୁଛନ୍ତି’
- ଅନେକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ଖାଲି

ସାକ୍ଷୀଗୋପାଳ,୫।୫ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ନିକଟରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ସତ୍ୟବାଦୀ ବ୍ଲକରେ ସମୁଦାୟ ୨୫ଟି ହାଇସ୍କୁଲର ୧୩୦୩ ଛାତ୍ରୀଛାତ୍ର ଫର୍ମ ଫିଲ୍‌ଅପ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୨୮୬ ଜଣ ପରୀକ୍ଷା ଦେଇଥିଲେ। ଚଳିତବର୍ଷ ୧୨୧୦ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ୭୬ ଜଣ ଫେଲ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫ଟି ହାଇସ୍କୁଲ ଅର୍ଥାତ୍ ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ଆଦ୍ୟାଶା ଆଚାର୍ଯ୍ୟ ୫୫୨, ବନପୁର ପଞ୍ଚସଖା ବିଦ୍ୟାଳୟର ଅନନ୍ୟା ଆଚାର୍ଯ୍ୟ ୫୫୯, ସୁକଳ ତୃତୀୟା ଦେବ ବିଦ୍ୟାନିକେତନର ସୁଦର୍ଶନ ପ୍ରଧାନ ୫୪୫, ମଠସାହି ଉଚ୍ଚ ବିଦ୍ୟାଳୟର କୁନାଲ କାପୁର ଜେନା ୫୪୧ ଓ ରାଜେଶ ମହାପାତ୍ର ୫୪୧। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସୁକନ୍ୟା ଶୁଭଦର୍ଶିନୀ ସ୍ୱାଇଁ ଓ ସ୍ୱୟଂସ୍ନିଗ୍ଧା ଜେନା ଉଭୟ ୫୪୧ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବ୍ଲକର ଅବଶିଷ୍ଟ ୧୯ଟି ହାଇସ୍କୁଲରେ ଜଣେ ହେଲେ ବି ଛାତ୍ରୀଛାତ୍ର ଏ-୧ ରେ ପାସ୍ କରିନାହାନ୍ତି। ଏହି ଫଳାଫଳକୁ ନେଇ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

ପୂର୍ବ ସରକାର ରାଜ୍ୟରେ ଥିବା ସରକାରୀ ହାଇସ୍କୁଲଗୁଡ଼ିକର ନବକଳେବର କରିବାକୁ ଏହାକୁ ୫-ଟିରେ ସାମିଲ କରି କୋଟି କୋଟି ଖର୍ଚ୍ଚ କରିଥିଲେ। ମାତ୍ର ଏବେର ଭାଜପା ସରକାର ପୂର୍ବସରକାରଙ୍କ ସମୟରେ ହୋଇଥିବା ରଙ୍ଗ ଓ ବିଦ୍ୟାଳୟର ଶୈକ୍ଷିକ ଢାଞ୍ଚାରେ ପରିବର୍ତ୍ତନ ପାଇଁ ଉଦ୍ୟମ କରୁଛି। ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଭଲ ଉପସ୍ଥାପନ, ଉନ୍ନତ ପାଠ୍ୟଦାନ ବ୍ୟବସ୍ଥା ଓ ଡ୍ରପ୍‌ଆଉଟ ହାର ହ୍ରାସ ନିମନ୍ତେ ପ୍ରତ୍ୟେକ ମାସରେ ପ୍ରଧାନଶିକ୍ଷକସ୍ତରୀୟ ବୈଠକ କରାଯାଇ ବିଦ୍ୟାଳୟ ଶିକ୍ଷାଦାନ କ୍ଷେତ୍ରରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଉଛି। ମାତ୍ର ଏତେସବୁ ପନ୍ଥା ନିର୍ଦ୍ଧାରଣ ସତ୍ତ୍ୱେ ବିଦ୍ୟାଳୟଗୁଡ଼ିକର ଫଳାଫଳକୁ ଲକ୍ଷ୍ୟକଲେ ଶିକ୍ଷା ବିଭାଗର ଆନ୍ତରିକତା ଅଭାବ ରହିଥିବା ସ୍ପଷ୍ଟ ବାରିହୋଇପଡୁଛି। ଏହାର ପ୍ରକୃତ କାରଣ ଖୋଜାଯିବା ସହ ଜିଲା ଓ ବ୍ଲକସ୍ତରରେ ଥିବା ଅଧିକାରୀ ଦାୟୀ ରହିବେ ବୋଲି ପୁରୀର ଆପ୍ ନେତା ତଥା ବରିଷ୍ଠ ସାମାଜିକ କର୍ମୀ ସଞ୍ଜୀବ କୁମାର ମହାନ୍ତି କହିଛନ୍ତି।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ପରିଡ଼ା କହିଛନ୍ତି, ସତ୍ୟବାଦୀରେ ଏବେ ଅନେକ ହାଇସ୍କୁଲରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିବା ଯୋଗୁ ବିଦ୍ୟାଳୟ ପାଠ୍ୟଦାନ ସମେତ ଅନ୍ୟାନ୍ୟ କାର୍ଯ୍ୟ ଠିକ୍‌ରେ ହୋଇପାରୁନାହିଁ। ଅନ୍ୟପଟେ ଜିଲା ଶିକ୍ଷା ଅଧିକାରୀମାନେ ବିଦ୍ୟାଳୟଗୁଡ଼ିକୁ ଠିକ୍ ଭାବେ ମନିଟରିଂ କରୁ ନ ଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକ ମନଇଚ୍ଛା ଶିକ୍ଷାଦାନ କରୁଥିବାବେଳେ ଛାତ୍ରୀଛାତ୍ର ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି।

ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ମୃଷା ମଲ୍ଲିକ କହିଛନ୍ତି, ସତ୍ୟବାଦୀର ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷାଦାନ କ୍ଷେତ୍ରରେ ଅବହେଳା, ଅଭିଭାବକଙ୍କ ସଚେତନ ଅଭାବ ଯୋଗୁ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷାଦାନରୁ ବଞ୍ଚିତ ହେବା ସହ ପରୀକ୍ଷା ଫଳ ଖରାପ ହେଉଛି।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଣବ କୁମାର ମିଶ୍ର କୁହନ୍ତି, ବିଦ୍ୟାଳୟଗୁଡ଼ିକରେ ଅଧିକାରୀମାନେ ଶୈକ୍ଷିକ ପ୍ରଗତିର ବାସ୍ତବତାର ନିରନ୍ତର ନିରୀକ୍ଷଣ କଲେ ଫଳାଫଳରେ ଢେର୍ ଅଗ୍ରଗତି ଆସିପାରନ୍ତା।



ସୋମବାର ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ଦେବଦାସୀ ନୃତ୍ୟ ମହୋତ୍ସବରେ ପ୍ରଦର୍ଶିତ ମାହାରୀ ନୃତ୍ୟ ।(ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

ପୁରୀ,୫।୫(ଅଜିତ୍ କୁମାର ମହାନ୍ତି)

ଆସନ୍ତା ରଥଯାତ୍ରା ସମୟରେ ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ଭାବେ କିପରି ଭକ୍ତମାନେ ଯାତ୍ରା କରିବେ ସେ ନେଇ ସୋମବାର ପୁରୀ ଏସ୍‌ପି ଭିନିତ ଅଗ୍ରୱାଲ ସାହି ଅଞ୍ଚଳ ବୁଲି ସମୀକ୍ଷା କରିଛନ୍ତି। ଏସ୍‌ପି ଅଗ୍ରୱାଲ ନରେନ୍ଦ୍ରକୋଣ ଛକ, ବିଶ୍ୱେଶ୍ୱରୀ ମନ୍ଦିର, ଚୂଡ଼ଙ୍ଗ ସାହି, ୟଙ୍ଗ ଷ୍ଟାର କ୍ଲବ ଓ ହାଡ଼ଗୁଡ଼ିଆ ସାହି ଆଦି ପରିଦର୍ଶନ କରିଥିଲେ। ଏହି ସମୟରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗଗୁଡ଼ିକୁ ଗ୍ରହଣ କରିଛନ୍ତି। ମୁଖ୍ୟ ଅଭିଯୋଗଗୁଡ଼ିକ ମଧ୍ୟରେ ସ୍ଥାନୀୟ ଯାନବାହନର ନିୟନ୍ତ୍ରିତ ଚଳାଚଳ, ନରେନ୍ଦ୍ରକୋଣ ରାସ୍ତା ମଧ୍ୟରେ ପର୍ଯ୍ୟାପ୍ତ ଦିଗ୍‌ଦର୍ଶନ ସାଇନବୋର୍ଡ ନ ଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଥିବା ଜଣାଇଛନ୍ତି। ଏସ୍‌ପି ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଗମ୍ଭୀରତାର ସହ ଗ୍ରହଣ କରି ସମୟ ମଧ୍ୟରେ ସମାଧାନ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ସମୟରେ ଭକ୍ତମାନେ କିପରି ବଡ଼ଦାଣ୍ଡକୁ ପ୍ରବେଶ କରିବେ ସେ ନେଇ ଅଧିକାରୀଙ୍କ ସହ ଏସ୍‌ପି ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଟାଉନ ଆଇଆଇସି ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ବାସେଳୀସାହି ଆଇଆଇସି ବିକ୍ରମ କିଶୋର ଜେନା, କୁମ୍ଭାରପଡ଼ା ଆଇଆଇସି ସୁଶାନ୍ତ କୁମାର ସାହୁ, ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତାପଦ୍ମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପ୍ରଶାସନ, ପୋଲିସ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ସମନ୍ୱୟ ରଖି ଭକ୍ତମନଙ୍କ ପାଇଁ ସୁରକ୍ଷିତ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାକୁ ଏସ୍‌ପି ଅଗ୍ରୱାଲ୍ ଗୁରୁତ୍ୱ ଦେଇଛନ୍ତି।



ପୁରୀ ପାୟୋନିୟର କ୍ଲବ ପକ୍ଷରୁ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଜଗନ୍ନାଥ ଷ୍ଟାଡିୟମ୍‌ରେ ୧୬ତମ ଅଲ୍ ଇଣ୍ଡିଆ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସୋମବାର କ୍ଲବ ପକ୍ଷରୁ ଟ୍ରଫି ଓ ଜର୍ସି ଉନ୍ମୋଚନ କରାଯାଉଛି।

## ୪୦ ଅଭିଯୋଗ ଶୁଣାଣି

ଡେଲାଙ୍ଗ,୫।୫(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଶିବିରରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ବିଡିଓ କ୍ଷୀତିଶ ଚନ୍ଦ୍ର ବେହେରା, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚ୍ଚିନ ପଟେଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ଶୁଣିଥିଲେ। ୪୦ଟି ଅଭିଯୋଗ ଆସିଥିଲା। ଭୁବନେଶ୍ୱରର ନର୍ଦ୍ଦମା ପାଣି ଗଙ୍ଗୁଆ ନାଳ ଦେଇ ଦୟାନଦୀରେ ପ୍ରବାହିତ ହେବା ପରେ ନଦୀ ପାଣି ବିଷାକ୍ତ ହେବାରେ ଲାଗିଛି। ଫଳରେ ନଦୀ ଅବବାହିକା ଅଧିବାସୀମାନେ ବିଭିନ୍ନ ଅସୁବିଧା ଭୋଗୁଥିବା କୃଷକ ନେତା ଅଶୋକ ପ୍ରଧାନ ଅଭିଯୋଗ କରିଥିଲେ। ସେହିପରି ମଳିଗାଁକୁ ସଂଯୋଗ କରୁଥିବା ରାସ୍ତାରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇନାହିଁ। ନୂତନ ରାସନ କାର୍ଡ ପ୍ରଦାନ, ଆବାସ ଗୃହ ଯୋଗାଇଦେବା, କଲ୍ୟାଣପୁର, ରେଞ୍ଚ ଓ ଅଭୟମୁଖି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ସମସ୍ୟା, ଚାଇଁପୁର ପଞ୍ଚାୟତ ଅର୍ନ୍ତଗତ ମଠସାହିଠାରୁ ଗଣ୍ଡପଡ଼ା ରାସ୍ତା ଅଧପନ୍ତରିଆ ଭାବେ ପଡ଼ି ରହିବାରୁ ଯାତାୟାତରେ ସମସ୍ୟା ଉପୁଜୁଥିବା ନେଇ ଅଭିଯୋଗ ହୋଇଥିଲା।

## ଐଶରାଜ ସମ୍ବର୍ଦ୍ଧିତ

ଅସ୍ତରଙ୍ଗ,୫।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦରର ଛାତ୍ର ଐଶରାଜ ବେହେରା ବ୍ଲକରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ମୋଟ ୬୦୦ରୁ ୫୫୭ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସୋମବାର ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ପ୍ରକାଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସେନାପତି, ଶିକ୍ଷକ ଧୀରେନ୍ଦ୍ର ପ୍ରଧାନ, ବିଚିତ୍ରାନନ୍ଦ ବିଶ୍ୱାଳ, ସ୍ୱାଗତିକା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ରଥଖଳାରୁ...

### ୪୨ ଡ୍ରୁମର ଗୋଲେଇ, ସୂତାବାଡ଼ିଆ ଶେଷ



ପୁରୀ,୫।୫(ଅଜିତ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ରଥ ନିର୍ମାଣର ପଞ୍ଚମ ଦିନରେ ସୋମବାର ରଥଖଳାରେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତିନିରଥର ମୋଟ ୪୨ଟି ଡ୍ରୁମର ଗୋଲେଇ କାର୍ଯ୍ୟ ଶେଷ ହେବା ସହ ଡ୍ରୁମ ବିନ୍ଧ ପାଇଁ ଡ୍ରୁମଗୁଡ଼ିକରେ ସୂତାବାଡ଼ିଆ କାର୍ଯ୍ୟ ସରିଛି। ମଙ୍ଗଳବାର ସକାଳେ ତିନିରଥର ଡ୍ରୁମବିନ୍ଧ ଅନୁକୂଳ ପୂଜା ସହ ଡ୍ରୁମଗୁଡ଼ିକର ବିନ୍ଧ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ତିନି ରଥର ଦୁଇଟି ଲେଖାଏ ଡ୍ରୁମର ବିନ୍ଧ ଅନୁକୂଳ ପୂଜା ପାଇଁ ପୂର୍ବ ପ୍ରସ୍ତୁତି ଲାଗି ସୋବାର ରଥଖଳା ଚଳଚଞ୍ଚଳ ହୋଇଉଠିଛି। ତିନିରଥର ମୁଖ୍ୟ ମହାରଣାମାନେ ନିଜ ସାଥୀ ମହାରଣା ସେବକଙ୍କ ସହ ମିଶି ମାପ ପ୍ରକାରେ ଡ୍ରୁମଗୁଡ଼ିକର ସୂତାବାଡ଼ିଆ କାର୍ଯ୍ୟ ସହ କରତି ମହାରଣାଙ୍କ ଦ୍ୱାରା ଡ୍ରୁମଗୁଡ଼ିକର ଘେର କଟା ଏବଂ ସହଯୋଗୀ ମହାରଣାଙ୍କ ଦ୍ୱାରା ଡ୍ରୁମ ଠେକ ତୁଲିଆ କାର୍ଯ୍ୟ (ଡ୍ରୁମର ବଳକା ଅଂଶକୁ କାଟି ଡ୍ରୁମ ମୁଖଭାଗକୁ ବଟାଳିରେ ଚାଞ୍ଛି ସମତୁଲ କରିବା) ତଦାରଖ ପୂର୍ବକ ଡ୍ରୁମ ବିନ୍ଧ ଅନୁକୂଳ ପୂଜା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ତିନି ରଥର କମାର ସେବକମାନେ ଅର କଣ୍ଟା ପ୍ରସ୍ତୁତି ଜାରି ରଖିବା ସହ ଡ୍ରୁମବଳା ପ୍ରସ୍ତୁତ ପାଇଁ ବଳା ଶାଳ ପ୍ରସ୍ତୁତ ଶେଷ କରିଛନ୍ତି।

## ୧୦ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ, ୫।୫(ଅଜିତ କୁମାର ମହାନ୍ତି)

ଜାତୀୟ ଓ ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆସନ୍ତା ୧୦ତାରିଖ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ପୁରୀ ସିଭିଲ କୋର୍ଟ ସମେତ ପିପିଲି, ନିମାପଡ଼ା, କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ତଥା ଦେୱାନୀ, ଫୌଜଦାରି, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡ଼ପତ୍ର ବାଦ୍‌ଦେଇ), ଜମିଅଧିଗ୍ରହଣ, ବିଦ୍ୟୁତ୍ ଓ ଜଳ ଯୋଗାଣ ବିଲ୍ ଦେୟଜନିତ ବିବାଦ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ପ୍ରାକ୍ ମକଦ୍ଦମାସ୍ତରୀୟ ତଥା ବ୍ୟାଙ୍କ ଋଣ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ଦେୱାନି, ଫୌଜଦାରି ମକଦ୍ଦମାଗୁଡ଼ିକର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ମକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ହୋଇଥାଏ। ସବିଶେଷ ବିବରଣୀ ନିମନ୍ତେ ପୁରୀ ଜିଲା ଆଇନ ସେବା କାର୍ଯ୍ୟାଳୟର ହେଲ୍ପଲାଇନ ନମ୍ବର ୦୬୭୫୨-୨୨୧୪୨୨ ଏବଂ ଟୋଲ୍ ଫ୍ରି ନମ୍ବର ୧୫୧୦୦ ସହିତ ତୁରନ୍ତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

## କୃତୀ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ କୃତୀ ପରୀକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଅସ୍ତରଙ୍ଗ,୫।୫(ମମତା ଜେନା)

କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିବା ସହ ବିଦ୍ୟାମନ୍ଦିରର ସୁନାମ ଅର୍ଜନ କରିଛନ୍ତି। ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସଭାପତି ପ୍ରମୋଦ କିଶୋର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଦ୍ୟା ମନ୍ଦିରର ସଂକୁଳ ପ୍ରମୁଖ ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ, ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ସହ ପ୍ରଧାନାଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ, ରାଜକିଶୋର ମଲ୍ଲିକ, ଅନ୍ନଦା କୁମାର ବେହେରା ପ୍ରମୁଖ ବ୍ଲକରେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଥିବା ଅଂଶୁମାନ ରାଉତ(୫୬୦), ଏ-୧ରେ ପାସ୍ କରିଥିବା ପ୍ରତୀକ୍ଷା ତ୍ରିପାଠୀ, ଅଙ୍କିତା ମିଶ୍ର, ଶ୍ୱେତାଲିନା ଦାଶ ଓ ଏ-୨ରେ ପାସ କରିଥିବା ୮ ଜଣ ଛାତ୍ରୀଛାତ୍ରଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ପ୍ରଧାନ, ପ୍ରକାଶ ଷଡ଼ଙ୍ଗୀ, ଦିଲୀପ ସତପଥୀ, ପ୍ରଦୀପ୍ତ ମିଶ୍ର, ସୁବର୍ଣ୍ଣ ଚାନ୍ଦ, ଲକ୍ଷ୍ମୀଧର ମହାପାତ୍ର, ପ୍ରମିଳା ମହାରଣା, ଶୁଭଶ୍ରୀ ରାଉତ, ଗୀତାଞ୍ଜଳି ପରିଡ଼ା, ଅକ୍ଷୟ ସାହୁ ପ୍ରମୁଖ ଗୁରୁମାଗୁରୁଜୀ ଯୋଗ ଦେଇଥିଲେ। ଶେଷରେ ବିଦ୍ୟାମନ୍ଦିରର ବିଦ୍ୱତ୍ ପରିଷଦର ସଭ୍ୟ ମନୋଜ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ମାଟ୍ରିକ୍ ପରୀକ୍ଷାର କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଚାରିଛକ,୫।୫(ଶିଶିର କୁମାର ସ୍ୱାଇଁ)

ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ଚଳିତ ମାଟ୍ରିକ୍ ପରୀକ୍ଷାରେ ୫୬୧ ନମ୍ବର ରଖିଥିବା ବିଷ୍ଣୁସୁଧା ସ୍ୱାଇଁ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏତଦ୍‌ବ୍ୟତୀତ ବିଦ୍ୟାଳୟରେ ଲଗାତର ୩ ବର୍ଷ ଧରି ଶତପ୍ରତିଶତ ଫଳାଫଳ ହୋଇଛି। ଏହି ପରିପ୍ରେକ୍ଷୀରେ ମେଧା ଛାତ୍ରଙ୍କୁ ପୁରସ୍କୃତ କରିବାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ସଭାପତିତ୍ୱରେ ଏକ ମେଧା ସମ୍ବର୍ଦ୍ଧନା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ମୁଖ୍ୟବକ୍ତା କାକଟପୁର ମଙ୍ଗଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ସନ୍ତୋଷ କୁମାର ମିତ୍ର, ସମ୍ମାନିତ ଅତିଥି ଭାବେ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିଜବର ମୁଦୁଲି, ସ୍ଥାନୀୟ ଭୋଦର ପଞ୍ଚାୟତ ସରପଞ୍ଚ ଚାରୁଲତା ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ କର ଯୋଗଦେଇଥିଲେ। ଏତଦ୍‌ବ୍ୟତୀତ ଏସ୍‌ଏମ୍‌ଡିସିର ସଭ୍ୟ ରାମଚନ୍ଦ୍ର ଜେନା, ବୈରାଗୀ ସାହୁ, ପୂର୍ଣ୍ଣଚନ୍ଦ୍ର ଓଝା ଏବଂ ଅନେକ ଅଭିଭାବକ ଉପସ୍ଥିତ ଥିଲେ। ସମସ୍ତ ଅତିଥି ବିଷ୍ଣୁସୁଧାଙ୍କୁ ତାଙ୍କ ସଫଳତା ପାଇଁ ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ୧୦୦୦ ଟଙ୍କା ଓ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା ୫୦୦ ଟଙ୍କା ଓ ଉତ୍ତରୀୟ ଦେଇଥିବାବେଳେ ବାନରସେନା ସମ୍ପାଦକ ତଥା ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଉତ୍ତରୀୟ ଓ ମେମୋଣ୍ଟସ ଦେଇଥିଲେ। ଉତ୍ସବରେ ବିଦ୍ୟାଳୟ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର, ବାବାଜୀ ଚରଣ ସେନାପତି, ଆଦ୍ୟାଶ୍ୟା ପ୍ରିୟଦର୍ଶିନୀ, କୃଷ୍ଣା ମହାପାତ୍ର, ରାନୀ ବସ୍ତିଆ, ବିଭୁ ପ୍ରସନ୍ନ ଦାସ, ମାନସ ରଞ୍ଜନ ନାୟକ ଓ ଶିବବ୍ରତ ମଲ୍ଲଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଷ୍ଣୁସୁଧାଙ୍କ ପିତା ଶ୍ରୀକାନ୍ତ ସ୍ୱାଇଁ ଓ ମାତା ବୈଦେହୀ ସ୍ୱାଇଁଙ୍କୁ ଧନ୍ୟବାଦ ଦିଆଯାଇଥିଲା। ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଦୀପ୍ତ ସାହୁ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ସାକ୍ଷୀଗୋପୀନାଥ ଦେବଙ୍କ ବିମାନ ସେବାର ସର୍ଦ୍ଧାରଙ୍କ ବିୟୋଗ

ସାକ୍ଷୀଗୋପାଳ,୫।୫(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅଧୀନ ପେଣ୍ଠପଡ଼ା ଗ୍ରାମ ପଞ୍ଚାୟତର ୧ନଂ. ୱାର୍ଡ ତଥା ରଙ୍ଗଣି ସାହିର ଫଗୁ ଜେନା (୬୪)ଙ୍କ ସୋମବାର ତାଙ୍କ ବାସ ଭବନରେ ବିୟୋଗ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ ଓ ସାହାଯ୍ୟକାରୀ ସହିତ ସାକ୍ଷୀଗୋପିନାଥଙ୍କ ବିମାନ ସେବାର ସର୍ଦ୍ଧାର ଭାବେ ସାକ୍ଷୀଗୋପାଳରେ ଜଣାଶୁଣା ଥିଲେ। ଏପରିକି ନିଜ ଗ୍ରାମବାସୀଙ୍କ ସହଯୋଗରେ ସେ ୧୧ ବର୍ଷ ଅଷ୍ଟପ୍ରହରୀ କରିବା ସହ ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ଲୋକେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ପୁତୁରା, ପୁତୁରା ବୋହୂ, ନାତୁଣୀ ନାତି ଉପସ୍ଥିତ ଥିଲେ। ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଥିଲା।

## ବିଦ୍ୟୁତ ଖୁଣ୍ଟରୁ ଖସିପଡ଼ିଲେ ଠିକା କର୍ମଚାରୀ

- ସୁରକ୍ଷା ଦାୟିତ୍ୱକୁ ନେଇ ଉଠିଲା ପ୍ରଶ୍ନ
- ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଦାବି

ଗୋପ,୫।୫(ଭାରତୀ ଭୂଷଣ ଉପାଧ୍ୟାୟ)

ବେଗୁନିଆ ବିଦ୍ୟୁତ୍ ବିଭାଗର ଠିକା କର୍ମଚାରୀ ବିଦ୍ୟୁତ୍ ଖୁଣ୍ଟରୁ କରେଣ୍ଟ ଲାଗିଯିବାରୁ ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ। ଗୁରୁତର କର୍ମଚାରୀ ହେଲେ ପ୍ରକାଶ ଚନ୍ଦ୍ର ଭୋଇ (୩୨)। ତାଙ୍କୁ ଗୁରୁତର ଅବସ୍ଥାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ଠିକା କର୍ମଚାରୀଙ୍କୁ ବିଦ୍ୟୁତ୍ ଖୁଣ୍ଟରେ କିଏ ଚଢ଼ାଇଲା, କାହିଁକି ତାଙ୍କୁ ସୁରକ୍ଷା ଉପକରଣ ଦିଆଯାଇ ନ ଥିଲା ତାହା ତଦନ୍ତ ସାପେକ୍ଷ। ତୁରନ୍ତ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରାଯାଇଛି।

ପ୍ରକାଶ ଯେ, ଗତ ୩ ତାରିଖରେ କାଳବୈଶାଖୀ ଯୋଗୁ ଗୋପ ବିଦ୍ୟୁତ ବିଭାଗ ଅଧୀନ ଅଧିକାଂଶ ସ୍ଥାନରେ ବିଦ୍ୟୁତ ତାର ଛିଡ଼ିଥିଲା। ରବିବାର ଏହି ସବୁ କାମ କରାଯାଇଥିବା ବେଳେ ସୋମବାର ପୂର୍ବାହ୍ନରେ ବୀରତୁଙ୍ଗ ପଞ୍ଚାୟତର ସାଉରିଆ ଗ୍ରାମ ନିକଟରେ ୧୧ କେଭି ବିଦ୍ୟୁତ କାମ କରାଯାଉଥିଲା। ଏକ ଟିମ୍ କାମ କରୁଥିବା ବେଳେ ସମ୍ପୃକ୍ତ ଠିକା କର୍ମଚାରୀ ପ୍ରକାଶ ଚନ୍ଦ୍ର ଭୋଇଙ୍କୁ ବିନାସୁରକ୍ଷାରେ ଖୁଣ୍ଟକୁ ପଠାଯାଇଥିଲା। ସମ୍ପୃକ୍ତ ଠିକା କର୍ମଚାରୀ ବିଦ୍ୟୁତ କରେଣ୍ଟ ନାହିଁ ବୋଲି ଅନୁମାନ କରି ୧୧ କେଭି ତା'ର ସଂସ୍ପର୍ଶରେ ଆସିବା ପରେ ଖୁଣ୍ଟ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଠିକା କର୍ମଚାରୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗୋପ ବ୍ଲକ ଭାଜପାର ଯୁବମୋର୍ଚ୍ଚା ସଭାପତି ଶିବ ପ୍ରସାଦ ସ୍ୱାଇଁ ଦାବି କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।



ଗୁରୁତର କର୍ମଚାରୀ ପ୍ରକାଶ ଚନ୍ଦ୍ର ଭୋଇ ।

## ସଂକ୍ଷେପରେ

### ଜନ୍ମଦିନରେ ସୁସ୍ଥ ପରିବେଶ ପାଇଁ ବୃକ୍ଷରୋପଣ

କଣ୍ଟାପଡା, ୫।୫(ସୁରନାରାୟଣ ସାହୁ) କଣ୍ଟାପଡା ବ୍ଲକ ଅନ୍ତର୍ଗତ ସାଇଲୋ ବଡବିଲିସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ର ସଂସଦ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ଜନ୍ମଦିନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପୁରାତନ ଛାତ୍ର ତଥା ସେଭେନଷ୍ଟାର ଚାରିଟେବୁଲ ଟ୍ରଷ୍ଟ ଉପସଭାପତି ଅବନୀ ବେହେରାଙ୍କ ଜନ୍ମଦିନରେ ବିଦ୍ୟାଳୟ ନିକଟରେ ଏକ ଅର୍ଜ୍ଜୁନ ବୃକ୍ଷ ରୋପଣ କରାଯାଇଥିଲା। କଣ୍ଟାପଡା ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ବ୍ରାହ୍ମଣବାଟୀ ଗ୍ରାମପଞ୍ଚାୟତ ସରପଞ୍ଚ ସଞ୍ଜୟ ରାଉତରାୟଙ୍କ ନେତୃତ୍ୱରେ ସୁକାନ୍ତ ବେହେରା, ଅନିରୁଦ୍ଧ ଭୋଇ, ପ୍ରଶାନ୍ତ ବେହେରା, ସୁକାନ୍ତ ଭୋଇ, କାର୍ତ୍ତିକ ପାତ୍ର, ବିକାଶ ଭୋଇ, କେଶବ ରଣା, ବିଜୟ ରାଉତରାୟ ପ୍ରମୁଖ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ବର୍ଷତମାମ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ମା' ଜାଡମଲ୍ଲୀଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଫୁଲନଖରା, ୫।୫(ସତ୍ୟରଞ୍ଜନ ଦାସମହାପାତ୍ର): ସଦର ଥାନା ଅନ୍ତର୍ଗତ ସନ୍ତୋଳ-ନଗରୀଠାରେ ଥିବା ମା'ଜାଡ଼ମଲ୍ଲୀଙ୍କ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମା'ଙ୍କ ପୀଠରେ ୩ ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ ହୋଇଥିଲା। ଏଥିରେ ସୁନ୍ଦରପ୍ରକାଶ ଦାସ ଓ ରତ୍ନମଞ୍ଜରୀ ଦାସ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଜଗତସିଂହପୁର ଏମ୍‌ପିଙ୍କ ବାରଙ୍ଗ ବ୍ଲକ ପ୍ରତିନିଧି ଦିଲୀପ କୁମାର ପାତ୍ର, କଟକ ଜୋନ-୪ ଏସିପି ଅମିତାଭ ମହାପାତ୍ର, କଟକ ସଦର ଆଇଆଇସି ଓମପ୍ରକାଶ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମା'ଜାଡ଼ମଲ୍ଲୀଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ କ୍ଷୁଦ୍ର ପୁସ୍ତିକା ଅତିଥିଗଣ ଉନ୍ମୋଚନ କରିଥିଲେ। ଉତ୍ସବର ବିଭିନ୍ନ ଦିବସରେ ପାଲା, ଭଜନ ସନ୍ଧ୍ୟା ଓ ସଂକୀର୍ତ୍ତନ ଆଦି ପରିବେଷଣ ହୋଇଥିଲା। ପୂର୍ଣ୍ଣାହୁତି ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ୩ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ତୋଳ-ନଗରୀ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅସୁବିଧା ଭୋଗୁଛନ୍ତି ଶିଶୁ ରୋଗୀ, ସମ୍ପର୍କୀୟ

### ଉଦ୍‌ଘାଟନ ପରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନି ନୂତନ ଫାଟକ

କଟକ,୫।୫(ଶିଳ୍ପା ପ୍ରିୟଦର୍ଶିନୀ)


ରିଂରୋଡ଼ ପାର୍ଶ୍ୱ ନୂତନ ଫାଟକ କାର୍ଯ୍ୟକ୍ଷମ ନ ହୋଇ ପଡ଼ିଛି।

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ଅନୁଷ୍ଠାନରେ ନୂତନ ଜି ପ୍ଲସ-୬ କୋଠା ଉଦ୍‌ଘାଟନକୁ ୨୫ଦିନ ବିତିଯାଇଛି। ହେଲେ ନୂତନ କୋଠାକୁ ସଂଯୋଗ କରୁଥିବା ରିଂରୋଡ଼ ପାର୍ଶ୍ୱ ନୂତନ ଫାଟକ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରିନି। ଏପରି କି କିଛିଦିନ ଫାଟକର ଗୋଟିଏ ପାର୍ଶ୍ୱ ଖୋଲା ଯାଉଛି ତ କିଛିଦିନ ସମ୍ପୂର୍ଣ୍ଣ ଭାବେ ବାଉଁଶ ଦେଇ ବନ୍ଦ କରାଯାଉଛି ଏବଂ ଫାଟକ ନିକଟରେ ସୁରକ୍ଷା କର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯାଇନାହିଁ।

ସୂଚନାଅନୁଯାୟୀ, ଶିଶୁଭବନର ନୂତନ କୋଠା ଏପ୍ରିଲ ୧୧ରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି. ନଡ୍ଡା ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ନଜରରେ ରଖି ଉକ୍ତ କୋଠାକୁ ସଂଯୋଗ କରୁଥିବା ରିଂରୋଡ୍ ପାର୍ଶ୍ୱରେ ନୂତନ ଫାଟକ ଏପ୍ରିଲ ୧୦ରେ ଖୋଲାଯାଇଥିଲା। ହେଲେ ଏହି ଫାଟକ ଦେଇ ରୋଗୀ ଓ ସମ୍ପର୍କୀୟ ଯାଆସ କରିବା ସମ୍ଭବପର ହୋଇ ପାରୁନାହିଁ। ମେଡିକାଲ ପରିସରରେ ଥିବା ପୁରୁଣା କୋଠାକୁ ଭଙ୍ଗା ଯାଇ ରାସ୍ତା କରାଯାଇଛି। ହେଲେ ପୁରୁଣା କୋଠାର ଭଙ୍ଗା ଜିନିଷକୁ ଦାୟିତ୍ୱରେ ଥିବା ସଂସ୍ଥା ସଫା କରି ପାରିନାହିଁ। ଫଳରେ ପ୍ରାୟତଃ ଫାଟକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉଛି। ଏପରି କି ଏହି ଫାଟକ କାର୍ଯ୍ୟକାରୀ ହେବା ପରେ ମଧ୍ୟ ଏଠାରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇନାହିଁ। ଯାହାଦ୍ୱାରା ଦୂରଦୂରାନ୍ତରରୁ ମେଡିକାଲକୁ ଆସୁଥିବା ଶିଶୁ ଓ ରୋଗୀଙ୍କ ସମ୍ପର୍କୀୟ ନ ଜାଣି ପାରି ହଇରାଣ ହେଉଛନ୍ତି। ତେବେ ଏପ୍ରିଲ ପ୍ରଥମ ସପ୍ତାହରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି.ଏସ୍ ଶିଶୁଭବନ ଗସ୍ତ କରି ବିଭିନ୍ନ ସମସ୍ୟା ବିଷୟରେ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଠିକ୍ ତା' ପରଦିନ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସନ୍ଦେ, ଏସ୍‌ସିବି କୁଳସଚିବ ସୁବାସ ରାଏ ଓ ଅନ୍ୟ ଅଧିକାରୀ ଶିଶୁ ଭବନ ଗସ୍ତ କରି ମେଡିକାଲର ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ ଏବଂ ଜିଲାପାଳ ଏପ୍ରିଲ ୧୦ରେ ନୂତନ ଫାଟକ ଖୋଲିବା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ମେଡିକାଲକୁ ଯାଜପୁରରୁ ଆସିଥିବା ପ୍ରଦୀପ ହୋତା କହିଛନ୍ତି, ପୁଅର ଚିକିତ୍ସା ପାଇ ଶିଶୁଭବନ ଆସିଛି, ହେଲେ ମେଡିକାଲର ପ୍ରବେଶ ଫାଟକ ଖୋଲା ନ ଥିବାରୁ ପୁରୁଣା ଫାଟକ ଦେଇ ଆସିବାକୁ ପଡ଼ିଲା। ଏପରିକି ବସ ଯୋଗେ ଆସିଥିବାରୁ ବହୁ ଦୂର ଚାଲିବାକୁ ପଡ଼ିଲା। ଫାଟକ କାର୍ଯ୍ୟକ୍ଷମ ହେଲେ ରୋଗୀ ଓ ସମ୍ପର୍କୀୟଙ୍କ ପାଇ ସହାୟକ ହେବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି, ନିର୍ଦ୍ଦେଶକ୍ରମେ ଫାଟକ ଖୋଲାଯାଇଥିଲା। ଏବେ ଗୋଟିଏ ପାର୍ଶ୍ୱକୁ ଖୋଲାଯାଉଛି ଏବଂ ସମ୍ପୂର୍ଣ୍ଣ ଭାବେ କାହିଁକି ତାହା କାର୍ଯ୍ୟକାରୀ ହୋଇ ନାହିଁ ସେ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ସିନ୍ଦେ କହିଛନ୍ତି। ଅନ୍ୟପଟେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି, ପୁରୁଣା କୋଠାର ଭଙ୍ଗା ଜିନିଷକୁ ସଫା କରିବା ଦାୟିତ୍ୱରେ ଥିବା ସଂସ୍ଥାକୁ କୁହାଯାଇଛି। ଖୁବଶୀଘ୍ର ଫାଟକର ଉଭୟ ପାର୍ଶ୍ୱକୁ ଖୋଲିଯିବ ବୋଲି ମିଶ୍ର କହିଛନ୍ତି।

# 'ଦଦରା ନାଆର ବୁଢ଼ା ନାଉରୀ' ପୁସ୍ତକ ଲୋକାର୍ପିତ

କଟକ,୫।୫(ଶିଳ୍ପା ପ୍ରିୟଦର୍ଶିନୀ)

ବିଶିଷ୍ଟ ଶିକ୍ଷାବିତ୍ ତଥା ଖ୍ରୀଷ୍ଟ କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଭାତ କୁମାର କରଙ୍କ ରଚିତ 'ଦଦରା ନାଆର ବୁଢ଼ା ନାଉରୀ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଶରତ କର ଓ ଅନିମା କର ଫାଉଣ୍ଡେଶନ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ଲୋକାର୍ପଣ ଉତ୍ସବ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନାଗରିକ ମହାସଭା ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ମହେଶ୍ୱର ମହାନ୍ତି, ବରେଣ୍ୟ ବକ୍ତା ଭାବେ ଡା. ଶୈଳେଶ୍ୱର ନନ୍ଦ, ଅନ୍ୟତମ ଅତିଥି ପ୍ରଭାତ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ପ୍ରଭାତ କର କେବଳ ଜଣେ ଶିକ୍ଷାବିତ୍ ନୁହନ୍ତି ଏକାଧାରାରେ ଜଣେ ସୁସଂଗଠକ, ସମାଜସେବୀ ଓ ସୁବକ୍ତା। କଟକ ସହରର ବିଭିନ୍ନ ଅନୁଷ୍ଠାନ ସହିତ ବହୁ ଜନହିତକର କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି। ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ଓ ସୁରକ୍ଷା ଦିଗରେ ତାଙ୍କର ଉଦ୍ୟମ ଅତୁଳନୀୟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସିପ୍ରା କର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅଶୋକ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ସୁଶାନ୍ତ କୁମାର ବଳ, ଡା. ଅଂଶୁମାନ କର, ସାଗରିକା ପ୍ରହରାଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଦୀପ କୁମାର କର, ଅଧ୍ୟାପକ ବିଜୟ ଆଚାର୍ଯ୍ୟ, ଡ. ଅଭୟ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବନୀ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ସ୍ୱର୍ଗତ ସମୀର ଦେଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ସ୍ଥାପନ ହେଉ


ସିଏମ୍‌ସି ମେୟରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କଟକ,୫।୫(ଶିଳ୍ପା ପ୍ରିୟଦର୍ଶିନୀ)

ୱାର୍ଡ଼ ନଂ-୨୬ର କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ନିମସାହିସ୍ଥିତ ବାସଭବନ ନିକଟରେ ସ୍ଥାପନ କରିବା ଓ କଟକ ସହରର କୌଣସି ରାସ୍ତା କିମ୍ବା ପାର୍କର ନାମକୁ ସ୍ୱର୍ଗତ ଦେଙ୍କ ନାମରେ କରିବା ପାଇଁ ଉଲ୍ଲେଖ କରାଯାଇଛି। ଏ ନେଇ ଗଗନ ଓଝା କହିଛନ୍ତି, କଟକ ସହରର ବିକାଶ ଦିଗରେ ସ୍ୱର୍ଗତ ଦେଙ୍କ ପ୍ରମୁଖ ଭୂମିକା ରହିଛି। ଏହାସହ କଟକର ଐତିହ, ପରମ୍ପରାକୁ ବଜାୟ ରଖିବାକୁ ସେ ସର୍ବଦା ପ୍ରୟାସ ଜାରି ରଖିଥିଲେ। ତାଙ୍କ ସ୍ମୃତି ଉଦ୍ଦ୍ୟଶରେ ଏକ ପୂର୍ଣ୍ଣାବୟବ ମୂର୍ତ୍ତି ସ୍ଥାପନ କରାଗଲେ ଏହା ତାଙ୍କ ପ୍ରତି ପ୍ରକୃତ ସମ୍ମାନ ହେବ ବୋଲି ଓଝା କହିଛନ୍ତି। ଅନ୍ୟପଟେ ଦାବିପତ୍ର ଗ୍ରହଣ କରି ଏ ଦିଗରେ ତୁରନ୍ତ କାର୍ଯ୍ୟ କରାଯିବ ବୋଲି ମେୟର ସିଂ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

### କେନାଲ ବନ୍ଧରାସ୍ତାରେ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରିବାକୁ ଦାବି

କଟକ ସଦର,୫।୫(ସୁଶାନ୍ତ କୁମାର ଜେନା)

କିଛିଦିନ ହେବ ମାଛଗାଁ କେନାଲ ବନ୍ଧ ଅଥଙ୍ଗା-ବିରିବାଟି ରାସ୍ତାରେ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମର ଏକ ବସ୍ ଚଳାଚଳ କରୁଛି। ଏହି ବସ୍ ଦିନକୁ ୩ ଥର କଟକ ସଦର ବ୍ଲକକୁ ଯାଉଥିବା ଡ୍ରାଇଭରଙ୍କ ସୂତ୍ରରୁ ଜଣାପଡିଛି। ଓଡି୦୫ବିୟୁ ୦୫୯୩ ଏହି ବସ୍ ପ୍ରହରାଜପୁରଠାରୁ ବାହାରି କନ୍ଦରପୁର ଓ ପରମହଂସ ପଞ୍ଚାୟତ ଦେଇ ବ୍ଲକ ଅଭିମୁଖେ ଯାଉଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ (ଲକ୍ଷ୍ମୀ) ବସ ସେବା କଟକ ସଦର ବ୍ଲକ ଅଞ୍ଚଳରେ ଆରମ୍ଭ ହେବା ଦିନଠାରୁ ପରମହଂସ ଓ କନ୍ଦରପୁର ପଞ୍ଚାୟତର ବମ୍ଭୁରୀ, ଅଥଙ୍ଗା ଦେଇ ବସ ଚଳାଚଳ କରିବାକୁ ଦାବି କରାଯାଇଛି। ବିଡିଓ ପ୍ରତୀକ ସାହୁଙ୍କ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି କହିଥିଲେ।

# ତାଲା ବନ୍ଦ ଘରୁ ଟଙ୍କା, ଗହଣା ଚୋରି

କଟକ ସଦର,୫।୫(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ବିହାର ଅଞ୍ଚଳର ଏକ ବନ୍ଦ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ଟଙ୍କା ଓ ସୁନା ଗହଣା ଚୋରି କରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ଶନିବାର ସନ୍ଧ୍ୟାରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ୪୨ ମୌଜା ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଅଦ୍ୟାବଧି କାହାରିକୁ ଗିରଫ କରାଯାଇନାହିଁ। ଘଟଣାରୁ ପ୍ରକାଶ ଗୃହ ମାଲିକ ରାଜଲକ୍ଷ୍ମୀ ନାୟକ ଝିଅ ଘର ମାଲକାନଗିରି ବୁଲିବା ପାଇଁ ଯାଇଥିଲେ। ଘର ବିଭିନ୍ନ ସ୍ଥାନରେ ୫ଟି ତାଲା ପକାଇ ସେ ଯାଇଥିଲେ। ଶୁକ୍ରବାର ରାତିରେ ଗ୍ରିଲ ଓ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଘରୁ ଚୋରି କରିଥିଲେ। ପଡୋଶୀଙ୍କଠାରୁ ଖବର ପାଇ ଆସିବା ପରେ ରାଜଲକ୍ଷ୍ମୀ ଥାନାରେ ଅଭିଯୋଗ କରିଥିଲେ। ନଗଦ ୫୦ ହଜାର ଟଙ୍କା ଓ ସୁନା ଗହଣା ଚୋରି ହୋଇଥିବା ଏତଲାରେ ଉଲ୍ଲେଖ ରହିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୦/୨୫) ରୁଜୁ ହୋଇଛି।

### ସତର୍କତା ଅବଲମ୍ବନ ପାଇଁ ପୋଲିସର୍ ପରାମର୍ଶ

ଅନ୍ୟପକ୍ଷରେ ଗ୍ରୀଷ୍ମ ଅବକାଶ ପାଇଁ ଲୋକମାନେ ବାହାରକୁ ବୁଲିବା ପାଇଁ ଯାଉଥିବା ଦୃଷ୍ଟିରୁ କାହାରିକୁ ଘର ଜଗିବା ଦାୟିତ୍ୱ ଦେବା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ଏପରିକି ଟଙ୍କା, ସୁନା, ରୁପା ଓ ହୀରା ଗହଣା ସୁରକ୍ଷିତ ସ୍ଥାନରେ ରଖିବା ବ୍ୟବସ୍ଥା କରିବା ପାଇଁ ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ସମସ୍ତଙ୍କୁ ସତର୍କ କରାଇ ଦେଇଛନ୍ତି।

# ଷଷ୍ଠ ଦିନରେ ୬ ଦଫା ଦାବି ନେଇ ଶ୍ରମିକଙ୍କ ଧାରଣା

### ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ଅସନ୍ତୋଷ ଶ୍ରମିକ

ଖୁଣ୍ଟୁଣୀ,୫।୫(ସଚ୍ଚିଦାନନ୍ଦ ପଣ୍ଡା)


ଖବରଦାତା ସମ୍ମିଳନୀରେ ଧାରଣାରତ ଶ୍ରମିକମାନେ ସୂଚନା ଦେଉଛନ୍ତି।

ଖୁଣ୍ଟୁଣୀ ଥାନା ମସ୍ତପୁରଠାରେ ଥିବା ଏକ ମଦ କାରଖାନାର ଶ୍ରମିକମାନେ ୬ଦଫା ଦାବି ନେଇ ବୁଧବାରଠାରୁ କାରଖାନା ଆଗରେ ଚଳାଇଥିବା ଧାରଣା ସୋମବାର ଷଷ୍ଠ ଦିନରେ ପହଞ୍ଚିଛି। ଶ୍ରମ ଆଇନ ମୁତାବକ ମଜୁରି ପ୍ରଦାନ କରିବା, କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କୁ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଜୋତା ଓ ଟୋପି ଆଦି ପ୍ରଦାନ କରିବା, ସମସ୍ତ ଠିକା ଶ୍ରମିକଙ୍କୁ କାରଖାନାରେ ସ୍ଥାୟୀ ନିଯୁକ୍ତି ପ୍ରଦାନ ସହିତ ଗ୍ରାଚୁଇଟି ପ୍ରଦାନ କରିବା ଆଦି ଦାବି ନେଇ ଧାରଣା ଜାରି ରହିଛି। ଖୁଣ୍ଟୁଣୀ ଆଇଆଇସି ରଞ୍ଜନ କୁମାର ପ୍ରଧାନ ଧାରଣାସ୍ଥଳରେ ମାଜିଷ୍ଟ୍ରେଟ ମାନସ ବେହେରାଙ୍କ ସହିତ ପହଞ୍ଚି ଲୋକଙ୍କୁ ଦୀର୍ଘ ସମୟ ବୁଝାଶୁଝା କରିଥିଲେ। ହେଲେ ଶ୍ରମିକମାନେ ନିଜ ଜିଦରେ ଅଟଳ ରହି ଧାରଣାରୁ ଉଠି ନ ଥିଲେ। ୧୬୩ ଧାରା ଲାଗୁ ହୋଇ ନ ଥିବା ଉପଜିଲାପାଳ କହୁଥିବା ବେଳେ ପୋଲିସ ଓ ମାଜିଷ୍ଟ୍ରେଟ ଆମକୁ ଜୋର ଜବରଦସ୍ତ ଟେଣ୍ଟ ଭାଙ୍ଗିବା ସହିତ ଧକ୍କା ମାରି ଧାରଣ ସ୍ଥଳରୁ ଉଠାଇ ଦେଇଛନ୍ତି ବୋଲି ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ଧାରଣାରତ ଶ୍ରମିକମାନେ କହିଛନ୍ତି। ଏଥିପାଇଁ ସେମାନେ ଆଇଆଇସିଙ୍କ ବିରୋଧରେ କଟକରେ ଅଭିଯୋଗ କରିଥିବା କହିଛନ୍ତି। ତେବେ ଆଇଆଇସି କହିଛନ୍ତି କୌଣସି ବଳ ପ୍ରୟୋଗ କି ଖରାପ ବ୍ୟବହାର କରାଯାଇ ନାହିଁ।

# ଅଭିଯୋଗ ଶୁଣିଲେ, ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ମଙ୍ଗୁଳି-ଜଗତପୁର,୫।୫(ମାନସ ସାମଲ)


ଜିଲାପାଳ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

କଟକ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ୧୪୮ଟି ବ୍ୟକ୍ତିଗତ ଓ ସାମୂହିକ ୬ଟି ମିଶାଇ ମୋଟ ୧୫୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, କଟକ ଡିସିପି ରୁଷିକେଶ ଖିଲାରି, ଜିଲା ଶିକ୍ଷା ଅଧିକାରୀ ଡ. ଏସ୍.କେ. ରାଉତ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ ହୋତା, ସିଡିପିଓ ଡାକ୍ତର ରମଣୀ ରଞ୍ଜନ ବିଶ୍ୱାଳ, ଜିଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ଜିଲା ଶ୍ରମ ଅଧିକାରୀ ପ୍ରତିବନ୍ଧନ ଘଡ଼ାଇ, ଜିଲା ବନଖଣ୍ଡ ଅଧିକାରୀ ଭାରତୀ କାଣ୍ଡି, ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ମୋଟ ୭୨ଜଣ ଅଧିକାରୀ ଜନଶୁଣାଣିରେ ଉପସ୍ଥିତ ଥିଲେ। ଏଥିମଧ୍ୟରୁ ୩୫ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିଲା। ବ୍ଲକ ପରିସରରେ ଶୌଚାଳୟ ଓ ପିଇବା ପାଣିର ସୁବିଧା, ଗରୁଡ଼ଗାଁ ପଞ୍ଚାୟତ ଅଧୀନ ବିଶନାହାକାଣୀଠାରେ ବସୁଥିବା ସାପ୍ତାହିକ ହାଟ ଜାଗାର କିସମ ପରିବର୍ତ୍ତନ କରାଇବା, ଭଟିମୁଣ୍ଡାସ୍ଥିତ ମଠ ସମ୍ପତ୍ତି ଚକ୍ରାନ୍ତ କରି ହଡ଼ପ କରାଯାଇଥିବା ନେଇ ଜିଲାପାଳଙ୍କୁ ଗ୍ରାମବାସୀ ଅଭିଯୋଗ କରି ଦାବିପତ୍ର ଦେଇଥିଲେ। ସମସ୍ତ ସମସ୍ୟା ସମାଧାନ ଯଥାଶୀଘ୍ର କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଶିବିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟା ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାଶତ ଜେନା, ପଞ୍ଚାୟତ ସମିତି ଅଧକ୍ଷା ମିନାକ୍ଷୀ ଦାସ, ଉପାଧକ୍ଷା ସୁପ୍ରିୟା ଜେଠୀଙ୍କ ସହ ବ୍ଲକ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ସହାୟତା କରିଥିଲେ।

## ଫଟୋରେ ଖବର


କଟକ ରେଳ ଷ୍ଟେଶନରେ ସୋମବାର ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ପକ୍ଷରୁ ଯାତ୍ରୀଙ୍କ ସୁରକ୍ଷା ନେଇ ସଚେତନତା କରାଯାଉଛି।



କଟକ ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳାରେ ବରଗଡ଼ କଳାକାରଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ। (ଫଟୋ:ରାଜକିଶୋର ମହାନ୍ତି)

# ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

## ୭୩ ଅଭିଯୋଗ ଶୁଣିଲେ ଜିଲାପାଳ

**ଖୋର୍ଦ୍ଧା,୫ା୫(ପ୍ରଭାତ ପାଣିଗ୍ରାହୀ)**

ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଏସ୍‌ପି ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ(ଜିଲାପରିଷଦ) ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା ଯୋଗଦେଇଥିଲେ।

ଶିବିରରେ ମୋଟ୍ ୭୩ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୯ଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୫୮ଟି ଅଭିଯୋଗ ଗ୍ରାମୀଣ ସମସ୍ୟା ରହିଥିଲା। ତତ୍କାଳ ୪ଟି ଅଭିଯୋଗର ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ଜଣ ଅଭିଯୋଗକାରୀ ଭୁବନେଶ୍ୱର ନୟାପଲ୍ଲୀର ଲକ୍ଷ୍ମୀପ୍ରିୟା ବେହେରା ଏବଂ ଗୁଣ୍ଠୁଣି ଗୋଲବାଇର ସୁଶୀଳା ସାହୁଙ୍କୁ ୧୦ହଜାର ଲେଖାଏ ମୋଟ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ଅଭିଯୋଗର ସମ୍ପୃକ୍ତ ଅଧିକାରୀମାନେ ତୁରନ୍ତ ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଡେପୁଟି କଲେକ୍ଟର ନିବେଦିତା ପରିଡ଼ା, ଆର୍ତ୍ତତ୍ରାଣ ମଲ୍ଲିକ, ସହକାରୀ କଲେକ୍ଟର ଭୁବନେଶ୍ୱରୀ କଅଁର, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିତା ଦାଶ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାଶ, ଜିଲା ସମାଜ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଖୋର୍ଦ୍ଧା ସଦର ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଆସନ୍ତା ୧୩ତାରିଖରେ ବେଗୁନିଆ ବ୍ଲକ ଅଧୀନ କୁଞ୍ଜୁରି ପଞ୍ଚାୟତ କାର୍ଯ୍ୟାଳୟ, ୧୯ତାରିଖରେ ଭୁବନେଶ୍ୱର ବ୍ଲକ ଇଞ୍ଜନା ପଞ୍ଚାୟତ କାର୍ଯ୍ୟାଳୟ ଏବଂ ୨୬ତାରିଖରେ ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ତେଣୁ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କ ଅଭିଯୋଗ ଥିଲେ ସେମାନେ ସେମାନଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥିରୀକୃତ ତାରିଖ ଏବଂ ସମୟରେ ଉପସ୍ଥିତ ରହି ଅଭିଯୋଗର ସମାଧାନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# କଲମ୍ବୋରେ କବି ଆର୍ତ୍ତତ୍ରାଣ ସାହୁ ସମ୍ମାନିତ




**ନିରାକାରପୁର,୫ା୫(ମାନସ ଚନ୍ଦ୍ର ପଟ୍ଟନାୟକ)**

ଶ୍ରୀଲଙ୍କାର କଲମ୍ବୋସ୍ଥିତ ବନ୍ଦରନାଇକେ ସ୍ମାରକୀ ଅନ୍ତର୍ଜାତୀୟ ସମ୍ମିଳନୀ କକ୍ଷରେ ଏନିଲେପ୍ ଗ୍ରୁପର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଶିକ୍ଷା ସମ୍ମାନରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତର ଡ.ଆର୍ତ୍ତତ୍ରାଣ ସାହୁଙ୍କୁ ପୌରାଣିକ ଓଡ଼ିଆ କବି ଭାବେ ରବିବାର ସମ୍ମାନିତ କରାଯାଇଛି। ଆର୍ତ୍ତତ୍ରାଣ ୧୨ଖଣ୍ଡ ଭକ୍ତି ରସାତ୍ମକ କବିତା ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବାରୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତେଲୁଗୁ ଅଭିନେତା ମହମ୍ମଦ ଅଲ୍ଲୀ, ସମ୍ମାନିତ ଅତିଥିଭାବେ ବିଦ୍ୟାବର୍ତ୍ତ ଥେରୋ, ବିନା ଗାନ୍ଧୀ, ଜାଖିର ହୁସେନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୮ଟି ଦେଶର ମୋଟ୍ ୩୫ଜଣ କବିଙ୍କୁ ସମ୍ମାନିତ କରାଯାଇଛି।

## ସଂକ୍ଷେପରେ

### ଜହ୍ନିକୁଦାରେ ଚନ୍ଦନ ଯାତ୍ରା ପ୍ରସ୍ତୁତି

**କୃଷ୍ଣପ୍ରସାଦ,୫ା୫(କୈଳାସଚନ୍ଦ୍ରପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜହ୍ନିକୁଦାଠାରେ ଗ୍ରାମର ମୁଖ୍ୟ ପିଠାଧୀଶ ରାଧାକାନ୍ତ ଦେବଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ମହୋତ୍ସବ ଆସନ୍ତା ୧୮ ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଏକ ବୈଠକ ଜହ୍ନିକୁଦା ଗ୍ରାମ୍ୟ କମିଟି ସଭାପତି ଗଣେଶ ତରେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଚତୁଃପାର୍ଶ୍ୱ ଏବଂ ଚାପଖେଳ ହେବାକୁ ଥିବା ଚନ୍ଦନ ପୋଖରୀ ସଫେଇ ପାଇଁ ନିଷ୍ପତ୍ତି ହୋଇଛି। ପାଇକ ଆଖଡ଼ା, ସଂକୀର୍ତ୍ତନ ଆଦି ପ୍ରତିଯୋଗିତା ହେବା ସହିତ ରାତିରେ ଖୋଲା ମଞ୍ଚରେ ଅପେରା ପାର୍ଟି ନାଟକ ପରିବେଷଣ କରିବେ। ରାଜ କିଶୋର ପଲେଇ, ରବୀନ୍ଦ୍ର ନାଥ ତରେଇ, ଶରତ ଚନ୍ଦ୍ର ପଲେଇ, ଦୀପକ କୁମାର ପରିଡ଼ାଙ୍କ ସମେତ ଗ୍ରାମ୍ୟ କମିଟିର ସମସ୍ତ ସଭ୍ୟ ବୈଠକରେ ଉପସ୍ଥିତ ଥିଲେ।

### ବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବେଗୁନିଆ,୫ା୫(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ସଭାପତି ପ୍ରଭାତ ନାୟକ, ସଭ୍ୟ ଗଙ୍ଗାଧର ସାହୁ, ଆଲମ୍ନି କମିଟି ସଭ୍ୟ କୈଳାସ ନାଥ ସୁବୁଦ୍ଧି, ଶିକ୍ଷକ ବଂଶୀଧର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସୌମ୍ୟାଶ୍ରୀ ଦାଶ, ସୌମ୍ୟରଞ୍ଜନ ଦୀକ୍ଷିତ, ପ୍ରଜ୍ଞା ପାରମିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ନାରାୟଣ ମାନସିଂହ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିବା ବେଳେ ଶିକ୍ଷକ ମାନସ ରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ।

# ପଦ୍ମଜ ସାହିତ୍ୟ ଉତ୍ସବ



ପଦ୍ମଜ ସାହିତ୍ୟ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା,୫ା୫(ପ୍ରଭାତ ପାଣିଗ୍ରାହୀ)**

ଔପନ୍ୟାସିକ ଡ.ପଦ୍ମଜ ପାଲଙ୍କ ୭୯ତମ ଜନ୍ମଦିବସ ପରିପ୍ରେକ୍ଷୀରେ ରବିବାର ଚର୍ଯ୍ୟାଯୁଧ ଫାଉଣ୍ଡେଶନ ପକ୍ଷରୁ ପଦ୍ମଜ ସାହିତ୍ୟ ଉତ୍ସବ ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଭିଷେକ ସିଂ ସାମନ୍ତଙ୍କ ସଭାପତିତ୍ୱରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରି ସାହିତ୍ୟିକ ଦାଶ ବେନହୁର କହିଲେ ଯେ, କଥାକାର ପଦ୍ମଜ ପାଲଙ୍କ ବିକଳ୍ପ ନାହିଁ । ଓଡ଼ିଆ ଉପନ୍ୟାସ ପରମ୍ପରାରେ ତାଙ୍କ ସ୍ଥାନ ସ୍ୱତନ୍ତ୍ର। ମୁଖ୍ୟ ଅତିଥିଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ବିଶିଷ୍ଟ ଅତିଥିଭାବେ ସାହିତ୍ୟିକା ସରୋଜିନୀ ସାହୁ ଯୋଗଦେଇ ପଦ୍ମଜଙ୍କ ସର୍ଜନଶୀଳତାରେ ଥିବା ନିଆରାଶୈଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକଙ୍କୁ ଖୋର୍ଦ୍ଧା ସମ୍ପଦ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ କଥାକାର ନିବାରଣ ଜେନାଙ୍କୁ ପଦ୍ମଜ ସାହିତ୍ୟ ସମ୍ମାନ, ଯୁବ ସାହିତ୍ୟିକା ରୋଜାଲିନ ମହାରଣାଙ୍କୁ ପଦ୍ମଜ ପ୍ରତୀକ ସମ୍ମାନ ପ୍ରଦାନ କରାଯାଇଛି। ଡ.ଆଶୁତୋଷ ମିଶ୍ରଙ୍କ ଦ୍ୱାରା ପଦ୍ମଜ ପାଲଙ୍କ ଚର୍ଚ୍ଚିତ ଗଳ୍ପ 'ସବୁଠୁଁ ସୁନ୍ଦର ପକ୍ଷୀ'ର ଉପସ୍ଥାପନା କରିଥିଲେ। ଡ. ଆଶୁତୋଷ ମିଶ୍ର ଏବଂ ମଞ୍ଚ ସଂଯୋଜକ ଗୋପୀ ଗପବାଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ବେବିଲତା ଶତପଥୀ, ଯଶସ୍ୱିନି ସାହୁ, ଅଧ୍ୟାପକ ହୃଷିକେଶ ମହାରଣାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଥାକାର ତପନ କୁମାର ମହାପାତ୍ର ସ୍ୱାଗତ ଭାଷଣ ଏବଂ ମଞ୍ଚ ସଂଯୋଜକ ଗୋପୀ ଗପବାଲା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଚର୍ଯ୍ୟାଯୁଧର ସମ୍ପାଦିକା ସବିତା ପାଲ ପରିଚାଳନା କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ବେଗୁନିଆ,୫ା୫(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ପୋଡ଼ାଡିହ ଗ୍ରାମସ୍ଥିତ ଈଶାନେଶ୍ୱର ମନ୍ଦିର ନିକଟରେ ଥିବା ସଙ୍କଟ ମୋଚନଙ୍କ ବାର୍ଷିକ ଉତ୍ସବ ଅବସରରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ମାଣିବନ୍ଧ ସିଦ୍ଧ ମହାବୀର ଆଶ୍ରମର ପ୍ରଶାନ୍ତ ବାବାଙ୍କ ନେତୃତ୍ୱ ଏବଂ ପଣ୍ଡିତ ପ୍ରମୋଦ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଦୀପ କୁମାର ଜେନା କର୍ତ୍ତାଭାବେ ଉପବେଶନ କରିଥିଲେ। ବୈଦିକ ରୀତିନୀତି ଅନୁଯାୟୀ ୧୦୮ ହନୁମାନ ଚାଳିଶା ପାଠ, ଭଜନ ସମାରୋହ, ଅଙ୍କୁରାରୋପଣ, କଳସ ଯାତ୍ରା, ଯଜ୍ଞ ଆରମ୍ଭ, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ ଓ ନଗର କୀର୍ତ୍ତନ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ରାମ ନାଟକ ପରିବେଷଣ ହୋଇଥିଲା। ଅନୁଷ୍ଠାନର ସଭାପତି ହୃଷିକେଶ ଜେନା, ସମ୍ପାଦକ ସୁଦର୍ଶନ ମାଣିକ, କୋଷାଧ୍ୟକ୍ଷ ସତ୍ୟବାଦୀ ଜେନା, ସଦସ୍ୟ ଅଭିମନ୍ୟୁ ମାଣିକ, ସିତିକଣ୍ଠ ପଣ୍ଡା, କାର୍ତ୍ତିକ ଜେନା, ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲା କଂଗ୍ରେସର ବୈଠକ, ବିଜୟ ଉତ୍ସବ ପାଳନ



ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

**ଖୋର୍ଦ୍ଧା,୫ା୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ସାଧାରଣ ବୈଠକ ସହ ସୋମବାର ବିଜୟ ଉତ୍ସବ ପାଳନ ହୋଇଯାଇଛି। କେନ୍ଦ୍ର ସରକାର ଜାତି ଜନଗଣନା ପାଇଁ କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି। ଜାତିଭିତ୍ତିକ ଜନଗଣନା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମାଜିକ ନ୍ୟାୟ ଯାତ୍ରା ମାଧ୍ୟମରେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଏନେଇ କଂଗ୍ରେସ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଥିବା ବେଳେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିପକ୍ଷରୁ ମଧ୍ୟ ବିଜୟ ଉତ୍ସବ ପାଳନ କରାଯାଇଛି। ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଆୟୋଜିତ ବୈଠକରେ ସଭାପତିତ୍ୱ କରି କହିଥିଲେ, ଦେଶରେ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ଅତି ପଛୁଆବର୍ଗଙ୍କ ଅଧିକାରକୁ ସଙ୍କୁଚିତ କରିବା ପାଇଁ କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି। ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଜୀଙ୍କ ନିର୍ଦ୍ଦେଶକ୍ରମେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ଆସନ୍ତା ୧୦ତାରିଖରେ ହେବାକୁ ଥିବା 'ସମ୍ବିଧାନ ବଞ୍ଚାଅ' ରାଲିର ପ୍ରସ୍ତୁତି କରାଯାଇଛି। ଏହି ବୈଠକରେ ଜିଲା ପର୍ଯ୍ୟବେକ୍ଷକ ପୂର୍ବତନ ବିଧାୟକ ସୁଜିତ ପାଢ଼ୀ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବାଙ୍କ ବେହେରା, ସୋନାଲି ସାହୁ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସନ୍ତୋଷ ଜେନା, ତାରା ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ଅଶୋକ ମଙ୍ଗରାଜ, ଶିଶିର ପରିଡା, ସୋମ୍ୟ ବରାଳ, ସାଦିକ ଖାଁ, ଭୂଷଣ ଛୋଟରାୟ, ସିଲାଦିତ୍ୟ ପଟ୍ଟନାୟକ, ରମେଶ ପଟ୍ଟନାୟକ, ଟିନା ରଥ, ସଦାଶିବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୦ ଗ୍ରାମ ବ୍ରାଉନ୍‌ସୁଗାର, କାର୍ ଜବତ

## ଜଣେ ମହିଳାଙ୍କ ସମେତ ୩ ଗିରଫ

**ଖୋର୍ଦ୍ଧା,୫ା୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଥାନା ପୋଲିସ ପୁବୁସାହି ଛକରେ ଚଢ଼ାଉ କରି ଏକ କାର୍‌ରୁ ବ୍ରାଉନସୁଗାର ଜବତ କରିବା ସହ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁରୁଜଙ୍ଗ ଭୋଇସାହିର କାହ୍ନା ନାୟକ(୨୮), ସାମନ୍ତରାପୁରର ସଦାଶିବ ନାୟକ ଓରଫ ସିଲୁ (୨୩) ଏବଂ ପୁବୁସାହିର ଲକ୍ଷ୍ମୀପ୍ରିୟା ସାହୁ (୨୪)। ଏମାନଙ୍କଠାରୁ ୨୦ଗ୍ରାମ୍ ବ୍ରାଉନସୁଗାର ଏବଂ ଏକ କାର୍ (ଓଆର ୦୨ ଏକେ- ୩୨୩୩) ଜବତ ହୋଇଛି। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୧୭୭/୨୫)ରୁଜୁ ହୋଇଛି। ସୂଚନା ମୁତାବକ, ରବିବାର ରାତିରେ ବ୍ରାଉନସୁଗାର ବେପାର ଚାଲିଥିବା ଖବରପାଇ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ପ୍ରସନ୍ନ କୁମାର ପରିଡାଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲେ। ବ୍ରାଉନସୁଗାର ଜବତ କରିବା ସହ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## କାର୍ଲ ମାର୍କ୍ସଙ୍କ ଜୟନ୍ତୀ ପାଳିତ

**ଟାଙ୍ଗୀ,୫ା୫(ରଘୁନାଥ ସାହୁ)**

ସିପିଆଇ(ଏମ୍) ଟାଙ୍ଗୀ ଆଞ୍ଚଳିକ କମିଟି କାର୍ଯ୍ୟାଳୟରେ ସୋମବାର କାର୍ଲ ମାର୍କ୍ସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସିପିଆଇ(ଏମ୍) ଆଞ୍ଚଳିକ କମିଟି ସମ୍ପାଦକ ବିଧୁଭୂଷଣ ମହାରଣାଙ୍କ ସଭାପତିତ୍ୱରେ କାର୍ଲ ମାର୍କ୍ସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସିପିଆଇ(ଏମ୍) ଖୋର୍ଦ୍ଧା ଜିଲା ସମ୍ପାଦକ ଗିରିଶ ଚନ୍ଦ୍ର ମହାରଣା, ଲକ୍ଷ୍ମଣ ବେହେରା, ପୁରୁଷୋତ୍ତମ ଦଳେଇ, ଅଶୋକ ମାନ୍ଧାତା, ପୀତାମ୍ବର ରଣା ପ୍ରମୁଖ କାର୍ଲ ମାର୍କ୍ସଙ୍କ ଜୀବନୀ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଶେଷରେ ନୃସିଂହ ଦଳେଇ ଧନ୍ୟବାଦ ଦେଇଥିଲେ।

## ମା'ମାନେ ପିଲାଙ୍କୁ ଉତ୍ତମ ସଂସ୍କାର ଦିଅନ୍ତୁ

**ଖୋର୍ଦ୍ଧା,୫ା୫(ପ୍ରଭାତ ପାଣିଗ୍ରାହୀ)**

ବିଶ୍ୱ ହିନ୍ଦୁ ପରିଷଦର ଖୋର୍ଦ୍ଧା ପ୍ରଖଣ୍ଡ ଦୁର୍ଗା ବାହିନୀ ଆନୁକୂଲ୍ୟରେ ମଳିପଡ଼ାଠାରେ ରବିବାର ମାତୃଶକ୍ତି ଓ ଦୁର୍ଗା ବାହିନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏଚ୍‌ପିର ଜିଲା ସମ୍ପାଦକ ଗୋପବନ୍ଧୁ ସାହୁ, ପ୍ରଖଣ୍ଡ ସଭାପତି ସୁଦର୍ଶନ ରଥ, ସହ ସମ୍ପାଦକ ଅଜୟ କୁମାର ମାଝୀ ପ୍ରମୁଖ ଅତିଥିଭାବେ ଯୋଗଦେଇ କହିଥିଲେ, ଭାରତବର୍ଷ ମହୀୟସୀ ମହିଳାଙ୍କ ଦେଶ। ଦେଶମାତୃକା ପାଇଁ ବଳିଦାନ ଦେଇଥିବା କ୍ରାନ୍ତିକାରୀ, ସ୍ୱାଧୀନତା ସଂଗ୍ରାମୀଙ୍କ ପଛରେ ମା'ମାନଙ୍କ ପ୍ରେରଣା, ଆଶୀର୍ବାଦ ରହିଛି। ଏକ ଆଦର୍ଶ ପରିବାର, ସମାଜ ତଥା ରାଷ୍ଟ୍ର ଗଠନରେ ମାତୃଶକ୍ତିର ପ୍ରମୁଖ ଭୂମିକା ରହିଛି। ଶିଶୁଟିଏ ଭୂମିଷ୍ଠ ହେବା ମାତ୍ରେ ମା'ଠାରୁ ସ୍ନେହ ଆଦର ପାଇ ବଡ଼ ହେବା ସହ ସଂସ୍କାର ଶିକ୍ଷା ଲାଭ କରିଥାଏ। ମା'ମାନେ ପିଲାଙ୍କୁ ଉତ୍ତମ ସଂସ୍କାର ଦେବାକୁ ଅତିଥିମାନେ କହିଥିଲେ। ଅଳକା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ଲାସିକ କ୍ରିକେଟ ଲିଗ୍: ସାଇ ଇଲେଭେନ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ଖୋର୍ଦ୍ଧା,୫ା୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା କ୍ଲାସିକ କ୍ରିକେଟ ଲିଗ୍‌ରେ ବର୍ମନ ଏମ୍ପାରର୍ସକୁ ହରାଇ ସାଇ ଇଲେଭେନ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚରେ ଟସ୍ ଜିତି ସାଇ ଇଲେଭେନ ୭ଉଇକେଟ ବିନିମୟରେ ୨୩୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜିତେନ ଜେନା ୨୫ବଲରେ ୮୦ରନ କରିଥିଲେ। ବର୍ମନ ଟିମ୍ ୬ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସରୋଜ ପଟ୍ଟନାୟକ ୨୮ବଲରେ ୫୧ରନ କରିଥିଲେ। ସାଇ ଇଲେଭେନ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା।

ବିଜେଡି ନେତା ମନ୍ମଥ ରାଉତରାୟ ମୁଖ୍ୟ ଅତିଥି, ସୌମେନ୍ଦ୍ର ସାମନ୍ତରାୟ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ଶୁଭ୍ରାଂଶୁ ସାମନ୍ତରାୟ, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିତେନ ଜେନା ଲିଗ୍‌ର ସର୍ବଶ୍ରେଷ୍ଠ ଖେଳାଳି ଘୋଷିତ ହୋଇଥିଲେ। ଶ୍ରେଷ୍ଠ ବୋଲରଭାବେ ଶୁଭମ ନାୟକ, ସର୍ବାଧିକ ଚଉକା ଅସଲମ ଖାଁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିୟନ ସାଇ ଇଲେଭେନ ଟିମ୍‌କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ଏବଂ ରନରଅପ ବର୍ମନ ଏମ୍ପାରର୍ସ ଟିମକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିତୁ ପାତ୍ର, ଆୟୁଷ୍ମାନ ସିଂ ଏବଂ ବିଶ୍ୱାସ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ।

# ୩ ବ୍ଲକରେ ଏ-୧ ଗ୍ରେଡ୍ ପାଇନାହାନ୍ତି ଛାତ୍ରୀଛାତ୍ର

## ଖୋର୍ଦ୍ଧା ଜିଲା ମାଟ୍ରିକ ପରୀକ୍ଷା ଫଳ

**ଖୋର୍ଦ୍ଧା,୫ା୫(ପ୍ରଭାତ ପାଣିଗ୍ରାହୀ)**

ଚଳିତ ବର୍ଷ ଖୋର୍ଦ୍ଧା ଜିଲାରେ ମାଟ୍ରିକ ପରୀକ୍ଷା ଫଳ ନୈରାଶ୍ୟଜନକ ରହିଛି। ଜିଲାର ପାସ୍ ହାର ୯୭.୩୧ ପ୍ରତିଶତ ରହିଥିଲେ ମଧ୍ୟ ଖୋର୍ଦ୍ଧା, ବାଲିଅନ୍ତା ଏବଂ ଭୁବନେଶ୍ୱର ବ୍ଲକରେ ଏ-୧ ଗ୍ରେଡ ତାଲିକାରେ କେହି ଛାତ୍ରୀଛାତ୍ର ନାହାନ୍ତି। ଜିଲାରେ ସର୍ବାଧିକ ବେଗୁନିଆ ବ୍ଲକରେ ୧୨ଜଣ ରହିଥିବା ବେଳେ ବାଲିପାଟଣା ବ୍ଲକରେ ୧୧ଜଣ, ବୋଲଗଡ଼ ବ୍ଲକରେ ୬ଜଣ, ଟାଙ୍ଗୀ ବ୍ଲକରେ ୪ଜଣ, ଚିଲିକା ବ୍ଲକରେ ଜଣେ, ଜଟଣୀ ଓ ବାଣପୁର ବ୍ଲକରେ ୨ଜଣ ଲେଖାଏ ରହିଛନ୍ତି। ସରକାରୀ ବିଦ୍ୟାଳୟ ଅପେକ୍ଷା ଘରୋଇ ବିଦ୍ୟାଳୟ ପାସ୍ ହାର ଅଧିକ ରହିଛି। ସ୍ମାର୍ଟ କ୍ଲାସରୁମ୍, ଅତ୍ୟାଧୁନିକ ବ୍ୟବସ୍ଥା ସତ୍ତ୍ୱେ ପିଲାଙ୍କ ପାଠପଢ଼ା ମାନ ହ୍ରାସ ପାଉଥିବାରୁ ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ୍‌ଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ପରୀକ୍ଷା ଫଳକୁ ନେଇ ଅଭିଭାବକ, ଶିକ୍ଷାବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଗତବର୍ଷ ଏହି ଜିଲାରେ ପାସହାର ସର୍ବାଗ୍ରେ ରହିଥିବା ବେଳେ ଚଳିତ ବର୍ଷ ରାଜ୍ୟରେ ୪ର୍ଥ ସ୍ଥାନ ଏବଂ ଏ-୧ ଗ୍ରେଡ୍ ତାଲିକାରେ ମଧ୍ୟ ୪ର୍ଥ ସ୍ଥାନରେ ରହିଛି।

ସୂଚନା ମୁତାବକ, ଚଳିତ ବର୍ଷ ଖୋର୍ଦ୍ଧା ବ୍ଲକରେ ୩୨ ବିଦ୍ୟାଳୟର ୨୦୦୨ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୧୯୧୦ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ୯୨ଜଣ ଫେଲ ହୋଇଛନ୍ତି। ଏ-୧ ଗ୍ରେଡରେ କେହି ନ ଥିବା ବେଳେ ଏ-୨ରେ ୪୧, ବି-୧ରେ ୧୩୫, ବି-୨ରେ ୩୧୧, ସିରେ ୫୪୧, ଡିରେ ୫୩୬ ଏବଂ ଇରେ ୩୪୬ଜଣ ରହିଛନ୍ତି। ସେହିପରି ବୋଲଗଡ଼ ବ୍ଲକରେ ୨୮ ବିଦ୍ୟାଳୟର ୧୫୨୬ଜଣ ପରୀକ୍ଷା ଦେଇଥିବା ବେଳେ ୧୪୬୬ ଜଣ ପାସ କରିଛନ୍ତି। ୬୦ଜଣ ଫେଲ ହୋଇଛନ୍ତି। ଏ-୧ରେ ୬ଜଣ, ଏ-୨ରେ ୩୩, ବି-୧ରେ ୧୩୧, ବି-୨ରେ ୨୫୬, ସିରେ ୪୨୯, ଡିରେ ୪୦୧, ଇରେ ୨୧୦ ଜଣ ରହିଛନ୍ତି। ବେଗୁନିଆ ବ୍ଲକରେ ୩୨ ବିଦ୍ୟାଳୟର ୧୪୮୫ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୪୦୭ଜଣ ପାସ କରିଛନ୍ତି। ୭୮ଜଣ ଫେଲ ହୋଇଛନ୍ତି। ଏ-୧ ଗ୍ରେଡରେ ସର୍ବାଧିକ ଜିଲାରେ ୧୨ଜଣ, ଏ-୨ରେ ୪୫, ବି-୧ରେ ୧୩୧, ବି-୨ରେ ୨୬୧, ସିରେ ୩୪୩, ଡିରେ ୩୬୬ ଏବଂ ଇରେ ୨୪୭ଜଣ ରହିଛନ୍ତି। ବାଲିପାଟଣା ବ୍ଲକରେ ୨୧ ବିଦ୍ୟାଳୟର ୧୨୬୧ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୨୨୧ଜଣ ପାସ କରଛନ୍ତି। ୪୦ଜଣ ଫେଲ ହୋଇଛନ୍ତି। ଏ-୧ରେ ୧୧, ଏ୨ରେ ୩୩, ବି-୧ ୮୬, ବି-୨ରେ ୨୦୬, ସିରେ ୩୧୪, ଡିରେ ୪୦୨, ଇରେ ୧୬୯ ରହିଛନ୍ତି। ବାଲିଅନ୍ତା ବ୍ଲକରେ ୧୨୪୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୧୯୨ଜଣ ପାସ କରିଛନ୍ତି। ୫୩ଜଣ ଫେଲ ହୋଇଛନ୍ତି। ଏ-୧ରେ କେହି ନ ଥିବା ବେଳେ ଏ୨ରେ ୨୫ଜଣ , ବି-୧ରେ ୭୩, ବି-୨ରେ ୧୮୭, ସିରେ ୨୭୪, ଡିରେ ୪୧୨, ଇରେ ୨୨୧ଜଣ ରହିଛନ୍ତି। ଚିଲିକା ବ୍ଲକରେ ୧୬ ବିଦ୍ୟାଳୟର ୧୪୦୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୩୭୩ଜଣ ପାସ କରିଛନ୍ତି। ୩୦ଜଣ ଫେଲ ହୋଇଛନ୍ତି। ଏ-୧ରେ ଜଣେ ରହିଥିବା ବେଳେ ଏ-୨ରେ ୧୩, ବି-୧ରେ ୮୧, ବି-୨ରେ ୨୦୭, ସିରେ ୩୯୨, ଡିରେ ୪୨୫, ଇରେ ୨୫୫ଜଣ ରହିଛନ୍ତି। ଟାଙ୍ଗୀ ବ୍ଲକରେ ୨୫ ବିଦ୍ୟାଳୟର ୧୯୧୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୮୫୩ ପାସ କରିଛନ୍ତି। ୬୪ଜଣ ଫେଲ ହୋଇଛନ୍ତି। ଏ-୧ରେ ୪ଜଣ ରହିଥିବା ବେଳେ ଏ-୨ରେ ୨୭, ବି-୧ରେ ୧୧୪, ବି-୨ରେ ୩୧୮, ସିରେ ୫୪୨, ଡିରେ ୫୧୯ ଏବଂ ଇରେ ୨୯୬ ଜଣ ରହିଛନ୍ତି। ଭୁବନେଶ୍ୱର ବ୍ଲକରେ ୨୦ ବିଦ୍ୟାଳୟର ୧୩୦୪ ଜଣ ପରୀକ୍ଷା ଦେଇଥିବା ବେଳେ ୧୨୭୦ ଜଣ ପାସ କରିଛନ୍ତି, ୩୪ଜଣ ଫେଲ ହୋଇଛନ୍ତି। ଏ୧ରେ ଗ୍ରେଡରେ କେହି ଛାତ୍ରୀଛାତ୍ର ନାହାନ୍ତି। ଏ୨ରେ ୧୬, ବି୧ରେ ୭୨, ବି୨ରେ ୧୬୩, ସିରେ ୩୪୧, ଡିରେ ୩୯୮ ଏବଂ ଇରେ ୨୮୦ଜଣ ରହିଛନ୍ତି। ଜଟଣୀ ବ୍ଲକରେ ୨୫ ବିଦ୍ୟାଳୟର ୧୫୭୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୫୧୬ ଜଣ ପାସ କରିଛନ୍ତି, ୫୬ଜଣ ଫେଲ ହୋଇଛନ୍ତି। ଏ-୧ରେ ୨ଜଣ, ଏ-୨ରେ ୨୪, ବି-୧ରେ ୭୭, ବି୨ରେ ୨୧୨, ସିରେ ୪୨୦, ଡିରେ ୫୩୧ ଏବଂ ଇରେ ୨୫୦ ଜଣ ପାସ କରିଛନ୍ତି। ବାଣପୁର ବ୍ଲକରେ ୨୦ବିଦ୍ୟାଳୟର ୧୮୬୪ ଛାତ୍ରୀଛାତ୍ର ପାସ କରିଛନ୍ତି। ଏ-୧ ରେ ୨, ଏ୨ରେ ୩୧, ବି୧ରେ ୧୨୯, ବି୨ରେ ୩୬୦, ସିରେ ୪୯୨, ଡିରେ ୫୪୫ ଏବଂ ଇରେ ୩୦୫ ଜଣ ରହିଛନ୍ତି।

**ହତ୍ୟାରେ ସମ୍ପୃକ୍ତ ଫେରାର ମାଓବାଦୀ ଗିରଫ**

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ ସୁକ୍ମା ଜିଲା ଚିନ୍ତାଲନାର ଥାନା ପୋଲିସ ଓ ୭୪ ବାହିନୀ ସିଆରପିଏଫ୍ ମିଳିତ ଭାବେ ନାଗାରାମଠାରେ ସର୍ଚ୍ଚ ଅପରେଶନ ସମୟରେ ହତ୍ୟାରେ ସମ୍ପୃକ୍ତ ଥିବା ଜଣେ ଫେରାର ମାଓବାଦୀଙ୍କୁ ସୋମବାର ଗିରଫ କରିଛନ୍ତି। ସେ ହେଲେ କୁନାମ ସୋମଡୁ ଓରଫ ସୋମାରୁ। ମାଓବାଦୀ ଗଣ ୨୦୧୫ରେ ନାଗାରାମ ଗ୍ରାମର ଜଣଙ୍କୁ ହତ୍ୟା ଘଟଣାରେ ସାମିଲ ଥିଲେ। ଏହି ମାଓବାଦୀଙ୍କ ନାମରେ ଚିନ୍ତାଲନାର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ସେ ଫେରାର ହୋଇଯାଇଥିଲେ।

# ୬.୦୪ କୋଟି ଟଙ୍କାର ସାଇବର ଠକେଇ

## ପଶ୍ଚିମବଙ୍ଗରୁ ୨ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

କଟକ,୫।୫(କାର୍ତ୍ତିକ ସାହୁ)

ଶେୟାର ମାର୍କେଟରେ ଟଙ୍କା ବିନିଯୋଗ କରି ଅଧିକ ଲାଭ ପାଇବା ଆଶାରେ ୬ କୋଟି ୪ ଲକ୍ଷ ୫୩ ହଜାର ଟଙ୍କାର ଠକେଇ ହୋଇଛି। ଏହି ଠକେଇରେ ସାମିଲ ଅଭିଯୋଗରେ ଓଡ଼ିଶା କ୍ରାଇମବ୍ରାଞ୍ଚ ୨ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରି ଓଡ଼ିଶା ଆଣିଛି। ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗ ସିଲିଗୁଡ଼ି ପ୍ରଧାନନଗର ଅଞ୍ଚଳର ଅଶୋକ ନନ୍ଦ (୫୩) ଓ ଉତ୍ତର ୨୪ ପ୍ରଗଣାର ଜୟାରାଣୀ ବସାକ (୩୮)। ଏନେଇ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଏକ ମାମଲା (ନଂ. ୨/୨୦୨୫) ରୁଜୁ ହୋଇଛି।

ସୂଚନା ଅନୁସାରେ, ଠକେଇର ଶିକାର ହୋଇଥିବା ଅଭିଯୋଗକାରୀ ସାଢ଼େ ୩ ମାସ ମଧ୍ୟରେ ଶେୟାର ମାର୍କେଟରେ ଉପରୋକ୍ତ ପରିମାଣର ଅର୍ଥରାଶି ବିନିଯୋଗ କରିଥିଲେ। ସାଇବର ଅପରାଧୀଙ୍କ ନିର୍ଦ୍ଦେଶ ମୁତାବକ ଏକାଧିକ ଆକାଉଣ୍ଟରେ ଅଭିଯୋଗକାରୀ ଟଙ୍କା ଜମା କରିଥିଲେ। ସାଇବର ଅପରାଧୀମାନେ ତାଙ୍କୁ ଆଇପିଓ ଏବଂ ଓଟିସି ଟ୍ରେଡିଂରେ ଟଙ୍କା ବିନିଯୋଗ କରି ମୋଟା ଅଙ୍କର ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗକାରୀ ନିର୍ଦ୍ଧାରିତ ସମୟ ପରେ ଟଙ୍କା ଉଠାଇ ନ ପାରିବାରୁ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରି ଥିଲେ। ଏ ନେଇ ସେ କଟକସ୍ଥିତ ସାଇବର କ୍ରାଇମ୍ ଥାନାରେ ଅଭିଯୋଗ କରିଥିଲେ।




ଗିରଫ ୨ ଅଭିଯୁକ୍ତ।

ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିଲା। ଠକେଇ ଅର୍ଥରାଶିକୁ ଅଭିଯୋଗକାରୀ ୨୨ଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ତନ୍ମଧ୍ୟରୁ ୮ଟି ଆକାଉଣ୍ଟ ନିଜର ହୋଇଥିବା ବେଳେ ଅନ୍ୟ ଆକାଉଣ୍ଟଗୁଡ଼ିକ ସହଯୋଗୀଙ୍କ ଥିଲା। ଟଙ୍କା ଜମା ହେବା ପରେ ଏଟିଏମ୍, ଚେକ୍ ଅଥବା ଆକାଉଣ୍ଟ ଟ୍ରାନ୍ସଫର ଜରିଆରେ ସାଇବର ଅପରାଧୀଙ୍କ ଅନ୍ୟ ଆକାଉଣ୍ଟକୁ ଯାଇଥିଲା। ଏହାପରେ ଏଟିଏମ୍ ବା ଚେକ୍ ଜରିଆରେ ଉଠାଯାଇଥିଲା ବୋଲି କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅପରାଧୀଦ୍ୱୟ ପଶ୍ଚିମବଙ୍ଗର ବୋଲି ଜଣାଯିବା ପରେ କ୍ରାଇମବ୍ରାଞ୍ଚ ସେଠାକୁ ଯାଇଥିଲା। ଉଭୟଙ୍କୁ ଗିରଫ କରି ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଥିଲା। ପରେ ଦୁହିଁଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ସେମାନଙ୍କ ନିକଟରୁ ମୋବାଇଲ ଫୋନ, ସିମ୍ କାର୍ଡ, ଆଧାର କାର୍ଡ ଓ ପାନ୍ କାର୍ଡ ଜବତ କରାଯାଇଛି। ଅଭିଯୁକ୍ତ ଅଶୋକ ସିଲିଗୁଡ଼ିର ବାସିନ୍ଦା ହୋଇଥିବା ବେଳେ ସେଠାରେ ସେ ହୋଟେଲ ବ୍ୟବସାୟ କରନ୍ତି। ଠକେଇ ଅର୍ଥରୁ ୧.୧୧ କୋଟି ସିଧା ତାଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ସେହିପରି ଅନ୍ୟ ଅଭିଯୁକ୍ତ ଜୟାରାଣୀଙ୍କ ଆକାଉଣ୍ଟକୁ ଅଭିଯୁକ୍ତ ଅଶୋକଙ୍କ ଆକାଉଣ୍ଟକୁ ସିଧା ୬ ଲକ୍ଷ ଟ୍ରାନ୍ସଫର ହୋଇଥିଲା। ଏହି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ ଜାରି ରହିଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

ଅପରପକ୍ଷରେ ଦିନକୁ ଦିନ ଏଭଳି ସାଇବର ଠକେଇ ବଢ଼ିଚାଲିଥିବା ବେଳେ କ୍ରାଇମବ୍ରାଞ୍ଚ ଲୋକମାନଙ୍କୁ ଏ ନେଇ ସତର୍କ କରାଇଛି। ସୋସିଆଲ ମିଡିଆ ଅଥବା ମେସେଜିଂ ଆପ୍‌ରେ ଆସୁଥିବା ଇନ୍‌ଭେଷ୍ଟ ଅଫରଗୁଡ଼ିକଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ତେବେ କେହି ସାଇବର ଠକେଇର ଶିକାର ହେଲେ ତୁରନ୍ତ ସାଇବର ହେଲ୍‌ପଲାଇନ ନମ୍ବର ୧୯୩୦ କିମ୍ବା ନିକଟତମ ଥାନାରେ ଜଣାଇବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଗଞ୍ଜାମରେ ବ୍ୟବହାର ହେଉଥିଲା ବୟାଳିଶିମୌଜା ବନ୍ଧୁକ

## ତଦନ୍ତ ଆରମ୍ଭ କଲା ଏସ୍‌ଟିଏଫ୍

ଭୁବନେଶ୍ୱର,୫।୫ (ସତ୍ୟଜିତ୍ ରାଉତ)

କଟକ ଜିଲା ବୟାଳିଶିମୌଜାରେ ତିଆରି ହେଉଥିବା ବନ୍ଧୁକ ଓଡ଼ିଶାର ବିଭିନ୍ନ ଜିଲାରେ ବିକ୍ରି ହୋଇଛି। ବିଶେଷକରି ରବିବାର ଗଞ୍ଜାମ ପୋଲିସ ୧୮ ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରି ସେମାନଙ୍କଠାରୁ ଯେଉଁ ୧୭ଟି ବନ୍ଧୁକ ଜବତ କରିଥିଲା ତାହା ବୟାଳିଶିମୌଜାରେ ପ୍ରସ୍ତୁତ ହୋଇଥିଲା ବୋଲି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜାଣିବାକୁ ପାଇଛି। ବନ୍ଧୁକଗୁଡ଼ିକ ବୟାଳିଶିମୌଜାରୁ ଭାୟା ବିହାର ମୁଙ୍ଗେର ହୋଇ ପୁଣି ଓଡ଼ିଶାକୁ ଚାଲାଣ ହେଉଥିଲା। ଏହି ଚାଲାଣର ମାଷ୍ଟରମାଇଣ୍ଡ ଆଲୋକ ପ୍ରଧାନଙ୍କୁ ଧରିବାକୁ ଖୋଜାଚାଲିଛି ବୋଲି ସୋମବାର ଏସ୍‌ଟିଏଫ୍ ଏସ୍‌ପି ରବି ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୨ ବିଳମ୍ବିତ ରାତିରେ ବୟାଳିଶିମୌଜାର ଧୂଳେଶ୍ୱର ଗାଁରେ ସିଡୁଆ ନଦୀ କୂଳରେ ଏସ୍‌ଟିଏଫ୍ ଟିମ୍ ଏକ ବନ୍ଧୁକ ତିଆରି କାରଖାନା ଠାବ କରିଥିଲା। ସେଠାରୁ ୧୯ ବନ୍ଧୁକ ସମେତ ବନ୍ଧୁକ ପ୍ରସ୍ତୁତ ଉପକରଣ ଜବତ ହୋଇଥିଲା। ଏଥିସହ ୪ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଜଣେ ପଶ୍ଚିମବଙ୍ଗ ଏବଂ ଦୁଇଜଣ ବିହାର ମୁଙ୍ଗେରର ଥିଲେ। ଗଞ୍ଜାମରୁ ମିଳିଥିବା ବନ୍ଧୁକ ଗିରଫ ଦୁଇ ଅଭିଯୁକ୍ତଙ୍କ ଦ୍ୱାରା ହିଁ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ବୟାଳିଶିମୌଜାରେ ବନ୍ଧୁକ ତିଆରି ହେବା ପରେ ତାହାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ପୁଣି ମୁଙ୍ଗେର ନିଆଯାଉଥିଲା। ମାଷ୍ଟରମାଇଣ୍ଡ ଆଲୋକ କିଛିଦିନ ତଳେ ମୁଙ୍ଗେରରୁ ୨୦ଟି ବନ୍ଧୁକ ଆଣି ଗଞ୍ଜାମ ଜିଲାରେ ସହଯୋଗୀମାନଙ୍କୁ ବିକ୍ରି କରିଥିଲେ। ତେବେ ୧୭ଟି ବନ୍ଧୁକ ଜବତ ହୋଇଥିବାବେଳେ ଆଉ ୩ଟି ମଧ୍ୟ ଅନ୍ୟ ଅପରାଧୀଙ୍କ ପାଖରେ ରହିଛି। ପୋଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଟିଏଫ୍ ଏସ୍‌ପି ଶତପଥୀ ରବିବାର ଗଞ୍ଜାମ



■ ମାଷ୍ଟରମାଇଣ୍ଡ ଆଲୋକ ପ୍ରଧାନଙ୍କୁ ଖୋଜାଚାଲିଛି
■ ଖୁବ୍‌ଶୀଘ୍ର ମୁଙ୍ଗେର ଯିବ ଏସ୍‌ଟିଏଫ୍ ଟିମ୍

ଯାଇ ଛାନ୍‌ଭିନ୍ କରିଥିବା କହିଛନ୍ତି। ମାଷ୍ଟରମାଇଣ୍ଡ ଆଲୋକଙ୍କ ନାମରେ ଏକାଧିକ ହତ୍ୟା ମାମଲା ଥିବାବେଳେ ସେ ସୁପାରି କିଲର ଭାବେ କାମ କରନ୍ତି। ଆଲୋକ ମୁଙ୍ଗେରରୁ ୬୦ ହଜାର ଟଙ୍କାରେ ବନ୍ଧୁକ ଆଣି ରାଜ୍ୟର ବିଭିନ୍ନ ଜିଲାରେ ୮୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଖୋର୍ଦ୍ଧା, କଟକ, ବାଲେଶ୍ୱର, ପୁରୀ ଆଦିରେ ଅପରାଧୀମାନଙ୍କୁ ଚାଲାଣ କରିଥିଲେ। ଗଞ୍ଜାମରୁ ମିଳିଥିବା ତଥ୍ୟ ଆଧାରରେ ବନ୍ଧୁକ ଜବତ ଘଟଣାରେ ଅଧିକ ତଦନ୍ତ ପାଇଁ ଏସ୍‌ଟିଏଫ୍ ଟିମ୍ ମୁଙ୍ଗେର ଯିବ ବୋଲି ଏସ୍‌ପି ଶତପଥୀ କହିଛନ୍ତି। ତେବେ ଗଞ୍ଜାମରୁ ଗିରଫ ୧୮ଜଣ ଯୁବପିଢ଼ିର ହୋଇଥିବାବେଳେ ଅପରାଧ ଘଟାଇବା ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ହେଲେ କୌଣସି ବଡ଼କାଣ୍ଡ ଘଟାଇବା ପୂର୍ବରୁ ପୋଲିସ ହାତରେ ଧରାପଡ଼ିଯାଇଥିଲେ। ତେବେ କିଙ୍ଗପିନ୍ ଆଲୋକ ଆସିକା ହଟିଆ ଜେନା ଓ ଧରାକୋଟ ସୁବାସ ସାହୁ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଥିବାବେଳେ ତତ୍କାଳୀନ ଆସିକା ଥାନା ଅଧିକାରୀଙ୍କ ଉପରକୁ ଗୁଳିମାଡ଼ ମାମଲାରେ ମଧ୍ୟ ସେ ସମ୍ପୃକ୍ତ ଥିବା ଜଣାପଡ଼ିଛି।

# ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ, ୨ ଗିରଫ

ବଡ଼ବିଲ,୫।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଟଣ୍ଟୋଠାରେ ସୋମବାର ଭୋରରେ ଏକ ମାଙ୍ଗାନିଜ ବୋଝେଇ ଟ୍ରକ୍‌କୁ ପୋଲିସ ଜବତ କରିଛି। ଚୋରାଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଲେ ବଡ଼ବିଲ ଥାନା ଅନ୍ତର୍ଗତ ସେରେଣ୍ଡା ଅଞ୍ଚଳର ଜୁଗନୁ ଗୁଡ଼ିଆ, ରୁଗୁଡି ଥାନା ଅନ୍ତର୍ଗତ କୁନ୍ଦୁରୁପାଣି ଅଞ୍ଚଳର ରବିନ୍ଦ୍ର ନାଏକ।

ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତି ପ୍ରାୟ ୧ଟା ବେଳେ ରୁଗୁଡ଼ି ପଟୁ ଭଦ୍ରାସାହି ଆଡକୁ ଏକ ଚୋରା ମାଙ୍ଗାନିଜ ବୋଝେଇ ଟ୍ରକ୍ ଆସୁଥିଲା। ପୋଲିସ ସୂଚନା ପାଇ ଭଦ୍ରାସାହିରୁ ରୋଇଡା ଆଡ଼କୁ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥର ଟଣ୍ଟୋ ନିକଟରେ ରାସ୍ତା ଅବରୋଧ କରିଥିଲା। କିଛି ସମୟ ପରେ ଟ୍ରକ୍(ଓଡି ୦୯ ଭି ୦୩୨୬) ଆସୁଥିବା ଦେଖିବାକୁ ପାଇ ଅଟକାଇବା ସହ ଟ୍ରକ୍‌ରେ ଥିବା ୨ ଜଣଙ୍କୁ କାବୁ କରିଥିଲା। ବୋଝେଇ ହୋଇଥିବା ମାଙ୍ଗାନିଜର କୌଣସି କାଗଜପତ୍ର ନ ପାଇ ପୋଲିସ ଟ୍ରକ୍‌ଟିକୁ ଜବତ କରିଥିଲା। ଅଭିଯୁକ୍ତଙ୍କଠାରୁ ୨ ମୋବାଇଲ ଜବତ କରିଥିବା ଜଣାପଡ଼ିଛି। ଏ ନେଇ ବଡ଼ବିଲ ଥାନାରେ ଏକ ମାମଲା(ନଂ.୧୦୪/୨୦୨୫)ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବଡ଼ବିଲ ଥାନା ଆଇଆଇସି ଅଶୋକ ନାୟକ କହିଛନ୍ତି।

# ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ୍‌ର ୩ ଗିରଫ



ଗିରଫ ଅଭିଯୁକ୍ତ।

## ମାଉଜର ସହ ମାରଣାସ୍ତ୍ର ଜବତ

ବାଲିଗୁଡ଼ା/କ.ନୂଆଗାଁ,୫।୫ (ସଞ୍ଜୟ କୁମାର ପାଣିଗ୍ରାହୀ/ କାଳୀ ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା ଫୁଲବାଣୀ–ବାଲିଗୁଡା ରାସ୍ତାରେ ସାରଙ୍ଗଡ଼ ଥାନା ପୋଲିସ୍ ସୋମବାର ସକାଳେ ଗାଡ଼ି ମୋଟର ଯାଞ୍ଚ କରିବା ବେଳେ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହାରାଷ୍ଟ୍ରର ମହମ୍ମଦ ଆରିଫ ଅନସାରୀ (୨୩), ଶାହାବନ ଶାହା (୧୮), ଶେଖ୍ ମୁସ୍ତାଫା (୧୮)। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡଙ୍କ ସହ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଗାଡିରୁ ଗୋଟିଏ ମାଉଜର, ଏୟାର୍ ଗନ୍, ଭୁଜାଲି, ୨ଟି ଛୁରି ଓ କିଛି ଟଙ୍କା ଜବତ ହୋଇଛି।

ସାରଙ୍ଗଡ଼ ପୋଲିସ ଫୁଲବାଣୀ ଠାରୁ ବାଲିଗୁଡ଼ା ରାସ୍ତାରେ ଆସୁଥିବା କାର୍ (ନଂ. ଏମ୍‌ଏଚ୍ ୦୨ ଏ ୱାଇ ୭୧୭୨)କୁ ସନ୍ଦେହରେ ଅଟକାଇଥିଲା। ଗାଡ଼ି ଯାଞ୍ଚ କରିବାରୁ ସେଥିରୁ ବନ୍ଧୁକ ଓ ମାରଣାସ୍ତ୍ର ମିଳିଥିଲା। କାରରେ ବସିଥିବା ୫ ଜଣଙ୍କୁ ପଚରାଉଚରା ବେଳେ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏହି ସମୟରେ କୌଶଳକ୍ରମେ ମାଷ୍ଟର ମାଇଣ୍ଡଙ୍କ ସହ ଅନ୍ୟ ଜଣେ ଚମ୍ପଟ ମାରିଥିବା ବେଳେ ପୋଲିସ୍ ୩ ଜଣଙ୍କୁ କାବୁ କରିଥିଲା। ଏ ନେଇ ସାରଙ୍ଗଡ ଥାନାରେ ନଂ.୬୭/୨୫ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଜି.ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶି ସୂଚନା ଦେଇଛନ୍ତି।

# ପୁଣି ୨ ଶ୍ରମିକଙ୍କୁ ଆକ୍ରମଣ

## କ୍ରଶରରେ ଶ୍ରମିକଙ୍କୁ ହତ୍ୟା ଘଟଣା

ଚଣ୍ଡିଖୋଲ,୫।୫(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଏକ ଷ୍ଟୋନ କ୍ରଶରରେ ଜଣେ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ଘଟଣା ଥମି ନ ଥିବା ବେଳେ ସୋମବାର ପୁଣି ୨ ଶ୍ରମିକଙ୍କୁ ଆକ୍ରମଣ କରାଯାଇଛି। ଆକ୍ରମଣ ଶିକାର ୨ ଶ୍ରମିକ ହେଲେ ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଆ ଗ୍ରାମର ସୁଜିତ ଜେନା(୩୨) ଓ ତୁରଙ୍ଗ ଗ୍ରାମର ଚିତ୍ତରଞ୍ଜନ ଜେନା (୪୦)। ଉଭୟ ଗୁରୁତର ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସୁଜିତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଜେନାପୁର ଥାନା ଅନ୍ତର୍ଗତ ରାହାଡପୁର କ୍ରଶରରେ ଟଙ୍କା ହେରଫେରକୁ ନେଇ ଗତ ୧ ତାରିଖରେ ୫ଜଣ ଶ୍ରମିକଙ୍କୁ ମାଡ଼ ମରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅରଜିତ ଜେନା ନାମକ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଅରଜିତଙ୍କ ମୃତ୍ୟୁକୁ ନେଇ କେତେଜଣ ଶ୍ରମିକ ପ୍ରତିବାଦ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ଉଠିଛି। ଘଟଣା ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନାପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନାବାଳିକାଙ୍କୁ ବଳାତ୍କାର ପରେ ଛାତରୁ ଡେଇଁ ଅଭିଯୁକ୍ତ ଆହତ

ରାଉରକେଲା,୫।୫ (ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଜଣେ ନାବାଳିକା(୮)ଙ୍କୁ ବଳାତ୍କାର କରି ଖସିଯିବାକୁ ଉଦ୍ୟମ ବେଳେ ଅଭିଯୁକ୍ତ ଛାତରୁ ଡେଇଁ ଆହତ ହୋଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମହତାବ ରୋଡ୍ ପୁରୁଣା ଆର୍‌ଡିଏ ବିଲ୍‌ଡିଂ ନିବାସୀ ଏମ୍‌ଡି ସଦ୍ଦାମ ହୁସେନ(୨୭)। ତାଙ୍କୁ କାବୁ କରି ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ସୁସ୍ଥ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ଲାଣ୍ଟସାଇଟ୍ ଥାନା ମହତାବରୋଡ୍‌ରେ ରହୁଥିବା ଅଭିଯୁକ୍ତ ସଦ୍ଦାମଙ୍କ ଭଉଣୀଙ୍କ ପାଖକୁ ପୀଡ଼ିତା ନାବାଳିକା ଟ୍ୟୁଶନ ହେବାକୁ ଯାଉଥିଲେ। ରବିବାର ସନ୍ଧ୍ୟା ୭ଟାରେ ନାବାଳିକା ଟ୍ୟୁଶନ ଯାଇଥିବା ବେଳେ ଘରେ ସଦ୍ଦାମଙ୍କ ଭଉଣୀ ଅର୍ଥାତ୍ ନାବାଳିକାଙ୍କ ଟ୍ୟୁଶନ ଶିକ୍ଷୟିତ୍ରୀ ନ ଥିଲେ। ସେ କୌଣସି କାମରେ ବଜାରକୁ ଯାଇଥିଲେ। ଅଭିଯୁକ୍ତ ଉକ୍ତ ନାବାଳିକାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ଉକ୍ତ ବିଲ୍‌ଡିଂରେ ରହୁଥିବା ପଡ଼ୋଶୀ ସେଠାକୁ ଆସିବା ଦେଖି ସଦ୍ଦାମ ଖସିଯିବାକୁ ଉଦ୍ୟମ କରିଥିଲେ। ସେ ବିଲ୍‌ଡିଂ ଛାତ ଉପରୁ ଡେଇଁ ଫେରାର ହେବାକୁ ଚେଷ୍ଟା କରିବାବେଳେ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ଗୋଡ ଭାଙ୍ଗିଯିବା ସହ ଅଣ୍ଟାରେ ଆଘାତ ଲାଗିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ପୋଲିସ ସୋମବାର ପୂର୍ବାହ୍ନ ୧୦ଟାରେ ଏକ ମାମଲା (ନଂ.୩୫୯/୨୫) ରୁଜୁ କରି ତଦନ୍ତ କରୁଛି ବୋଲି ଜୋନ୍–୨ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ ସୂଚନା ଦେଇଛନ୍ତି।

# ଦେଢ଼ ମାସ ପରେ ବି ନାବାଳିକା ଅପହରଣକାରୀଙ୍କୁ ଧରୁନି ପୋଲିସ

## ଏସ୍‌ପିଙ୍କ ନିକଟରେ ଗୁହାରିକଲେ ପରିବାର ଲୋକେ

ରାଜନଗର, ୫।୫ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯିବାର ଇତିମଧ୍ୟରେ ଦେଢ଼ ମାସରୁ ଊର୍ଦ୍ଧ୍ୱ ସମୟ ବିତିଲାଣି। ଜଣେ ବାଂଲାଦେଶୀ ଅନୁପ୍ରବେଶକାରୀ ନାବାଳିକାଙ୍କୁ ଅପହରଣକରି ନେଇଥିବା ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ନିଖୋଜ ମାମଲା ରୁଜୁକରି ଚୁପ୍ ବସିଛି। ଏ ନେଇ ପରିବାର ଲୋକେ ସୋମବାର କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ନାବାଳିକାଙ୍କ ବାପା ଏସ୍‌ପିଙ୍କ ନିକଟରେ କରିଥିବା ଅଭିଯୋଗ ମୁତାବକ, ଗତ ମାର୍ଚ୍ଚ ୧୩ ତାରିଖରେ ସାତଭାୟାରେ ରହୁଥିବା ଜଣେ ବାଂଲା ଅନୁପ୍ରବେଶକାରୀ ତାଙ୍କ ଝିଅକୁ ଅପହରଣକରି ନେଇଥିଲେ। ଏନେଇ ରାଜନଗର ଥାନାରେ ଅଭିଯୋଗ ପରେ ପୋଲିସ କେବଳ ନିଖୋଜ ମାମଲା କରି ଚୁପ୍ ହୋଇ ବସିଛି। ଝିଅ ସମ୍ପର୍କରେ ଜାଣିବାକୁ ଥାନାକୁ ଗଲେ ପୋଲିସ ବିରକ୍ତ ହେଉଛି। ଅପହରଣକାରୀ ବାଂଲା ଅନୁପ୍ରବେଶକାରୀ ହୋଇଥିବାରୁ ସେ ଝିଅକୁ କେଉଁ ଆଡ଼େ ଚାଲାଣ କରିଦେଇଛନ୍ତି କିମ୍ବା ମାରି ଦେଇଥିବା ନେଇ ସନ୍ଦେହ ହେଉଛି। ଝିଅ ନିଖୋଜ ହେବା ଦିନ ଫୋନ କରାଯାଇଥିଲା, ହେଲେ ଝିଅ କାନ୍ଦି କାନ୍ଦି ବାପା କହିବା ଭିତରେ କେହି ଫୋନ ଛଡ଼ାଇ ନେଇ ସୁଇଚ୍ ଅଫ୍ କରି ଦେଇଥିଲେ। ଝିଅକୁ ଖୋଜି ଫେରାଇ ଆଣିବାକୁ ବାପା ଅନୁରୋଧ କରିଛନ୍ତି। ଆସନ୍ତା ୧୯ ତାରିଖ ସୁଦ୍ଧା ଝିଅକୁ ଖୋଜି ବାହାର ନ କଲେ ବାଧହୋଇ ଥାନା ଆଗରେ ଆମରଣ ଅନଶନରେ ବସିବେ। ଆବଶ୍ୟକସ୍ଥଳେ ଆତ୍ମାହୁତି ଦେବାକୁ ପଛାଇବେ ନାହିଁ ବୋଲି ନିଖୋଜ ନାବାଳିକାଙ୍କ ବାପା କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ୫,୮୪୨ ବୋତଲ କଫ୍ ସିରପ୍ ଜବତ, ୧୨ଗିରଫ

ସମ୍ବଲପୁର/ବରଗଡ଼,୫।୫ (ପ୍ରମୋଦ ବହିଦାର / ପ୍ରେମାନନ୍ଦ ଖମାରୀ)

ସମ୍ବଲପୁର ଏବଂ ବରଗଡ଼ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫,୮୪୨ ବୋତଲ କଫ୍ ସିରଫ ଜବତ କରିଛି। ଏହି ଘଟଣାରେ ପୋଲିସ ସମ୍ବଲପୁରରୁ ୧୦ଜଣଙ୍କୁ ଗିରଫ କରିଥିବାବେଳେ ବରଗଡ଼ରୁ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ, ସମ୍ବଲପୁର ପୋଲିସ ସୋମବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବ୍ୟାପକ ପରିମାଣର ନିଷିଦ୍ଧ ନିଶା କଫ୍‌ସିରପ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୧୦ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଧନୁପାଲି ଥାନା ଅଞ୍ଚଳର ଆଶିଷ କୁମାର ପାଣିଗ୍ରାହୀ, ଟାଉନ ଥାନା ଅନ୍ତର୍ଗତ ଦଲେଇପଡ଼ାର ଏକ୍‌ଲାଖ ଖାନ, ଯଶବୀର ହୁସେନ, ସୁନାପାଲି ନିବାସୀ ମହମ୍ମଦ ଆବିଦ, କୁଲୁଥକାନୀ ନିବାସୀ ସୁନୀଲ କୁମାର ନନ୍ଦ, ଫାର୍ମରୋଡ ନିବାସୀ ରଞ୍ଜନ କୁଅଁର, ଲକ୍ଷ୍ମୀ ଡୁଙ୍ଗୁରୀ ନିବାସୀ ରିଙ୍କୁ ରାଉତ, ସାଲିଆବଗିଚା ଦାନିବନ୍ଧ ନିବାସୀ ପ୍ରକାଶ ଛତର, କୁମ୍ଭାରପଡା ନିବାସୀ ବିଶ୍ୱଜିତ ବାଗ ଏବଂ ପୁଟିବନ୍ଧ ପିଲାକନ୍ଦେଇପଡାର ଅନୀତ ସିଂ। ସେମାନଙ୍କ ନିକଟରୁ ୪୦ଟି ପେଟିରେ ଶହେ ମିଲିଲିଟର ବିଶିଷ୍ଟ ୫,୦୧୧ ବୋତଲ ନିଷିଦ୍ଧ ନିଶା କଫ୍‌ସିରପ(ଓ୍ୱିନ୍‌ରେକ୍ସ)କୁ ପୋଲିସ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏହାସହ ୪ଟି ମୋବାଇଲ ଫୋନ ଓ ନଗଦ ୬ ହଜାର ୩୫୦ ଟଙ୍କା ଜବତ କରିଛି ପୋଲିସ। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। କଫ୍‌ସିରପ୍ ପଶ୍ଚିମବଙ୍ଗର ହାଓଡ଼ାରୁ ଚୋରାରେ ଅଣାଯାଇ ବୁର୍ଲା, ହୀରାକୁଦ ସମେତ ସହରର ବିଭିନ୍ନ ଅଞ୍ଚଳରେ ବିକ୍ରି କରାଯାଇଥାଏ। ବିଶେଷ କରି ବିଭିନ୍ନ ପର୍ବ ପର୍ବାଣୀରେ ଅଧିକ ଲାଭ ଆଶାରେ କଫ୍ ସିରପ ଆଣିଥାନ୍ତି ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ କହିଛି।



ଜବତ କଫ୍ ସିରପ୍ ସହ ଗିରଫ ଅଭିଯୁକ୍ତ।

ସେହିପରି ବରଗଡ଼ ଟାଉନ ଥାନା ପୋଲିସ ରବିବାର ତୋରାଛକ ନିକଟରେ କଫ୍ ସିରପ୍ ବୋଝେଇ ଏକ ଟାଟା ଏସିଇ ଗାଡ଼ି(ନଂ–ଓଡି୧୭ଏସି ୫୦୧୬)କୁ ଜବତ କରିଛି। ସେଥିରେ ରହିଥିବା ୮୩୧ ବୋତଲ କଫ ସିରପ୍‌କୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ଉପ କାରାଗାର ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ, ତୋରା ଲକ୍ଷ୍ମୀପଡ଼ା ନିବାସୀ ମନୋଜ ସ୍ୱାଇଁ(୨୭) ଏବଂ ଜୀବନ ସ୍ୱାଇଁ(୩୨)। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନା ପୋଲିସ୍ ଏକ ମାମଲା(ନଂ–୨୦୮/୨୫) ରୁଜୁ କରିଛି।

**BRAHMAPUR DEVELOPMENT AUTHORITY**
Near Courtpeta Junction, Brahmapur, Odisha-760004
☎ 0680 2292797(O), 0680-2292033(F)
bda.brahmapur311@gmail.com www.bdabrahmapur.in
**No.153/BeDA, Brahmapur, dated 28.04.2025**

**PUBLIC NOTICE**

**No.CAD-316** : In exercise of the power conferred under Section-14 sub section (3) of ODA Act, 1982, I am through this public notice bring attention of the general public that the modification of CDP Brahmapur is to be carried out in respect of Plot No. 1478,1477, 1475/1754, 1479, 1479/3732, 1479/3442, 1479/3747, 1479/3636 and 1479/3693, Khata No.597, 742/2376, 742/2105,742/1633, 742/2120,742/1913 and 742/3138, an area of Ac.0.572 of Mouza Gopabandhunagar, which is coming under Green Belt use zone as per CDP to be modified to residential use zone. The land owner Sri Sarat Chandra Panigrahi & others, all are at New Street, Po/Ps: Gosaninuagoan, Brahmapur appealed before the Hon'ble Appellate Court of R.D.C.(SD) Brahmapur vide ODA appeal Case No.2/2022 for change of land use zone from "Green belt" use zone to "Residential zone". After proper hearing, the Hon'ble Appellate Court passed an order on 30.6.2023 stating that "at the first instance move a proposal under Section 14(2) of ODA Act to Govt. in H&UD Department with adequate justification for necessary change in classification".

For such modification, objections and suggestions are invited from general public which shall be filed within 60 (sixty) days from the date of publication of this notice in the local news paper or in our official website www.bdabrahmapur.in. whichever is later. Any person desires to see the modification can visit the office of BEDA Brahmapur during office hours in any working days. Any objections filed beyond sixty days shall not be entertained.

By order of Vice-Chairman
Sd./- Secretary
BeDA Brahmapur
OIPR-13086/11/0005/2526

**OFFICE OF THE DIVISIONAL FOREST OFFICER, DHENKANAL DIVISION**
Tele Fax No-06762226717, e-mail Id - dfo.dhenkanal@gmail.com

**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2025-26 OF DHENKANAL DIVISION**

**No.MM-23** : THE RE-TENDER FOR SUPPLY OF ANIMAL FEED ITEMS TO KAPILASH ZOO FOR THE YEAR 2025-26 IS INVITED FROM INTENDING PERSONS /FIRMS. THE TENDER WILL BE RECEIVED TILL **1.00 P.M. OF 15.05.2025** BY POST AND TO BE OPENED ON **DT.17.05.2025 AT 9:00A.M** IN DIVISIONAL FOREST OFFICE, DHENKANAL. FOR DETAIL PARTICULARS, THE UNDERSIGNED MAY BE CONTACTED DURING OFFICE HOURS.

Sd./- Divisional Forest Officer
Dhenkanal Division
OIPR-08037/11/0017/2526

**PANCHAYAT SAMITI, RARUAN, DIST-MAYURBHANJ (Odisha) PIN-757035**
Adv No-01/2025-26

**Tender Call Notice**

**No.i-72** : Sealed tenders (Percentage rate) are invited for 07 no's of works from the interested "C"/"D" Class Contractors registered with the Govt. for execution of civil works under Panchayat Samiti, Raruan, Dist- Mayurbhanj. The details notification is available at official website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposal(s) to the Panchayat Samiti, Raruan, Mayurbhanj. Proposal(s) complete in all respect should reach the undersigned on or before **1.00 P.M. of 19.05.2025** through Regd/Speed post and the same will be opened on **10.00 A.M. of 20.05.2025**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer,
Raruan, Mayurbhanj
OIPR-19311/11/0002/2526

Forest Environment and Climate Change Department, Odisha
**OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION**
Email - dfo.jharsuguda@odisha.gov.in, Ph. - 06645-295040
**Tender Notification No.99 1F(Acct)/Date 03.05.2025**
No.MM-26

| Sl. No. | Name of the work | : | Supply and delivery tall tree seedlings of selected tree species (in 25 cm x 25 cm polybags with an average height of 10 ft or above) |
|---|---|---|---|
| 1 | Estimated Cost | : | Depending upon funds availability & requirement of seedling at site |
| 2 | Period & time of Completion | : | 15 days from the date of issue of orders or before 1st July 2025 |
| 3 | Location of Plantation | : | Across Jharsuguda Forest Division |
| 4 | Date & time of availability of the bid document in the portal | : | 05.05.2025 to 16.05.2025 |
| 5 | Last date/Time for receipt of bids in the portal | : | Up to 5.00 P.M. of 16.05.2025 |
| 6 | Date & Time of bid opening | : | 10.30 hours on Dated. 17.05.2025 |
| 7 | Name & Address of the officer inviting Bid | : | Divisional forest officer, Jharsuguda Forest Division, At-BTM, Jharsuguda, PIN-768202 |

Note : The total quantity may be based on field requirement. Final quantity will be communicated in work order.

Others can see the details from Notice inviting Tenders, available in website-https://jharsuguda.odisha.gov.in, Corrigendum if any, shall only be published in the above website

Sd./- Divisional Forest Officer,
Jharsuguda Forest Division
OIPR-08054/11/0016/2526

**OFFICE OF THE MUNICIPAL COUNCIL, SONEPUR**
No.1135/Dt.05.05.2025

**QUOTATION CALL NOTICE**

**No.C-243** : Sealed quotations are invited in prescribed proforma from the reputed ISI certified firms/Manufactures/Authorised Dealers having GST clearance certificate, PAN No., Sale Tax. The quotationer shall have to quote the price item of their respective company for supply and installation of **reputed brand Water Cooler 150/150 FSS** in Subarnapur Municipality for the year 2025-26. The rate quoted documents should be submitted to the undersigned on or before **19.05.2025 up to 01.00 P.M.** and the same will be opened **on dt.20.05.2025 at 10.00 A.M.** in presence of quotationers or their authorised representatives. Beyond the date no quotation shall be entertained, the quotation paper with terms and conditions is available in district website of Subarnapur i.e. www.subarnapur.nic.in w.e.f **06.05.2025 to 19.05.2025**. The quotationer shall have to deposit Rs.5000/- (Rupees Five Thousand) only towards EMD money & Rs.500/- (Rupees Five Hundred) only towards paper cost in shape of D.D in favour of Executive Officer, Subarnapur Municipality payable at Sonepur Nationalised Banks. Postal delay shall not be taken to consideration. The undersigned reserves the right to reject whole or part of quotation without assigning any reason thereof.

Sd./- Executive Officer
Sonepur Municipality
OIPR-13098/11/0034/2526

# ପୁରୀକୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର

## ସୋସିଆଲ ମିଡିଆରେ 'ବେଙ୍ଗଲୀ ବୟକଟ୍ ପୁରୀ ଟୁରିଜମ୍' ଭାଇରାଲ

ପୁରୀ,୫ା୫(ଅଜିତ୍ କୁମାର ମହାନ୍ତି)




ପଶ୍ଚିମବଙ୍ଗ ଦୀଘାରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ କୁହାଯିବା ନେଇ ବିବାଦ ଦିନକୁ ଦିନ ଘନେଇବାରେ ଲାଗିଛି। ଏହାରି ଭିତରେ ପୁରୀକୁ ବଦନାମ କରାଯିବାକୁ ସୋସିଆଲ ମିଡିଆରେ ଷଡ଼ଯନ୍ତ୍ର ଚାଲିଥିବା ଆଲୋଚନା ହେଉଛି। ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। 'ବେଙ୍ଗଲ ୱାରିଅର୍ସ' ନାମକ ଏକ ଆଇଡିରେ ପୁରୀ ଏବଂ ଓଡ଼ିଶାକୁ ନେଇ ବିଭିନ୍ନ ପୋଷ୍ଟ କରାଯାଉଛି। 'ବୟକଟ୍ ଓଡ଼ିଶା' ଏବଂ 'ବେଙ୍ଗାଲି ବୟକଟ୍ ପୁରୀ ଟୁରିଜମ୍' ନେଇ ପୋଷ୍ଟର ଦେଖିବାକୁ ମିଳିଛି, ଯାହା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହାକୁ ଜଗନ୍ନାଥପ୍ରେମୀମାନେ ତୀବ୍ର ବିରୋଧ କରିଛନ୍ତି ଏପରି ପୋଷ୍ଟ ଦ୍ୱାରା ଉଭୟ ରାଜ୍ୟ ମଧ୍ୟରେ ଏକ ଅସନ୍ତୋଷର ବାତାବରଣ ସୃଷ୍ଟି କରାଯିବାକୁ ଅପଚେଷ୍ଟା ଚାଲିଥିବା ସାଧାରଣରେ ମତ ପ୍ରକାଶ ପାଉଛି। କୋଲକାତାରୁ ଏଠାକୁ ବୁଲି ଆସିଥିବା ବଙ୍ଗୀୟ ପର୍ଯ୍ୟଟକ ରିୟା ରୟ କହିଛନ୍ତି, ଏଭଳି ପୋଷ୍ଟ କରାଯିବା ଠିକ୍ ନୁହେଁ। ଯେଉଁମାନେ ପୁରୀ ଆସୁଛନ୍ତି, ସେମାନେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ବେଳାଭୂମି ଏବଂ ଅନ୍ୟାନ୍ୟ ସ୍ଥାନ ବୁଲିପାରୁଛନ୍ତି। ଉଭୟ ରାଜ୍ୟର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମିଳିମିଶି ବୁଲାବୁଲି କରିବା ସହ ଭାବର ଆଦାନ ପ୍ରଦାନ କରି ଖୁସି ମନରେ ଫେରୁଛନ୍ତି। ପୁରୀ ହେଉଛି ମହାପ୍ରଭୁଙ୍କ ମୂଳପୀଠ। ତେଣୁ ବୟକଟ ପ୍ରସଙ୍ଗ ଠିକ୍ ନୁହେଁ। ଏଭଳି କାର୍ଯ୍ୟରୁ ସମସ୍ତେ ଦୂରେଇ ରହିବା ଉଚିତ। ସେହିପରି ବିଜୁ ପୁହୁଜି ନାମକ ଶ୍ରଦ୍ଧାଳୁ କହିଛନ୍ତି, ବଙ୍ଗୀୟ ଭକ୍ତଙ୍କ ପ୍ରାଣବିନ୍ଦୁ ହେଉଛନ୍ତି ମହାପ୍ରଭୁ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ କେହି ବିଭେଦ ସୃଷ୍ଟି କରିବାକୁ ଚାହିଁଲେ ବି କରିପାରିବେ ନାହିଁ। ସୋସିଆଲ ମିଡିଆରେ ଯଦି କୌଣସି ବ୍ୟକ୍ତି ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନା କରୁଛନ୍ତି, ତେବେ ପ୍ରଶାସନ ଓ ସାଇବର ବିଭାଗ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ବଙ୍ଗୀୟ ପର୍ଯ୍ୟଟକ ଆସିବା ବାଧାପ୍ରାପ୍ତ ହେଲେ ସମସ୍ତେ ପ୍ରଭାବିତ ହେବେ। ତେଣୁ ପୂର୍ବପରି ଭାଇଚାରା ବଜାୟ ରଖାଯାଉ। ଭକ୍ତଙ୍କୁ କେହି ରୋକିପାରିବେନି ବୋଲି ପ୍ରସ୍ଫୁଟି ମତବ୍ୟକ୍ତ କରିଛନ୍ତି। ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଯିଏ ଓଡ଼ିଶା ଲୋକଙ୍କ ଅସ୍ମିତାକୁ ଆଘାତ ଦେଉଛନ୍ତି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। ବଙ୍ଗବାହିନୀ ଯାହା କହିଛି, ତାହାର ଫଳ ଭୋଗିବ। ବୟକଟ କହିଥିବା ବ୍ୟକ୍ତି ନିଜେ ବୟକଟ ହୋଇଯିବେ। ବଙ୍ଗୀୟ ପର୍ଯ୍ୟଟକ ପୁରୀକୁ ଆସିବା ଓ ମହାପ୍ରଭୁଙ୍କ କାର୍ଯ୍ୟରେ ଜଡ଼ିତ ହେବା କାହିଁ କେଉଁ ଅମଳରୁ ଚାଲିଆସିଛି। ତେଣୁ ଏ କ୍ଷେତ୍ରରେ କୌଣସି ସୋସିଆଲ ମିଡିଆର ପ୍ରଭାବ ପଡ଼ିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ବାଲେଶ୍ୱରରୁ ପୁରୀ ଆସିଥିବା ସୁଦେଷ୍ଣା ପାଢ଼ୀ କହିଛନ୍ତି, ସୋସିଆଲ ମିଡିଆରେ ଦୀଘାକୁ ଯେଉଁ ଜଗନ୍ନାଥ ଧାମ କୁହାଯାଉଛି ଓ ପୁରୀ ବିରୋଧରେ ପୋଷ୍ଟ କରାଯାଉଛି, ତାହାକୁ ବରଦାସ୍ତ କରାଯିବ ନାହିଁ। ଭକ୍ତମାନେ ପୁରୀ ଆସୁଛନ୍ତି ଓ ଆଗାମୀ ଦିନରେ ମଧ୍ୟ ଆସିବେ। ପୁରୀର ମର୍ଯ୍ୟାଦା ସର୍ବଦା ଅକ୍ଷୁଣ୍ଣ ରହିବ ବୋଲି ସେ ମତ ଦେଇଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିବା ଜଣେ ସାଧୁ କହିଛନ୍ତି, ବୟକଟ ନେଇ ଯେଉଁ ଟ୍ରେଣ୍ଡ କରାଯାଉଛି, ସେ ସମ୍ପର୍କରେ ମହାପ୍ରଭୁ ନିଜେ ବୁଝିବେ। ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି।

## ମମତାଙ୍କ ମନ୍ତବ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ

### ଦୀଘା ଜଗନ୍ନାଥ ମନ୍ଦିରକୁ 'ଧାମ' କୁହାଯିବା ପ୍ରସଙ୍ଗ

ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ଦୀଘାରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଛି। ତେବେ ଉକ୍ତ ସ୍ଥାନକୁ ଜଗନ୍ନାଥ ଧାମ ନାମକରଣ ଓ ପୁରୀର ଦାରୁ କାଠରେ ବିଗ୍ରହ ନିର୍ମାଣ କରାଯିବାକୁ ନେଇ ବିବାଦ ଦେଖାଯାଇଛି। ଉକ୍ତ ଘଟଣା ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ସୋମବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ମତ ରଖିଛନ୍ତି। ମମତା କହିଛନ୍ତି, ସେ ପୁରୀ ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ଧାମକୁ ସମ୍ମାନ କରନ୍ତି। ମା' କାଳୀଙ୍କ ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଛି। ସେହିପରି ବିଭିନ୍ନ ସ୍ଥାନରେ ଶିବ ମନ୍ଦିର ରହିଛି। ସବୁ ମନ୍ଦିର ଅନ୍ୟ ସ୍ଥାନରେ ରହିଛି। ତେବେ ଦୀଘା ମନ୍ଦିରକୁ ନେଇ ଭାଜପାର ଏତେ ରାଗ କ'ଣ ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି। ମମତାଙ୍କ ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି।

ଏନେଇ ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ସବୁଆଡ଼େ ଜଗନ୍ନାଥ ମନ୍ଦିର ନିର୍ମାଣ ହେଉଛି। କିନ୍ତୁ କେଉଁଠାରେ ଜଗନ୍ନାଥ ଧାମ କୁହାଯାଉନାହିଁ। ଧାମ ହେଉଛି ୪ଟି। ସେଗୁଡ଼ିକ ହେଲା ବଦ୍ରିନାଥ, ଦ୍ୱାରିକାନାଥ, ରାମେଶ୍ୱରମ୍ ଏବଂ ପୁରୀ। ପ୍ରତ୍ୟେକ ଧାମ ପାଇଁ ଶଙ୍କରାଚାର୍ଯ୍ୟ ଅଛନ୍ତି। ତେଣୁ ମମତା ବାନାର୍ଜୀ ପ୍ରଥମେ ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଧାମ ନାମକରଣ ହଟାନ୍ତୁ। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ମମତାଙ୍କର କ'ଣ ଭାବ ଅଛି ତାହା ଜଣାପଡ଼ିବ। ସେହିପରି ମମତା ଯେଉଁ ଭାଜପା କଥା କହୁଛନ୍ତି, ସେ ଜାଣିବା ଆବଶ୍ୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ସ୍ଥାନକୁ ଯାଉଛନ୍ତି ସେଠାରେ 'ଜୟ ଜଗନ୍ନାଥ' କହୁଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ମୋଦି ମମତାଙ୍କୁ ଭୟ କରିବାର ଉଦ୍ଦେଶ୍ୟ କ'ଣ ଅଛି। ଏଥିରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ। ତୁମେ ଯଦି ଜଗନ୍ନାଥଙ୍କୁ ଓ ଜଗନ୍ନାଥ ଧାମକୁ ଭଲପାଉଛ, ତେବେ ଧାମ ଶବ୍ଦ ହଟାଇଦିଅ। ତା' ପରେ ରାଜନୀତି କଲେ ଖୋଲାପଡ଼ିବ। ମମତା ଚାରିଧାମ ବିଷୟରେ କିଛି ଜାଣିନାହାନ୍ତି କି ଜାଣିବାକୁ ଚାହୁଁନାହାନ୍ତି। ମମତା ଯେଉଁ ଇଚ୍ଛାକୁ ଧରି ମନ୍ଦିର କରୁଛନ୍ତି, ସେମାନଙ୍କୁ ପଚାରନ୍ତୁ ସେ ଭଲ ଭାବେ ବୁଝାଇଦେବେ। ଏଥିରେ କୌଣସି ଏଜେଣ୍ଡା ନାହିଁ। ମମତା ଧାମ ଲେଖିକି ନିଜେ ଏଜେଣ୍ଡା ତିଆରି କରୁଛନ୍ତି ବୋଲି ଦାସମହାପାତ୍ର କହିଛନ୍ତି। ସେହିପରି ସାମାଜିକ କର୍ମୀ ତଥା ଜୋତିର୍ବିତ୍ ଅନାମ ଚନ୍ଦ୍ର ସାହୁ କହିଛନ୍ତି, ସମସ୍ତ ସ୍ଥାନରେ ମନ୍ଦିର ହେଉ ତାହା ସ୍ୱାଗତଯୋଗ୍ୟ। ମନ୍ଦିର କରାଯାଇ ମହାପ୍ରଭୁଙ୍କ ସଂସ୍କୃତି ବୃଦ୍ଧି କରାଯାଉ। ମାତ୍ର ମନ୍ଦିରକୁ ଧାମ କୁହା ନ ଯାଉ। ଦୀଘାରେ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଛି, ଧାମ ନୁହେଁ। ଧାମ ହେଉଛି ପୁରୀ ଶ୍ରୀଜଗନ୍ନାଥ ଧାମ। ତେଣୁ ଦୀଘା ଜଗନ୍ନାଥ ଧାମକୁ ପରିବର୍ତ୍ତନ କରାଯାଇ ମନ୍ଦିର କରାଯାଉ। ମମତା ଧାମ କହିବା ଠିକ୍ ନୁହେଁ। ପୁରୀ ଶ୍ରୀମନ୍ଦିର ସହ କୌଣସି ମନ୍ଦିର ତୁଳନୀୟ ନୁହେଁ ବୋଲି ସାହୁ କହିଛନ୍ତି। ସେହିପରି ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ମମତାଙ୍କର ଏହା ହେଉଛି ଅହଂକାର। ରାଜକୋଷ ଅର୍ଥ ବିନିଯୋଗ କରି ମମତା ମନ୍ଦିର ନିର୍ମାଣ କରିଛନ୍ତି ନିଜର ରାଜନୈତିକ ସାମ୍ରାଜ୍ୟକୁ ସୁଦୃଢ଼ କରିବା ପାଇଁ। ଆଗାମୀ ଦିନରେ ନିର୍ବାଚନ ଜିତି ପୁଣି କ୍ଷମତାକୁ ଫେରିବା ଉଦ୍ଦେଶ୍ୟ ରଖି ମମତା ମନ୍ଦିର ନିର୍ମାଣ କରିଛନ୍ତି। ଓଡ଼ିଆ ଓ ବଙ୍ଗାଳୀଙ୍କ ସମ୍ପର୍କ ଦୀର୍ଘ ଦିନର। ତାକୁ ଭିନ୍ନ କରି ରାଜନୈତିକ ଫାଇଦା ନେବା ଉଦ୍ଦେଶ୍ୟରେ ଯଦି ସେ ଏପରି କାର୍ଯ୍ୟ କରିଛନ୍ତି ତେବେ ତାହା ବୁଦ୍ଧିମତ୍ତାର ପରିଚାୟକ ନୁହେଁ। ଆଗାମୀ ଦିନରେ ମମତା ପୁରୀ ଆସିପାରିବେନି କି ମନ୍ଦିରରେ ପ୍ରବେଶ କରାଇ ଦିଆଯିବ ନାହିଁ। ସାରା ବିଶ୍ୱରେ ଜଗନ୍ନାଥଙ୍କ ମନ୍ଦିର ତିଆରି ହେଉଛି। ମାତ୍ର କେହି ଜଗନ୍ନାଥ ଧାମ କହୁନାହାନ୍ତି। ତେଣୁ ମମତାଙ୍କୁ କହିବାକୁ କିଏ? ମମତାଙ୍କ ରାଜନୀତି ରହିବ ନାହିଁ କି ସେ ଶାସନରେ ରହିପାରିବେ ନାହିଁ ବୋଲି ରଥ କହିଛନ୍ତି। ସେହିପରି ପୁରୀ ବାସିନ୍ଦା ସଦାଶିବ ନାୟକ କହିଛନ୍ତି, ବିଶ୍ୱରେ ସମସ୍ତ ସ୍ଥାନରେ ମନ୍ଦିର ନିର୍ମାଣ ହେଉଛି। ଏଭଳି ନିର୍ମାଣ ହେବା ଉଚିତ୍। ମାତ୍ର ମନ୍ଦିର ନିର୍ମାଣ କରି ମୂଳ ମନ୍ଦିର ତଥା ପୀଠ ପ୍ରତି କୁଠାରାଘାତ କରାଯିବା ଠିକ୍ ନୁହେଁ। ଦୀଘାରେ ମନ୍ଦିର ନିର୍ମାଣ ହୋଇଛି। ତାହାକୁ ଧାମ କହିବା ଗ୍ରହଣୀୟ ନୁହେଁ। ମନ୍ଦିର ନିର୍ମାଣକୁ ସ୍ୱାଗତ କରାଯାଉଛି କିନ୍ତୁ ଧାମକୁ ବିରୋଧ କରାଯାଉଛି। ତେଣୁ ମମତା ଧାମ ସମ୍ପର୍କରେ ଆଗ ଜାଣନ୍ତୁ, ପରେ ଧାମ କଥା କହିବେ ବୋଲି ନାୟକ ମତ ଦେଇଛନ୍ତି।





@ ରାଜେନ୍ଦ୍ର


@ ଦେବୀପ୍ରିୟା


@ ଉମାଶଙ୍କର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ

ପୁରୀ,୫ା୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ସୋମବାର ନୀଳାଦ୍ରି ମହୋଦୟାଷ୍ଟମୀ ନୀତି ସମ୍ପନ୍ନ ହୋଇଛି। ଭୋରୁ ଦ୍ୱାରଫିଟା ପରେ ଭିତରଶୋଧ, ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ନୀତି ହୋଇଥିଲା। ପୂର୍ବରାତ୍ରରୁ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିବା ୧୦୮ ଗରା ଜଳକୁ ପାଳିଆ ପ୍ରତିହାରୀ ଆଣିଥିଲେ। ଘଣ୍ଟ, ଛତା, କାହାଳୀ ପଟୁଆରରେ ଗରାବଡୁ ସେବକମାନେ ପୂର୍ବରେ ବାଘମୁହଁ ବାନ୍ଧି ୪ ବାଡ଼ କରି ଜଳକୁ ମହାପ୍ରଭୁଙ୍କ ନିକଟକୁ ନିଜେ କରାଇଥିଲେ। ବଳଭଦ୍ରଙ୍କ ବାଡ଼ରେ ୩୫, ସୁଭଦ୍ରାଙ୍କ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ୩୫, ସୁଭଦ୍ରାଙ୍କ ବାଡ଼ରେ ୨୨ ଗରା ଏବଂ ସୁଦର୍ଶନଙ୍କ ବାଡ଼ରେ ୧୮ ଗରା ଜଳ ରଖାଯାଇଥିଲା। ପାଳିଆ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଶୁଦ୍ଧଶୁଦ୍ଧରେ ଶ୍ରୀବିଗ୍ରହଙ୍କୁ ଜଳ ଲାଗିପୂଜା କରିଥିଲେ। ସିଂହାସନ ଉପରେ ସଂସ୍କାର ଓ ସର୍ବାଙ୍ଗ ପରେ ଯାତ୍ରାଗ୍ରୀ ଭୋଗ, ମଧ୍ୟାହ୍ନ ଧୂପ ଓ ମୁଦିରସ୍ତ ପ୍ରସାଦ ଲାଗି ହୋଇଥିଲା। ଷୋଡ଼ଶ ଉପଚାରରେ ଧୂପ ମଣୋହି, ଜିନିଷଗୁଡ଼ିକ ବଦ୍ଧପନା ହୋଇଥିଲା। ଆଜ୍ଞାମାଳ ପରେ ଠାକୁର ଠାକୁରାଣୀଙ୍କୁ ଚନ୍ଦନ ଯାତ୍ରାକୁ ବିଜେ କରାଯାଇଥିଲା।

## ବିଧାନସଭାରେ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ



ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୫ା୫(ସୌମ୍ୟରଞ୍ଜନ ରାଉତ)

ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ଜୟନ୍ତୀ ସୋମବାର ବିଧାନସଭାଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଧରଣୀଧରଙ୍କ ସମ୍ପର୍କରେ କହିବା ସହ ବିଧାନସଭା ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## କୁଞ୍ଜ ବିହାରୀ ସାହୁଙ୍କ 'ଏକା ଏକା ନିରବତା' ଉନ୍ମୋଚିତ

ଭୁବନେଶ୍ୱର, ୫ା୫(ସୌମ୍ୟରଞ୍ଜନ ରାଉତ)

ପ୍ରତିଶ୍ରୁତି ପତ୍ରିକା ପକ୍ଷରୁ ବୁଦ୍ଧମନ୍ଦିର ପରିସରରେ ଏକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। କବି ଦୟାନିଧି ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୂର୍ଯ୍ୟ ମିଶ୍ର, କବି ବିଶ୍ୱେଶ୍ୱର ସାହୁ, ପ୍ରାବନ୍ଧିକ ପରବ୍ରହ୍ମ ତ୍ରିପାଠୀ, କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ସାମ୍ବାଦିକ ସତୀଶ ମିଶ୍ର ଯୋଗଦେଇଥିଲେ। ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ପତ୍ରିକାର ସପ୍ତମ ସଂସ୍କରଣ ଓ ଗାଳ୍ପିକ କୁଞ୍ଜ ବିହାରୀ ସାହୁଙ୍କ ଗଳ୍ପ ସଂକଳନ 'ଏକା ଏକା ନିରବତା' ଉନ୍ମୋଚନ କରିଥିଲେ। ଏହି ଅବସରରେ ବହୁ ବ୍ୟକ୍ତିତ୍ୱଙ୍କୁ 'ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସ୍ମୃତି ରଞ୍ଜନ ତ୍ରିପାଠୀ, ଆଇନଜୀବୀ ତଥା କବି ନିବେଦିତା ରଥ, କବି କମଳିନୀ ପାଣିଗ୍ରାହୀ ଓ ଶୁଭବ୍ରତ ମହାପାତ୍ର ମଞ୍ଚ ପରିଚାଳନା ଏବଂ କବି ସସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଚଳଚ୍ଚିତ୍ର 'ପାଶା' ପାଇଁ ଓଡ଼ିଶାର ଭାଗ୍ୟଶ୍ରୀଙ୍କୁ ଦ୍ୱିତୀୟ ପୁରସ୍କାର

### ୱେଭ୍ସ ଉଦ୍‌ଯାପିତ

ଭୁବନେଶ୍ୱର, ୫ା୫ (ସୌମ୍ୟରଞ୍ଜନ ରାଉତ)



ମୁମ୍ବାଇର ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ ସେଣ୍ଟରଠାରେ ଚାଲିଥିବା ପ୍ରଥମ ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ 'ୱେଭ୍ସ-୨୦୨୫' ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ୪ଦିନିଆ ଉତ୍ସବରେ ୧୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ୧୦ ହଜାର ଯୁବ ପ୍ରତିଭା ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ନିଜ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଆନିମେସନ ଚଳଚ୍ଚିତ୍ର ନିର୍ମାଣ ପ୍ରତିଯୋଗିତାର ଫାଇନାଲରେ ଦେଶରୁ ୪୨ଜଣ ପ୍ରତିଯୋଗୀ ପ୍ରବେଶ କରିଥିବାବେଳେ ଓଡ଼ିଶାରୁ ୨ଜଣ ଥିଲେ। ତେବେ ଓଡ଼ିଶାର ଯୁବ ପ୍ରଯୋଜିକା ଯାଜପୁର ଜିଲା ଜାରକା ଅଞ୍ଚଳର ଭାଗ୍ୟଶ୍ରୀ ଶତପଥୀ ନିଜ ଆନିମେସନ ଚଳଚ୍ଚିତ୍ର 'ପାଶା' ପାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏଥିଲେ ଭାଗ୍ୟଶ୍ରୀଙ୍କୁ ନଗଦ ଅର୍ଥ ସହ ମାନପତ୍ର ପ୍ରଦାନ କରାଯାଇଛି। ନାଟଶାସ୍ତ୍ର 'ନବରସ' ଉପରେ ଏହି ଚଳଚ୍ଚିତ୍ରଟି ଆଧାରିତ।

## 'ବିପ୍ଳବୀ ଧରଣୀଧରଙ୍କ ସମ୍ପର୍କରେ ଅଧିକ ଗବେଷଣା ହେଉ'

### ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର, ୫ା୫(ସୌମ୍ୟରଞ୍ଜନ ରାଉତ)

ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ପରିଷଦ ଓ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ପକ୍ଷରୁ ସୋମବାର ବିପ୍ଳବୀ ଧରଣୀଧର ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ କହିଲେ, ବିପ୍ଳବୀ ଧରଣୀଧର ଜଙ୍ଗଲ ପାହାଡ଼ଘେରା କେନ୍ଦୁଝରର ମୁକ୍ତିକାମୀ ଭୂୟାଁମାନଙ୍କୁ ସାଧୀନତାର ମନ୍ତ୍ର ପଢ଼େଇ ଶକ୍ତିଶାଳୀ ବ୍ରିଟିଶ ଶକ୍ତି ବିରୋଧରେ ଲଢ଼ିବାକୁ ମାନସିକ ଓ ଶାରୀରିକ ଭାବେ ସକ୍ଷମ କରାଇଥିଲେ। ଗଡ଼ଜାତ ଅଞ୍ଚଳରେ ରାଜାମାନଙ୍କ ବେଠି ବିରୋଧରେ ପ୍ରଚଣ୍ଡ ସ୍ୱର ଉତ୍ତୋଳନ କରିଥିବା ଧରଣୀଧର ଥିଲେ ଅଦମ୍ୟ ସାହସ ଓ ଅସନ୍ତୋଷ ଉର୍ଜାର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ସମ୍ପର୍କରେ ଐତିହାସିକ ଓ ଗବେଷକମାନେ ଅଧିକ ଉତ୍ତରେ ଗବେଷଣା କରିବା ଉଚିତ ବୋଲି ମନ୍ତ୍ରୀ ନାଏକ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାନସଭାର ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଯୋଗଦେଇ କହିଲେ, ଧରଣୀଧର ଜଣେ କ୍ରାନ୍ତିକାରୀ ଯୋଦ୍ଧା ଓ ପ୍ରଖର ପ୍ରତିଭାର ଅଧିକାରୀ ଥିଲେ। ଜନଜାତିଙ୍କ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ନିମନ୍ତେ ଇଂରେଜ ଶାସନ ବିରୋଧରେ ଲଢ଼ି ଜୀବନ ଉତ୍ସର୍ଗ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନଜାତି ସଂସ୍କୃତି ଗବେଷକ ତଥା ଲେଖକ ଡ. ଅଖିଳ ବିହାରୀ ଓଟା କହିଲେ, ଗଡ଼ଜାତ ଅଞ୍ଚଳରେ ବେଠି, ବେଗାରି, ମାଗଣ ଓ ରେଟି ପରି ଅନ୍ୟାୟ ଅନୀତି ବିରୋଧରେ ମେଳି ଓ ସଂଗ୍ରାମ କରିଥିଲେ ଧରଣୀଧର। ପରିଷଦ ସଭାପତି ପ୍ରଫେସର ଡ. ହରିବନ୍ଧୁ ପଟ୍ଟନାୟକ କହିଲେ, ବିପ୍ଳବୀ ଧରଣୀଧର ଜନଜାତିଙ୍କ ଆଦର୍ଶ ପୁରୁଷ ଭାବରେ ଅନ୍ୟାୟ, ଅନୀତି ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବାକୁ ସେ ପ୍ରେରଣା ଦେଇଥିଲେ ବୋଲି ପ୍ରଫେସର ପଟ୍ଟନାୟକ ମତପ୍ରକାଶ କରିଥିଲେ। ଅତିଥିମାନେ ଧରଣୀଧରଙ୍କ ଉପରେ ଲିଖିତ ପୁସ୍ତକ ଉନ୍ମୋଚନ କରିଥିଲେ। ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ସଭାପତି ଧ୍ରୁବ କାଲୋ ଧନ୍ୟବାଦ ଦେଇଥିଲେ।




ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମନ୍ତ୍ରୀ ରବି ନାରାୟଣ ନାଏକ ବିପ୍ଳବୀ ଧରଣୀଧରଙ୍କ ଉପରେ ଲିଖିତ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଉତ୍କଳ ଏକାଡେମୀରେ ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ଚଢ଼ାଉ

### ମେଡିକାଲ ସିଟ୍ ଡିଲ୍ ମାମଲା

### ବହୁ ଦସ୍ତାବିଜ୍, ମୋବାଇଲ, ହାର୍ଡଡିସ୍କ ଜବତ

ଭୁବନେଶ୍ୱର,୫ା୫(ସତ୍ୟଜିତ୍ ରାଉତ)



ପୋଲିସ ଟିମ୍ ଉତ୍କଳ ଏକାଡେମୀରେ ଯାଞ୍ଚ କରୁଛି।

ମେଡିକାଲ ସିଟ୍ ଡିଲ୍ ମାମଲାରେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍(ଏସ୍‌ସିୟୁ) ତଦନ୍ତକୁ ଅଧିକ ଜୋରଦାର କରିଛି। ଗିରଫ ହୋଇ ଜେଲରେ ଥିବା ୪ଜଣଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା ଚାଲିଥିବା ବେଳେ ଏହାପୂର୍ବରୁ ପୋଲିସ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ତେବେ ଗିରଫ ଅଭିଯୁକ୍ତଙ୍କ ସହ ଲିଙ୍କ୍ ଥିବା ଶିକ୍ଷାନୁଷ୍ଠାନକୁ ଟାର୍ଗେଟ୍ କରିଛି ପୋଲିସ। ସୋମବାର ଅପରାହ୍ନରେ ପୋଲିସ ଟିମ୍ କାଳମରାସ୍ଥିତ ଉତ୍କଳ ଏକାଡେମୀ (ଏଜୁକେସନାଲ କନ୍‌ସଲ୍‌ଟାଣ୍ଟ)ରେ ଚଢ଼ାଉ କରି କର୍ମଚାରୀଙ୍କୁ ପଚରାଉଚରା କରିଛି। ଏଥିସହ ସେଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍, ମୋବାଇଲ ଫୋନ୍, କମ୍ପ୍ୟୁଟର ଓ ସିପିୟୁରେ ହାର୍ଡଡିସ୍କ ଆଦି ଜବତ କରିଛି। ଜବତ ଦସ୍ତାବିଜ୍ ଓ ଡିଜିଟାଲ୍ ଏଭିଡେନ୍ସଗୁଡ଼ିକ ଯାଞ୍ଚ କରାଯାଉଥିବା ସ୍ପେଶାଲ କ୍ରାଇମ ୟୁନିଟ୍‌ର ଅତିରିକ୍ତ ଡିସିପି ସ୍ୱରାଜ ଦେବତା କହିଛନ୍ତି। ତେବେ ଆଉକିଛି ଶିକ୍ଷାନୁଷ୍ଠାନ ପୋଲିସ ନଜରରେ ରହିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ମେଡିକାଲ ଆଶାୟୀମାନଙ୍କୁ ଦୁଇଟି ଉପାୟରେ ଠକୁଥିଲେ। ଏମ୍‌ଭିରେ ଉତ୍ତୀର୍ଣ୍ଣ କରାଇଦେବେ ବୋଲି ପ୍ରତିଶ୍ରୁତି ଦେଉଥିଲେ। ଟଙ୍କା ଦେଲେ ଅନ୍ୟଜଣେ ପରୀକ୍ଷାର୍ଥୀ ତାଙ୍କ ସ୍ଥାନରେ ପରୀକ୍ଷା ଦେବେ ବୋଲି କହୁଥିଲେ। ସେହିପରି ମେଡିକାଲ କଲେଜଗୁଡ଼ିକରେ ମ୍ୟାନେଜମେଣ୍ଟ କୋଟାରେ ସିଟ୍ ପାଇଦେବା ପାଇଁ କଥାବାର୍ତ୍ତା କରୁଥିଲେ। ଏଥିପାଇଁ ପ୍ରତି ପରୀକ୍ଷାର୍ଥୀଙ୍କ ପିଛା ୨୦ରୁ ୩୦ ଲକ୍ଷ ଟଙ୍କା ଦାବି କରୁଥିଲେ। ଶନିବାର ଏସ୍‌ସିୟୁ ଟିମ୍ ଭିନ୍ନ ଭିନ୍ନ ଜାଗାରୁ ସ୍ଥାନରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଥିବା ବେଳେ ବ୍ୟାଙ୍କେଟରେ ଅନ୍ୟ ସଦସ୍ୟଙ୍କ ଖୋଜାଖୋଜି ଚାଲିଛି।

# ସାତ୍ତ୍ୱିକ ଓପନ, ଅଦିତୀ ବାଳିକା ଚାମ୍ପିୟନ

ଭୁବନେଶ୍ୱର,୫।୫ (ଅନାଦି କର)

ଓଡ଼ିଶା ରାଜ୍ୟ ୯ ବର୍ଷରୁ କମ୍ ଓପନ ଓ ଚେସ୍ ଚାମ୍ପିୟନଶିପ୍ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜିର ଜେଆରଡି ଟାଟା ହଲରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଇଭେଣ୍ଟରେ ମୋଟ ୧୨୦ ପ୍ରତିଯୋଗୀ ଭାଗ ନେଇଥିଲେ। ୯ ବର୍ଷରୁ କମ ଓପନ ଚେସରେ ଖୋର୍ଦ୍ଧାର ସାତ୍ତ୍ୱିକ ସ୍ୱାଇଁ ଚାମ୍ପିୟନ

### ରାଜ୍ୟ ଓପନ, ବାଳିକା ଚେସ ଚାମ୍ପିୟନଶିପ

ହୋଇଥିବା ବେଳେ କଟକର ଆଦ୍ରିକ ଆଦିତ୍ୟ ସ୍ୱାଇଁ ରନରଅପ ହୋଇଛନ୍ତି। ମହିଳା ଚେସ୍‌ରେ ଖୋର୍ଦ୍ଧାର ଅଦିତୀ ମହାରଣା ଚାମ୍ପିୟନ ଓ ଖୋର୍ଦ୍ଧାର ଅନନ୍ୟା ଅନ୍ୱେଷା ମିଶ୍ର ରନରଅପ ହୋଇଛନ୍ତି। ଉଭୟ ବିଭାଗର ଚାମ୍ପିୟନ ଓ ରନରଅପ ଖେଳାଳି ୩୮ତମ ଜାତୀୟ ୯ ବର୍ଷରୁ କମ୍ ଓପନ ଓ ବାଳିକା ଚେସ୍ ଚାମ୍ପିୟନଶିପରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ଟୁର୍ନାମେଣ୍ଟ ଆସନ୍ତା ଜୁନ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ହରିୟାଣାର ଗୁରୁଗ୍ରାମରେ ହେବ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଉପ ସଚିବ ପଦ୍ମ ଚରଣ ସାହୁ, ସମ୍ମାନୀତ ଅତିଥି ଭାବେ ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର ସମ୍ପାଦକ ଦେବବ୍ରତ ଭଞ୍ଜ, ଇଣ୍ଟରନ୍ୟାଶନାଲ ମାଷ୍ଟର ଡ. ଅଲ୍ଟେଶ ଉପାଧ୍ୟାୟ, ସୃଷ୍ଟି ଏକାଡେମୀ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜିର ଡିନ ଜି ଡି ମିଶ୍ର, ଟୁର୍ନାମେଣ୍ଟ ଡାଇରେକ୍ଟର ବିକ୍ରମ କେଶରୀ ବିଶ୍ୱାଳ, ଏଓସିଏର ଯୁଗ୍ମ ସମ୍ପାଦକ ଆଇଏ ଭାବେଶ ମହାନ୍ତି, ଆଇଏ ସନ୍ତୋଷ କୁମାର ମହାପାତ୍ର, ଆର୍ବିଟର ଆଇଏ ସୁରେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

# ସୁତଭ୍ୟ ଦ୍ୱିତୀୟ ରାଉଣ୍ଡରେ

ଭୁବନେଶ୍ୱର,୫।୫(ଅନାଦି କର)

ଆଇକନିକ କଳିଙ୍ଗ ଷ୍ଟାଡିୟମର ଟେନିସ ସେଣ୍ଟରରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର ଜେ୩୦ ଭୁବନେଶ୍ୱର ଟୁର୍ନାମେଣ୍ଟରେ ସୋମବାର ମୁଖ୍ୟ ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ଇଣ୍ଟରନ୍ୟାସନାଲ ଟେନିସ ଫେଡେରେସନ (ଆଇଟିଏଫ) ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଦେଶ ଓ ବିଦେଶର ଜୁନିୟର ଖେଳାଳି ଭାଗ ନେଇଛନ୍ତି। ମୁଖ୍ୟ ପର୍ଯ୍ୟାୟର ପ୍ରଥମ ଦିନରେ ଓଡ଼ିଶା ଖେଳାଳିଙ୍କୁ ମିଶ୍ରିତ ଫଳାଫଳ ମିଳିଛି। ସୁତଭ୍ୟ କର୍ମାକର ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ଅଭିଜ୍ଞା ଦେହୁରୀ, ସାନଭି ମହାନ୍ତି, ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ, ଇଶାନ୍ତ ପାତ୍ର ଓ ସାଇ ସ୍ୱସ୍ତିକ ମହାନ୍ତି କଡ଼ା ଟକ୍କର ଦେବା ସତ୍ତ୍ୱେ ପ୍ରଥମ ରାଉଣ୍ଡରେ ପରାଜୟ ସହ ଅଭିଯାନ ଶେଷ କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ୧୬ତମ ସିଡ ଆହନ ମିଶ୍ର ଓ ମହିଳା ସିଙ୍ଗଲ୍ସରେ ଟପ ସିଡ୍ ସୋହିନୀ ସଞ୍ଜୟ ମହାନ୍ତି ଓ ଦ୍ୱିତୀୟ ସିଡ୍ ଆହାନ ପ୍ରଥମ ରାଉଣ୍ଡରେ ବାଇ ପାଇ ଆଗକୁ ବଢ଼ିଛନ୍ତି। ସୋମବାର ଖେଳାଯାଇଥିବା ବାଳକ ସିଙ୍ଗଲ୍ସ ରାଉଣ୍ଡ ଅଫ ୬୪ ମ୍ୟାଚ୍‌ରେ ସୁତଭ୍ୟ କର୍ମାକର ୬-୧, ୬-୩ ସେଟରେ ସନ୍ଦୀପ କୁମାର ସାହାନିଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ମ୍ୟାଚ୍‌ରେ ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ୨-୬, ୩-୬ ସେଟ୍‌ରେ ମହାବୀର ମୟୂର ମୋଦିକୱାଡ଼ ଓ

### ଜେ୩୦ ଭୁବନେଶ୍ୱର ଟେନିସ

ସାଇ ସ୍ୱସ୍ତିକ ମହାନ୍ତି ୦-୬, ୩-୬ ସେଟ୍‌ରେ ବାର ମାଡାମକାଠାରୁ ପରାସ୍ତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଅଭିଜ୍ଞା ଦେହୁରୀ ୪-୬, ୦-୬ ସେଟ୍‌ରେ ଅନନ୍ୟା ଜୈନ ଓ ସାନଭି ମହାନ୍ତି ୧-୬, ୧-୬ ସେଟ୍‌ରେ ଶ୍ରୀନିତୀ ଚୌଧୁରୀଙ୍କଠାରୁ ପରାଜିତ ହୋଇଛନ୍ତି। ପୁରୁଷ ଡବଲ୍ସରେ ଇଶାନ୍ତ ପାତ୍ର ଓ ଅଶୋକ ଗାଏକ୍ୱାଡ ୨-୬, ୩-୬ ସେଟ୍‌ରେ ଅଭି ଅଗ୍ରୱାଲ ଓ କୁଶାଗ୍ର ଆରୋରାଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଆରଡର ସମର ଫୁଟବଲ କପ୍

ଭୁବନେଶ୍ୱର,୫।୫ (ଅନାଦି କର)

ଆରଡର ଫୁଟବଲ ଏକାଡେମୀ (ଏଏଫ୍ଏ) ପକ୍ଷରୁ ଟଙ୍କପାଣୀ ରୋଡସ୍ଥିତ ପ୍ଲେଫିଟ ଆରେନାରେ ଆରଡର ସମର ଫୁଟବଲ କପ୍ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶାର ସମସ୍ତ ଆରଡର କେନ୍ଦ୍ର ସହିତ ସାଲିଆ ସାହୀ, ମୁଣ୍ଡା ସାହି, ପଟିଆ ଗାଁସ୍ଥିତ କମ୍ୟୁନିଟି କେନ୍ଦ୍ରର ଦଳଗୁଡ଼ିକ ଭାଗ ନେଇଥିଲେ। ୮ ବର୍ଷରୁ କମ୍ ବିଭାଗରେ ଲାଇଟେନିଂ ଇଗଲ୍ସ ଚାମ୍ପିୟନ ଓ ଦାରିଙ୍ଗବାଡ଼ି ଏକ୍ସପ୍ରେସ ରନରଅପ ହୋଇଥିଲା। ୧୦ ବର୍ଷରୁ କମ୍ ବିଭାଗରେ ଜୁନିୟର ଜେଟ୍ସକୁ ହରାଇ ସୋମବଂଶ ଲେଜେଣ୍ଡ ଓ ୧୩ ବର୍ଷରୁ କମ୍ ବିଭାଗରେ କସମୋ ଷ୍ଟ୍ରାଇକର୍ସଙ୍କୁ ହରାଇ ଟପ କର୍ନର ଚାମ୍ପିୟନ ହୋଇଥିଲେ। ସେହିଭଳି ୧୫ ଓ ୧୭ ବର୍ଷରୁ କମ୍ ବିଭାଗରେ ଇଗଲ୍ସ ଓ କ୍ରିମସନ ଦଳ ଯଥାକ୍ରମେ କସମୋ ସିନିୟର୍ସ ଓ ମଞ୍ଜେରଗିରି ଦଳକୁ ହରାଇ ଚାମ୍ପିୟନ ହୋଇଛନ୍ତି।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।


No.CAD-315

idco | ODISHA NEW OPPORTUNITIES

## OFFICE OF THE DIVISIONAL HEAD(ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No. BBSR/ELECT-II/E-286/24-25/1168 Dated : 29.04.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Supply, Installation, Testing and Commissioning of 2 nos of 13 passenger lift for C and D block of Pulah Hall of Residence, VSSUT Burla along with the buyback of 2nos of 13 passenger lift existing in the same building.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT-II/e-15/24-25 | 06.05.2025 at 12.00 Hrs. | 14.05.2025 at 16.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect-II)
IDCO, Bhubaneswar

OIPR-14003/11/0145/2526

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada

"e" Procurement Notice for Road Work

Identification No.-Online Tender-PM-JANMAN/PMGSY Road Works N.C.B. No.374 for 2025-26

Letter No.2015/ Date 30.4.25

No.O-107:Name of the Work: PM-JANMAN/PMGSY Road Works. 2. Total No. of Work: 02 Nos. (Two). 3. Estimated Cost: Rs.340.13 Lakhs to Rs.616.16 Lakhs (Approximately). 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.374 | Dt.09.05.2025 at 11.00 A.M. | Dt.26.05.2025 upto 5.00 P.M. | Dt.23.05.2025 upto 1.00 P.M. | Dt.28.05.2025 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum / Addendum will be displayed in the above e_tender website only.

OIPR-25130/11/0031/2526 Sd./-Er.A.K. Naik, Chief Construction Engineer, R.W.Circle, Baripada

## OFFICE OF THE PANCHAYAT SAMITI, BINKA, SUBARNAPUR

At/P.O.-Binka, Dist.-Subarnapur, Odisha
(E-Mail : ori-binka@nic.in)
TCN NO-01/2025-26

Advt. No:01/2025-26 Date : 03.05.2025

No.i-67 : Bid Documents consisiting of work, Estimated Cost, Cost of Tender Paper, EMD, Time of complition, Class of contractors and the set of terms and conditions of Contract and other necessary documents can be seen in Government website.i.e : https://subarnapur.odisha.gov.in

1. Name of the Work : Construction of GPLF office building with market complex as mentioned in DTCN
2. No. of Works : 04 Nos.
3. Estimated Cost : As per Annexure
4. Period of Completion : Four calendar months
5. Date & Time of Availability of Bid Documents in the portal : Dt.03.05.2025 to 16.05.2025 till 5 P.M.
6. Last date & Time for receipt of bids : Dt.17.05.2025 till 01.00 P.M.
7. Bids received online shall be opened on : Dt.20.05.2025 at 9.00 A.M.
8. Name and Address of the officer inviting Bid : Block Development Officer, Binka, Subarnapur

Further details can be seen from the Dist. website i.e. : https://subarnapur.odisha.gov.in

Sd./- Block Development Officer,
BINKA, SUBARNAPUR

OIPR-19426/11/0003/2526

## ପୌର ପରିଷଦ କାର୍ଯ୍ୟାଳୟ: ବ୍ରଜରାଜନଗର
## OFFICE OF MUNICIPAL COUNCIL: BRAJRAJNAGAR

At/Po- Lamtibahal, Dist- Jharsuguda, Odisha, Phone No.-8457812260, Mail-eobrjnmpl@gmail.com

No.1591/ Dt.05.05.2025

**QUOTATION CALL NOTICE**

No.C-240:Quotation in sealed covers are invited from intending Authorised Firms/ Agencies, Civil contractors having upto date GST Registration Copy, PAN Card Copy, for Supplying, fitting and fixing iron shutter at Brajarajnagar Municipality as per the specification mentioned in BOQ.

| Sl.No. | Title of Project | Security Deposit | Time for Completion of project | Paper Cost |
|---|---|---|---|---|
| 1 | 2 | 3 | 4 | 5 |
| 1 | Supplying, fitting and fixing iron shutter at Brajarajnagar Municipality | Rs.4,000/- | One Month | Rs.2000/- |

The Bid documents to be downloaded from the official website of Jharsuguda District www.jharsuguda.odisha.gov.in from dt.06.05.2024 to 15.05.2025. Last date of receipt of bid is 01.00 PM, 15.05.2025 through speed post/ registered post/ courier/by hand only. Brajrajnagar Municipality will in no way be responsible for any delay in receipt of the Bid documents. Authority reserves all right to reject any or all quotations without assigning any reason thereof.

OIPR-13099/11/0048/2526 Sd./- Executive Officer, Brajrajnagar Municipality

## NOTIFIED AREA COUNCIL BELLAGUNTHA-761119 (GANJAM)
## ବିଜ୍ଞାପିତ ଅଞ୍ଚଳ ପରିଷଦ ବେଲଗୁଣ୍ଠା-୭୬୧୧୧୯, (ଗଞ୍ଜାମ)

Phone No.06821-258244, Sri Banamali Satapathy, OAS, Executive Officer
ଦୂରଭାଷ - ୦୬୮୨୧-୨୫୮୨୪୪, ଶ୍ରୀ ବନମାଳୀ ଶତପଥୀ, (ଓ.ପ୍ର.ସେ.), କାର୍ଯ୍ୟନିର୍ବାହୀ ଅଧିକାରୀ
E-Mail ID: eonacbellaguntha@gmail.com

ପତ୍ର ସଂ:୬୦୯ ତାରିଖ:୦୩.୦୫.୨୦୨୫

**ବିଜ୍ଞାପନ**

No.C-231:ଏତଦ୍ୱାରା ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପରିଷଦ ଅଧୀନସ୍ଥ ନିମ୍ନ ପ୍ରଦର୍ଶିତ ଉତ୍ସର ୨୦୨୫-୨୬ ବର୍ଷ ପାଇଁ ପରିଷଦ ସର୍ତ୍ତାବଳୀ ଅନୁଯାୟୀ (ତା୦୧.୦୬.୨୦୨୫ ଠାରୁ ୩୧.୦୫.୨୦୨୬ ପର୍ଯ୍ୟନ୍ତ) ଜଉମୁଦ ଟେଣ୍ଡର ମାଧ୍ୟମରେ ନିଲାମ ଦିଆଯିବ । ଏଥିପାଇଁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ତା.୦୩.୦୫.୨୦୨୫ରିଖଠାରୁ ତା.୦୯.୦୫.୨୦୨୫ରିଖ (ଛୁଟିଦିନ ବ୍ୟତୀତ) କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ନିମ୍ନଦର୍ଶିତ ଟଙ୍କା ବିନିମୟରେ ବିକ୍ରି କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଦର୍ଶିତ ଫେରସ୍ତ ନ ଦିଆଯିବା ଟଙ୍କା ବିନିମୟରେ କ୍ରୟ ଲଭିବେ ଓ ତା୦୯.୦୫.୨୦୨୫ରିଖ ୧୨.୦୦ ଘଣ୍ଟା ସମୟ ମଧ୍ୟରେ ଏନ.ଏ.ସି. କାର୍ଯ୍ୟାଳୟରୁ ବକେୟା ନ ଥିବା ପ୍ରାପ୍ତ ପ୍ରମାଣପତ୍ର ସହ ଆବେଦନ କରିବେ । ପ୍ରାପ୍ତ ଜଉମୁଦଦିଆ ଟେଣ୍ଡର ଦରଖାସ୍ତଗୁଡିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ନିମ୍ନ ସ୍ୱାକ୍ଷରକାରୀଙ୍କ ଉପସ୍ଥିତିରେ ତା୦୯.୦୫.୨୦୨୫ରିଖ ଅପରାହ୍ନ ୧.୦୦ ଘ. ସମୟରେ ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଅଗ୍ରାଧିକାର ଦିଆଯିବ । ଚୟନ ହେବାର ୧୦ ଦିନ ମଧ୍ୟରେ ନିଲାମ ରାଶିର ସମସ୍ତ ଟଙ୍କା ପରିଷଦରେ ପୈଠ ଦେବେ । ନଚେତ୍ ଆପଣଙ୍କ ଅମାନତ ରାଶି ବାଜ୍ୟାପ୍ତ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ କାରଣ ନ ଦର୍ଶାଇ ଆବଶ୍ୟକୀୟ ପରିବର୍ତ୍ତନ କିମ୍ବା ରଦ୍ଦ କରିପାରିବେ ।

| କ୍ର.ନଂ. | ନିଲାମ ଉତ୍ସଗୁଡିକର ନାମ | ଟେଣ୍ଡର ଦରଖାସ୍ତ ଫର୍ମର ମୂଲ୍ୟ (ଫେରସ୍ତ ଦିଆଯିବ ନାହିଁ) ଟଙ୍କାରେ | ଉତ୍ସର ସରକାରୀ ମୂଲ୍ୟ ଟଙ୍କାରେ (ବାର୍ଷିକ) | ଅମାନତ ରାଶି ଯାହା ବ୍ୟାଙ୍କ ଡ୍ରାଫ୍ଟ କରିଦେବେ ଟଙ୍କାରେ |
|---|---|---|---|---|
| ୦୧ | ଆହାର କେନ୍ଦ୍ର ସମ୍ମୁଖରେ ଥିବା କାଫେ ଗୃହ | ୨,୦୦୦/- | ୬୦,୦୦୦/- | ୫୦,୦୦୦/- |

OIPR-13113/11/0031/2526 ସ୍ୱା./- ନିର୍ବାହୀ ଅଧିକାରୀ, ଏନ.ଏ.ସି., ବେଲଗୁଣ୍ଠା

## NOTIFIED AREA COUNCIL BELLAGUNTHA-761119 (GANJAM)
## ବିଜ୍ଞାପିତ ଅଞ୍ଚଳ ପରିଷଦ ବେଲଗୁଣ୍ଠା-୭୬୧୧୧୯, (ଗଞ୍ଜାମ)

Phone No.06821-258244, Sri Banamali Satapathy, OAS, Executive Officer
ଦୂରଭାଷ - ୦୬୮୨୧-୨୫୮୨୪୪, ଶ୍ରୀ ବନମାଳୀ ଶତପଥୀ, (ଓ.ପ୍ର.ସେ.), କାର୍ଯ୍ୟନିର୍ବାହୀ ଅଧିକାରୀ
E-Mail ID: eonacbellaguntha@gmail.com

ପତ୍ର ସଂ:୬୧୨ ତାରିଖ:୦୩.୦୫.୨୦୨୫

**ବିଜ୍ଞାପନ**

No.C-232:ଏତଦ୍ୱାରା ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପରିଷଦ ଅଧୀନସ୍ଥ ନିମ୍ନ ପ୍ରଦର୍ଶିତ ଉତ୍ସର ୨୦୨୫-୨୬ ବର୍ଷ ପାଇଁ ପରିଷଦ ସର୍ତ୍ତାବଳୀ ଅନୁଯାୟୀ (ତା.୦୧.୦୬.୨୦୨୫ ଠାରୁ ୩୧.୦୫.୨୦୨୬ ପର୍ଯ୍ୟନ୍ତ) ଜଉମୁଦ ଟେଣ୍ଡର ମାଧ୍ୟମରେ ନିଲାମ ଦିଆଯିବ । ଏଥିପାଇଁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ତା.୦୩.୦୫.୨୦୨୫ରିଖଠାରୁ ତା.୦୯.୦୫.୨୦୨୫ ରିଖ (ଛୁଟିଦିନ ବ୍ୟତୀତ) କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ନିମ୍ନଦର୍ଶିତ ଟଙ୍କା ବିନିମୟରେ ବିକ୍ରି କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଦର୍ଶିତ ଫେରସ୍ତ ନ ଦିଆଯିବା ଟଙ୍କା ବିନିମୟରେ କ୍ରୟ ଲଭିବେ ଓ ତା.୦୯.୦୫.୨୦୨୫ ରିଖ ୧୨.୦୦ ଘଣ୍ଟା ସମୟ ମଧ୍ୟରେ ଏନ.ଏ.ସି. କାର୍ଯ୍ୟାଳୟରୁ ବକେୟା ନଥିବା ପ୍ରାପ୍ତ ପ୍ରମାଣପତ୍ର ସହ ଆବେଦନ କରିବେ । ପ୍ରାପ୍ତ ଜଉମୁଦଦିଆ ଟେଣ୍ଡର ଦରଖାସ୍ତଗୁଡିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ନିମ୍ନ ସ୍ୱାକ୍ଷରକାରୀଙ୍କ ଉପସ୍ଥିତିରେ ତା.୦୯.୦୫.୨୦୨୫ ରିଖ ଅପରାହ୍ନ ୧.୦୦ ଘ. ସମୟରେ ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଅଗ୍ରାଧିକାର ଦିଆଯିବ । ଚୟନ ହେବାର ୧୦ ଦିନ ମଧ୍ୟରେ ନିଲାମ ରାଶିର ସମସ୍ତ ଟଙ୍କା ପରିଷଦରେ ପୈଠ ଦେବେ । ନଚେତ୍ ଆପଣଙ୍କ ଅମାନତ ରାଶି ବାଜ୍ୟାପ୍ତ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ କାରଣ ନ ଦର୍ଶାଇ ଆବଶ୍ୟକୀୟ ପରିବର୍ତ୍ତନ କିମ୍ବା ରଦ୍ଦ କରିପାରିବେ ।

| କ୍ର.ନଂ. | ନିଲାମ ଉତ୍ସଗୁଡିକର ନାମ | ଟେଣ୍ଡର ଦରଖାସ୍ତ ଫର୍ମର ମୂଲ୍ୟ (ଫେରସ୍ତ ଦିଆଯିବ ନାହିଁ) ଟଙ୍କାରେ | ଉତ୍ସର ସରକାରୀ ମୂଲ୍ୟ ଟଙ୍କାରେ (ବାର୍ଷିକ) | ଅମାନତ ରାଶି ଯାହା ବ୍ୟାଙ୍କ ଡ୍ରାଫ୍ଟ କରିଦେବେ ଟଙ୍କାରେ |
|---|---|---|---|---|
| ୦୧ | ନୂତନ ବସଷ୍ଟାଣ୍ଡରେ ଥିବା ଯାତ୍ରୀ ବିଶ୍ରାମାଗାର | ୨୦୦୦/- | ୧,୨୬,୦୦୦/- | ୧,୦୦,୦୦୦/- |

OIPR-13113/11/0029/2526 ସ୍ୱା./- ନିର୍ବାହୀ ଅଧିକାରୀ, ଏନ.ଏ.ସି., ବେଲଗୁଣ୍ଠା

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.2270/Date 02.05.2025

No.O-120: "e" Procurement Notice for Road Works

| | | | |
|---|---|---|---|
| 1. | Name of the Work | : | Road Works under SDMF |
| 2. | Total No. of Works | : | 12 Nos. of Road Works for the year 2024-25 |
| 3. | Estimated Cost of the Work | : | Varying from Rs.83.00 Lakhs to Rs.1516.00 Lakhs |
| 4. | Class of Contractor | : | |
| | a) Estimated cost more than Rs.20.00 Lakh upto Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated Cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crore upto Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender Online for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender-Online- C.C. 12 of 2025 | 13.05.2025 at 11.00 AM | 29.05.2025 upto 5.00 P.M. | 30.05.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in

Sd./- Chief Construction Engineer,
Central Rural Works Circle, Bhubaneswar

OIPR-25194/11/0042/2526

## ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ଝାରସୁଗୁଡ଼ା

**ଝାରସୁଗୁଡ଼ା ଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ବିଜ୍ଞାପନ ପତ୍ର ସଂଖ୍ୟା-୯୦/ଗୃହରକ୍ଷୀ ତା.୦୩.୦୫.୨୦୨୫

No.D-ଶ୍ରୀମାନ୍ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡ଼ିଶା, କଟକଙ୍କ ଚିଠି ସଂଖ୍ୟା ୫୫୯/ଗୃହରକ୍ଷୀ ତା.୨୧.୦୨.୨୦୨୫ ରିଖ ଅନୁଯାୟୀ ଝାରସୁଗୁଡ଼ା ଜିଲ୍ଲା ପାଇଁ ମୋଟ ୬୨ ଗୋଟି ଗୃହରକ୍ଷୀ ପଦବୀ ପୂରଣ ନିମନ୍ତେ ପୂର୍ବରୁ ବିଜ୍ଞାପନ ପତ୍ର ସଂଖ୍ୟା ୫୧/ଗୃହରକ୍ଷୀ ତା.୨୪.୦୨.୨୦୨୫ ରିଖରେ ଆବେଦନ କରିବା ନିମନ୍ତେ ଆହ୍ୱାନ କରାଯାଇଥିଲା । ବର୍ତ୍ତମାନ ଓଡ଼ିଶା ସରକାର ଝାରସୁଗୁଡ଼ା ଜିଲ୍ଲା ପାଇଁ ୪୦ ଗୋଟି ନୂତନ ଗୃହରକ୍ଷୀ ପଦବୀ ମଞ୍ଜୁର କରିଥିବା ହେତୁ ପୁନର୍ବାର ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିର୍ଦ୍ଧାରିତ ଫର୍ମ-'ଏ' (ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ର Form-'A')ରେ ଦରଖାସ୍ତ ଆବେଦନ କରିବା ପାଇଁ ଆହ୍ୱାନ କରାଯାଉଛି । ଯେଉଁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ପୂର୍ବରୁ ହୋଇଥିବା ବିଜ୍ଞାପନ ଅନୁଯାୟୀ ଆବେଦନ କରିଛନ୍ତି, ସେମାନେ ପୁନର୍ବାର ଆବେଦନ କରିବା ଆବଶ୍ୟକ ନାହିଁ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଆବେଦନ ପତ୍ର ସିଧାସଳଖ ସମାଦେଷ୍ଟା ଗୃହରକ୍ଷୀ ବାହିନୀ (District Police Office) ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ ତା.୦୮.୦୫.୨୦୨୫ ରିଖ ସକାଳ ୭.୦୦ ଘଟିକା ଠାରୁ ତା.୧୭.୦୫.୨୦୨୫ ରିଖ ଅପରାହ୍ନ ୧.୦୦ ଘଟିକା ଯାଏଁ ଦାଖଲ କରିପାରିବେ । ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରୀମାନେ ନିକଟସ୍ଥ ଥାନା, ଫାଣ୍ଡି ଏବଂ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରୁ ବୁଝିପାରିବେ । କମ୍ପ୍ୟୁଟର ଜ୍ଞାନ, ଗାଡିଚାଳନା ଜ୍ଞାନ, ରୋଷେଇ ଜ୍ଞାନ, ବିଦ୍ୟୁତ ମିସ୍ତ୍ରି ଜ୍ଞାନ, ପାଇପ ମିସ୍ତ୍ରି ଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ମୋଟ ଖାଲିଥିବା ଗୃହରକ୍ଷୀ ପଦବୀ ସଂଖ୍ୟା-୧୦୨ (ପୁରୁଣା-୬୨ ଗୋଟି ଏବଂ ନୂତନ-୪୦ ଗୋଟି) । ଯଦି ଆବେଦନକାରୀଙ୍କ ସଂଖ୍ୟା ଉପଲବ୍ଧ ଖାଲି ପଦବୀଠାରୁ ଅଧିକ ହୁଏ, ତେବେ ଆବେଦନକାରୀଙ୍କୁ କିଛି ଚୟନ ପରୀକ୍ଷା /ସାକ୍ଷାତ୍‌କାରର ସମ୍ମୁଖୀନ ହେବାକୁ ପଡିବ । ଗୃହରକ୍ଷୀ ସେବା ସ୍ଥାୟୀ ଚାକିରି ନୁହେଁ । ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ୩ ବର୍ଷର କାର୍ଯ୍ୟକାଳ ପାଇଁ । ନିଯୁକ୍ତି, ଶୃଙ୍ଖଳା, ବହିଷ୍କାର ଏବଂ ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଓଡ଼ିଶା ଗୃହରକ୍ଷୀ ଆଇନ ୧୯୬୧ ଏବଂ ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ Circular Order No.01/2025 ଦ୍ୱାରା ନିୟନ୍ତ୍ରିତ ହେବ । ଆବେଦନ ଫର୍ମଗୁଡିକ ଏହି ଜିଲ୍ଲାର ସମସ୍ତ ଥାନା, ଫାଣ୍ଡି ଓ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ।

**ପୋଷାକ/ଭତ୍ତା**-ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭତ୍ତା କାର୍ଯ୍ୟ ଦିବସ ହିସାବରେ ପ୍ରଦାନ କରାଯିବ ।

**ଯୋଗ୍ୟତା**

୧. ଆବେଦନକାରୀ ଜଣେ ଭାରତୀୟ ନାଗରିକ ହୋଇଥିବେ ।
୨. ଆବେଦନକାରୀ ଅତି କମ୍‌ରେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।
୩. ଆବେଦନକାରୀ ଓଡ଼ିଆ ଭାଷା ପଢ଼ି,ଲେଖି ଏବଂ କହିପାରୁଥିବେ ।
୪. ଆବେଦନକାରୀ ସୁସ୍ଥ, ଉତ୍ତମ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ ।
୫. ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କମ୍ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବ ।
୬. ଆବେଦନକାରୀଙ୍କ ଚରିତ୍ର ଭଲ ହେବା ଉଚିତ ଏବଂ ତାଙ୍କ ବିରୁଦ୍ଧରେ କୌଣସି ଆପରାଧିକ ମାମଲା ବିଚାରାଧୀନ ନଥିବ ।
୭. ବହିଷ୍କୃତ ଗୃହରକ୍ଷୀ କିମ୍ବା ଇସ୍ତଫା ଦେଇଥିବା ଗୃହରକ୍ଷୀ ମଧ ଆବେଦନ କରିପାରିବେ ।

**ଆବେଦନକାରୀଙ୍କୁ ଫର୍ମ ସହିତ ଏହି ସବୁ ପ୍ରମାଣପତ୍ର ସଂଲଗ୍ନ କରିବାକୁ ପଡିବ:-**

୧.ଆବାସିକ ଓ ଜାତିଗତ ପ୍ରମାଣପତ୍ର ।
୨.ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।
୩.ଚାରିଗୋଟି ପାସ୍‌ପୋର୍ଟ ଆକାରର ଫଟୋ ।
୪. ବୈଷୟିକ ଦକ୍ଷତା ପ୍ରମାଣପତ୍ରର ନକଲ (ଯଦି ଥାଏ) ।
୫. ପରିଚୟ ପ୍ରମାଣପତ୍ର ସ୍ୱରୂପ (ଆଧାରକାର୍ଡ/ଭୋଟର କାର୍ଡ) ।

**ଅଫିସ ଯୋଗାଯୋଗ ନଂ.- ୯୪୩୭୯୪୪୩୩୦**

ସ୍ୱା./-
ସମାଦେଷ୍ଟା ଗୃହରକ୍ଷୀ ବାହିନୀ
ଝାରସୁଗୁଡ଼ା

OIPR-12184/11/0002/2526

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 4853 IND-II-PC-୦୧ ତା.03.05.2025
No. CAD-318

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା କୋଇଡା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଏବଂ ଓରାଘାଟ ଠାରେ ବିଦ୍ୟମାନ ୧୪୭.୧୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ପ୍ରସ୍ତାବିତ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନରେ ୪୮.୯% ବୃଦ୍ଧି) ତଥା ୨୬.୮୨୭ ମିଲିଅନ ଟିପିଏ (ଆରଓଏମ:୨୦.୮୫ ମିଲିଅନ ଟିପିଏ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୦୮୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ)ରୁ ମୋଟ ୨୮.୭୩୭୫ ମିଲିଅନ ଟିପିଏ (ଆରଓଏମ:୨୨.୩୩୫ ମିଲିଅନ ଟିପିଏ+ ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୨୩୩୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+ ୪.୧୬୯ ମିଲିଅନ ଟିପିଏ ବର୍ଜ୍ୟ) ପର୍ଯ୍ୟନ୍ତ ଲୁହାପଥର ଉତ୍ପାଦନ ବୃଦ୍ଧି ନିମନ୍ତେ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ବିଜ୍ଞପ୍ତି, ୨୦୦୬ର ପାରା 7(ii) (a) ଏବଂ ଏହାର ପରବର୍ତ୍ତୀ ସଂଶୋଧନର ବ୍ୟବସ୍ଥା ଅନୁଯାୟୀ ଜନ ପରାମର୍ଶ ପାଇଁ ଅନୁରୋଧ କରିଅଛନ୍ତି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M. No.) F.No. IA3-22/10/2022-IA.III (E177258) ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି 2006ରେ ପାରା 7(ii)(a) ଅନୁଯାୟୀ ଅତିରିକ୍ତ ଜମି ଅଧିଗ୍ରହଣ ଏବଂ ଜନଶୁଣାଣି ବିନା ବିଦ୍ୟମାନ ପରିସର/ଖଣି ଲିଜ୍ ଅଞ୍ଚଳ ମଧ୍ୟରେ 50% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ପରିବେଶଗତ ମଞ୍ଜୁରୀ ପ୍ରଦାନ ଲାଗି ନିର୍ଦ୍ଦେଶାବଳୀ ଜାରି କରିଅଛନ୍ତି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M No.) F.No. IA3-22/10/2022-IA.III (E177258), ତାରିଖ 11.04.2022 ରେ 40% ରୁ ଅଧିକ କିନ୍ତୁ 50%ରୁ କମ୍ ଉତ୍ପାଦନ ଥିବା ପ୍ରକଳ୍ପଗୁଡିକର ଆବେଦନ ପ୍ରକ୍ରିୟାକରଣ ପାଇଁ ଗ୍ରହଣ କରାଯିବାକୁ ଥିବା ପଦ୍ଧତିଗୁଡିକୁ ନିର୍ଦ୍ଦିଷ୍ଟ କରାଯାଇଛି, ଯାହା 40% ର ସମ୍ପ୍ରସାରଣ ଏବଂ ପ୍ରସ୍ତାବିତ ପ୍ରକଳ୍ପର ପରବର୍ତ୍ତୀ ସମ୍ପ୍ରସାରଣ ସହିତ ସମ୍ବନ୍ଧିତ ପୂର୍ବ ପରିବେଶଗତ ସୁରକ୍ଷାର ସଫଳ ଅନୁପାଳନ ଉପରେ ଆଧାରିତ, ଯାହା EIA ବିଜ୍ଞପ୍ତି ୨୦୦୬ ର ପାରା 7 (ii) (a) ଅନ୍ତର୍ଗତ ବିଦ୍ୟମାନ ପରିବେଶୀୟ ମଞ୍ଜୁରୀ (EC) ରେ ସର୍ବନିମ୍ନ ତିନୋଟି ପର୍ଯ୍ୟାୟରେ ଉଲ୍ଲେଖ କରାଯାଇଅଛି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M No.) F.No. IA3-22/10/2022-IA.III (E177258), ତାରିଖ 30.5.2022 ରେ ଆହୁରି ସ୍ପଷ୍ଟ କରାଯାଇଅଛି ଯେ, ମାନକ TORs ଉପରେ ଆଧାରିତ ସଂଶୋଧିତ EIA-EMP ରିପୋର୍ଟ ମୂଳ ପରିବେଶୀୟ ମଞ୍ଜୁରୀ (EC) କ୍ଷମତାର ସର୍ବାଧିକ ୫୦% ବିସ୍ତାର ପାଇଁ ପ୍ରସ୍ତୁତ କରାଯାଇପାରିବ, ଯାହା ପାଇଁ ତା. ୧୧.୦୪.୨୦୨୨ ରିଖ କାର୍ଯ୍ୟାଳୟ ସ୍ମାରକପତ୍ର (O.M.)ର ଲାଭ ପାଇବା ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ତଥାପି, ଉପରୋକ୍ତ ସଂଶୋଧିତ EIA-EMP ରିପୋର୍ଟ ଉପରେ ଆଧାରିତ ୨୦%, ୪୦% ଏବଂ ୫୦% କ୍ଷମତା ବିସ୍ତାର ପର୍ଯ୍ୟାୟରେ ପରିବେଶୀୟ ମଂଜୁରୀ (EC) ପ୍ରଦାନ କରାଯିବ, ପ୍ରତ୍ୟେକ ପର୍ଯ୍ୟାୟରେ ମଞ୍ଜୁର ପରିବେଶୀୟ ମଞ୍ଜୁରୀ (EC) ପାଇଁ ପ୍ରମାଣିତ ଅନୁପାଳନ ରିପୋର୍ଟ ଦାଖଲ କରିବା ଉପରେ ନିର୍ଭର କରେ । ପ୍ରକଳ୍ପ ପ୍ରସ୍ତାବକଙ୍କୁ ପ୍ରତ୍ୟେକ ସମ୍ପ୍ରସାରଣ ପର୍ଯ୍ୟାୟ ପାଇଁ ସଂଶୋଧିତ EIA-EMP ରିପୋର୍ଟ ପ୍ରସ୍ତୁତ କରିବାକୁ ପଡିବ ନାହିଁ ଯଦି ପ୍ରାରମ୍ଭିକ ସଂଶୋଧିତ EIA/EMP ରିପୋର୍ଟ ପ୍ରସ୍ତାବିତ ଉଚ୍ଚ କ୍ଷମତା କିମ୍ବା ସର୍ବାଧିକ ୫୦% କ୍ଷମତା ବିସ୍ତାର ପାଇଁ ପ୍ରସ୍ତୁତ କରାଯାଇଥିଲା, ଯାହା ପ୍ରଯୁଜ୍ୟ ।

**ୟୁନିଟର ବିବରଣୀ ନିମ୍ନଲିଖିତ ଭାବରେ ପ୍ରଦାନ କରାଗଲା :**

୧.ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ, ସାନିନ୍ଦପୁର ଏବଂ ଓରାଘାଟ, କୋଇଡା ତହସିଲ, ଜିଲ୍ଲା- ସୁନ୍ଦରଗଡ ରାଜ୍ୟସ୍ତରୀୟ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (SEIAA), ଓଡ଼ିଶାଙ୍କ ଠାରୁ ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ, ଯାହା ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M.No.) F.No.IA3-22/10/2022-IA.III (E177258) ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି ୨୦୦୬ର ପାରା 7 (ii)(a) ଅନୁଯାୟୀ ଲୌହ ଖଣିଜ ଉତ୍ପାଦନ କ୍ଷମତାରେ ୧୯.୫% ବୃଦ୍ଧି କରାଯାଇଥିଲା ଅର୍ଥାତ୍ ୧୬.୫ ଏମ୍‌ଟିପିଏ (ମୋଟ ପଦାର୍ଥ ପରିଚାଳନା ୧୯.୩ ଏମ୍‌ଟିପିଏ:୧୫ ଏମ୍‌ଟିପିଏ ଆରଓଏମ ଲୌହ ଖଣିଜ+୧.୫୦ ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନମାନର ଖଣିଜ+୨.୮୦ ଏମଟିପିଏ ବର୍ଜ୍ୟ ପରିଚାଳନା) ରୁ ୧୯.୭ ମିଲିଅନ ଟିପିଏ (ମୋଟ ୨୩.୦୬୪ ମିଲିଅନ ଟିପିଏ ପଦାର୍ଥ ପରିଚାଳନା: ୧୭.୯୨୫ ମିଲିଅନ ଟିପିଏ ଆରଓଏମ ଲୌହ ଖଣିଜ+ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନ ଗ୍ରେଡ ଖଣିଜ ୧.୭୯୩ ଏମଟିପିଏ+୩.୩୪୬ ମିଲିଅନ ଡଲାର ବର୍ଜ୍ୟ ପରିଚାଳନା ପାଇଁ ପରିବେଶୀୟ ମଂଜୁରୀ (EC) ପ୍ରାପ୍ତ କରିଥିଲେ ।

୨.ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ, ସାନିନ୍ଦପୁର ଏବଂ ଓରାଘାଟ, କୋଇଡା ତହସିଲ, ଜିଲ୍ଲା-ସୁନ୍ଦରଗଡ ରାଜ୍ୟସ୍ତରୀୟ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (SEIAA), ଓଡ଼ିଶାଙ୍କଠାରୁ **ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ**, ଯାହା ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M.No.) F.No.IA3-22/10/2022-IA.III (E177258), ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି 2006ରେ ପାରା 7(ii)(a) ଅନୁଯାୟୀ ଲୌହ ଖଣିଜ ଉତ୍ପାଦନ କ୍ଷମତାରେ ବଳକା ୧୯.୫% ବୃଦ୍ଧି ପାଇଁ ଅର୍ଥାତ୍ ୧୯.୭ ଏମପିଟିଏ (୨୩.୦୬୪ ଏମ୍‌ଟିପିଏ ମୋଟ ପଦାର୍ଥ ପରିଚାଳନା:୧୭.୯୨୫ ଏମ୍‌ଟିପିଏ ଆରଓଏମ ଲୌହ ଖଣିଜ+୧.୭୯୩ ମିଲିଅନ ଟିପିଏ ଡମ୍ପ ଏବଂ ପୁରୁଣା ଷ୍ଟାକ୍ସ ରୁ ନିମ୍ନମାନର ଖଣିଜ+ ୩.୩୪୬ ଏମ୍‌ଟିପିଏ ବର୍ଜ୍ୟ ପରିଚାଳନା) ରୁ ୨୨.୯ ମିଲିଅନ ଟିପିଏ (୨୬.୮୨୭ ମିଲିଅନ ଟିପିଏ ମୋଟ ପଦାର୍ଥ ପରିଚାଳନା:୨୦.୮୫୦ ମିଲିଅନ ଟିପିଏ ଆରଓଏମ ଲୌହ ଖଣିଜ+୨.୦୮୫ ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନମାନର ଖଣିଜ+ ୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ ପରିଚାଳନା) ପାଇଁ ପରିବେଶୀୟ ମଞ୍ଜୁରୀ (EC) ପ୍ରାପ୍ତ କରିଥିଲେ ।

୩. ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ ଦ୍ୱାରା ସୁନ୍ଦରଗଡ ଜିଲ୍ଲା, କୋଇଡା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଏବଂ ଓରାଘାଟ ଠାରେ ୧୪୭.୧୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ପ୍ରସ୍ତାବିତ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନ/ ପରିଚାଳନା ଉପରେ ୪୮.୯% ବୃଦ୍ଧି) ଲୁହାପଥର ଉତ୍ପାଦନକୁ ୨୬.୮୨୭ ମିଲିଅନ ଟିପିଏ (ଆରଓଏମ:୨୦.୮୫ ମିଲିଅନ ଟିପିଏ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୦୮୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ) ରୁ ୨୮.୭୩୭୫ ମିଲିଅନ ଟିପିଏ ମୋଟ ପଦାର୍ଥ ପରିଚାଳନା (୨୨.୩୩୫ ମିଲିଅନ ଟିପିଏ ଆରଓଏମ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ନିମ୍ନ ମାନର ଖଣିଜ ୨.୨୩୩୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ + ୪.୧୬୯ ମିଲିଅନ ଟିପିଏ ବର୍ଜ୍ୟ) ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ବିଜ୍ଞପ୍ତି, ୨୦୦୬ ଅନ୍ତର୍ଗତ ପାରା ୭ (ii) (a)ର ବ୍ୟବସ୍ଥା ଏବଂ ପରବର୍ତ୍ତୀ ସଂଶୋଧନ ଅନୁଯାୟୀ ଜନ ପରାମର୍ଶ ପାଇଁ ଅନୁରୋଧ କରାଯାଇଛି ।

୪. ଉଲ୍ଲିଖିତ ତାରିଖ ୧୧ ଏପ୍ରିଲ ୨୦୨୨ ସ୍ମାରକପତ୍ର (O.M.) ଅନୁଯାୟୀ ପର୍ଯ୍ୟାୟକ୍ରମେ ୫୦% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଜନଶୁଣାଣି କୁ ଛାଡ କରାଯାଇଛି, ଯାହା ପ୍ରକଳ୍ପ ପ୍ରସ୍ତାବକ EIA ବିଜ୍ଞପ୍ତି ୨୦୦୬ର ପାରା ୭ (ii) (a) ଅନୁଯାୟୀ ଆବଶ୍ୟକ ଫର୍ମରେ PARIVESH ପୋର୍ଟାଲରେ ଆବେଦନ କରି ମାନକ ToRs ଉପରେ ଆଧାରିତ ସଂଶୋଧିତ EIA/EMP ରିପୋର୍ଟ ସହିତ ଆବେଦନ କରିଥିବା ଉପରେ ନିର୍ଭର କରେ । ଉପରୋକ୍ତ ବ୍ୟତୀତ ୪୦% ରୁ ୫୦% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ, EIA ବିଜ୍ଞପ୍ତି ୨୦୦୬ର ପାରା ୭ III (ii) (b) ଅନୁଯାୟୀ ଜନ ପରାମର୍ଶ ରିପୋର୍ଟ ମଧ ଦାଖଲ କରିବାକୁ ପଡିବ ।

୫. ତଦନୁସାରେ ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନ /ପରିଚାଳନା ଉପରେ ୪୮.୯% ବୃଦ୍ଧି) ପାଇଁ ଏକ ସଂଶୋଧିତ ପରିବେଶ ପ୍ରଭାବ ମୂଲ୍ୟାଙ୍କନ (EIA) ଏବଂ ପରିବେଶ ପରିଚାଳନା ଯୋଜନା (EMP) ଦାଖଲ କରିଅଛନ୍ତି ।

ବର୍ତ୍ତମାନ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ପ୍ରସ୍ତାବିତ ପ୍ରକଳ୍ପର ପରିବେଶଗତ ଦିଗଗୁଡିକ ସମ୍ପର୍କରେ ଉପରୋକ୍ତ ବିଷୟଗୁଡିକ ଉପରେ ପୁଣିଥରେ ଜନ ପରାମର୍ଶ/ଆପତ୍ତି ଆହ୍ୱାନ କରାଯାଉଅଛି, ଯେଉଁଥିରେ ପ୍ରକୃତ ବାସିନ୍ଦା, ପରିବେଶଗତ ଗୋଷ୍ଠୀ ଏବଂ ପ୍ରସ୍ତାବିତ ସ୍ଥାନ/ବିସ୍ଥାପନ/ପ୍ରଭାବିତ ହେବାର ସମ୍ଭାବନା ଥିବା ସ୍ଥାନଗୁଡିକରେ ଅବସ୍ଥିତ ସମସ୍ତ ବ୍ୟକ୍ତି ସାମିଲ ଅଟନ୍ତି ।

ଉପରୋକ୍ତ ପ୍ରକଳ୍ପ ସହିତ ସମ୍ପର୍କିତ ସେମାନଙ୍କର ମତାମତ, ଆପତ୍ତି ଇତ୍ୟାଦି ଦାଖଲ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଉକ୍ତ ପ୍ରକଳ୍ପର ସଂଶୋଧିତ ପରିବେଶ ପ୍ରଭାବ ମୂଲ୍ୟାଙ୍କନ (EIA) / ପରିବେଶ ପରିଚାଳନା ଯୋଜନା (EMP) ଦେଖିପାରିବେ ଯାହା ନିମ୍ନଲିଖିତ କାର୍ଯ୍ୟାଳୟଗୁଡିକରେ ଉପଲବ୍ଧ ହେବା ସହିତ କାର୍ଯ୍ୟନିର୍ବାହୀ ସାରାଂଶର ଏକକିତା ନକଲ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମଧ ନିମ୍ନଲିଖିତ କାର୍ଯ୍ୟାଳୟ ଗୁଡିକରେ ଉପଲବ୍ଧ ଏବଂ ଏହାକୁ https://ospcboard.odisha.gov.in ୱେବସାଇଟ୍‌ରୁ ମଧ ମାଗଣାରେ ଡାଉନଲୋଡ୍ କରାଯାଇପାରିବ ।

୧.ଜିଲ୍ଲା କଲେକ୍ଟରଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ ।
୨.ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁନ୍ଦରଗଡ ।
୩. ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ, ସୁନ୍ଦରଗଡ ।
୪.ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ମୁଖ୍ୟ କାର୍ଯ୍ୟାଳୟ, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮,ଭୁବନେଶ୍ୱର-୧୨ ।
୫.ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାଉରକେଲା ।
୬.ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଉପରୋକ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ବ୍ୟକ୍ତି ସେମାନଙ୍କର ମତାମତ, ଆପତ୍ତି ଅଭିଯୋଗ ଇତ୍ୟାଦି ଦାଖଲ କରିବାକୁ ଚାହୁଁଥିଲେ, ସେମାନେ ଏହି ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ପଞ୍ଜିକୃତ ପୋଷ୍ଟ ମାଧ୍ୟମରେ କିମ୍ବା ଇମେଲ୍- publichearing@ospcboard.org ଜରିଆରେ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର, ଓଡ଼ିଶାଙ୍କୁ ଲିଖିତ ଭାବରେ ଜଣାଇପାରିବେ ।

ଏହି ବିଷୟରେ ଅଧିକ ସ୍ପଷ୍ଟୀକରଣ ପାଇଁ ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲାର ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ସଦସ୍ୟ ସଚିବଙ୍କ ସହିତ ଯୋଗାଯୋଗ କରାଯାଇପାରିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ଲିଖିତ ଭାବରେ ଦାଖଲ କରାଯାଇନଥିବା ମତାମତ ଗ୍ରହଣ କରାଯିବ ନାହିଁ ।

ସ୍ୱା./-ସଦସ୍ୟ ସଚିବ

OSPCB-PH-MISC-0024-2025/2/2025 OIPR-08012/11/0248/2526

**ବିଏନଡିର ଶୁଭାରମ୍ଭ**

ଭୁବନେଶ୍ୱର:ଏୟାରଟେଲ ବିଜନେସ୍ ପକ୍ଷରୁ ବିଜନେସ୍ ନେମ୍ ଡିସପ୍ଲେ (ବିଏନଡି) ନାମକ ଏକ ନୂତନ ସେବାର ଶୁଭାରମ୍ଭ କରାଯାଇଛି। ଯାହା ଏଣ୍ଟରପ୍ରାଇଜ (ବ୍ୟବସାୟିକ ସଂସ୍ଥା)ଗୁଡ଼ିକର ଗ୍ରାହକ ଯୋଗାଯୋଗକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏହା ମାଧ୍ୟମରେ କମ୍ପାନିଗୁଡ଼ିକ ନିଜ ବ୍ରାଣ୍ଡ ନାମ ଗ୍ରାହକଙ୍କ ମୋବାଇଲ୍ ସ୍କ୍ରିନ୍ ଉପରେ ଦେଖାଇପାରିବେ, ଯାହାଦ୍ୱାରା ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି ପାଇବ ଏବଂ ସ୍ପାମ କଲ୍ ଓ ବିଜନେସ୍ କଲ୍ ମଧ୍ୟରେ ପାର୍ଥକ୍ୟ ଜାଣିବାରେ ତାହା ସାହାଯ୍ୟ କରିବ। ଏୟାରଟେଲ ଭାରତର ପ୍ରଥମ ସ୍ପାମ୍-ବିରୋଧୀ ନେଟୱାର୍କ ଆରମ୍ଭ ସହ ଜାତୀୟସ୍ତରରେ ସଚେତନତା ଅଭିଯାନ ଚଳାଇ ଗ୍ରାହକଙ୍କୁ ସ୍ପାମରୁ ରକ୍ଷା କରିଛି।




**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୭୦ କୋଟିର କାରବାର ଆକଳନ

## ବୟନିକାର ୬୯ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୫।୫ (ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡ଼ିଶା ହସ୍ତତନ୍ତ କ୍ଷେତ୍ରରେ ମୁଖ୍ୟ ମାର୍କେଟିଂ ସଂଗଠନ ବୟନିକା (ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମିତି ଲିମିଟେଡ ବା ବୟନିକା) ର ୬୯ ତମ ପ୍ରତିଷ୍ଠା ଦିବସ ସୋମବାର ଭୁବନେଶ୍ୱରର ବୟନ ଭବନଠାରେ ପାଳିତ ହୋଇଯାଇଛି। ଏପରିକି ବୟନିକାର ଭୁବନେଶ୍ୱର ଅନନ୍ୟ ଶାଖା ସମେତ ରାଜ୍ୟର ସମସ୍ତ ଶାଖାରେ ମଧ୍ୟ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ 'ପ୍ରତିଷ୍ଠା ଦିବସ ସ୍ୱତନ୍ତ୍ର ପ୍ରଦର୍ଶନୀ ତଥା ବିକ୍ରୟ କାର୍ଯ୍ୟକ୍ରମ' ବୟନିକାର ସମସ୍ତ ଶାଖା ସହ ଅନ୍ୟ ଶାଖାରେ ଶୁଭାରମ୍ଭ ସହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର,ଏମ୍‌ଡି ପ୍ରଣତି ଛୋଟରାୟଙ୍କ ସମେତ ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ ଏବଂ ବିଭାଗ ତଥା ବୟନିକାର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।





ପ୍ରତିଷ୍ଠା ଦିବସ ସ୍ୱତନ୍ତ୍ର ପ୍ରଦର୍ଶନୀ ତଥା ବିକ୍ରୟ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ବୟନିକା ଏବଂ ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ବିଭାଗର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ସେହିଭଳି କ୍ରମାଗତ ଭାବେ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ପୋଷାକ ସମ୍ଭାରର ଚାହିଦା ଉଭୟ ଘରୋଇ ଓ ଜାତୀୟ ବଜାରରେ ବୃଦ୍ଧି ପାଉଛି। ଫଳରେ ଏହାର କାରବାରରେ ମଧ୍ୟ ଅଭିବୃଦ୍ଧି ଘଟୁଛି ବୋଲି ବୟନିକା ପକ୍ଷରୁ କୁହାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷରେ ବୟନିକା ୨୭୦ କୋଟି ଟଙ୍କାର ଆକଳନ ସହ ଏକ ଉଚ୍ଚାଭିଳାଷୀ କାରବାରର ଲକ୍ଷ୍ୟ ସ୍ଥିର କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବୟନିକା ୨୨୩ କୋଟି ଟଙ୍କାର ଉଲ୍ଲେଖନୀୟ ବିକ୍ରୟ ପରିମାଣ ହାସଲ କରିଥିଲା।

ସେହିପରି ହସ୍ତତନ୍ତ କ୍ଷେତ୍ରରେ ଜନସାଧାରଣଙ୍କ ପ୍ରଶଂସା ପୁନର୍ଜୀବିତ କରିବା ଏବଂ ଓଡିଶାର ପାରମ୍ପରିକ ବୁଣାକାରମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୟନିକାର ସମସ୍ତ ଶାଖାରେ ସମ୍ପୃକ୍ତ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଏବଂ ତହସିଲଦାରଙ୍କ ଦ୍ୱାରା ପ୍ରତିଷ୍ଠା ଦିବସ ସ୍ୱତନ୍ତ୍ର ପ୍ରଦର୍ଶନୀ ତଥା ବିକ୍ରୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଉପଲକ୍ଷେ ଗ୍ରାହକଙ୍କ ପାଇଁ ବିଶେଷ ରିହାତି ୧୦%+୨୦% ବୟନିକାର ସମସ୍ତ ଶାଖା ପକ୍ଷରୁ ଯୋଗାଇ ଦିଆଯାଉଛି। କାରବାର ସହିତ ବିଶ୍ୱସ୍ତରୀୟ ପ୍ରଦର୍ଶନୀରେ ମଧ୍ୟ ବୟନିକା ଅଂଶଗ୍ରହଣ ଏବଂ ଜାତୀୟ ହସ୍ତତନ୍ତ ପ୍ରଦର୍ଶନୀ, ସ୍ୱତନ୍ତ୍ର ପ୍ରଦର୍ଶନୀ ଓ ଅଭିନବ ବିପଣନ କୌଶଳ ମାଧ୍ୟମରେ ଓଡିଶାର ହସ୍ତତନ୍ତ ପାଇଁ ବିଶ୍ୱସ୍ତରରେ ଏକ ବ୍ରାଣ୍ଡ ନିର୍ମାଣ ପ୍ରୟାସର ନେତୃତ୍ୱ ନେଇଛି। ଏହାରି ମଧ୍ୟରେ ବୟନିକା ୭୦ ବର୍ଷରେ ପ୍ରବେଶ କରିଛି। ବୟନିକା ଓଡିଶାର ହସ୍ତତନ୍ତର ପରମ୍ପରାକୁ ଉନ୍ନତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ବ୍ୟବସାୟ/ମାର୍କେଟିଂରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହିତ ରାଜ୍ୟର ହସ୍ତତନ୍ତ ରୂପୀ ଆତ୍ମାକୁ ବୁଣୁଥିବା ହାତର ସେବା ଜାରିରଖିବା ପାଇଁ ଏହା ସର୍ବଦା ପ୍ରୟାସ କରି ଆସୁଛି।

ଭାରତୀୟ ହସ୍ତତନ୍ତର କାଳଜୟୀ ସୌନ୍ଦର୍ଯ୍ୟ ଏବଂ ଜଟିଳ କାରିଗରି ବିଶ୍ୱ ମଞ୍ଚରେ ସର୍ବଦା ଗର୍ବ ଓ ଗୌରବର ସ୍ଥାନ ଅଧିକାର କରିଛି। ଏଥି ମଧ୍ୟରୁ ଓଡିଶାର ବୟନିକା ଏହି ଭାରତୀୟ ସଂସ୍କୃତିର ସମୃଦ୍ଧ ହସ୍ତତନ୍ତ କଳାରେ ଏକ ଉଜ୍ଜ୍ୱଳମୟ ତାରକା ରୂପେ ଉଭା ହୋଇଛି, ଯାହା ଆମର କଳା, ଐତିହ୍ୟ ଏବଂ ପରମ୍ପରାର ପରିଚୟ ବୋଲି କୁହାଯାଉଛି।

# ୟୁକୋ ବ୍ୟାଙ୍କର ସ୍ୱତନ୍ତ୍ର ମହୋତ୍ସବ

**ଭୁବନେଶ୍ୱର,୫।୫**

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ ଭୁବନେଶ୍ୱରର ହୋଟେଲ ହିନ୍ଦୁସ୍ଥାନ ଇଣ୍ଟରନ୍ୟାଶନାଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ମହୋତ୍ସବରେ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଭଗୱତ ସିଂହ ଭାକୁନି ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି ଏମ୍‌ଏସ୍‌ଏମ୍‌ଇ ଓ କୃଷି କ୍ଷେତ୍ରରେ ଓଡିଶାରେ ବ୍ୟାଙ୍କଗୁଡିକର ପ୍ରଦର୍ଶନ ଏବଂ ବିକଶିତ ଓଡିଶା ଗଠନ ପାଇଁ ୟୁକୋ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ସ୍ୱତନ୍ତ୍ର ଯୋଜନା, ଋଣ ସହାୟତା କାର୍ଯ୍ୟକ୍ରମ ଏବଂ ଏମ୍‌ଏସ୍‌ଏମ୍‌ଇ ବିକାଶ ରଣନୀତି ଉପରେ ଆକର୍ଷଣୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଓଡିଶାର ସଂଯୋଜକ ଗୌତମ ପାତ୍ର ଓଡ଼ିଶାର ବିକାଶ ଓ ସମୃଦ୍ଧି ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରାଯାଇଥିବା କଥା କହିଥିବାବେଳେ ବ୍ୟାଙ୍କ ଦ୍ୱାରା ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶା ସରକାରଙ୍କ ଇନ୍‌ଷ୍ଟିଚ୍ୟୁଶନାଲ ଫାଇନାନ୍ସର ନିର୍ଦ୍ଦେଶିକା ଡ. ପ୍ରଜ୍ଞାସ୍ମିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ ସହ କୃଷି ଓ କ୍ଷୁଦ୍ର ବ୍ୟବସାୟୀଙ୍କ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆବଶ୍ୟକ ନୂତନ ପଦକ୍ଷେପଗୁଡିକ ଉପରେ ଆଲୋକପାତ କରିଥିଲେ। ପରିଶେଷରେ ଉପ-ମହାପ୍ରବନ୍ଧକ କୃଷ୍ଣ ପାଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଏପ୍ରିଲରେ ୧୭,୦୧୬ ୟୁନିଟ୍ ହ୍ୟୁଣ୍ଡାଇ କାର୍ ବିକ୍ରି

**ନୂଆଦିଲ୍ଲୀ,୫।୫**





ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଆଇଏଲ୍) ର ମାସିକ ଗାଡି ବିକ୍ରି ଫଳାଫଳକୁ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ଏପ୍ରିଲରେ କମ୍ପାନୀ ମୋଟ ୧୭,୦୧୬ ୟୁନିଟ କାର ବିକ୍ରି ହୋଇଥିଲାବେଳେ ବାର୍ଷିକ ଭିତ୍ତିରେ ୧୦.୨% ଅଭିବୃଦ୍ଧି ହୋଇଛି। ସେହିଭଳି କ୍ରମାଗତ ୨ୟ ମାସରେ କମ୍ପାନୀ ସର୍ବାଧିକ କାର ବିକ୍ରିର ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏପରିକି କମ୍ପାନୀ ପ୍ରମୁଖ ମଡେଲ ହ୍ୟୁଣ୍ଡାଇ କ୍ରେଟା ଯୋଗୁ ବିକ୍ରି ପରିମାଣ ବୃଦ୍ଧି ସହ ବଜାର ଅଂଶ ହାସଲରେ ମଧ୍ୟ ଏହା ବେଶ ସହାୟକ ହୋଇଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଆଇଏଲର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ସିଓଓ ତରୁଣ ଗର୍ଗ କହିଛନ୍ତି, ଆମେ ଆମର ମାସିକ ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରି ବେଶ ଉତ୍ସାହିତ ଅଛୁ। ଏପରିକି କ୍ରମାଗତ ୨ୟ ମାସ ଲାଗି ଆମେ ସର୍ବାଧିକ ଯାନ ବିକ୍ରି ସହ ବଜାର ଅଂଶରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ। ସେହିଭଳି ଆମର କ୍ରେଟା ମଡେଲ ଏସୟୁଭି ବର୍ଗରେ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୫।୫**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୨୯୫ (୨୯୪.୮୫) ପଏଣ୍ଟ ବୃଦ୍ଧି ଘଟି ୮୦,୭୯୭ (୮୦,୭୯୬.୮୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୪ (୧୧୪.୪୫) ପଏଣ୍ଟ ବଢ଼ି ୨୪,୪୬୧ (୨୪,୪୬୧.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଘରୋଇ ଜୀବନ ବୀମା କ୍ଷେତ୍ରରେ ଆଭିଭା ପ୍ରଥମ

**ମୁମ୍ବାଇ,୫।୫**

କ୍ରମାଗତ ୭ ବର୍ଷ ପାଇଁ ଅଭିଭା ଲାଇଫ ଇନସ୍ୟୁରାନ୍ସ ଇଣ୍ଡିଆଜ ମୋଷ୍ଟ ଟ୍ରଷ୍ଟେଡ ପ୍ରାଇଭେଟ ଲାଇଫ ଇନ୍ସୋରାନ୍ସ ବ୍ରାଣ୍ଡ ଭାବେ ସ୍ୱୀକୃତି ହାସଲ କରିଛି ବୋଲି ଟିଆର୍‌ଏର ବ୍ରାଣ୍ଡ ଟ୍ରଷ୍ଟ ରିପୋର୍ଟ ୨୦୨୫ରେ ଉଲ୍ଲେଖ କରଯାଇଛି। ଏପରିକି ଘରୋଇ ଜୀବନ ବୀମା କ୍ଷେତ୍ରରେ ନିଜର ନେତୃତ୍ୱ ଆହୁରି ସୁଦୃଢ଼ କରି ଅଭିଭା ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷରେ ୩୦ ଦିନ ମଧ୍ୟରେ ୧୦୦% ଦାବି ସମାଧାନ ସହିତ ସର୍ବୋତମ ଦାବି ସମାଧାନ ସମୟ ମାନ୍ୟତା ହାସଲ କରିଛି। ଅଭିଭା ଲାଇଫ ଇନ୍ସୁରାନ୍ସର ମୁଖ୍ୟ ମାର୍କେଟିଂ ଅଧିକାରୀ ବିନିତ କପାଥି କହିଛନ୍ତି, ଆମର ପ୍ରତିଶ୍ରୁତିବଦ୍ଧତା ପାରମ୍ପରିକ ସୁରକ୍ଷାଠାରୁ ଆଗକୁ ବିସ୍ତାର ହୋଇଛି, କାରଣ ଆମେ ପ୍ରତିରୋଧ, ସ୍ୱାସ୍ଥ୍ୟ ଓ ସାମଗ୍ରିକ ସୁସ୍ଥତା ଦିଗରେ ଧ୍ୟାନ ଆକର୍ଷିତ କରି ଜୀବନ ବୀମାକୁ ନୂଆ ରୂପ ଦେବା ପାଇଁ ଲକ୍ଷ୍ୟ ରଖିଛୁ।


# Classified Everyday

**0674-2580101, 9692975378**



**REAL ESTATE SALE**

House for sale 10x70 plot 700sqft. old construction, Puri 5 mins walk from Shree Jagannath Temple 10 mins from Sea Beach. Peaceful Locality. Direct owner, no brokers. Call : 7992594010. D-412

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

CV Raman କଲେଜ ପାଖରେ 3132sqft. Gharabari plot sale ହେବ। Phone No.- 9778928492 and 9937910363. D-74728

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260



5000 sqft. Godown with Office available for rent at Palasuni, Prime location. 1BHK and 2BHK for rent near Machesear, behind Bhubaneswar Water Works. Open space and Godown around 50,000sqft. at Meherpally, Keshura, Puri Bypass Road. Contact- 7205010464, 9437468247, 9437035347. D-410

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**2 Office space - 1000sqft. in 3rd floor & 750sqft. in 2nd floor fully furnished office at 5-Janpath, Unit-3, Kharvelnagar behind Kalsi Petrol Pump, Bhubaneswar, Odisha-751001.Readily available to operate. Contact: 9437001845, 7504050186.** D-76819

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377





Full body massage by experience therapist with homely atmosphere. 9114559860. D-402

**Relax, Refresh your body, mind at Saikrupa SPA with best therapies. 7848011468.** D-363


**AFFIDAVIT**

By virtue of an affidavit No.- 1734 dated 29.04.2025, sworn before the Executive Magistrate, Dharmasala, I, Narayan Malik, At- Choramuhan, P.O.- Dharmasala, Dist.- Jajpur, declare that my minor son old name Rabi Malik changed to new name Rabindra Malik. Henceforth, he shall be known as Rabindra Malik for all purpose. D-413

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ତ୍ରିଲୋଚନ ସାମଲ, ପି- ୰ଦିବାକର ସାମଲ, ସା- ଜୁଆଣିଆ, ପୋ- ଗୋବିନ୍ଦପୁର କଚେରି, ଥା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା, ଏହି ଶପଥପତ୍ର ଦ୍ୱାରା ତା ୨୪।୦୪।୨୦୨୫ରେ ନୋଟାରି ପବ୍ଲିକ୍, କେନ୍ଦ୍ରାପଡ଼ା ସମ୍ମୁଖରେ ଘୋଷଣା କରୁଛି ଯେ, ଆଧାର- XXXX XXXX ୨୩୨୭ ଏବଂ ମାଟ୍ରିକ୍ ସାର୍ଟିଫିକେଟ୍ ଅନୁଯାୟୀ ମୋର ନାମ ତ୍ରିଲୋଚନ ସାମଲ, କିନ୍ତୁ ଖାତା ନଂ.- ୯୪୮/୪୭୧ ଥିବା R.O.R. ରେ ମୋର ନାମ ପ୍ରଦୀପ କୁମାର ସାମଲ ଭାବରେ ଉଲ୍ଲେଖ ଅଛି। ତ୍ରିଲୋଚନ ସାମଲ ଏବଂ ପ୍ରଦୀପ କୁମାର ସାମଲ ଉଭୟ ଜଣେ ବ୍ୟକ୍ତି। ଧ-୪୧୭

By virtue of an affidavit sworn before the Notary Public, Bhubaneswar, dated- 10.02.2025, I, Sakhi Nayak, Address: resident of Vill.- Jamapada, P.O.- Jamapada, P.S.- Bari Ramachandrapur, Dist.- Jajpur, Odisha, PIN- 755005, declare that I have changed my name from Sambit Kumar Nayak to Sakhi Nayak. Henceforth I shall be known as Sakhi Nayak for all purposes.
Sakhi Nayak
D-407

By virtue of affidavit before the Notary Public, Bhubaneswar, dated- 02.11.2024, I, Rajashree Guni, Address: resident of Saheed Nagar, P.O./P.S.- Saheed Nagar, Bhubaneswar, Dist.- Khordha, Odisha, PIN- 751007, declare that I have changed my name from Pintu Guni to Rajashree Guni. Henceforth I shall be known as Rajashree Guni for all purposes.
Rajashree Guni
D-406

ଆମ୍ଭେ ବେଣୁଧର ମଣ୍ଡଳ, ପି- ସହଦେବ ମଣ୍ଡଳ, ଗ୍ରା/ପୋ- ଗାରେଡ଼ିପାଞ୍ଚଣ ପ୍ରକାଶ କରୁଅଛୁ କି ଆମ୍ଭର ନାମ ତ୍ରୁଟିପୂର୍ଣ୍ଣ ଭାବରେ ଡ୍ରାଇଭିଂ ଲାଇସେନ୍ସରେ ବେଣୁଧର ପ୍ରଧାନ ହୋଇଅଛି। ଆମ୍ଭର ପ୍ରକୃତ ନାମ ବେଣୁଧର ମଣ୍ଡଳ ଅଟେ।
ସ୍ୱା./- ବେଣୁଧର ମଣ୍ଡଳ
ଧ-୭୪୬୫୦

By virtue of an affidavit sworn before Executive Magistrate, Bhubaneswar, dated- 05.05.2025, I, Purna Chandra Mallick, Address: At- Samantarapurpatna, P.O.- Gopinathpur, P.S.- Dhauli, Dist.- Khordha, Odisha, PIN- 751002, declare that I have changed my daughter's name from Ankita Mallick to Laxmipriya Mallick. Henceforth, she shall be known as Laxmipriya Mallick for all purposes.
Purna Chandra Mallick
D-405

By virtue of an affidavit sworn before the Executive Magistrate, Narasinghpur, on dated 28th April 2025, I, Jajneswara Sahoo, Address: Village- Kanjiapada, P.O./P.S.- Kanpur, Dist.- Cuttack, 754037, Odisha declare that I have changed my name from Jangyeswar Sahoo to Jajneswara Sahoo. Henceforth, I shall be known as Jajneswara Sahoo for all purposes.
Jajneswara Sahoo
D-404


**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।


**LEGAL NOTICE**

ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

ନୋଟିସ

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟ ବିଧି ସଂହିତା, ୧୯୦୮ ଅନୁଯାୟୀ ଏଲ୍.ଏ.ରେଫରେନ୍ସ କେସ୍ ନଂ.- ୨୮୭/୨୦୨୨

(ଆରାଇଜିଙ୍ଗ ଆଉଟ ଅଫ୍ ଏଲ୍.ଏ.କେସ୍ ନଂ.-୦୨/୨୦୧୯)

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା

....ଆବେଦନକାରୀ

ବନାମ

୧. ଭ୍ରମର ମହାପାତ୍ର, ପି: କୃଷ୍ଣ ମହାପାତ୍ର, ୨. ଉଜ୍ଜଳା ବେହେରା, ସ୍ୱା- ଦୀନବନ୍ଧୁ ବେହେରା, ୩. ଭୋବନି ବେହେରା, ପି: ଭଗିଆ ବେହେରା, ଏ ସମସ୍ତଙ୍କର ଠିକଣା ସା: ପଥରଗାଡ଼ିଆ, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

.....ବିରୋଧୀପକ୍ଷମାନେ

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତି ପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. ରେଫରେନ୍ସ କେସ୍ ନଂ.- ୨୮୭/୨୦୨୨ଆରାଇଜିଙ୍ଗ ଆଉଟ ଅଫ୍ ଏଲ୍.ଏ.କେସ୍ ନଂ.-୦୨।୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା- ପଥରଗାଡ଼ିଆ, ଖାତା ନଂ.-୧୩୪୨, ପ୍ଲଟ୍ ନଂ.-୬୦୨୩, ରକବା ଏ୦.୦୧୬୦ଡି. ଅଟେ। **ଉକ୍ତ ବିରୋଧୀପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ।** ତେଣୁ ଉପରଲିଖିତ ବିରୋଧୀପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୩୦।୦୬।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହି ମୋହର ସହ ଦିନାଙ୍କ ତା ୨୫।୦୪।୨୦୨୫ରିଖ।

ସ୍ୱାକ୍ଷର/ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକ
ଧ-୩୭୦


**ବିଶେଷଜ୍ଞ ଅର୍ଶ ଭଗନ୍ଦର ମଳକଣ୍ଟକ**

ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ

**PILES CLINIC**

ADDRESS

DR. R.PRASAD, BAMS

DR. PREM KUMAR, BAMS., LLB (UTKAL)

10 A.M. TO 8 PM.

Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR

9861146916

8917362388

VSS Nagar, BBSR

9861917646


**ମନେ ପଡ଼ନ୍ତି**

**୨୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୁରେନ୍ଦ୍ର ନାଥ ମହାପାତ୍ର**

(ଖରିଗର, ନିଆଳି, କଟକ)

ଆବିର୍ଭାବ: ୦୭।୧୧।୧୯୫୩
ତିରୋଧାନ: ୨୨।୦୪।୧୯୯୮
(ବୈଶାଖ ଶୁକ୍ଳ ଦଶମୀ)

ତୁମେ ଯିବାର ଚାହୁଁ ଚାହୁଁ ୨୭ ବର୍ଷ ବିତିଗଲେ ମଧ୍ୟ ତୁମେ ମୋ ହୃଦୟରେ ଅଲିଭା ସ୍ମୃତି ହୋଇ ରହିଛ ଆଉ ରହିଥିବ ମଧ୍ୟ। ସବୁ ସମୟରେ ତୁମର ଅନୁପସ୍ଥିତି ମୁଁ ଅନୁଭବ କରୁଅଛି। ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆଶୀର୍ବାଦ ମୋର କାମନା।

ଶୋକସନ୍ତପ୍ତ:- ହତଭାଗିନୀ ସ୍ତ୍ରୀ ଲକ୍ଷ୍ମୀ, ଝିଅ- ଲୀନା, ଲିଜା, ଜ୍ୱାଇଁ- ଭବାନୀ, ପ୍ରଦୀପ୍ତ, ନାତି- ଅରଜିତ୍, ଅଭିଜ୍ଞାନ, ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ

ଧ-୪୧୧

# କିଚେନ୍‌କୁ ଥଣ୍ଡା ରଖିବାକୁ ହେଲେ...

ଖରାଦିନେ କିଚେନ୍‌ରେ ରୋଷେଇ କରିବା ବହୁ କଷ୍ଟକର ହୋଇଥାଏ। କେତେକଙ୍କ କିଚେନ୍ ଯେମିତି ନିଆଁଘର ପରି ମନେହୁଏ। ଗରମ ଏତେ ହେଉଛି ଯେ କୁଲର, ଏସି ଏବଂ ଫ୍ୟାନ୍ ବିନା ରହି ହେଉନାହିଁ। ଖାସ୍‌କରି ମହିଳାଙ୍କ ଲାଗି ଏହିଦିନ ବହୁ କଷ୍ଟଦାୟକ ହୋଇଥାଏ। କାହିଁକି ନା ସେମାନଙ୍କୁ ଦିନରାତି କିଚେନ୍‌ରେ ହିଁ ରୋଷେଇ କରିବାକୁ ପଡ଼ିଥାଏ। ଏମିତିରେ ଏହିଦିନରେ କିଚେନ୍‌କୁ କିପରି ଥଣ୍ଡା ରଖିବେ ଜାଣନ୍ତୁ କେତୋଟି ଟିପ୍ସ...

⏭ସକାଳୁ ଜଲ୍‌ଦି ରୋଷେଇ ସାରି ଦିଅନ୍ତୁ। କେତେଜଣ ମହିଳା ତାଙ୍କ ରୋଷେଇ ସକାଳ ୧୧ରୁ ଆରମ୍ଭକରି ଦିନ ୧ଟା ପର୍ଯ୍ୟନ୍ତ କରିଥାନ୍ତି। ସକାଳ ୧୦ଟା ପରେ ପ୍ରଚଣ୍ଡ ଖରା ହୋଇଥାଏ। ଆପଣ ଖରାବେଳେ ରୋଷେଇ କରିବା ଦ୍ୱାରା ଅଧିକ ଗରମ ଅନୁଭୂତ ହେବ। ସକାଳ ଜଳଖିଆ କରିବା ପରେ ମଧ୍ୟାହ୍ନଭୋଜନ ଖାଦ୍ୟ ବି ଜଲ୍‌ଦି ରାନ୍ଧି ଦେଲେ ଅସୁବିଧା ନାହିଁ; ଯେଉଁଥିରେ ଖାସ୍‌କରି ବେଶି ସମୟ ଲାଗୁଛି।

⏭ମଧ୍ୟାହ୍ନ ଗରମରୁ ଦୂରେଇ ରୁହନ୍ତୁ। କମ୍ ସମୟରେ ଯେଉଁ ରୋଷେଇ ସରିବ ତାକୁ ସାରନ୍ତୁ। ଏହାଦ୍ୱାରା ଗ୍ୟାସ୍ ପାଖରେ ଯେପରି କମ୍ ସମୟ ଛିଡ଼ାହେବାକୁ ପଡ଼ିବ ସେଇଟା ଦେଖନ୍ତୁ। କିଚେନ୍‌ରେ ଚିମିନି ଏବଂ ଏଗ୍‌ଜଷ୍ଟ ଫ୍ୟାନ୍‌ର ଉପଯୋଗ କରନ୍ତୁ।

ରାନ୍ଧନ୍ତୁ। ଏମିତିରେ ବି ଆପଣଙ୍କୁ ଭେରାଇଟି ଖାଦ୍ୟ ଖାଇବାକୁ ମଧ୍ୟ ମିଳିଯିବ।

⏭ଖରାଦିନରେ ଥଣ୍ଡା ଜିନିଷ ଖାଆନ୍ତୁ। ଫଳରେ ଶରୀରକୁ ଥଣ୍ଡା ଲାଗିବା ସହ ଝାଳ ମଧ୍ୟ ଏତେଟା ବାହାରିବ ନାହିଁ।

⏭ଆପଣ ଚାହିଁଲେ ରାତିରେ ବି କିଛି ଜିନିଷ କରି ରଖି ଦିଅନ୍ତୁ। ଯେମିତିକି ଅଟା ଚକଟି ଦିଅନ୍ତୁ, ପରିବା କାଟି ରଖିଦିଅନ୍ତୁ ଏବଂ ମସଲା ବାଟି ମଧ୍ୟ ରଖି ଦିଅନ୍ତୁ। ଆପଣଙ୍କୁ ଅଳ୍ପ ଟାଇମ୍ ମ୍ୟାନେଜମେଣ୍ଟ କରିବାକୁ ପଡ଼ିବ। ଏମିତିରେ ଯଦି ଦିନରେ ରୋଷେଇ କରିବେ ବୋଲି ଭାବିବେ ବେଶି ସମୟ ଲାଗିବ ନାହିଁ।

⏭ଯଦି କିଚେନ୍‌ରେ ବଡ଼ ଝରକା ଅଛି ତେବେ ତାକୁ ଦିନ ସମୟରେ ବନ୍ଦ କରିରଖନ୍ତୁ। କିଚେନ୍‌ରେ ଯଦି



⏭ଚେଷ୍ଟା କରନ୍ତୁ ଯେଉଁ ରୋଷେଇ ବେଶି ସମୟ ଲାଗୁନାହିଁ ତାକୁ ରାନ୍ଧିବାକୁ। ଖରାଦିନେ ବେଶି ତେଲ ମସଲା ଖାଇବା ଆବଶ୍ୟକ ନୁହେଁ। ଯାହାକୁ ପ୍ରସ୍ତୁତ କରିବାକୁ ଆପଣଙ୍କୁ ଘଣ୍ଟା ଘଣ୍ଟା କିଚେନ୍‌ରେ ଯେପରି ଛିଡ଼ା ହେବାକୁ ନ ପଡ଼ିପାରେ।

⏭ଏପରି ରେସିପି ଚୟନ କରନ୍ତୁ, ଯେଉଁଠି କମ୍ ସମୟ ଲାଗୁଥିବ, ତାକୁ

ସ୍ପେସ୍ ଅଛି ତେବେ କୁଲିଂ ପ୍ଲାଣ୍ଟ ଲଗାନ୍ତୁ। ରାତିରେ ଝରକା ଖୋଲିବା ଦ୍ୱାରା ଘର ଭେଣ୍ଟିଲେଟ୍ ହେବ।

⏭କେତେଜଣ ଲୋକଙ୍କ ଘରେ ଏଗ୍‌ଜଷ୍ଟ ଫ୍ୟାନ୍ ଏବଂ ଚିମିନି ଲାଗିଛି ହେଲେ ତାକୁ ବ୍ୟବହାର ସେମାନେ କରନ୍ତି ନାହିଁ। ଯଦି ଏ ସବୁର ସୁବିଧା ଅଛି ତେବେ ଏହାକୁ ଲଗାଇ ଉପଯୋଗ କରନ୍ତୁ।

# ପର୍ସ ବ୍ୟବହାର କରୁଥିଲେ...



⏭ପର୍ସକୁ ସବୁବେଳେ ସଫା ରଖନ୍ତୁ। ଏହାଦ୍ୱାରା ଧନ ଏବଂ ସକାରାତ୍ମକ ଭାବନା ଯୋଡ଼ି ହୋଇ ରହିବ। ଏହାଦ୍ୱାରା ଟଙ୍କାର ଅଭାବ ରହିବ ନାହିଁ।

⏭କଳା ପର୍ସ ରଖନ୍ତୁ ନାହିଁ। କାହିଁକି ନା ଏହା ନକାରାତ୍ମକ ଉର୍ଜାକୁ ଆକର୍ଷିତ କରିଥାଏ। ଏହା ବଦଳରେ ଆପଣ ଲାଲ, ନାରଙ୍ଗୀ, ସବୁଜ ରଙ୍ଗର ପର୍ସ ଚୟନ କରିପାରିବେ।

⏭ପର୍ସକୁ କେବେ ବି ଖାଲି ରଖନ୍ତୁ ନାହିଁ। କାହିଁକି ନା ଏହାଦ୍ୱାରା ଧନର କମ୍ ହୋଇପାରେ। ପର୍ସରେ କିଛି ନା କିଛି ଟଙ୍କା ରଖନ୍ତୁ। ପର୍ସକୁ ସବୁବେଳେ ସଫା ପାଣିରେ ଧୁଅନ୍ତୁ ଏବଂ ଶୁଖିଲା କପଡ଼ା ସାହାଯ୍ୟରେ ସଫା କରନ୍ତୁ।

⏭କେବେ ବି ଲୋକଙ୍କ ସାମ୍ନାରେ ପର୍ସ ଖୋଲନ୍ତୁ ନାହିଁ। କାରଣ ଏହାଦ୍ୱାରା ନକାରାତ୍ମକ ଭାବନା ରହିପାରେ। ପର୍ସକୁ ସବୁବେଳେ ବନ୍ଦ ରଖନ୍ତୁ। ଏହାଦ୍ୱାରା ଧନ ସୁରକ୍ଷିତ ରହିପାରିବ ଏବଂ ଧନର କେବେ ବି ଅଭାବ ଦେଖାଯିବନି।

# କର୍ମଜୀବୀ ଓ ପରିବାର



ଆଜିକାଲି ମହିଳାମାନେ କର୍ମଜୀବୀ ହେବା କିଛି ନୂଆ କଥା ନୁହେଁ। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହେଲେଣି। ତେବେ ଜଣେ ଯଦି କର୍ମଜୀବୀ ହୋଇଥାନ୍ତି ତାଙ୍କୁ ଗୋଟିଏ ପଟେ କର୍ମସଂସ୍ଥାନ ଏବଂ ଅନ୍ୟପଟେ ପରିବାର–ଏ ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ଆଗକୁ ଆଗେଇ ନେବାକୁ ପଡ଼ିଥାଏ। ତେବେ ଏହି ସମୟରେ କେଉଁ ଦିଗ ପ୍ରତି ଅଧିକ ଦୃଷ୍ଟିଦେବା ଆବଶ୍ୟକ ସେ ସମ୍ପର୍କରେ ସୂଚନା...

"ଜଣେ କର୍ମଜୀବୀ ବିଭିନ୍ନ କାରଣରୁ ଚିନ୍ତାଗ୍ରସ୍ତ ହେବା ସ୍ୱାଭାବିକ। ହେଲେ ଏହାର ପ୍ରଭାବ ସେମାନଙ୍କର ଦୈନନ୍ଦିନ ଜୀବନ ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନେ ନିଜ କାମକୁ ସୁଚାରୁ ରୂପେ ତୁଲାଇପାରନ୍ତି ନାହିଁ। ତେଣୁ ନିଜ ଜୀବନକୁ ସରସ ସୁନ୍ଦର କରିବା ପାଇଁ ତଥା ନିଜ କର୍ମକ୍ଷେତ୍ରରେ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇବା ପାଇଁ ପ୍ରଥମେ ନିଜକୁ ଚିନ୍ତାମୁକ୍ତ ରଖନ୍ତୁ। ଯଦି କୌଣସି କଥାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ତେବେ ତାହାର କାରଣ ଖୋଜି ତୁରନ୍ତ ସମାଧାନ କରନ୍ତୁ।"

**ସମୟର ଠିକ୍ ଉପଯୋଗ:** ଜଣେ କର୍ମଜୀବୀ ପାଇଁ ସବୁଠାରୁ ଜରୁରୀ ହେଉଛି ନିଜ ସମୟର ଠିକ୍ ଉପଯୋଗ କରିବା। ଯେହେତୁ ଆପଣ ଚାକିରି କରିଛନ୍ତି ତେଣୁ ସେଠାରେ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିବାକୁ ପଡ଼ିବ। ତା'ସହ ଏପଟେ ପରିବାର କଥା ମଧ୍ୟ ବୁଝିବାକୁ ହେବ। ପିଲାମାନଙ୍କର ଯତ୍ନ, ସେମାନେ ସ୍କୁଲ ଯାଉଥିଲେ ସେ ବିଷୟରେ ଧ୍ୟାନଦେବାକୁ ମଧ୍ୟ ପଡ଼ିଥାଏ। ତେଣୁ ଏନେଇ ଯଦି ସମୟକୁ ଠିକ୍ ଭାବରେ ଉପଯୋଗ ନ କଲେ ତେବେ ସମସ୍ୟାର ସମ୍ମୁଖୀନ ହେବା ଯଥେଷ୍ଟ ଆଶଙ୍କା ରହିଛି। କାରଣ ସବୁ କ୍ଷେତ୍ରରେ ସମୟର ମୂଲ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜଣେ କର୍ମଜୀବୀ ନିଜର ପ୍ରତିଟି କାମକୁ ଠିକ୍ ଭାବରେ ପରିଚାଳନା କରିବା ପାଇଁ ଏକ ରୁଟିନ୍ ଲାଇଫ୍ ଅନୁସରଣ କରିବା ଦରକାର।

**ଚିନ୍ତାମୁକ୍ତ ରୁହନ୍ତୁ:** ଜଣେ କର୍ମଜୀବୀ ବିଭିନ୍ନ କାରଣରୁ ଚିନ୍ତାଗ୍ରସ୍ତ ହେବା ସ୍ୱାଭାବିକ। ହେଲେ ଏହାର ପ୍ରଭାବ ସେମାନଙ୍କର ଦୈନନ୍ଦିନ ଜୀବନ ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନେ ନିଜ କାମକୁ ସୁଚାରୁ ରୂପେ ତୁଲାଇପାରନ୍ତି ନାହିଁ। ତେଣୁ ନିଜ ଜୀବନକୁ ସରସ ସୁନ୍ଦର କରିବା ପାଇଁ ତଥା ନିଜ କର୍ମକ୍ଷେତ୍ରରେ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇବା ପାଇଁ ପ୍ରଥମେ ନିଜକୁ ଚିନ୍ତାମୁକ୍ତ ରଖନ୍ତୁ। ଯଦି କୌଣସି କଥାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ତେବେ ତାହାର କାରଣ ଖୋଜି ତୁରନ୍ତ ସମାଧାନ କରନ୍ତୁ।

**ବିଚଳିତ ହୁଅନ୍ତୁ ନାହିଁ:** କର୍ମଜୀବୀ ନିଜ କାମ ତୁଲାଇବାକୁ ନିଜକୁ ଯେତେ ପ୍ରସ୍ତୁତ କରିଥିଲେ ମଧ୍ୟ ବେଳେବେଳେ କେତେକ କାରଣରୁ ବିଚଳିତ ହୋଇପଡ଼ନ୍ତି। ଏହା ଯଦି ଦୀର୍ଘ ସମୟ ଧରି ଲାଗି ରୁହେ, ତେବେ ଏହାଦ୍ୱାରା କାମ ପ୍ରଭାବିତ ହୋଇଥାଏ। ତେଣୁ କାମ, ପରିବାରକୁ ନେଇ ବିଚଳିତ ହେବା ପରିବର୍ତ୍ତେ ନିଜ ଦାୟିତ୍ୱ କିପରି ଠିକ୍ ଭାବରେ ତୁଲାଇପାରିବେ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ନିଜର ମନୋଭାବକୁ ଯଥାସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟାକରନ୍ତୁ। ଘର ସଂସାର ଏବଂ ଚାକିରି କରିଥିଲେ ସମସ୍ୟା ତ ଆସିବ। ହେଲେ ସେଥିରେ ବିଚଳିତ ହୋଇପଡ଼ିଲେ କିଛି ଲାଭ ନାହିଁ। ନିଜକୁ ଦୃଢ଼ ମାନସିକତା ସହ ଆଗକୁ ଆଗେଇବାକୁ ପଡ଼ିବ। ତେଣୁ ନିଜ କାମକୁ ଠିକ୍ ଭାବରେ ତୁଲାଇବା ପାଇଁ ରୁଟିନ୍ ପ୍ରସ୍ତୁତ କରନ୍ତୁ ଏବଂ ତାହାକୁ ଠିକ୍ ଭାବରେ ଅନୁସରଣ ମଧ୍ୟ କରନ୍ତୁ।

**ପିଲାମାନଙ୍କ ଯତ୍ନ:** ଘରକାମ କରିବା ଅଲଗା କଥା, ହେଲେ ପିଲାମାନଙ୍କର ଯତ୍ନନେବାକୁ ସବୁଠାରୁ ବଡ଼ କଥା। କାରଣ ଆମେ ସେମାନଙ୍କୁ ଯେମିତି ଗଢ଼ିବା ସେମାନଙ୍କ ଭବିଷ୍ୟତ ସେପରି ହେବ। ଯେହେତୁ ଆପଣ କର୍ମଜୀବୀ ତେଣୁ ପିଲାକୁ ନିଶ୍ଚୟ ଅଧିକ ସମୟ ଦେଇପାରୁ ନ ଥିବେ। ତେଣୁ ଏହି ଶୂନ୍ୟତାକୁ ସେ ଯେପରି ଅନୁଭବ ନ କରେ ସେ ନେଇ ପ୍ରସ୍ତୁତ ହେବା ଦରକାର। ଘରେ ଯେତିକି ସମୟ ରହୁଛନ୍ତି ସେହି ସମୟ ଭିତରେ ପିଲାମାନଙ୍କର ପ୍ରତିଟି କଥାକୁ ଗୁରୁତ୍ୱର ସହ ନିଅନ୍ତୁ। ସେମାନଙ୍କ ଭଲମନ୍ଦ, ପାଠପଢ଼ା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ତା'ସହ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଅବଗତ ରୁହନ୍ତୁ। ସେମାନଙ୍କ କୌଣସି କାମକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ପିଲାମାନଙ୍କର ଯଦି କୌଣସି ଦୋଷତ୍ରୁଟି ରହୁଛି ତେବେ ତାହାକୁ ସୁଧାରି ନିଅନ୍ତୁ। ବେଳେବେଳେ ପିଲାମାନେ ସେମାନଙ୍କର ସମସ୍ୟା କହିବାକୁ କୁଣ୍ଠାବୋଧ କରିଥାଆନ୍ତି। ସେମାନଙ୍କର ଚାଲିଚଳଣିକୁ ଲକ୍ଷ୍ୟକରନ୍ତୁ। କୌଣସି ସମସ୍ୟା ବିଷୟରେ ସୂଚନା ପାଇଲେ ତାହାକୁ ସମାଧାନ କରନ୍ତୁ।

**ମନକୁ ଶାନ୍ତ ରଖନ୍ତୁ:** ଅଫିସରେ କାମ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। କାରଣ ଅଫିସରୁ ଘରକୁ ଯିବା ପରେ ସେଠାରେ ପୁଣି ଆପଣଙ୍କର ଦାୟିତ୍ୱ ରହିଛି। ତେଣୁ ପ୍ରତିଟି କଥା କିପରି ସୁଚାରୁ ରୂପେ ସମ୍ପାଦନ କରିହେବ ସେ ନେଇ ଥଣ୍ଡା ମନରେ ଚିନ୍ତାକରନ୍ତୁ। ମନ ଯଦି ଶାନ୍ତ ରହିଲା, ତେବେ ଆପଣ କାମଟିକୁ ଠିକ୍ ଭାବରେ ତୁଲାଇପାରିବେ।

**ବ୍ୟବହାର:** ଜଣେ କର୍ମଜୀବୀଙ୍କ ବ୍ୟବହାର ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅଫିସରେ ହେଉ ଅବା ଘରେ– ନିଜ ବ୍ୟବହାର ପ୍ରତି ସତର୍କ ରୁହନ୍ତୁ। ବେଳେବେଳେ କର୍ମ ଚାପରେ ଅନେକେ ଚିଡ଼ିଚିଡ଼ା ହୋଇଯାଆନ୍ତି। ସେହି ସମୟରେ କାହାକୁ କ'ଣ କହି ଦିଅନ୍ତି ଜାଣିପାରନ୍ତି ନାହିଁ। ତେଣୁ ଏହି ସମୟରେ ବେଶ୍ ସତର୍କତା ଅବଲମ୍ବନ କରନ୍ତୁ। ଯେହେତୁ ଜଣେ କର୍ମଜୀବୀ ତେଣୁ ଏପଟେ ଅଫିସ ସେପଟେ ଘର–ଏହି ଦୁଇଟିକୁ ଆପଣଙ୍କୁ ସମାନ୍ତରାଳ ଭାବରେ ଆଗେଇନେବାକୁ ପଡ଼ିବ। ନିଜର ବ୍ୟବହାର ଏପରି ରଖନ୍ତୁ ଯେପରି ଆପଣ ଅନ୍ୟମାନଙ୍କର ପ୍ରଶଂସାର ପାତ୍ର ହେବେ।

**ସାମାଜିକ ସମ୍ପର୍କ:** କେତେଜଣ କର୍ମଜୀବୀ ନିଜ ଚାକିରି ଏବଂ ଘରକାମ ଭିତରେ ସାମାଜିକ ସମ୍ପର୍କକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ସବୁବେଳେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖନ୍ତୁ। କାରଣ ଆବଶ୍ୟକ ପଡ଼ିଲେ ସେ କୌଣସି କାମରେ ଆପଣଙ୍କୁ ସାହାଯ୍ୟର ହାତ ବଢ଼ାଇପାରିବେ। ଆପଣ ଯେଉଁଠି ରହୁଛନ୍ତି ସେଠାରେ ଏକ ବନ୍ଧୁତାର ବଳୟ ସୃଷ୍ଟିକରନ୍ତୁ। ଏହାଦ୍ୱାରା ଆପଣଙ୍କୁ କେତେକାଂଶରେ ଖୁସି ଲାଗିବ। ଅନ୍ୟ ସାଙ୍ଗସାଥୀଙ୍କ ସହ ସମୟ କଟାଇଲେ କର୍ମ ବୋଝ ହାଲୁକା ଲାଗିବ। ତା'ସହ କଥାବର୍ତ୍ତା ମଧ୍ୟରେ ଆପଣ ଅନେକ କିଛି ନୂଆ କଥା ଜାଣିପାରିବେ।

## ଏମାନେ କ'ଣ କରନ୍ତି

### ସମାନ୍ତରାଳ ଭାବରେ ଚାଲିଥାଏ



ଯେହେତୁ ମୁଁ କର୍ମଜୀବୀ ତେଣୁ ମୋତେ ଅଫିସ ବ୍ୟତୀତ ଆହୁରି ଅନେକ କଥା ବୁଝିବାକୁ ପଡ଼େ। ବିଶେଷଭାବରେ ଘରକଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦିଏ। ଯେହେତୁ ଦିନତମାମ ମୋତେ ବାହାରେ ରହିବାକୁ ପଡ଼େ, ତେଣୁ ଘରେ କ'ଣ ହେଉଛି ତାହାର ଖବର ମଧ୍ୟ ନେଇଥାଏ। ଅନ୍ୟପକ୍ଷରେ ଅଫିସର କାମ କିପରି ସୁରୁଖୁରୁରେ କରିପାରିବି ସେ ନେଇ ନିଜକୁ ସବୁବେଳେ ଆଲର୍ଟ ରଖେ। ଘର କଥା ଏବଂ ଅଫିସ କାମକୁ ମୋତେ ସମାନ୍ତରାଳ ଭାବରେ ଆଗେଇ ନେବାକୁ ପଡ଼ିଥାଏ। ତେଣୁ ଏହି ସମୟରେ ମୁଁ ଆଦୌ ବିଚଳିତ ହୁଏନାହିଁ। ସବୁବେଳେ ମନକୁ ଦୃଢ଼ ରଖି ଆଗେଇଥାଏ। ତା'ସହ ପରିବାର ସଦସ୍ୟଙ୍କ ସହଯୋଗ ଯୋଗୁ ମୋ କର୍ମଜୀବୀ ଜୀବନ ସୁରୁଖୁରୁରେ ଅତିବାହିତ ହେଉଛି। *–ସ୍ମିତା କାନୁନ୍‌ଗୋ (ଅଧ୍ୟାପିକା, ଜଗତ୍‌ସିଂହପୁର)*

### ଚାପମୁକ୍ତ ରହିବାକୁ ଚେଷ୍ଟାକରେ



ମୁଁ ଜଣେ କର୍ମଜୀବୀ ହୋଇଥିବାରୁ ମୋତେ ଉଭୟ ଘର ଏବଂ କର୍ମକ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଥାଏ। ଏହି ସମୟରେ ମୁଁ ନିଜକୁ ଯେତେ ସମ୍ଭବ ଚାପମୁକ୍ତ ରଖିବାକୁ ଚେଷ୍ଟା କରେ। କାରଣ ଜଣେ କର୍ମଜୀବୀଙ୍କ ଜୀବନ କେତେ ଟେନ୍‌ସନପୂର୍ଣ୍ଣ ତାହା ମୁଁ ଜାଣିଛି। ତେଣୁ ନିଜକୁ ଏହି ଟେନ୍‌ସନଠାରୁ ଯେତେ ସମ୍ଭବ ଦୂରେଇରଖିବାକୁ ଚେଷ୍ଟାକରେ। ଅଫିସରେ ଯଦି କାମ ଅଧିକ ରହିଲା କିମ୍ବା ସେ ନେଇ ବ୍ୟସ୍ତ ରହିଲି ସେହି ଟେନ୍‌ସନକୁ ମୁଁ ହାଲୁକା ଭାବରେ ନିଏ। କାରଣ ସବୁବେଳେ ମୁଁ ରୁଟିନ୍ ଲାଇଫ୍ ଅନୁସରଣ କରେ। ପ୍ରତିଟି କାମ ପୂର୍ବରୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ। କାମଗୁଡ଼ିକୁ କିପରି ଭଲ ଭାବରେ ତୁଲାଇପାରିବି ସେ ନେଇ ଥଣ୍ଡା ମନରେ ଚିନ୍ତାକରି ଆଗେଇଥାଏ।

*–ବି.କେ. ଭୂମିକା (କର୍ମଜୀବୀ, ଜୟଦେବ ବିହାର, ଭୁବନେଶ୍ୱର)*







## ସୌନ୍ଦର୍ଯ୍ୟ

# ସ୍କିନ୍ ଟ୍ୟାନ୍‌ର ଯତ୍ନ



ଖରାଦିନରେ ସ୍କିନ୍‌ଟ୍ୟାନ୍‌ରୁ ରକ୍ଷାପାଇବାକୁ ହେଲେ ସନ୍‌ସ୍କ୍ରିନ୍ ଲୋଶନ ଲଗାନ୍ତୁ, ଢିଲା ପୋଷାକ ପିନ୍ଧନ୍ତୁ। ଅଧିକ ପରିମାଣରେ ପାଣି ପିଅନ୍ତୁ। କିଛି ଘରୋଇ ଉପାୟ ଆପଣାନ୍ତୁ। ଟମାଟୋ ଜୁସ୍, ବେସନ, ଦହି, କାକୁଡ଼ି ନଡ଼ିଆ ପାଣି ଆଦିକୁ ବ୍ୟବହାର କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ...

⏭ଖରାଦିନରେ ସନ୍ ଟ୍ୟାନ୍, ସନ୍‌ବର୍ଣ୍ଣ ଆଦି ସମସ୍ୟା ଦେଖାଯାଇଥାଏ। ଏମିତିରେ ଘରୁ ବାହାରିବା ପୂର୍ବରୁ ଭଲ କ୍ୱାଲିଟିର ସନ୍‌ସ୍କ୍ରିନ୍ ଆପ୍ଲାଏ କରନ୍ତୁ। ସନ୍‌ସ୍କ୍ରିନ୍ ୩୦ପ୍ରତିଶତ ଏସପିଏଫ୍ ଯୁକ୍ତ ନିଅନ୍ତୁ କିମ୍ବା ତା 'ଠାରୁ ଅଧିକ। ଦିନ ମଧ୍ୟରେ ଦୁଇଥର ସକାଳ ଏବଂ ସନ୍ଧ୍ୟାରେ ସନ୍‌ସ୍କ୍ରିନ୍ ଲଗାନ୍ତୁ।

⏭ଖରାରେ ବାହାରକୁ ଯିବା ପୂର୍ବରୁ ଶରୀରକୁ ସମ୍ପୂର୍ଣ୍ଣ ଢାଙ୍କି ରଖନ୍ତୁ। ଭୀଷଣ ଖରାରେ ସ୍କିନ୍ ଡଲ୍ ହୋଇଯାଏ। ବେକ, ହାତ,ପାଦରେ ସନ୍ ଟ୍ୟାନ୍ ଆଦି ହେବାର ଦେଖାଯାଏ। ଏମିତିରେ କଟନ୍‌ର ଢିଲା କପଡ଼ା ପିନ୍ଧନ୍ତୁ,ହାଲ୍‌କା ରଙ୍ଗ କପଡ଼ା ପିନ୍ଧନ୍ତୁ ଫଳରେ ଖରା ଅଧିକ ଆପଣଙ୍କୁ କାଟିବ ନାହିଁ।

⏭ସ୍କିନ୍ ଟ୍ୟାନ୍‌ରୁ ରକ୍ଷା ପାଇବାକୁ ହେଲେ ପାଣି ଏବଂ ତରଳ ପଦାର୍ଥ ପିଅନ୍ତୁ। ଟ୍ୟାନିଂ ଦୂର କରିବାକୁ ହେଲେ ଥଣ୍ଡାପାଣିରେ ହିଁ ଗାଧାନ୍ତୁ।

⏭ଶରୀରର ଯେଉଁ ଭାଗ ଖରା ସଂସ୍ପର୍ଶରେ ଆସୁଛି ସେ ସ୍ଥାନରେ ଆଲୋଭେରା ଜେଲ ଲଗାନ୍ତୁ। ଏହା ଲଗାଇବା ଦ୍ୱାରା ସନ୍ ଟ୍ୟାନ୍ ସମସ୍ୟା କମ୍ ହେବ।

⏭ଆପଣ ଚାହିଁଲେ ନିଜ ସାଙ୍ଗରେ ସନ୍ ଟ୍ୟାନ୍ ରିମୁଭାଲ କ୍ରିମ୍ ରଖନ୍ତୁ। ଯଦି ନାହିଁ ତେବେ କିଣିନିଅନ୍ତୁ। ଏହା ସହ ଘରୋଇ ଉପଚାର ଆପଣାଇପାରିବେ। ଆପଣ ପ୍ରଭାବିତ ଭାଗରେ ଲାଇକୋପୀନ୍‌ରେ ଭରପୂର ଟମାଟୋ ଜୁସ୍ ଲଗାନ୍ତୁ। ଏହାକୁ ଲଗାଇବା ଦ୍ୱାରା ଅଲ୍‌ଟ୍ରାଭାଓଲେଟ୍ କିରଣ ଯୋଗୁ ପ୍ରଭାବିତ ହେଉଥିବା କ୍ଷତିରୁ ରକ୍ଷା ପାଇପାରିବେ। ବେସନ ଦହି, କାକଡ଼ି ରସ,ନଡ଼ିଆପାଣି ଟ୍ୟାନିଂ ସମସ୍ୟାକୁ ଦୂର କରିଥାଏ।



## ଖାଦ୍ୟରୁଚି // ମସାଲା ଚାର୍ଟ



**ଆବଶ୍ୟକ ସାମଗ୍ରୀ:** ସିଝା ଆଳୁ ୨–୩ଟା, ସିଝା ମଟର ୧ କପ, କଟାହୋଇଥିବା ଟମାଟୋ ଓ ପିଆଜ ,କଞ୍ଚାଲଙ୍କା ୨–୩ଟି, ଧନିଆଁପତ୍ର ଏକଚତୁର୍ଥାଂଶ, ଜିରା ପାଉଡର ୧ ଚାମଚ, ଗରମ ମସଲା ପାଉଡର ଅଧା ଚାମଚ, ଆମଚୁର ପାଉଡର , କଳାଲୁଣ ଏକ ଚତୁର୍ଥାଂଶ ,ଲୁଣ ସ୍ୱାଦ ଅନୁସାରେ, ଲେମ୍ବୁରସ ୧ ବଡ଼ ଚାମଚ , ପ୍ରସ୍ତୁତି ପାଇଁ ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ମସଲା ଚାର୍ଟ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ଏଥିରେ ଜିରା ପକାଇ ଭାଜନ୍ତୁ। ଜିରା ପକାଇବା ଦ୍ୱାରା ମସଲା ଚାର୍ଟରେ ଏକ ଭଲ ଫ୍ଲେବର ଆସିଥାଏ। ଏହା ପରେ ସେଥିରେ ପିଆଜ,ଟମାଟୋ, କଞ୍ଚାଲଙ୍କା ପକାଇ ଗୋଳାନ୍ତୁ। ପିଆଜ,ଟମାଟୋ ଓ କଞ୍ଚାଲଙ୍କା ଭାଜିବା ଦ୍ୱାରା ଏକ ଭଲ ବାସ୍ନା ଆସିଥାଏ। ବର୍ତ୍ତମାନ ସିଝିଥିବା ଆଳୁ,ମଟର ଏବଂ ଚଣା ସେଥିରେ ପକାଇ ମିଶାନ୍ତୁ। ଆଳୁ,ମଟର ଏବଂ ଚଣା ମିଶାଇବା ଦ୍ୱାରା ମସଲା ଚାର୍ଟରେ ଏକ ଭଲ ସ୍ୱାଦ ଆସିଥାଏ। ଏବେ ଏଥିରେ ଜିରା ପାଉଡର, ଗରମ ମସଲା ପାଉଡର,ଆମଚୁର ପାଉଡର, ବିଟଲୁଣ, ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଏଥିରେ ଲେମ୍ବୁରସ ପକାନ୍ତୁ। ଏହାର ଭଲ ବାସ୍ନା ଆସିଥାଏ। ଶେଷରେ ଏଥିରେ ଧନିଆଁପତ୍ର ପକାଇ ଗାର୍ଣ୍ଣିସିଙ୍ଗ କରନ୍ତୁ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମେ ୬/୨୦୨୫ Bhubaneswar, Tuesday, May 6/ 2025

# ହାଇଦ୍ରାବାଦ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍



ବର୍ଷାରେ ଗ୍ରାଉଣ୍ଡ୍ ଷ୍ଟାଫ୍ ପଡ଼ିଆକୁ ଘୋଡ଼ାଇବାକୁ ଚେଷ୍ଟା କରୁଛନ୍ତି।

ହାଇଦ୍ରାବାଦ,୫।୫

ଚଳିତ ଆଇପିଏଲ୍‌ରେ ସୋମବାର ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷା ଯୋଗୁ ଆଧାରୁ ବାତିଲ ହୋଇଛି। ଏଥିରେ ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦିଲ୍ଲୀ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରତିପକ୍ଷ ହାଇଦ୍ରାବାଦ ଆଗରେ ୧୩୪ ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ହାଇଦ୍ରାବାଦ ଇନିଂସ୍ ଆରମ୍ଭ ପୂର୍ବରୁ ବର୍ଷା ହେବାରୁ ମ୍ୟାଚ୍‌କୁ ବାତିଲ କରାଯାଇ ପଏଣ୍ଟ ଭାଗ କରାଯାଇଥିଲା। ଏଥିଯୋଗୁ ଦିଲ୍ଲୀ ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ହାଇଦ୍ରାବାଦ ପ୍ଲେ-ଅଫ୍‌ରୁ ବାଦ୍ ପଡ଼ିଛି। ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିବା ପାଇଁ ଏହି ମ୍ୟାଚ୍‌ରେ ହାଇଦ୍ରାବାଦକୁ ନିଶ୍ଚିତ ବିଜୟର ଆବଶ୍ୟକ ଥିଲା।

ହାଇଦ୍ରାବାଦ ଅଧିନାୟକ ପ୍ୟାଟ କମିନ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୨୯ ରନ ମଧ୍ୟରେ ପ୍ରମୁଖ ୫ ଉଇକେଟ ହରାଇଥିଲା। କରୁଣ ନାୟର (୦), ଫାଫ ଡୁ ପ୍ଲେସି (୩), ଅଭିଷେକ ପୋରେଲ (୮), ଲୋକେଶ ରାହୁଲ (୧୦) ଓ ଅଧିନାୟକ ଅକ୍ଷର ପଟେଲ (୬) କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଏଭଳି ପରିସ୍ଥିତିରେ ଟ୍ରିଷ୍ଟାନ ଷ୍ଟବ୍ସ ଓ ବିପ୍ରଜ ନିଗମ ଷଷ୍ଠ ଉଇକେଟରେ ୩୩ ରନ ଯୋଡ଼ିଥିଲେ। ୧୭ ବଲରେ ୧ ଲେଖାଏ ଚୌକା ଓ ଛକା ସହିତ ବିପ୍ରଜ ୧୮ ରନ କରି ରନଆଉଟ୍ ହୋଇଥିଲେ। ଏହାପରେ ଷ୍ଟବ୍ସ ଓ ଆଶୁତୋଷ ଶର୍ମା ସପ୍ତମ ଉଇକେଟରେ ୪୫ ବଲରେ ୬୬ ରନ ଯୋଡ଼ି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଆଶୁତୋଷ ଶର୍ମା ୨୬ ବଲ୍‌ରେ ୨ ଚୌକା, ୩ ଛକା ସହିତ ୪୧ ରନ କରି ଆଉଟ୍ ହୋଇଥିଲେ। ଷ୍ଟବ୍ସ ୩୬ ବଲ୍‌ରେ ୪ ଚୌକା ସହିତ ୪୧ ରନ କରି ଅପରାଜିତ ରହିଥିଲେ। ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୩୩ ରନ କରିବାକୁ ସକ୍ଷମ ହୋଇଥିଲା। ସନରାଇଜର୍ସ ପକ୍ଷରୁ ପ୍ୟାଟ କମିନ୍ସ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଜୟଦେବ ଉନାଡକଟ୍, ହର୍ଷଲ ପଟେଲ ଓ ଇଶାନ ମାଲିଙ୍ଗା ଗୋଟିଏ ଲେଖାଏଁ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୩୩/୭(ଟ୍ରିଷ୍ଟାନ ଷ୍ଟବ୍ସ-୪୧*, ଆଶୁତୋଷ ଶର୍ମା-୪୧, ବିପ୍ରଜ ନିଗମ-୧୮, ପ୍ୟାଟ କମିନ୍ସ-୩/୧୯, ଜୟଦେବ ଉନାଡକଟ-୧/୧୩)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ମୁମ୍ବାଇ**
**ବନାମ ଗୁଜରାଟ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | -୧.୧୧୭ |

# ପିଆଷ୍ଟ୍ରି ଜିତିଲେ ମାୟାମି ଗ୍ରାଁ ପ୍ରି

ମାୟାମି ଗାର୍ଡେନ୍ସ, ୫।୫ (ଏପି)

ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ତାଙ୍କ ଟିମ୍‌ମେଟ୍ ଲାଣ୍ଡୋ ନୋରିସଙ୍କୁ ପଛରେ ପକାଇ ମାୟାମିଠାରେ ତାଙ୍କର କ୍ରମାଗତ ୩ୟ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ସିଜନରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୬ଟି ରେସ୍ ମଧ୍ୟରୁ ଏହା ହେଉଛି ତାଙ୍କର ଚତୁର୍ଥ ବିଜୟ। ପିଆଷ୍ଟ୍ରି ଚତୁର୍ଥ ସ୍ଥାନରୁ ରେସ୍ ଆରମ୍ଭ କରି ମର୍ସିଡିଜ୍‌ର କିମି ଆଣ୍ଟୋନେଲି ଓ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ଅତିକ୍ରମ କରି ଶେଷ ପର୍ଯ୍ୟନ୍ତ ତାଙ୍କ ଅଗ୍ରଣୀ ବ୍ୟବଧାନ ବଜାୟ ରଖିବାରେ ସମର୍ଥ ହୋଇଥିଲେ। ରେସ୍‌ରେ ମର୍ସିଡିଜର ଜର୍ଜ ରସେଲ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଭର୍ଷ୍ଟାପେନ ୪ର୍ଥ ଓ ୱିଲିୟମ୍ସର ଆଲେଜାଣ୍ଡର ଆଲବନ ୫ମ ହୋଇଥିଲେ। ସୂଚନାଯୋଗ୍ୟ, ମ୍ୟାକ୍‌ଲରେନ ଗତ ଦୁଇ ସିଜନ ନୋରିସଙ୍କ ଜରିଆରେ ମାୟାମିରେ ବିଜୟ ହାସଲ କରିଥିଲା। ନୋରିସ ଗତ ସିଜନରେ ଆହୁରି ମଧ ତାଙ୍କ କ୍ୟାରିୟର ପ୍ରଥମ ଫର୍ମୁଲା-୧ ବିଜୟୀ ହୋଇଥିଲେ। ୨୮ବର୍ଷରେ କ୍ରମାଗତ ତିନୋଟି ଫର୍ମୁଲା ୱାନ ରେସ୍ ଜିତିବାରେ ପିଆଷ୍ଟ୍ରି ହେଉଛନ୍ତି ମ୍ୟାକ୍‌ଲରେନର ପ୍ରଥମ ଡ୍ରାଇଭର। ପୂର୍ବରୁ ମିକା ହାକିନେନ୍ ୧୯୯୭ ସିଜନର ଫାଇନାଲ ରେସ୍ ଏବଂ ୧୯୯୮ର ପ୍ରଥମ ଦୁଇ ରେସ୍ ଜିତିଥିଲେ। ମାୟାମିରେ ବିଜୟ ଦ୍ୱାରା ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ନୋରିସଙ୍କଠାରୁ ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରିଙ୍କ ପଏଣ୍ଟ ବ୍ୟବଧାନ ୧୬କୁ ବୃଦ୍ଧି ପାଇଛି। ପିଆଷ୍ଟ୍ରିଙ୍କଠାରୁ ୩୨ ପଏଣ୍ଟ ବ୍ୟବଧାନରେ ଭର୍ଷ୍ଟାପେନ୍ ତୃତୀୟ ସ୍ଥାନରେ ଅଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ କିମି ଆଣ୍ଟୋନେଲି (ମର୍ସିଡିଜ), ଚାର୍ଲ୍ସ ଲେକ୍‌ଲେର୍କ (ଫେରାରି), ଲିୱିସ ହାମିଲଟନ (ଫେରାରି), କାର୍ଲୋସ ସେଞ୍ଜ ଜୁନିୟର (ୱିଲିୟମ୍ସ), ୟୁକି ଟିସୁନୋଡା (ରେଡ୍‌ବୁଲ୍)।




# ରୁଡ୍‌ଙ୍କୁ ପ୍ରଥମ ମାଷ୍ଟର୍ସ ଟାଇଟଲ


ଟ୍ରଫି ସହ କାସ୍ପର ରୁଡ୍।

**ମାଡ୍ରିଡ୍, ୫।୫ (ଏପି):** କାସ୍ପର ରୁଡ୍ ମାଡ୍ରିଡ୍ ଓପନ ଫାଇନାଲ ଜିତିଛନ୍ତି। ସେ ଜ୍ୟାକ୍ ଡ୍ରାପରଙ୍କୁ ୭-୫, ୩-୬, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ସେ ନରୱେର ପ୍ରଥମ ଖେଳାଳି ହିସାବରେ ମାଷ୍ଟର୍ସ ୧,୦୦୦ ଟାଇଟଲ ହାସଲ କରିଛନ୍ତି। ୧୫ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ୨୬ ବର୍ଷୀୟ ରୁଡ୍ ସୋମବାର ପ୍ରକାଶିତ ସଦ୍ୟତମ ର୍‍ୟାଙ୍କିଙ୍ଗ ତାଲିକାରେ ଟପ୍ ୧୦ରେ ପ୍ରବେଶ କରିବା ସହ ୭ମ ସ୍ଥାନ ଅଧିକାର କରି ନେଇଛନ୍ତି। ୧୯୯୦ରେ ମାଷ୍ଟର୍ସ ସିରିଜର ପ୍ରଚଳନ ହେବାପରଠାରୁ ୧୩ ଥର ଟୁର୍ ଚାମ୍ପିୟନ ନରୱେର ପ୍ରଥମ ଖେଳାଳି ଭାବେ ଏକ ମାଷ୍ଟର୍ସ ୧୦୦୦ ଟ୍ରଫି ହାସଲ କରିଥିବା ଏଟିପି କହିଛି। ଗତବର୍ଷ ମଣ୍ଟେ କାର୍ଲୋଠାରେ ଷ୍ଟିଫାନସ ସିତ୍‌ସିପାସ ଏବଂ ୨୦୨୨ରେ ମାୟାମିରେ କାର୍ଲୋସ ଅଲ୍‌କରାଜଙ୍କ ପରେ ରୁଡ୍‌ଙ୍କର ଏହାଥିଲା ତୃତୀୟ ଫାଇନାଲ। ଆହୁରି ମଧ ୨୦୨୦ ଆରମ୍ଭରୁ ଅନ୍ୟ ଯେକୌଣସି ଖେଳାଳିଙ୍କ ତୁଳନାରେ ରୁଡ୍ ସବୁଠାରୁ ଅଧିକ ୧୨ଟି କ୍ଲେ ଟାଇଟଲ ହାସଲ କରିଛନ୍ତି। ଡ୍ରାପର ମାର୍ଚ୍ଚରେ ଇଣ୍ଡିଆନ ୱେଲ୍ସ ଚାମ୍ପିୟନ ହୋଇଥିଲେ। ମାଡ୍ରିଡ୍‌ରେ କ୍ୱାର୍ଟରଫାଇନାଲ ଜିତିବା ପରେ ର୍‍ୟାଙ୍କିଙ୍ଗ ତାଲିକାର ୫ମ ସ୍ଥାନ ଅଧିକାର କରିନେଇଛନ୍ତି।

# ଶାମିଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ,୫।୫:** ଭାରତୀୟ ପେସର ମହମ୍ମଦ ଶାମିଙ୍କୁ ରବିବାର ଇ-ମେଲ ଜରିଆରେ ହତ୍ୟା ଧମକ ମିଳିଛି। ଏ ନେଇ ଉତ୍ତର ପ୍ରଦେଶର ଆମରୋହା ଜିଲାର ସାଇବର କ୍ରାଇମ ଥାନାରେ ଏଫ୍‌ଆଇଆର୍ ରୁଜୁ ହୋଇଛି। ଶାମିଙ୍କ ଭାଇ ହସିବ ଅଭିଯୋଗ ଦାଖଲ କରିଛନ୍ତି। ରାଜପୁତ ସିନ୍ଦର ନାମକ ଆଇଡିରୁ ହତ୍ୟା ଲାଗି ଧମକ ଦିଆଯିବା ସହିତ ଏକ କୋଟି ଟଙ୍କା ଦାବି କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଭାରତୀୟ ପେନାଲ କୋଡର ଧାରା ୩୦୮(୪) ଓ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ୬୬ ଡି ଓ ୬୬ ଇ ଅଧିନିୟମରେ ମାମଲା ରୁଜୁ କରାଯାଇଛି।

# କିଟ୍, ବରଗଡ଼, ଯାଜପୁର ବିଜୟୀ

ଭୁବନେଶ୍ୱର, ୫।୫ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ସୁପର ଲିଗ୍‌ରେ ସୋମବାର ମ୍ୟାଚରେ କିଟ୍, ବରଗଡ଼, ଯାଜପୁର ଓ କେନ୍ଦୁଝର ବିଜୟୀ ହୋଇଛନ୍ତି। କଟକ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ କିଟ୍ ୧୨ ରନରେ ଭୁବନେଶ୍ୱରକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୯୫ ରନ କରିଥିଲା। ଟପ୍ ସ୍କୋରର ରାନୀ ଟୁଡୁ ୪୮ ବଲ୍‌ରୁ ୪୭ ରନ କରିଥିଲେ। ଜବାବରେ ଭୁବନେଶ୍ୱର ୬ ଉଇକେଟ ହରାଇ ୮୬ରନ କରିପାରିଥିଲା। ରାନୀ ଟୁଡୁ ପ୍ଲେୟର ଅଫ ଦି ମ୍ୟାଚ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ବାଲେଶ୍ୱର ବିପକ୍ଷରେ ବରଗଡ଼ ୪ଉଇକେଟରେ ବିଜୟ ଲାଭ କରିଛି। ବାଲେଶ୍ୱର ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୬୨ ରନ କରିଥିଲା। ଜବାବରେ ବରଗଡ଼ ୧୯.୨ ଓଭରରେ ୬ଉଇକେଟ ହରାଇ ୬୪ ରନ କରି ମ୍ୟାଚ ଜିତି ନେଇଥିଲା। ବିଜୟୀ ଦଳର ଲୁଇସା ଦାଶ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୪୮ ବଲ୍‌ରୁ ୪୩ ରନ କରି ଅପରାଜିତ ରହିବା ସହ ୧୬ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡ ମ୍ୟାଚରେ ଭଦ୍ରକ ବିପକ୍ଷରେ ଯାଜପୁର ୪୫ ରନରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ଆଲିସ୍ମା ବିଶ୍ୱାଳ (୬୯ବଲ୍‌ରୁ ୫୩ରନ)ଙ୍କ ଅର୍ଦ୍ଧଶତକ ବଳରେ ୪ ଉଇକେଟ ହରାଇ ୧୨୫ ରନ କରିଥିଲା। ଭଦ୍ରକ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ୮୦ରନ କରି ମ୍ୟାଚରେ ପରାଜିତ ହୋଇଥିଲା। ଯାଜପୁରର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୧୬ ବଲ୍‌ରେ ୨୧ ରନ କରିବା ସହ ୯ ରନ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ ସମ୍ବଲପୁରକୁ ୫୬ରନରେ ହରାଇ ଦେଇଛି କେନ୍ଦୁଝର।

# ଗ୍ରୀଷ୍ମକାଳୀନ ଆଥଲେଟିକ୍ସ କୋଚିଂ ଶିବିର ଆରମ୍ଭ

ଭୁବନେଶ୍ୱର,୫।୫ (ଅନାଦି କର)

ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ (ଓଏଏ) ପକ୍ଷରୁ କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ସୋମବାରଠାରୁ ଗ୍ରୀଷ୍ମକାଳୀନ କୋଚିଂ ଶିବିର ଆରମ୍ଭ ହୋଇଯାଇଛି। ୩ ସପ୍ତାହ ଧରି ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଜିଲାର ଯୁବ ଆଥଲେଟ୍‌ମାନେ ଭାଗ ନେଇଛନ୍ତି।

ଏହି ତୃଣମୂଳ ସ୍ତରୀୟ କୋଚିଂ ପ୍ରୋଗ୍ରାମକୁ ଟ୍ରେନିଂ, ସ୍କିଲ ଡେଭଲପମେଣ୍ଟ ଓ ମୋଟିଭେଶନକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ୩ ସପ୍ତାହ ଧରି ଅଭିଜ୍ଞ ଓ ଭେଟେରାନ କୋଚ୍‌ମାନେ ଯୁବ ଆଥଲେଟ୍‌ଙ୍କୁ ପେଶାଦାର ଟ୍ରେନିଂ ଦେବା ସହ ସେମାନଙ୍କର ସଂଘର୍ଷ, ନିଷ୍ଠା ଓ ସଫଳତାରେ ପହଞ୍ଚିବାର ଯାତ୍ରା ସମ୍ପର୍କରେ ପ୍ରକାଶ କରିବେ। ଏହି ଶିବିରକୁ ଅନ୍ତର୍ଜାତୀୟ ମାରାଥନର ଡ. ବିବେକାନନ୍ଦ ତ୍ରିପାଠୀ ଓ ଡ. ଆଶୀର୍ବାଦ ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଲିମ୍ପିଆନ ଅରୁନ୍ଧତୀ ବିଶ୍ୱାଳ, ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ)ର କୋଷାଧ୍ୟକ୍ଷ ଭକ୍ତ ବଲଭ ଦାସ, ଓଏଏର ଟେକନିକାଲ କମିଟି ଚେୟାରମ୍ୟାନ ଅଭୟ ମହାପାତ୍ର, ଅରୁଣ କୁମାର ଦାଶ, ନିଳମାଧବ ଦେଓ, ଟେକନିକାଲ କମିଟି ସଦସ୍ୟ ଚିତ ରଞ୍ଜନ ମହାପାତ୍ର, ଓଏଏ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଯୋଗ ଦେଇଥିଲେ।


ତାଲିମ ଶିବିରରେ ଭାଗ ନେଇଥିବା ଖେଳାଳି ଓ କର୍ମକର୍ତ୍ତା।

# ଗୋପୀନାଥଦେବ ଏକାଦଶ ଚାମ୍ପିୟନ

ଭୁବନେଶ୍ୱର,୫।୫ (ଅନାଦି କର)

### ରସୁଲଗଡ଼ ପ୍ରିମିୟର ଲିଗ୍

ରସୁଲଗଡ଼ ୟୁଥ କ୍ଲବ ଦ୍ୱାରା ଆୟୋଜିତ ଦଶମ ରସୁଲଗଡ଼ ପ୍ରିମିୟର ଲିଗ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମା' କୋଚିଲେଇ ଏକାଦଶକୁ ୮ ଉଇକେଟରେ ହରାଇ ଗୋପୀନାଥଦେବ ଏକାଦଶ ଚାମ୍ପିୟନ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ମା' କୋଚିଲେଇ ୧୨ ଓଭରରେ ୮୧ ରନ କରି ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ କ୍ରାନ୍ତି ଖଟୁଆ ୧୯ ରନ କରିଥିବା ବେଳେ ଗୋପୀନାଥଦେବ ଦଳ ପାଇଁ ବୋଲିଂରେ ସ୍ୱୟମ ନାୟକ ୩ ଉଇକେଟ ନେଇଥିଲେ। ଜବାବରେ ଗୋପୀନାଥଦେବ ୭.୧ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପାଇଁ ଶ୍ରୀତମ ଜେନା ୪୬ ରନ କରିଥିଲେ। ଅମ୍ପାୟାର ଭାବେ ଶିବରାଜ ଚମ୍ପତି ଓ ଉମାକାନ୍ତ ଜଗଦେବ ମ୍ୟାଚ୍ ପରିଚାଳନା କରିଥିଲେ। ସ୍ୱୟମ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ ବିବେଚିତ କରାଯାଇଥିବା ବେଳେ ସମ୍ବିତ ପାଇକରାୟଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଓ ଅଂଶ ଦାସଙ୍କୁ ବେଷ୍ଟ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପ୍ରକାଶ ରାଉତ୍ରାୟ, ଅନୀଲ ବଳିଆରସିଂ, ସାଗର ପରିଡ଼ା, ସୁଭେନ୍ଦୁ ରାଉତ, ଅସମିତ ଦାସ, ବିପ୍ଳବ ବେହେରା, ସ୍ନେହାଶିଷ ଜେନା ଯୋଗ ଦେଇଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ଗୋପୀନାଥଦେବ ଏକାଦଶ ଦଳର ଖେଳାଳି।

# ଜୁନିୟର ଆଥଲେଟିକ୍ସରେ ଡୋପିଙ୍ଗ ସ୍କାଣ୍ଡାଲ

ନୂଆଦିଲ୍ଲୀ, ୫।୫

ଦେଶର ଏକ ପ୍ରମୁଖ ଜୁନିୟର ଆଥ୍‌ଲେଟିକ୍ସ ଏକାଡେମୀରେ ଏକ ଡୋପିଂ ସ୍କାଣ୍ଡାଲ ଲୋକଲୋଚନକୁ ଆସିବା ପରେ ବିଶିଷ୍ଟ କୋଚ୍ ରମେଶ ନାଗପୁରୀଙ୍କ କାର୍ଯ୍ୟଶୈଳୀ ଓ ଦକ୍ଷତାକୁ ନେଇ ସନ୍ଦେହ ଦେଖାଦେଇଛି। କେବଳ ସେତିକି ନୁହେଁ, ଭାରତର ଜୁନିୟର ଆଥ୍‌ଲେଟିକ୍ସ ପ୍ରୋଗ୍ରାମର ଭବିଷ୍ୟତକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନାଗପୁରୀଙ୍କଠାରୁ କୋଚିଂ ନେଇ ଯେଉଁମାନେ ଅଳ୍ପେ ଅବା ବହୁତେ ସଫଳତା ଅର୍ଜନ କରିଛନ୍ତି ସେମାନଙ୍କ ଭାବମୂର୍ତ୍ତି ଉପରେ ହୁଏତ ଆଞ୍ଚ ଆସିପାରେ। ଶୀଘ୍ର ନାମ କମାଇବା ପାଇଁ ନାଗପୁରୀ ଡୋପିଂକୁ ଏକ ଶର୍ଟକଟ୍ ମାଧ୍ୟମ ଭାବେ ଗ୍ରହଣ କରି ନାହାନ୍ତି ତ ବୋଲି ଅନେକଙ୍କ ମନରେ ଧାରଣା ସୃଷ୍ଟି ହୋଇଛି। ଡୋପିଂରେ ସହଯୋଗିତା ପାଇଁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ଦ୍ୱାରା ଜାତୀୟ ଜୁନିୟର ଦଳର ମୁଖ୍ୟ କୋଚ୍ ନାଗପୁରୀ

### ସନ୍ଦେହରେ ନାଗପୁରୀଙ୍କ ଭୂମିକା

ସସ୍‌ପେଣ୍ଡ ଇତିମଧ୍ୟରେ ହୋଇ ସାରିଛନ୍ତି। ୭ଜଣ ଆଥ୍‌ଲେଟଙ୍କୁ ଡୋପ୍ ଟେଷ୍ଟରୁ ଏଡ଼ାଇବାରେ ସେ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲା ଭାରତୀୟ ଆଥ୍‌ଲେଟିକ୍ସରେ ଚହଳ ସୃଷ୍ଟି କରିଥିଲା। ସହଯୋଗିତା ଏବଂ ନିଷିଦ୍ଧ ପଦାର୍ଥ ପ୍ରୟୋଗ ପାଇଁ ଅନ୍ୟ ଦୁଇ ଜଣ କୋଚ୍ କରମବୀର ସିଂ ଓ ରାକେଶ ମଧ୍ୟ ସସ୍‌ପେଣ୍ଡ ହୋଇଛନ୍ତି। ନାଡା ଦ୍ୱାରା ପ୍ରକାଶିତ ଡୋପ୍ ଅପରାଧୀ ତାଲିକାରେ ସସ୍‌ପେଣ୍ଡ ହୋଇଥିବା ୭ ଆଥ୍‌ଲେଟଙ୍କ ନାମ ପ୍ରକାଶ ପାଇଛି। ସେମାନେ ହେଲେ ପାରସ ସିଂଘଲ, ପୂଜା ରାଣୀ, ନାଲୁବୋଥୁ ଶନମୁଗା ଶ୍ରୀନିବାସ, ଚେଲିମି ପ୍ରତ୍ୟୁଷା, ଶୁଭମ ମାହାରା, କିରଣ ଓ ଜ୍ୟୋତି। ୧୯ବର୍ଷୀୟ ସିଂଘଲ ୨୦୨୪ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ବାଳକ ୨,୦୦୦ମିଟର ଷ୍ଟିପଲଚେଜ୍‌ରେ ହରିୟାଣା ପାଇଁ ସ୍ୱର୍ଣ୍ଣ ଜିତିଥିଲେ। ଶ୍ରୀନିବାସ ଫେଡେରେଶନ କପ୍, ଜାତୀୟ-ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍ ଓ ନ୍ୟାଶନାଲ ଓପନ ୨୦୨୪ରେ ୨୦୦ମିଟର ଇଭେଣ୍ଟରେ ଗୋଟିଏ ଲେଖାଏ ରୌପ୍ୟ ଜିତିଥିଲେ। ନାଗପୁରୀ ହେଉଛନ୍ତି ଜଣେ ଜଣାଶୁଣା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ଦ୍ୱାରା ୨୦୨୩ରେ ହାଇଦ୍ରାବାଦସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ସେ ଜୁନିୟର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କୁ ନାଡାର ଆଣ୍ଟି ଡୋପିଂ ନିୟମ ୨୦୨୧ର ଧାରା ୨.୯ ଅନୁଯାୟୀ ନିଲମ୍ବିତ କରାଯାଇଛି। ଖବର ଅନୁସାରେ ନାଗପୁରୀ ଦୁଇଜଣ ଆଥ୍‌ଲେଟଙ୍କୁ ସାଇ ହାଇଦ୍ରାବାଦ ସେଣ୍ଟରରେ ନାଡା ଦ୍ୱାରା ପଠାଯାଇଥିବା ଦୁଇଜଣ ଡୋପ୍ ନମୁନା ସଂଗ୍ରହ ଅଧିକାରୀଙ୍କୁ ଏଡ଼ାଇବାରେ ସହଯୋଗ କରିଥିଲେ। ସେ ଟପ୍ ସ୍ପ୍ରିଣ୍ଟର ଓ ମହିଳା ୧୦୦ମିଟର ଜାତୀୟ ରେକର୍ଡଧାରୀ ଦୂତୀ ଚାନ୍ଦଙ୍କ ବ୍ୟତୀତ ୨୦୨୪ ପାରାଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ଓ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ(୪୦୦ମିଟର ଟି୨୦ କ୍ଲାସିଫିକେଶନ) ଦୀପ୍ତି ଜୀବନୀଙ୍କ ଭଳି ଆଥ୍‌ଲେଟଙ୍କୁ କୋଚିଂ ଦେଇଛନ୍ତି। ନାଗପୁରୀଙ୍କୁ ଏ ବିଷୟରେ ପଚରାଯିବାରେ ସେ କୌଣସି ଟିପ୍ପଣୀ ଦେବାକୁ ମନା କରି ଦେଇଥିଲେ।


ରମେଶ ନାଗପୁରୀ

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ